

ପ୍ରାକୃତିକ ବିପର୍ଯ୍ୟୟ ପାଇଁ କେନ୍ଦ୍ରୀୟ ଦଳ ଗଠନ ନିର୍ଦ୍ଦେଶ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ମନେ ପଡ଼ନ୍ତି ବିଜୟ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୧୧ Vol. 22 No-111 21 JULY 2025 MONDAY, BHUBANESWAR ସୋମବାର, ୨୧ ଜୁଲାଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

## ସଂକ୍ଷେପରେ...

### ଦୁର୍ଘଟଣାର ଦିନ, ୭ ମୃତ

କୋରାପୁଟ/ ବରଗଡ/ ମୟୂରଭଞ୍ଜ ୨୦।୭ (ଭାସ୍କର ନ୍ୟୁଜ): ଗୋଟିଏ ଦିନରେ ଦୁର୍ଘଟଣାରେ ଗଲାଣି ୭ ଜୀବନ । ବିଭିନ୍ନ ସ୍ଥାନରୁ ଆସିଲା ଅଘଟଣର ଦୃଶ୍ୟ । କୋରାପୁଟରେ ୪ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ବରଗଡ଼ରେ ୨ଜଣ ଓ ମୟୂରଭଞ୍ଜରେ ଜଣଙ୍କର ମୃତ୍ୟୁ ଘଟିଛି । କୋରାପୁଟ ଜିଲ୍ଲା ସେମିଲିଗୁଡ଼ା ୨୬ ନମ୍ବର ଜାତୀୟ ରାଜପଥର ସୁନାବେଡା ଟ୍ରାଫିକ ଛକ ଟିଟିଏସ ନିକଟରେ ଦୁର୍ଘଟଣା ଘଟିଛି । ଦୁଇଟି କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିବା ବେଳେ ଏଥିରେ ୪ ଜଣଙ୍କର ମୃତ୍ୟୁ • ପୃଷ୍ଠା ୫ ଦେଖନ୍ତୁ

### ବନ୍ଦ ହେବ ଖୋଲା ପେଟ୍ରୋଲ ବିକ୍ରି

ଭୁବନେଶ୍ୱର, ୨୦।୭ (ଭାସ୍କର ନ୍ୟୁଜ): ବାଲେଶ୍ୱର ଓ ନିମାପଡ଼ା ଅଘଟଣ ପରେ ସରକାର ସତର୍କ ହୋଇଛନ୍ତି। ତେଣୁ ବୋତଲରେ ପେଟ୍ରୋଲ ବିକ୍ରିକୁ ବ୍ୟାନ କରାଯାଇପାରେ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେ କହିଛନ୍ତି, ଏ ନେଇ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ। ଅନ୍ୟପକ୍ଷରେ ଓଡ଼ିଶା ପେଟ୍ରୋଲିୟମ ଡିଲର୍ସ ଆସୋସିଏସନ କହିଛି ଯେ ସୋମବାରଠାରୁ ବୋତଲରେ ପେଟ୍ରୋଲ ଦିଆଯିବ ନାହିଁ।


### ଅତିରିକ୍ତ ଅଗ୍ନିଶମ ଅଧିକାରୀ ଗିରଫ

ରାୟଗଡ଼ା, ୨୦।୭ (ଭାସ୍କର ନ୍ୟୁଜ): ଜଣେ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ରାୟଗଡ଼ା ଟାଉନଥାନା ପୋଲିସ ରାୟଗଡ଼ା ଅତିରିକ୍ତ ଅଗ୍ନିଶମ ଅଧିକାରୀ ରମେଶ ବେହେରାଙ୍କୁ ଗିରଫ କରିଛି। ଏ ନେଇ ଥାନାରେ କେସ୍ ନଂ ୨୫୫ରେ ଏକ ମାମଲା ରୁଜୁ ହୋଇଛି।

ସେନ୍‌ସେକ୍ସ: ୮୧,୭୫୭.୭୩
ସର୍ବାଧିକ: ୩୩ ଡିଗ୍ରୀ
ସର୍ବନିମ୍ନ: ୨୭ ଡିଗ୍ରୀ

**୨୦।୭।୨୦୨୫ ର ମତାମତ**

ବାରମ୍ବାର ଘଟୁଥିବା ମହିଳା ନିର୍ଯାତନା ଘଟଣାରେ ରୋକ୍ ଲାଗି ପାରିବ କି ?




**ଆଜିର ପ୍ରସଙ୍ଗ**

କୋଟି କୋଟି ଟଙ୍କା ଦୁର୍ନୀତି କରିଥିବା ଅଧିକାରୀଙ୍କୁ ତୁରନ୍ତ ଚାକିରିରୁ ବହିଷ୍କାର ଉଚିତ୍ ନୁହେଁ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଅଶୁଭ ଅଶୁଭ ଅଶୁଭ ଅଟଇ
ଶନିବାର ଆମପାଇଁ
ସେହିଦିନ ଘଟେ ଯେତେ ଅଘଟଣ
ରାଜ୍ୟବାସୀ ହାଇଁପାଇଁ
କାହାକୁ କହିବୁ ଯାଇ
ଆଇନଶୃଙ୍ଖଳା ଚୁଲିକୁ ଗଲାଣି
ପୋଲିସ ଦେଖୁଛି ଚାହିଁ...।

## ଦିଲ୍ଲୀ ଏମ୍ସ କର୍ତ୍ତୃପକ୍ଷଙ୍କ ସୂଚନା

# ବଳଙ୍ଗା ପୀଡ଼ିତା ଗୁରୁତର





- ଦିଲ୍ଲୀ ଏମ୍ସ ସ୍ଥାନାନ୍ତର ହେଲେ ପୀଡ଼ିତା
- ଅକ୍ସିଜେନ ସପୋର୍ଟରେ ଚାଲିଛି ଚିକିତ୍ସା
- ସ୍ୱତନ୍ତ୍ର ଡାକ୍ତରୀ ଟିମ୍‌ର ତଦାରଖ
- ଘଟଣାସ୍ଥଳରେ ଡିଜିପିଙ୍କ ତନାଘନା
- ସମସ୍ତ ସହାୟତା ଦିଆଯିବ: ମୁଖ୍ୟମନ୍ତ୍ରୀ

ନିମାପଡ଼ା/ପୁରୀ/ଭୁବନେଶ୍ୱର/ନୂଆଦିଲ୍ଲୀ, ୨୦।୭ (ବ୍ୟୁରୋ): ପୁରୀ ଜିଲ୍ଲା ନିମାପଡ଼ା ବଳଙ୍ଗା ଥାନା ବାୟାବର ଗାଁରେ ଘଟିଥିବା ସାଂଘାତିକ ଘଟଣାରେ ପୀଡ଼ିତାଙ୍କ ଅବସ୍ଥା ଗୁରୁତର ରହିଛି। ଏ ନେଇ ଦିଲ୍ଲୀ ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଦିଲ୍ଲୀ ଏମ୍ସ କର୍ତ୍ତୃପକ୍ଷ କହିଛନ୍ତି ଯେ ରବିବାର ଅପରାହ୍ନ ୪.୨୦ରେ ପୀଡ଼ିତାଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଶରୀରର ୭୫ ପ୍ରତିଶତ ପୋଡ଼ି ଯାଇଛି ଓ ଅବସ୍ଥା ଗୁରୁତର ରହିଛି। ତାଙ୍କୁ ଅକ୍ସିଜେନ ସପୋର୍ଟରେ ରଖାଯାଇଛି। ଏମ୍ସ ଆଇସିୟୁ ବର୍ଣ୍ଣ ୟୁନିଟ୍ ଓ ପ୍ଲାଷ୍ଟିକ ସର୍ଜରୀ ବ୍ଲକରେ ତାଙ୍କର ଚିକିତ୍ସା କରାଯାଉଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାର ତଦାରଖ ପାଇଁ ଏକ ଡାକ୍ତରୀ ଟିମ୍ ନିୟୋଜିତ ହୋଇଛନ୍ତି। ରବିବାର ସକାଳେ ଭୁବନେଶ୍ୱର ଏମ୍ସରୁ ଗ୍ରୀନ୍ କରିଡର ମାଧ୍ୟମରେ ପୀଡ଼ିତାଙ୍କୁ ବିମାନବନ୍ଦର ନିଆଯାଇଥିଲା। ସେଠାରୁ ଏକ ସ୍ୱତନ୍ତ୍ର ଏୟାର ଆମ୍ବୁଲାନ୍ସ ଜରିଆରେ ତାଙ୍କୁ ଦିଲ୍ଲୀ ଏମ୍ସ ନିଆଯାଇଥିଲା। ତେବେ ତାଙ୍କ ଅବସ୍ଥା ଗୁରୁତର ରହିଥିବାବେଳେ ଏମ୍ସ ଯିବା ପୂର୍ବରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଥିବା ସୂଚନା ଦିଆଯାଇଥିଲା। ରବିବାର ଅପରାହ୍ନରେ ପୋଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ଘଟଣାସ୍ଥଳ ପରିଦର୍ଶନ କରିବା ସହ ନୂଆ ଗୋପାଳପୁର ବସ୍ତିରେ ଥିବା ପୀଡ଼ିତାଙ୍କ ଘରକୁ ଯାଇ ତାଙ୍କର ବୟାନ ରେକର୍ଡ କରିବା ସହ ସ୍ଥାନୀୟ ଲୋକଙ୍କର ବୟାନ ମଧ୍ୟ ରେକର୍ଡ କରିଥିଲେ। ପୁରୀ ଏସ୍‌ପି ପିନାକ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ • ପୃଷ୍ଠା ୫ ଦେଖନ୍ତୁ

## ଆଜିଠୁ ସଂସଦ ମୌସୁମୀ ଅଧିବେଶନ

# ସରକାରଙ୍କୁ ଘେରିବେ ବିରୋଧୀ





ସର୍ବଦଳୀୟ ବୈଠକ ପରେ ଆଲୋଚନାରତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ

ନୂଆଦିଲ୍ଲୀ, ୨୦।୭: ସୋମବାରଠାରୁ ଆରମ୍ଭ ହେଉଛି ସଂସଦର ମୌସୁମୀ ଅଧିବେଶନ। ଏହା ଆସନ୍ତା ଅଗଷ୍ଟ ୨୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ତେବେ ମୌସୁମୀ ଅଧିବେଶନ ସମୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ସରକାରଙ୍କୁ ଘେରିବା ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି। ଅଧିବେଶନ ପୂର୍ବରୁ କେନ୍ଦ୍ର ସରକାରଙ୍କ ଆମନ୍ତ୍ରଣକ୍ରମେ ରବିବାର ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ୫୧ଟି ରାଜନୈତିକ ଦଳର ୫୪ଜଣ ସଦସ୍ୟ ଉପସ୍ଥିତ ଥିଲେ। କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟସଭା ନେତା ଜେ.ପି.ନଡ୍ଡାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ, କେନ୍ଦ୍ରମନ୍ତ୍ରୀ ଅର୍ଜୁନରାମ ମେଘୱାଲ ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରିଥିବାବେଳେ କଂଗ୍ରେସ ପକ୍ଷରୁ ଜୟରାମ ରମେଶ, ଗୌରମ ଗୋଗୋଇ, ଏନସିପିର ସୁପ୍ରିୟା ସୋଲେ, ଡିଏମକେର ଟି.ଆର.ବାଲୁ ଆରପିଆଇର ରାମଦାସ ଅଠାୱାଲେ ପ୍ରମୁଖ ସାମିଲ ହୋଇଥିଲେ। ବୈଠକରେ ବିରୋଧୀ ବିହାରରେ ନାଗରିକତା ସଂଶୋଧନ, ଓଡ଼ିଶାରେ ଆଇନଶୃଙ୍ଖଳା ଅବ୍ୟବସ୍ଥା ଓ ଅପରେସନ ସିନ୍ଦୂର ଭଳି ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିଥିଲେ। ତେବେ ସଂସଦୀୟ ବ୍ୟାପାରମନ୍ତ୍ରୀ ଶୃଙ୍ଖଳିତ ଆଲୋଚନା ପାଇଁ ବିରୋଧୀଙ୍କୁ ଅନୁରୋଧ କରିଛନ୍ତି। ବୈଠକରେ ବିଜେଡି ସାଂସଦ ସସ୍ମିତ ପାତ୍ର ଓଡ଼ିଶାର ଆଇନଶୃଙ୍ଖଳା ସ୍ଥିତି, ରାଜ୍ୟରେ ବିଜେପି ସରକାରର ବିଫଳତା, ମହିଳାଙ୍କ ଉପରେ ବଢୁଥିବା ଅତ୍ୟାଚାର ପ୍ରସଙ୍ଗ ଉଠାଇଥିଲେ। ବୈଠକ ପରେ ସଂସଦୀୟ ବ୍ୟାପାରମନ୍ତ୍ରୀ କିରଣ ରିଜିଜୁ କହିଥିଲେ ଯେ ଅପରେସନ ସିନ୍ଦୂର ନେଇ ସରକାର ଆଲୋଚନା କରିବାକୁ ପ୍ରସ୍ତୁତ। ସରକାର କୌଣସି ପ୍ରସଙ୍ଗକୁ ଏଡାଇବାକୁ ଚାହୁଁନାହାନ୍ତି। ଗୃହକୁ ସୁରୁଖୁରୁରେ ଚଳାଇବାକୁ ହେଲେ ସରକାର ଓ ବିରୋଧୀଙ୍କ ମଧ୍ୟରେ ସଠିକ ସମନ୍ୱୟ ରହିବା ଜରୁରି। ସେହିପରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଯୁଦ୍ଧବିରତି ଦାବି ପ୍ରସଙ୍ଗ ଉପରେ ରିଜିଜୁ କହିଥିଲେ ଯେ ସରକାର ସମସ୍ତ ପ୍ରଶ୍ନର ଉତ୍ତର ଗୃହଭିତରେ ଦେବେ। ଚଳିତ ଅଧିବେଶନରେ ସରକାରଙ୍କ ପକ୍ଷରୁ ୧୭ଟି ବିଲ୍ ଆଗତ ହେବାର ସମ୍ଭାବନା ରହିଛି।

# ୨୩ରୁ ପ୍ରଧାନମନ୍ତ୍ରୀଙ୍କ ବ୍ରିଟେନ୍, ମାଳଦ୍ୱୀପ ଗସ୍ତ



ନୂଆଦିଲ୍ଲୀ, ୨୦।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୩ ତାରିଖରୁ ବ୍ରିଟେନ ଓ ମାଳଦ୍ୱୀପ ଗସ୍ତରେ ଯିବେ। ସେ ୨୩ ତାରିଖରେ ପ୍ରଥମେ ୟୁକେରେ ପହଞ୍ଚିବେ ଓ ଲଣ୍ଡନରେ ଅନେକ ଦ୍ୱିପାକ୍ଷିକ କାର୍ଯ୍ୟକ୍ରମରେ ସାମିଲ ହେବେ। ୨୪ ତାରିଖରେ ସେ ୟୁକେ ପ୍ରଧାନମନ୍ତ୍ରୀ ସାର୍ କିଏର ଷ୍ଟାରମରଙ୍କୁ ଭେଟିବେ। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଭାରତ ଓ ୟୁକେ ମଧ୍ୟରେ ଏକ ମୁକ୍ତ ବାଣିଜ୍ୟ ଚୁକ୍ତି ଘୋଷଣା ହେବାର ସମ୍ଭାବନା ରହିଛି। ଭାରତ ଓ ୟୁକେ ପାଇଁ ଏହି ଚୁକ୍ତି ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କର ଏହା ଚତୁର୍ଥ ଥରପାଇଁ ବ୍ରିଟେନ ଗସ୍ତ। ୟୁକେ ପ୍ରଧାନମନ୍ତ୍ରୀ ଏବଂ ମୋଦୀଙ୍କ ମଧ୍ୟରେ ବିଭିନ୍ନ ବିଶ୍ୱସ୍ତରୀୟ ଗୁରୁତର ପ୍ରସଙ୍ଗ ଉପରେ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି। ମୋଦୀ ଏହି ସମୟରେ ୟୁକେର ରାଜା ଚାର୍ଲ୍ସ ତୃତୀୟଙ୍କୁ ମଧ୍ୟ ସାକ୍ଷାତ କରିବାର ସମ୍ଭାବନା ରହିଛି। ଆଲୋଚନା ସମୟରେ ଉଭୟପକ୍ଷ ବାଣିଜ୍ୟ, ଅର୍ଥନୀତି, ପ୍ରଯୁକ୍ତିବିଦ୍ୟା, ନବସୃଜନ, ପ୍ରତିରକ୍ଷା, ଜଳବାୟୁ, ସ୍ୱାସ୍ଥ୍ୟ, ଶିକ୍ଷା ଉପରେ ଆଲୋଚନା କରିବେ। ସେହିପରି ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ମୋଦୀ ୨୫ ତାରିଖରେ ମାଳଦ୍ୱୀପ ଗସ୍ତ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କର ତୃତୀୟ ମାଳଦ୍ୱୀପ ଗସ୍ତ ଏବଂ ମହମ୍ମଦ ମୁଇଜୁଙ୍କ ରାଷ୍ଟ୍ରପତିତ୍ୱ ସମୟରେ ଏହା ମୋଦୀଙ୍କର ପ୍ରଥମ ଗସ୍ତ ବୋଲି କୁହାଯାଉଛି। ମାଳଦ୍ୱୀପରେ ମୋଦୀ ସ୍ୱାଧୀନତାର ୬୦ତମ ବାର୍ଷିକୀ ପାଳନରେ ମୁଖ୍ୟ ଅତିଥିଭାବେ ଯୋଗଦେବେ। ଏହାପରେ ଉଭୟପକ୍ଷ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ଉଭୟପକ୍ଷ ମଧ୍ୟରେ ଘନିଷ୍ଠ ଦ୍ୱିପାକ୍ଷିକ ସଂପର୍କକୁ ଅଧିକ ଗଭୀର ଓ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଏଥିପୂର୍ବରୁ ପ୍ରଧାନମନ୍ତ୍ରୀ ଘାନା, ତ୍ରିନିଦାଦ ଓ ଟବାଗୋ ଗସ୍ତରେ ଯାଇ ସେହିସବୁ ରାଷ୍ଟ୍ରର ମୁଖ୍ୟଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ତାଙ୍କୁ ଘାନାର ସର୍ବୋଚ୍ଚ ସମ୍ମାନରେ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହି ସମୟରେ ସେହିସବୁ ରାଷ୍ଟ୍ରର ମୁଖ୍ୟଙ୍କ ସହ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ମୋଦୀଙ୍କ ଏହି ଗସ୍ତ ସବୁ ରାଷ୍ଟ୍ର ଓ ଭାରତ ମଧ୍ୟରେ ସଂପର୍କ ମଜବୁତ କରିବ ବୋଲି ପ୍ରଧାନମନ୍ତ୍ରୀ ସେତେବେଳେ ତାଙ୍କ ଅଭିଭାଷଣରେ କହିଥିଲେ। ଏହାଛଡ଼ା ସେ ପ୍ରବାସୀ ଭାରତୀୟଙ୍କୁ ମଧ୍ୟ ଭେଟି ଆଲୋଚନା କରିଥିଲେ।

## ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୂତି ମାମଲା

# ପୀଡ଼ିତାଙ୍କୁ ନ୍ୟାୟ ମିଳିବ

**ସାମ୍ବାଦିକ ସମ୍ମିଳନୀରେ କ୍ରାଇମବ୍ରାଞ୍ଚ ଡିଜିଙ୍କ ସୂଚନା**

**ବହୁ ପ୍ରମାଣ ମିଳିଛି, ତଦନ୍ତ ଚାଲିଛି**

**କଲେଜ, ଡିଆଇଜିଙ୍କ କାର୍ଯ୍ୟାଳୟରେ ସମୀକ୍ଷା**




ବାଲେଶ୍ୱର, ୨୦।୭ (ଭାସ୍କର ନ୍ୟୁଜ): ବାଲେଶ୍ୱର ଫକୀରମୋହନ କଲେଜ ଶିକ୍ଷା ବିଭାଗ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୂତି ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ଜାରି ରହିଛି। ରବିବାର କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ଘଟଣାସ୍ଥଳକୁ ଯାଇ ସ୍ଥିତିର ଅନୁଧ୍ୟାନ କରିଛନ୍ତି। ଅନୁଧ୍ୟାନ ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ର କହିଛନ୍ତି ଯେ ବାଲେଶ୍ୱର ପୀଡ଼ିତାଙ୍କୁ ନିଶ୍ଚିତ ନ୍ୟାୟ ଦିଆଯିବ। ଆମ ଟିମ୍ ଘଟଣାର ତଦନ୍ତ ଜାରି ରଖିଛି। ଶ୍ରୀ ମିଶ୍ର କହିଥିଲେ, ଏହି ଘଟଣାରେ ବହୁ ପ୍ରମାଣ ମିଳିସାରିଛି। ତଦନ୍ତ ସମୟରେ ଅନେକ ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ସେଗୁଡ଼ିକୁ ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାରକୁ ପଠାଯାଇଛି। ଏହି ଘଟଣାରେ ବହୁ ଲୋକ କ୍ରାଇମବ୍ରାଞ୍ଚ ଆଗରେ ବୟାନ ମଧ୍ୟ ରଖିଛନ୍ତି। ବର୍ତ୍ତମାନ ତଦନ୍ତର ଅଗ୍ରଗତି ଯାହା ଅଛି ସେ ନେଇ କିଛି କୁହାଯାଇପାରିବ ନାହିଁ ବୋଲି ଶ୍ରୀ ମିଶ୍ର କହିବା ସହ ସମୟ ଆସିଲେ କୁହାଯିବ। ସାକ୍ଷୀମାନଙ୍କର ବୟାନ ମଧ୍ୟ ସଂଗ୍ରହ କରାଯାଉଛି। ଡିଜିଟାଲ ମିଡିଆରେ ଯେଉଁ ବୟାନ ସବୁ ଆସୁଛି ଏବଂ ତଦନ୍ତ ସମୟରେ ଆସୁଥିବା ବୟାନ ଓ ଏସଏଫଏସଏଲ ରିପୋର୍ଟକୁ ନେଇ ତର୍ଜମା କରାଯିବ। କ୍ରାଇମବ୍ରାଞ୍ଚ ଆଇଜି ଏସ.ସାଇନିଙ୍କ ନେତୃତ୍ୱରେ ଘଟଣାର ତଦନ୍ତ ଚାଲିଛି। ଘଟଣାର ପୂର୍ବ ଓ ପରର ସ୍ଥିତି ଉପରେ ମଧ୍ୟ ସମୀକ୍ଷା କରାଯାଉଛି। ରବିବାର ଶ୍ରୀ ମିଶ୍ର ବାଲେଶ୍ୱରରେ ପହଞ୍ଚିବା ପରେ ପ୍ରଥମେ ପୂର୍ବାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଡିଆଇଜି ସତ୍ୟଜିତ ନାୟକଙ୍କ ସହ ଆଲୋଚନା କରିଥିଲେ। ଏହାପରେ ମହାବିଦ୍ୟାଳୟରେ ପହଞ୍ଚି ଛାତ୍ରୀଜଣକ ଆତ୍ମାହୂତି ଦେଇଥିବା ସ୍ଥାନ ବୁଲି ଦେଖିଥିଲେ। ପରେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅଧ୍ୟକ୍ଷ ଫିରୋଜ ପାଢୀଙ୍କଠାରୁ ଘଟଣାର ବିଭିନ୍ନ ଦିଗ ଉପରେ ପଚାରି ବୁଝିଥିଲେ। ଡିଜିଙ୍କ ସହ ଆଇଜି ସାଇନି ଏବଂ ଡିଆଇଜି ସତ୍ୟଜିତ ନାୟକ ମଧ୍ୟ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ ଯେ ଗତ ୧୨ ତାରିଖ ମଧ୍ୟାହ୍ନରେ ସୌମ୍ୟାଶ୍ରୀ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ତାଙ୍କ ଶରୀରର ୯୫ ପ୍ରତିଶତ ପୋଡ଼ି ଯାଇଥିଲା। ତାଙ୍କୁ ସଂକଟାପନ୍ନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା। ୧୦ଜଣିଆ ଡାକ୍ତରୀ ଟିମ୍ ତାଙ୍କର ଚିକିତ୍ସା କରୁଥିଲେ।

# ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ସ୍ଥଗିତ

କଟକ, ୨୦।୭ (ଭାସ୍କର ନ୍ୟୁଜ): ରବିବାର ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାକୁ ପରବର୍ତ୍ତୀ ବିଜ୍ଞପ୍ତି ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ପେପର-୧ ଓ ପେପର-୨ର ପରୀକ୍ଷା ସ୍ଥଗିତ ରଖାଯାଇଛି। ଫଳରେ ୭୫ ହଜାର ଶିକ୍ଷକ ନିରାଶ ହୋଇଛନ୍ତି। ସ୍ୱତନ୍ତ୍ର ଓଟିଇଟିର ପେପର-୧ ଓ ପେପର-୨ର ପରୀକ୍ଷା କାହିଁକି ସ୍ଥଗିତ ରଖାଯାଇଛି, ସେନେଇ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ। ଏହି ଦୁଇଟି ପେପରର ହାତଲେଖା ପ୍ରଶ୍ନ ଓ ତାହାର ଉତ୍ତର ସୋସିଆଲ ମିଡିଆରେ ଘୁରି ବୁଲିଥିବା ଅଭିଯୋଗ ହୋଇଛି। ଏହା ପରେ ବୋର୍ଡ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଥିବା କଥା କୁହାଯାଉଛି। ଶନିବାର ରାତିରେ ସୋସିଆଲ ମିଡିଆରେ ହାତଲେଖା ପ୍ରଶ୍ନପତ୍ର ଓ ଉତ୍ତର ଘୁରି ବୁଲିଥିଲା। ଏହା ସେହି ପ୍ରଶ୍ନପତ୍ର ଓ ଉତ୍ତର କି ନୁହେଁ ତାହା ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇନଥିବାବେଳେ ବିଳମ୍ବିତ ରାତିରେ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ତେବେ ସ୍ୱତନ୍ତ୍ର ଓଟିଇଟିର ପେପର-୧ ଓ ପେପର-୨ର ପରୀକ୍ଷା କାହିଁକି ସ୍ଥଗିତ ରଖାଯାଇଛି, ସେନେଇ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ। ଏହି ଦୁଇଟି ପେପରର ହାତଲେଖା ପ୍ରଶ୍ନ ଓ ତାହାର ଉତ୍ତର ସୋସିଆଲ ମିଡିଆରେ ଘୁରି ବୁଲିଥିବା ଅଭିଯୋଗ ହୋଇଛି। ଏହା ସେହି ପ୍ରଶ୍ନପତ୍ର ଓ ଉତ୍ତର କି ନୁହେଁ ତାହା ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇନଥିବାବେଳେ ବିଳମ୍ବିତ ରାତିରେ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି।

## ଜମିଲୋଭୀ ଡିଏଫ୍‌ଓ

# ୧୧୫ଟି ପ୍ଲଟ୍ ଠାବ



କେନ୍ଦୁଝର, ୨୦।୭ (ଭାସ୍କର ନ୍ୟୁଜ): ଆଖି ଖୋସି ହୋଇଗଲା ଭଳି ପ୍ଲଟ୍। ନିଜର, ନିଜ ପତ୍ନୀଙ୍କର ଏବଂ ପୁଅ-ଝିଅଙ୍କ ନାମରେ ରହିଛି ୧୧୫ଟି ପ୍ଲଟ୍। ଆୟ ବହିର୍ଭୂତ ସମ୍ପତ୍ତିଠୁଳ ଅଭିଯୋଗରେ ରବିବାର କେନ୍ଦୁଝର କେନ୍ଦୁପତ୍ର ଡିଭିଜନର ଡିଏଫଓଙ୍କ ବାସଭବନରେ ଭିଜିଲାନ୍ସ ଚଢାଉ ପରେ ଏଭଳି ଏକ ଆଶ୍ଚର୍ଯ୍ୟଜନକ ଖବର ମିଳିଛି। ଭିଜିଲାନ୍ସ ପକ୍ଷରୁ ତାଙ୍କର ଅନୁଗୋଳ, କେନ୍ଦୁଝର ଓ ନୟାଗଡ଼ରେ ଥିବା ୭ଟି ଠିକଣା ଉପରେ ଚଢାଉ ଜାରି ରହିଛି। ଏହି କୁବେର ଡିଏଫଓ ହେଲେ ନିତ୍ୟାନନ୍ଦ ନାୟକ। ଭିଜିଲାନ୍ସ ପକ୍ଷରୁ କୁହାଯାଇଛି ଯେ ଶ୍ରୀ ନାୟକଙ୍କ ନାମରେ ୫୩ଟି ପ୍ଲଟ ରହିଥିବାବେଳେ ତାଙ୍କ ପତ୍ନୀଙ୍କ ନାମରେ ୪୨ଟି, ଦୁଇ ପୁଅଙ୍କ ନାମରେ ୧୬ଟି ଝିଅ ନାମରେ ୪ଟି ପ୍ଲଟ୍ ରହିଛି। ସେହିପରି ଅନୁଗୋଳର ତୁରଙ୍ଗାରେ ୯ହଜାର ବର୍ଗଫୁଟର ୪ ମହଲା କୋଠା ଓ ଘରୁ ନଗଦ ୧ଲକ୍ଷ ୧୯ ହଜାର ଟଙ୍କା ଠାବ ହୋଇଛି। ଏହି ଚଢାଉରେ ୩ଜଣ ଡିଏସ୍‌ପି, ୧୦ଜଣ ଇନ୍‌ସପେକ୍ଟର ଓ ଅନ୍ୟ କର୍ମଚାରୀ ସାମିଲ ହୋଇଛନ୍ତି। ଚଢାଉ ସଂପୂର୍ଣ୍ଣ ପରେ ସମ୍ପତ୍ତି ସଂପର୍କରେ ସବିଶେଷ ବିବରଣୀ ମିଳିପାରିବ ବୋଲି ଭିଜିଲାନ୍ସର ଜଣେ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ ଯେ ଶ୍ରୀ ନାୟକ ୧୯୯୨ ମସିହା ଏପ୍ରିଲ ୫ ତାରିଖରେ ଫରେଷ୍ଟ ରେଞ୍ଜର ଭାବେ କାର୍ଯ୍ୟାରମ୍ଭ କରିଥିଲେ। ପ୍ରଥମେ ସୁନ୍ଦରଗଡ଼ ଫରେଷ୍ଟ ଡିଭିଜନ ଅଧୀନ ହେମଗିରି ରେଞ୍ଜରେ ରେଞ୍ଜ ଅଧିକାରୀ ଭାବେ ଅବସ୍ଥାପିତ ହୋଇଥିଲେ। ଏହାପରେ ସେ ସମ୍ବଲପୁର, ଢେଙ୍କାନାଳ, ସୁବର୍ଣ୍ଣପୁର ଓ ନୂଆପଡ଼ା ଜିଲ୍ଲାର ବିଭିନ୍ନ ରେଞ୍ଜରେ କାମ କରିଥିଲେ। ୨୦୧୫ ମଇ ୨୭ ତାରିଖରେ ସେ ଖରିଆର ଡିଭିଜନର • ପୃଷ୍ଠା ୫ ଦେଖନ୍ତୁ

## ■ ଅଭାବନୀୟ ■

# ଗୋଟିଏ ପରିବାରର ୫ଜଣଙ୍କ ଆତ୍ମହତ୍ୟା

ଅହମ୍ମଦାବାଦ, ୨୦।୭: ଶନିବାର ବିଳମ୍ବିତ ରାତିରେ ଗୁଜରାଟର ଅହମ୍ମଦାବାଦ ଜିଲ୍ଲା ବାବଲା ତହସିଲ ଅନ୍ତର୍ଗତ ବଗୋଦରା ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ନିଜର ୩ ସନ୍ତାନଙ୍କୁ ବିଷ ପିଆଇ ଦେବାପରେ ବାପା-ମାଆ ବିଷପିଇ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପୋଲିସ ସୂଚନା ଅନୁଯାୟୀ ଏହି ପରିବାର ବଗୋଦରା ବସ୍‌ଷ୍ଟାଣ୍ଡ ନିକଟରେ ଏକ ଭଡ଼ାଘରେ ରହୁଥିଲେ। ସେମାନେ ବିଷପିଇ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି। ଖବର ପାଇବା ପରେ ଅହମ୍ମଦାବାଦ ଗ୍ରାମାଞ୍ଚଳ ଏସ୍‌ପି, ଏସଓଜି ଏବଂ ଧନ୍ଦୁକା ଏଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସେହିପରି ସାଇଣ୍ଟିଫିକ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଚଳାଇଛି। ମୃତକମାନେ ହେଲେ ବିପୁଲ କାଞ୍ଜି ବାଘେଲା (୩୪), ପତ୍ନୀ ସୋନାଲ (୨୬), ଦୁଇ ଝିଅ( ଯେଉଁମାନଙ୍କ ବୟସ ଯଥାକ୍ରମେ ୫ ଓ ୧୧) ଏବଂ ପୁଅ (୮)। ବିପୁଲ ଜଣେ ଅଟୋଚାଳକ ଭାବେ କାର୍ଯ୍ୟ କରୁଥିଲେ। ସେମାନେ ଧୋଲକର ମୂଳବାସିନ୍ଦା ବୋଲି ପୋଲିସ କହିଛି। ସେମାନେ ବାବଲାରେ ଏକ ଭଡ଼ାଘରେ ରହୁଥିଲେ। ବର୍ତ୍ତମାନ ଏହି ସାମୂହିକ ଆତ୍ମହତ୍ୟାର ନିର୍ଦ୍ଦିଷ୍ଟ କାରଣ ସ୍ପଷ୍ଟ ହୋଇପାରି ନାହିଁ। ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ ସେମାନେ ବିଷପିଇ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣା ଅହମ୍ମଦାବାଦ ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଏହାପୂର୍ବରୁ ଦିଲ୍ଲୀର ବୁରାରି ଏବଂ ହରିଆଣାର ପଞ୍ଚକୁଲାରେ ସାମୂହିକ ଆତ୍ମହତ୍ୟା ଘଟଣା ସାମ୍ନାକୁ ଆସିଥିଲା। ତେବେ ପୋଲିସ କହିଛି, ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସାମୂହିକ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇପାରିବ।



କରଞ୍ଜିଆ (ଭାସ୍କର ନ୍ୟୁଜ୍): ଶୁକ୍ରବାର ଦିନ ସନ୍ଧ୍ୟାରେ ନୂତନ ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ବିରାମ କିସ୍କୁ କାର୍ଯ୍ୟଭାର ଗ୍ରହଣ କରିବା ପରେ ଶନିବାର ଦିନ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସମସ୍ତ ୧୫ ୱାର୍ଡ କାଉନସିଲର ତାଙ୍କୁ ସାକ୍ଷାତ କରିଥିଲେ। ସମସ୍ତ କାଉନସିଲର ଗଣ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ପରେ ତାଙ୍କ ସହ ଏନ୍ଏସିର ସର୍ବାଙ୍ଗୀନ ବିକାଶ କିପରି ହେବ ଏବଂ ସମସ୍ତଙ୍କ ସମୁହ ସହଯୋଗ ଆବଶ୍ୟକ ଥିବା ବିଷୟରେ ଆଲୋଚନା କରାଯାଇଥିଲା। ଏହି ସମୟରେ ପୂର୍ବତନ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ସେଠୀ ମଧ ଉପସ୍ଥିତ ଥିଲେ।ଏହି ସାକ୍ଷାତକାର ସମୟରେ କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ପପି ପୃଷ୍ଟି ଉପାଧକ୍ଷ ସ୍ୱରୂପ କୁମାର ପରିଜା, କାଉନସିଲର ଇଏନଏସ ପ୍ରିୟଙ୍କା, କଳ୍ପନା ପାତ୍ର ସୁଲୋଚନା ପୁଥାଳ, ବିବେକାନନ୍ଦ ଦାସ,ବିଜୟ କୁମାର ନାଏକ,ଅନିତା ଚାତାର, ରିନୁପ୍ରିୟା ରଣସିଂହ,ନିରାକାର ପାତ୍ର, ଭାବଗ୍ରାହୀ ମହାନ୍ତ,ମନ୍ଦାକିନୀ ପରିଡ଼ା,ନମିତା ଘଣ୍ଟିଆଳି,ସ୍ୱର୍ଣଲତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।



# ଏସ୍.କିଶୋର ରେଡ଼ି ମହାଜନ ସଂଘର ନୂତନ ସଂପାଦକ



ଛତ୍ରପୁର(ଭାସ୍କର ନ୍ୟୁଜ୍): ଗଞ୍ଜାମ, ପୁରୀ ଓ ଖୋର୍ଦ୍ଧା ଜିଲ୍ଲା ରେଡ଼ି ମହାଜନ ସଂଘର ଏକ ବୈଠକ ଶୁକ୍ରବାର ସିଦ୍ଧ ଭୈରବୀ ମନ୍ଦିର, ହରଡଙ୍ଗ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା। ସଂଘର ସଭାପତି ସିଏଚ. ଦିଲ୍ଲେଶ୍ୱର ରେଡ଼ିଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ ବିଭିନ୍ନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଜିଲ୍ଲା ପୁନର୍ଗଠନ, ନୂତନ କମିଟି ଚୟନ ବିଷୟରେ ଆଲୋକପାତ ହୋଇଥିଲା। ଏହି କ୍ରମରେ ଗଞ୍ଜାମ ରେଡ୍ଡୀ ମହାଜନ ସଂଘର ନୂତନ ଜିଲ୍ଲା ସଂପାଦକ ଭାବେ ଏସ୍ କିଶୋର ଚନ୍ଦ୍ର ରେଡ଼ି ଙ୍କୁ ସମ୍ମତି ସହିତ ନିଯୁକ୍ତ କରାଯାଇଛି। ଏହି ବୈଠକରେ ଉପସ୍ଥିତ ଥିବା ସମସ୍ତ ଜୋନ୍ ଓ ତାଲୁକାର ସଭାପତି, ସମ୍ପାଦକ, ଜିଲ୍ଲା ସଭ୍ୟ ଏବଂ ସଂଘର ବିଭିନ୍ନ ଅଧିକାରୀ ଓ ସଦସ୍ୟମାନେ ନୂତନ ସଂପାଦକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏସ୍ କିଶୋର ଚନ୍ଦ୍ର ରେଡ଼ି ନିଜ ମତ ପ୍ରକାଶ କରି କହିଛନ୍ତି "ମୁଁ ଜିଲ୍ଲା ରେଡ଼ି ମହାଜନ ସଂଘର ଉନ୍ନତି, ଏକତା ଓ ସମାଜ ଉପକାର ପାଇଁ ସମୟ ଓ ଶ୍ରମ ଦେବି"। ସଂଘ ପକ୍ଷରୁ ତାଙ୍କୁ ସୁଭେଚ୍ଛା ଜଣାଇଛନ୍ତି ଏବଂ ନୂତନ ଯୋଜନା ନେଇ ଆଗକୁ ବଢ଼ିବା ପ୍ରସ୍ତାବ ରହିଛି। ଉକ୍ତ ବୈଠକରେ ମୁଖ୍ୟ ପଦାଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।

# କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ସରକାରୀ କାର୍ଯ୍ୟକ୍ରମ ପାଇଁ କଲ୍ୟାଣୀ ମଣ୍ଡପ ଦିଆଯାଉଥିବା ଅଭିଯୋଗ

କଣ୍ଟାପଡ଼ା(ଭାସ୍କର ନ୍ୟୁଜ୍): କଣ୍ଟାପଡା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ କଲ୍ୟାଣୀ ମଣ୍ଡପକୁ ନେଇ ବିବାଦ ଲାଗିରହିଥିବା ବେଳେ କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ସରକାରୀ କାର୍ଯ୍ୟକ୍ରମ ପାଇଁ ଗୋବିନ୍ଦପୁର କଲ୍ୟାଣୀ ମଣ୍ଡପ ଦିଆଯାଉଛି ବୋଲି କଣ୍ଟାପଡା ବିଡ଼ିଓ ସ୍ୱପ୍ନିତା ନାୟକ ଗୋବିନ୍ଦପୁର ସରପଞ୍ଚ ସୁମିତ୍ରା ପାଢ଼ୀ ଙ୍କୁ ଚିଠି କରିଛନ୍ତି। ଖୋଦ ବିଡ଼ିଓ ସରପଞ୍ଚଙ୍କୁ ମଣ୍ଡପ ହସ୍ତାନ୍ତର କରିନଥିବା ବେଳେ କିଭଳି ଭାବରେ ସରକାରୀ କାର୍ଯ୍ୟକ୍ରମ ପାଇଁ ଚିଠି ଲେଖିଲେ। ଉକ୍ତ ମଣ୍ଡପ ରେ ଆଜି ସରକାରୀ କାର୍ଯ୍ୟକ୍ରମ ଆରମ୍ଭ ସମୟରେ ସରପଞ୍ଚ ସୁମିତ୍ରା ପାଢ଼ୀ, ନାଏବ ସରପଞ୍ଚ ସରିତା ନାୟକ, ୱାର୍ଡ ସଭ୍ୟ ସଭ୍ୟା ମାନଙ୍କୁ ନେଇ ବିଡ଼ିଓ ଙ୍କୁ ପଚାରିବାକୁ ଯିବା ବେଳେ ଶାସକ ଦଳର କିଛି କର୍ମୀ ଠେଲାପେଲା ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିବା ଶ୍ରୀମତୀ ପାଢ଼ୀ ଏକ ସାମ୍ବାଦିକ ସମ୍ମିଳନୀ ରେ ଅଭିଯୋଗ ଆଣିଛନ୍ତି। ଏହି ଘଟଣା ସାରା ଗୋବିନ୍ଦପୁର ଅଞ୍ଚଳରେ ଚର୍ଚାର ବିଷୟ ପାଲଟିଛି।




# କିଡନୀ ରୋଗାକ୍ରାନ୍ତ ଯୁବକଙ୍କ ଅକାଳ ବିୟୋଗ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍):ନିଶ୍ଚିନ୍ତକୋଇଲି ବ୍ଲକ ଫଗୋଲ ଗ୍ରାମପଂଚାୟତ ଜଗନ୍ନାଥପୁର (ପାଟପାରୀ) ଗ୍ରାମର ଜଣେ ଯୁବକଙ୍କର କିଡନୀ ଜନିତ ରୋଗରେ ଅକାଳ ବିୟୋଗ ଘଟିଛି। ତାଙ୍କ ମୃତ୍ୟୁକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଜଗନ୍ନାଥପୁର ଗ୍ରାମର ଅରୁଣ କୁମାର ପରିଡା ଗତ କିଛି ବର୍ଷ ହେଲା କିଡନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧିନ ଥିଲେ। ଆଜି ସକାଳୁ ତାଙ୍କର ଅକାଳ ବିୟୋଗ ଘଟିଥିଲା। ତାଙ୍କର ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଶୋକାକୁଳ ପରିବେଶରେ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା। ତାଙ୍କର ପୁତୁରା ପ୍ରିୟ ରଞ୍ଜନ ମୁଖାଗ୍ନି ଦେଇଥିଲେ। ତାଙ୍କର ଅକାଳ ବିୟୋଗରେ ପ୍ରାକ୍ତନ ମନ୍ତ୍ରୀ ତଥା ମାହାଙ୍ଗାର ପୂର୍ବତନ ବିଧାୟକ ପ୍ରତାପ ଜେନା, ନିଶ୍ଚିନ୍ତକୋଇଲି ପଂଚାୟତ ସମିତିର ପ୍ରାକ୍ତନ ଉପାଧକ୍ଷ ଅଶୋକ କୁମାର ଓଝା, ବ୍ଲକ ଉପାଧକ୍ଷ ନୃସିଂହ ଚରଣ ମିଶ୍ର, ସରପଂଚ ବୈଷ୍ଣବ ଚରଣ ସାମଲ, ପ୍ରାକ୍ତନ ସରପଂଚ ରମେଶ ଚନ୍ଦ୍ର ସ୍ୱାଇଁ, ପ୍ରଭାକର ପରିଡା, ଅଶୋକ କୁମାର ସାମଲ,କୁଳମଣି ଦାସ, ମୁରଲି ସାମଲ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

# ଆକ୍ସିସ ବ୍ୟାଙ୍କ୍ର ପ୍ରଥମ ବର୍ଷ ପୂର୍ତ୍ତି ପାଳିତ



ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଚୌଦ୍ୱାର କପାଳେଶ୍ୱର ପଡ଼ିଆ ସ୍ଥିତକେସିଏମ୍ ପ୍ଲାଜାରେ ଥିବା ଆକ୍ସିସ ବ୍ୟାଙ୍କ୍ର ପ୍ରଥମ ବର୍ଷ ପୂର୍ତ୍ତି ଉତ୍ସବ ଅନୁଷ୍ଠିତହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ,ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପୁଲିସ୍ ପ୍ରଶାସନିକ ଅଧିକାରୀ ବାଳକୃଷ୍ଣ ମହାନ୍ତି, ସମ୍ମାନିତଅତିଥି ଭାବେ ୟୁଏମ୍ଏସ୍ଏଲର ଜିଏମ୍ ଭାଗବତ ସାହୁ, କାଉନ୍ସିଲର ସୁବ୍ରତ ସାମଲ, ମାମଙ୍ଗଲା ଟ୍ରାନ୍ସପୋର୍ଟର ଅଧକ୍ଷ ବିଷ୍ଣୁଚରଣ ପରିଡ଼ା, ବିଶିଷ୍ଟ ସମାଜସେବୀ ପଞ୍ଚାନନ ନାୟକ,ସାଇ ପ୍ରଗତି ଫାଉଣ୍ଡେସନ୍ର ଅଧକ୍ଷ ପ୍ରତ୍ୟୁଷ ବେହେରା, ବିଶିଷ୍ଟ ବ୍ୟବସାୟୀ ସୁବାସ କୁମାରସାହୁ, ସଞ୍ଜୟ ମହାରଣା, ସୁଦର୍ଶନ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଚୌଦ୍ୱାର ଶାଖା ପରିଚାଳକଦୀପକ କୁମାର ସାହୁ ଉତ୍ସବକୁ ପରିଚାଳନା କରିଥିବା ବେଳେ ରୁଚିସ୍ମିତା ପୃଷ୍ଟି, ତାରିଣୀଜେନା, ସେହାନ୍ ଆୱାଜ୍ ଖାନ୍, ଅମିତ୍ ପଡ଼ିହାରୀ, ଆବୁ ବକର ଖାନ୍, ବିରଂଚିଦାସ ପ୍ରମୁଖ ସହଯୋଗ କରିଥିଲେ । ପ୍ରଥମ ବର୍ଷରେ ଚୌଦ୍ୱାର ପୌରପାଳିକା ଓ ଆଖପାଖପଂଚାୟତବାସୀଙ୍କୁ ଉଚ୍ଚମାନର ବ୍ୟାଙ୍କ୍ ସେବା ଯୋଗାଇଦେବାରେ ବେଶ୍ ସଫଳତା ଲାଭ କରିଥିବାନେଇ ଅତିଥିମାନେ ବ୍ୟାଙ୍କ୍ କର୍ମଚାରୀମାନଙ୍କୁ ପ୍ରଶଂସା କରିଥିଲେ । ଏହି ଅବସରରେବ୍ୟାଙ୍କ୍ ତରଫରୁ ସୁନା ଋଣ ଉପରେ ଆକର୍ଷଣୀୟ ଅଫର ଦିଆଯାଇଥିବା ବେଳେ ଗ୍ରାହକସେବାକୁ ମୌଳିକ ଗୁରୁତ୍ୱ ଦିଆଯିବା ପ୍ରଥମ ଲକ୍ଷ୍ୟ ବୋଲି ପରିଚାଳକ ଶ୍ରୀ ସାହୁ ପ୍ରକାଶକରିଥିଲେ । ଶେଷରେ ଉପ ଶାଖା ପରିଚାଳିକା ଶୁଭଶ୍ରୀ ସ୍ୱାଇଁ ସମସ୍ତ ଅତିଥି ଓଗ୍ରାହକମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୮୪ କିଲୋ ଗଞ୍ଜେଇ ଜବତ

ମାଲକାନାଗିରି, (ଭାସ୍କର ନ୍ୟୁଜ୍): ଶନିବାର ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ଅଧିକ୍ଷକ ବିମ୍ବାଧର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଅବକାରୀ ବିଭାଗ ତରଫରୁ ଯୋଡ଼ା ଆମ୍ବ ଥାନା ଅନ୍ତର୍ଗତ ସାଦରାମ ଓ କୋଡିଗନ୍ଧୀ ଜଙ୍ଗଲରୁ ୮୪ କେଜି ଗଞ୍ଜେଇ ଜବତ କରାଯାଇଛି। ଯାହାର ଆନୁମାନିକ ଚଉରାସୀ ଲକ୍ଷ ଚାଳିଶ ହଜାର ଟଙ୍କା। ପ୍ରକାଶ ଥାଉ କି ଉକ୍ତ ଗଞ୍ଜେଇକୁ ବାହାର ରାଜ୍ୟକୁ ଚାଲାଣ ପାଇଁ ଜଙ୍ଗଲ ଭିତରେ ଲୁଚାଯାଇଥିଲା। ଏ ସଂକ୍ରାନ୍ତରେ ଏକ ଦାବିହୀନ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆ ଯାଇଛି। ଏହି ଚଢ଼ାଉ ସମୟରେ ଟଙ୍କଧର ଭୋଇ ଅବକାରୀ ଉପ ଅଧିକ୍ଷକ, ସନ୍ତୋଷ କୁମାର ବଳ, ଅବକାରୀ ନିରୀକ୍ଷକ, ଅବକାରୀ ଉପ ନିରୀକ୍ଷକ ଅଶେଷ କୁମାର ନାୟକ, ରମେଶ ଚନ୍ଦ୍ର ସାହୁକାର, ଏ ଏସ ଆଇ ଜେମେସ ମାଲଖମ୍ ସାହୁ, ରାମଚନ୍ଦ୍ର ହନ୍ତାଲ, ଚନ୍ଦ୍ର କାନ୍ତ ନାୟକ, ସରିତା ନାୟକ, ଜୁଲି ସା ପ୍ରଭୃତି ଉପସ୍ଥିତ ଥିଲେ।

# ଖବର ପ୍ରସାରଣ ପରେ ବୃଦ୍ଧାଙ୍କୁ ମିଳିଲା ଭତ୍ତା



କଣ୍ଟାପଡା (ଭାସ୍କର ନ୍ୟୁଜ୍): କଣ୍ଟାପଡା ପଂଚାୟତ ବାଇରୋଇ ଗ୍ରାମର ଜଣେ ବୃଦ୍ଧା ବର୍ଷ ବର୍ଷ ବିତିଥିଲେ ମଧ ନିଜର ଭିନ୍ନ ଭିନ୍ନ ନାମ ଓ ବୟସ ର ପାର୍ଥକ୍ୟ ଯୋଗୁ ବାରମ୍ବାର ଭତ୍ତା ଆବେଦନ କରି ବିଫଳ ହେଉଥିଲେ। ଏହି ଖବର ଗଣ ମାଧ୍ୟମ ରେ ପ୍ରକାଶ ପାଇବା ପରେ କଣ୍ଟାପଡା ସରପଞ୍ଚ ନିର୍ମଳ ସାହୁ ଘଟଣା କୁ ଗୁରୁତର ଶହ ନେଇ ବୃଦ୍ଧାଙ୍କ ନୂତନ ଭତ୍ତା କରାଇଛନ୍ତି। ମିଳିଥିବା ସୂଚନା ଅନୁଯାଇ ଉକ୍ତ ପଂଚାୟତ ଅଧିନସ୍ତ ବାଇରୋଇ ଗ୍ରାମର ଶଶିବାଳା ସିଂ ଗତ କାଲି ନିଆଳି ବିଧାୟକ ଙ୍କ ଠାରୁ ନିଆଳି ଡାକ ବଙ୍ଗଳାରେ ନୂତନ ଭତ୍ତା ପାଇଛନ୍ତି। ସରପଞ୍ଚ ଙ୍କ ଉଦ୍ୟମ ଯୋଗୁ ଶଶିବାଳା ଭତ୍ତା ପାଇପାରିଲେ। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳ ର ଲୋକଙ୍କ ଚର୍ଚ୍ଚା ସରପଞ୍ଚ ହେବ ତ ଏମିତି।

# ଭରଣପୋଷଣ ନଦେବାରୁ ସ୍ୱାମୀ ଗିରଫ



ବେତନଟୀ(ଭାସ୍କର ନ୍ୟୁଜ୍):ଦୁଇସନ୍ତାନର ଜନନୀଙ୍କୁ ଭରଣପୋଷଣ ନଦେଇ ଧରାଛୁଆଁ ଦେଉନଥିବାରୁ ମାନ୍ୟବର ପରିବାର ଅଦାଲତ ବାରିପଦାଙ୍କ ଜାମିନ ବିହୀନ ଗିରଫ ପରଓ୍ୱାନା ଦ୍ୱାରା ଅଭିଯୁକ୍ତ ଯୁବକଙ୍କୁ ଗିରଫକରି କୋର୍ଟଚାଲାଣ କରିଛି ବେତନଟୀ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଉଛି ବେତନଟୀ ସ୍ଥିତ ଇନ୍ଦିରାନଗର ଅଞ୍ଚଳର ସଞ୍ଜୟ ପରିଡା । ସଞ୍ଜୟ ବାରିପଦାରୁ ବିବାହ କରିଥିବା ବେଳେ ଉଭୟଙ୍କର ଦୁଇଟି ସନ୍ତାନ ରହିଛି । ତେବେ ପରବର୍ତ୍ତି ମୁହୂର୍ତ୍ତରେ ସଞ୍ଜୟଙ୍କ ସ୍ତ୍ରୀ ଅସହ୍ୟ ନିର୍ଯାତନାରେ ଅତିଷ୍ଠହୋଇ ମାନ୍ୟବର ଅଦାଲତଙ୍କ ଆଶ୍ରୟ ନେଇଥିଲେ । ମାନ୍ୟବର ଅଦଲାତର ମାମଲାର ବିଚାରକରି ଭରଣପୋଷଣ ପାଇଁ ମାସିକ ଦେୟ ଧାର୍ଯ୍ୟ ପୂର୍ବକ ପୈଠ କରିବାକୁ ସଞ୍ଜୟକୁ ନିର୍ଦ୍ଦେଶ ଦେଇଥିଲେ । କିଛିମାସ ହେବ ସଞ୍ଜୟ ଭରଣପୋଷଣ ଦେଉନଥିବା ବେଳେ ବାରମ୍ବାର କୋର୍ଟରେ ଅନୁପସ୍ଥିତ ରହିଆସୁଥିଲା । ଶେଷରେ ମାନ୍ୟବର ପରିବାର ଅଦାଲତ ବାରିପଦା ସଞ୍ଜୟଙ୍କ ନାମରେ ଜାମିନ ବିହୀନ ଗିରଫ ପରଓ୍ୱାନା ଜାରି କରିଥିଲେ । ମାନ୍ୟବର ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଆଜି ସଞ୍ଜୟ ପରିଡାକୁ ଗିରଫକରି କୋର୍ଟଚାଲାଣ କରିଛି ବେତନଟୀ ପୋଲିସ ।

# ସମାଜସେବୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ପାଳିତ



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମପଂଚାୟତ କେନ୍ଦିଲୋ ଗ୍ରାମର ବିଶିଷ୍ଟ ସମାଜସେବୀ ତଥା ବହୁ ଅନୁଷ୍ଠାନର ସ୍ରଷ୍ଟା ବଳରାମ ସାହୁଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ବିଶିଷ୍ଟ ସମାଜସେବୀ ଶ୍ରୀନିବାଶ ସାହୁ,ପ୍ରଧାନ ଶିକ୍ଷକ ଗତିକୃଷ୍ଣ ରାଉତ, ଅସୁରେଶ୍ୱର ଗ୍ରାମପଂଚାୟତର ପ୍ରାକ୍ତନ ସରପଂଚ ମହେଶ୍ୱର ବାରିକ, କଂଗ୍ରେସନେତା ଅକ୍ଷୟ କୁମାର ସାହୁ ,ସମାଜସେବୀ ପୁରୁଷୋତ୍ତମ ଦାସ ପୂର୍ବତନ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ସ୍ୱର୍ଗତ ସାହୁଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଗଭୀର ଭାବେ ଆଲୋକପାତ କରିଥିଲେ। ଶେଷରେ ତାଙ୍କର ଜ୍ୟେଷ୍ଠପୁତ୍ର ତଥା ବିଜେଡି ନେତା ବସନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶୁଭମ୍ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ||||||||

# ସବୁଜ ବନାନୀ ପାଇଁ ସଂକଳ୍ପବଦ୍ଧ ହୁଅନ୍ତୁ : ଜିଲ୍ଲାପାଳ

ତିହିଡ଼ି (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲାର ତିହିଡି ବ୍ଲକ ଅଧିନସ୍ଥ ବୋଡ଼କ ଠାରେ ଥିବା ନାୟକାଣୀ ଉଚ୍ଚ ବିଦ୍ୟାଳୟ ମେରା ଯୁବ ଭାରତ ସଂଗଠନ ସହଯୋଗରେ ଶୁଭମ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ 'ସାମ୍ପ୍ରତିକ ପରିସ୍ଥିତିରେ ବୃକ୍ଷରୋପଣର ଆବଶ୍ୟକତା' ଶୀର୍ଷକ ଆଲୋଚନାଚକ୍ର ଓ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ବୈକୁଣ୍ଠ ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲୀପ ରାଉତରାଏ ଯୋଗ ଦେଇ ସମ୍ପ୍ରତି ପରିବେଶ ପ୍ରଦୂଷଣ ଜନିତ ସମସ୍ୟା ଏବେ ସମସ୍ତଙ୍କ ପାଇଁ ନୂଆ ଚିନ୍ତାର କାରଣ ହୋଇଛି। ତେଣୁ ଏହି ଚିନ୍ତାରୁ ମୁକୁଳିବାକୁ ହେଲେ ସମସ୍ତେ ସଂକଳ୍ପବଦ୍ଧ ହୋଇ ପ୍ରତି ବର୍ଷ ବୃକ୍ଷରୋପଣ କରି ସବୁଜ ବନାନୀ ସୃଷ୍ଟି କରନ୍ତୁ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କୃଷି କବି ଇଂ ଅରୁଣ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ତିହିଡି ବିଡ଼ିଓ ନିରଞ୍ଜନ ବାରିକ, ଉଦ୍ୟାନ ବିଭାଗର ଉପ ନିର୍ଦ୍ଦେଶକ ହୃଦୟ ରଞ୍ଜନ ଜେନା, ମେରା ଯୁବ ଭାରତ ର ଜିଲ୍ଲା ସଂଯୋଜକ ଏମ ବିଗ୍ନେଶ, ତ୍ୟାଗଭୂମି ସଭାପତି ଅଜୟ କୁମାର ନାୟକ, ପୂର୍ବତନ ସରପଞ୍ଚ ଗୋଲକ ଚନ୍ଦ୍ର ସାମଲ, ସମିତି ସଭ୍ୟ ଜୟ ପ୍ରକାଶ ମଲ୍ଲିକ, ସରପଞ୍ଚ ପ୍ରତିନିଧି ବିଷ୍ଣୁ ମୋହନ ଜେନା ପ୍ରମୁଖ ଯୋଗ ଦେଇ ପରିବେଶ ପ୍ରଦୂଷଣ ଯୋଗୁଁ କିପରି ଉତ୍ତାପ ବୃଦ୍ଧି ହୋଇଛି ଏବଂ ଜଳବାୟୁ ର ଘୋର ପରିବର୍ତ୍ତନ ଦେଖାଯାଇ ମାନବ ସମାଜକୁ ହନ୍ତସନ୍ତ କରୁଛି ସେ ବିଷୟରେ କହିବା ସହିତ ଏବେ ଠୁ ମା' କୁ ଯେପରି ଭଲ ପାଉଛନ୍ତି ସେହିପରି ପରିବେଶକୁ ଭଲ ପାଇଁ ଗଛଟିଏ ଲଗାଇବାର ମାନସିକତା ସୃଷ୍ଟି ହେବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ଆଦର୍ଶ ପ୍ରଧାନ ଶିକ୍ଷକ ଭାବେ ନାୟକାଣୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବେହେରା, ପରିବେଶବିତ ଶରତ ଚନ୍ଦ୍ର ଜେନା ଏବଂ ଅକ୍ଷୟ ମହାନ୍ତି ଙ୍କୁ ସ୍ମାରକୀ ଫଳକ, ପୁଷ୍ପ ଗୁଚ୍ଛ ଏବଂ ଉତ୍ତରୀୟ ଦେଇ ଜିଲ୍ଲାପାଳ ପୁରସ୍କୃତ କରିବା ସହିତ ପରିବେଶ ସଚେତନତା ଉପରେ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତା ରେ ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ସଂଗଠନର ବରିଷ୍ଠ ସଦସ୍ୟ ଆନନ୍ଦ ଚନ୍ଦ୍ର ପଲେଇ ଅତିଥି ପରିଚୟ, ସଭାପତି ହୃଷିକେଶ ବାରିକ ସ୍ୱାଗତ ଭାଷଣ ଏବଂ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲା ବେଳେ ଉପ ସଭାପତି ଆନନ୍ଦ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ ଜିଲ୍ଲାପାଳ ଓ ଅନ୍ୟ ସମସ୍ତ ଅତିଥି ମାନଙ୍କ ଦ୍ୱାରା କରାଯାଇଥିଲା। ବିଭିନ୍ନ କାର୍ଯ୍ୟକ୍ରମକୁ ସଂଗଠନର ସମ୍ପାଦକ ନରେନ୍ଦ୍ର ସାମଲ, ଲକ୍ଷ୍ମୀଧର ରାଉଳ, ସନାତନ ଜେନା, ବାବାଜୀ ଚରଣ ଭଞ୍ଜ, ଚକ୍ରଧର ଜେନା, ପ୍ରମୁଖ ଙ୍କ ସହିତ ବିଦ୍ୟାଳୟର ଶିକ୍ଷକ ମାନେ ପରିଚାଳନା କରିଥିଲେ।




## |||| ଛାତ୍ରଙ୍କୁ ମାଡ଼ ମାରିବା ଘଟଣା ||||

# ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଲେ ଛାତ୍ରଛାତ୍ରୀ ଓ ଅଭିଭାବକ



ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଭଗବତୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଣିଜଙ୍ଗର ସହକାରୀ ଶିକ୍ଷୟିତ୍ରୀ ତନୁପ୍ରିୟା ପୃଷ୍ଟିଙ୍କୁ କିଶନନଗର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିବା ପ୍ରତିବାଦରେ ଆଜି ବିଦ୍ୟାଳୟର ଶତାଧିକ ଉତ୍ତ୍ୟକ୍ତ ଛାତ୍ରଛାତ୍ରୀ ଓ ଅଭିଭାବକ ବିଦ୍ୟାଳୟ ସମ୍ମୁଖରେ ନାରାବାଜି ଦେବା ସହ ଧାରଣା ଦେଇଥିଲେ। ଏହି ଘଟଣାକୁ ନେଇ ସାଧାରଣରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ୪ ଦିନ ତଳେ ଏହି ବିଦ୍ୟାଳୟର ଜଣେ ଛାତ୍ରକୁ ୪ଜଣ ସହପାଠୀ ଶ୍ରେଣୀକକ୍ଷରେ ତାଲା ପକାଇ ପଳାଇ ଯାଇଥିଲେ। ସମ୍ପୃକ୍ତ ଛାତ୍ରଙ୍କ ପାଟି ଶୁଣି ଶିକ୍ଷୟିତ୍ରୀ ତନୁପ୍ରିୟା ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ତେବେ ଏହି ୪ଜଣ ଛାତ୍ରଙ୍କୁ ଶିକ୍ଷୟିତ୍ରୀ ତନୁପ୍ରିୟ ତାଗିଦ୍ କରିବା ସହ ଅଷ୍ଟମ ଶ୍ରେଣୀର ଛାତ୍ର ରାହୁଲ ସେଠୀଙ୍କୁ ଏଥିନିମନ୍ତେ ମାଡ ମାରିଥିଲେ। ଏସମ୍ପର୍କରେ ରାହୁଲର ପିତା ପ୍ରଶାନ୍ତ କୁମାର ସେଠୀ କିଶନନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି କିଶନନଗର ଥାନା ପୋଲିସ ଘଟଣାର ତଦନ୍ତ କରି ଥାନାରେ ଏକ ମାମଲା ରୁଜୁ କରିଥିଲେ। ପୋଲିସ ଗତକାଲି ତନୁପ୍ରିୟାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବା ଯୋଗୁ ତାଙ୍କୁ ଚୌଦ୍ୱାର ସର୍କଲ ଜେଲକୁ ପଠାଇ ଦିଆଯାଇଥିଲା। ଅପରପକ୍ଷରେ ଏହି ଅଭିଯୋଗ ଉପରେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀ ସଂଯୁକ୍ତା ମହାପାତ୍ର ମଧ ସମ୍ପୃକ୍ତା ଶିକ୍ଷୟିତ୍ରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ ଆଦେଶ ଦେଇଥିଲେ। ତେବେ ଝିମିଟି ଖେଳରୁ ମହାଭାରତ ସୃଷ୍ଟି ହେଲାଭଳି ଦୋଷ କରିଥିବା ଜଣେ ଛାତ୍ରକୁ ଶିକ୍ଷୟିତ୍ରୀ ମାଡ ମାରିବା ଘଟଣାକୁ ନେଇ ତାଙ୍କୁ ଗିରଫ କରାଯିବା ଓ କାର୍ଯ୍ୟରୁ ନିଲମ୍ବିତ କରାଯିବା ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାର ପ୍ରତିବାଦ ସ୍ୱରୂପ ଆଜି ସକାଳେ ବିଦ୍ୟାଳୟର ଶତାଧିକ ଛାତ୍ର ଛାତ୍ରୀ ଓ ଛାତ୍ରାଭିଭାବକମାନେ ସମ୍ପୃକ୍ତା ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନକୁ ପ୍ରତ୍ୟାହାର କରିବା ଦାବି ନେଇ ନାରାବାଜି କରିବା ସହ କାର୍ଯ୍ୟାନୁଷ୍ଠାନକୁ ପ୍ରତ୍ୟାହାର କରାଯିବା ନିମନ୍ତେ ଅଭିଭାବକ ମାନେ ଅଡି ବସିଥିଲେ। ଏହି ଘଟଣାକୁ ନେଇ ପ୍ରଶାସନ ଅଡୁଆରେ ପଡିଥିଲା। ତେବେ ଆନ୍ଦୋଳନ ଚାଲୁ ରହିଥିଲା ବେଳେ ଶିକ୍ଷା ବିଭାଗର କିମ୍ବା ପୋଲିସ ପ୍ରଶାସନର ଦେଖା ମିଳିନଥିଲା। ଶିକ୍ଷକଙ୍କୁ ତୁରନ୍ତ ଖଲାସ କରାନଗଲେ ଆସନ୍ତା ସୋମବାର ଦିନ ଛାତ୍ରଛାତ୍ରୀ ଓ ଅଭିଭାବକମାନେ କିଶନନଗର ଥାନା ଘେରାଉ କରିବା ନିମନ୍ତେ ଚରମ ଚେତାବନୀ ଦେଇଥିଲେ।

# ସ୍ୱଚ୍ଛ ସର୍ବେକ୍ଷଣରେ ଢେଙ୍କାନାଳ ଜିଲ୍ଲାର ଭୁବନ ପ୍ରଥମ

ଭୁବନ(ଭାସ୍କର ନ୍ୟୁଜ୍): ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪-୨୫ ବର୍ଷରେ ଢେଙ୍କାନାଳ ଜିଲ୍ଲାର ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ପ୍ରଥମ ସ୍ଥାନ ହାସଲ କରିଥିବା ଜଣାପଡିଛି। ଏଥିପାଇଁ ଭୁବନରେ ଆନନ୍ଦ ପ୍ରକାଶ ପାଇଛି। କାମାକ୍ଷା ନଗର ଏନ୍ଏସି ୩୧ , ହିନ୍ଦୋଳ ଏନ୍ଏସି ୭୦ ନମ୍ବର ସ୍ଥାନରେ ଥିବାବେଳେ ଢେଙ୍କାନାଳ ମ୍ୟୁନିସପାଲଟି ୮୬ ତମ ସ୍ଥାନରେ ରହିଛି । ଗତ ୨୦୨୩-୨୪ ବର୍ଷ ଭୁବନ ରାଜ୍ୟରେ ୯୮ ତମ ସ୍ଥାନରେ ଥିବା ବେଳେ ଚଳିତ ବର୍ଷ ୧୩ ଏବଂ ଢେଙ୍କାନାଳ ଜିଲ୍ଲାରେ ପ୍ରଥମ ସ୍ଥାନ ହାସଲ କରିଥିବାରୁ ବୁଦ୍ଧିଜୀବୀ ମହଲ ଏଥିପାଇଁ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୋକନାଥ ବେଜଙ୍କୁ ଶ୍ରେୟ ଦେବା ସହ ଉଚ୍ଚ ପ୍ରଶଂସା କରୁଛନ୍ତି । ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ବେଜ ଏହାର ସମସ୍ତ ଶ୍ରେୟ ଭୁବନର ଜନ ସାଧାରଣ ,ସ୍ୱଚ୍ଛ ସାଥୀ ଓ ସ୍ୱଚ୍ଛ କର୍ମୀ ମାନଙ୍କୁ ଦେଇଛନ୍ତି । ନଗରପାଳ ଶୁଭେନ୍ଦୁ କୁମାର ସାହୁ ମଧ ସ୍ୱଚ୍ଛ ସାଥୀ, ସ୍ୱଚ୍ଛ କର୍ମୀ ଓ ଭୁବନ ଜନ ସାଧାରଣଙ୍କୁ ଶ୍ରେୟ ଦେଇ ଆମେ ସମସ୍ତେ ସଚେତନ ହୋଇ କାର୍ଯ୍ୟ କଲେ ଆସନ୍ତା ବର୍ଷ ଭୁବନ୍ ଏନ୍ଏସି ସାରା ରାଜ୍ୟରେ ପ୍ରଥମ ହେବ ବୋଲି କହିଛନ୍ତି।

# ଖରିଫ୍ ଋତୁ ଧାନ ବିକ୍ରୟ ପାଇଁ ନୂଆଚାଷୀଙ୍କ ପଞ୍ଜୀକରଣ

ମାଲକାନଗିରି(ଭାସ୍କର ନ୍ୟୁଜ୍): ଖରିଫ ବିପଣନ ପାଇଁ ନୂତନ ଭାବେ ଚାଷୀଙ୍କ ନାଁ ପଞ୍ଜୀକରଣ ଆରମ୍ଭ ହୋଇଛି। ଏହି ପଞ୍ଜୀକରଣରେ ବ୍ୟାଙ୍କଖାତା ସହିତ ଆଧାର ନମ୍ବର, ଫୋନ ନମ୍ବର ଓ ଇ-କେଓ୍ୱାଇସି ଲିଙ୍କ ବାଧ୍ୟତାମୂଳକ କରାଯାଇଛି। ଆସନ୍ତା ଖରିଫ ବିପନ୍ନ ବର୍ଷ ୨୦୨୫-୨୬ ପାଇଁ ଚାଷୀ ପଞ୍ଜୀକରଣ ନିମନ୍ତେ ଚଳିତ ମାସ ୧୯ ତାରିଖ ରୁ ଆସନ୍ତା ଅଗଷ୍ଟ ୨୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ଏମ୍.ଏମ୍. ପଟ୍ଟନାୟକ ସୂଚନା ଦେଇଛନ୍ତି। ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ପଟ୍ଟନାୟକ କହିଛନ୍ତି, ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କ ଚାଷୀ ପଞ୍ଜୀକରଣ ଏବର୍ଷ ନୂତନ ଭାବରେ କରାଯିବ। ପୂର୍ବ ବର୍ଷର ନବୀକରଣ କରାଯିବ ନାହିଁ । ଏହି ପ୍ରକ୍ରିୟାରେ ଚାଷୀଙ୍କ ଇ. କେଓ୍ୱାଇସି ତଥା ବ୍ୟାଙ୍କଖାତା ସହିତ ଆଧାର ସଂଯୋଗି କରଣ ବାଧ୍ୟତାମୂଳକ। ତେଣୁ ସମସ୍ତେ ନିର୍ଦ୍ଧାରିତ ସମୟସୀମା ଭିତରେ ବ୍ୟାଙ୍କଖାତାର ଆଧାର ସଂଯୋଗିକରଣ କରି ପଞ୍ଜୀକରଣ କରାଇ ନେବାକୁ ଚାଷୀମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିବେଦନ କରା ଯାଇଛି ।

## ■ପାଣି ପଞ୍ଚାୟତ ବୈଠକ

# ୧ରେ ବଡ଼ନାଳରୁ ଜମିକୁ ଯିବ ପାଣି

ଗୁଣପୁର(ଭାସ୍କର ନ୍ୟୁଜ୍):ରାୟଗଡ଼ା ଜିଲ୍ଲା ପଦ୍ମପୁର ବଡ଼ନାଳ ପ୍ରକଳ୍ପ ମା' ମଙ୍ଗଳା ମନ୍ଦିର ପରିସରରେ ରବିବାର ଦିନ ଅପରାହ୍ନ ୪ଟାରେ ପାଣି ପଞ୍ଚାୟତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ତହସିଲଦାର ଶଙ୍କର ବାଗ,ଅତବା ହରଭଙ୍ଗି ଅଧିକ୍ଷଣ ଯନ୍ତ୍ରୀ ସୁବ୍ରତ ଚୌଧୁରୀ,ପଦ୍ମପୁର ଉପନିର୍ବାହୀ ଯନ୍ତ୍ରୀ.ଏଲ ମୁରଲୀ କ୍ରିଷ୍ଣା,କୃଷି ଅଧିକାରୀ ସଞ୍ଜୀବ କୁମାର ସାହୁ ମଞ୍ଚାସିନ ଥିଲେ। ଚଳିତ ବର୍ଷ ଜଳଭଣ୍ଡାରର ଉପର ମୁଣ୍ଡରେ ବର୍ଷା ଅଭାବ ଯୋଗୁ ଜଳଭଣ୍ଡାର ପାଣି ଶତକଡା ୨୧ଭାଗ ରହିଛି।ଏଭଳି ସମୟରେ ପଦ୍ମପୁରରେ ବର୍ଷା ଅଭାବ ରହିଛି। ମୌସୁମୀ ବର୍ଷା ନାହିଁ। ଆଉ ଯେତିକି ପରିମାଣ ର ବର୍ଷା ହେବା କଥା ସେତିକି ହୋଇନି । ଫଳରେ ଅନେକ ଚାଷ ଜମି ରେ ଚାଷ କାମ ଆରମ୍ଭ ହୋଇ ପାରୁନି। ଆଉ ଯେଉଁଠି ପାଣି ଅଛି ସେଠାରେ ଚାଷ କାମ ମଧ ଠିକ୍ ହୋଇ ପାରୁନି। ଏପଟେ ପାଣି ପଞ୍ଚାୟତ ର ସଦସ୍ୟ ମାନେ ଅଗଷ୍ଟ ୧ରେ ପାଣି ବଡନାଳ ପ୍ରକଳ୍ପରୁ ଛାଡନ୍ତୁ ବୋଲି କହିଥିଲେ। ଆଗକୁ ବଡନାଳର କ୍ୟାଚମେଣ୍ଟ ରେ ବର୍ଷା ହେଲେ ଜଳ ଭଣ୍ଡାର ପାଣି ଆସିବ ବୋଲି କୁହାଯାଇଥିଲା।

# ମିଳିତ ଜନ ଅଭିଯୋଗ ଶୁଣାଣି

କରଞ୍ଜିଆ(ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଜୁଲାଇ ମାସ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରର କାର୍ଯ୍ୟସୂଚୀ ପ୍ରକାଶ । ସାଧାରଣ ପ୍ରଶାସନ ଏବଂ ଜନସାଧାରଣ ଅଭିଯୋଗ ବିଭାଗ ଦ୍ୱାରା ପତ୍ର ମାଧ୍ୟମରେ ସମସ୍ତ ଜିଲ୍ଲାପାଳଙ୍କୁ ସୂଚନା ଦିଆଯାଇଛି ଯେ ଜୁଲାଇ ୨୧ତାରିଖ ରେ କରଞ୍ଜିଆ ରେ ସମସ୍ତ ଜିଲ୍ଲା ପ୍ରଶାସନିକ ଙ୍କ ଉପସ୍ଥିତି ରେ ଜନ ଶୁଣାଣି ଶିବିର ଆୟୋଜନ କରାଯିବ। ଏଥିରେ ମୟୂରଭଞ୍ଜ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ହେବ ଶିବିର ଶୁଣାଣି। ଜୁଲାଇ ମାସର ତୃତୀୟ ସୋମବାର ୨୧ତାରିଖ ପାଞ୍ଚପିଢ଼ ଉପଖଣ୍ଡର ୫ଟି ବ୍ଲକର ଜନସାଧାରଣଙ୍କ ପାଇଁ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। କରଞ୍ଜିଆ ଠାରେ ଅନୁଷ୍ଠିତ ହେବାକୁ ଥିବା ଜନଶୁଣାଣି ଶିବିରରେ ଉପଖଣ୍ଡ ଅନ୍ତର୍ଗତ ଉପଖଣ୍ଡ ସ୍ତରୀୟ ଅଧିକାରୀଙ୍କ ସମେତ ପାଞ୍ଚ ବ୍ଲକର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଲାଇନ ବିଭାଗ ଅଧିକାରୀ ମାନଙ୍କ ଉପସ୍ଥିତିରେ ସାଧାରଣ ଜନତାଙ୍କ ଆପତ୍ତି ଅଭିଯୋଗପତ୍ର ଗୁଡିକର ଶୁଣାଣି କରି ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଭାରପ୍ରାପ୍ତ ଅଧିକାରୀ ନିହାର ରଞ୍ଜନ ସେଠୀ ସୂଚନା ପ୍ରଦାନ କରିଛନ୍ତି।




କଟକ(ଭାସ୍କର ନ୍ୟୁଜ୍): ରବିବାର ତୁଳସୀପୁରସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପରିସରରେ ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ପୂର୍ବଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସମ୍ମାନନୀୟ ଅତିଥି ଶିକ୍ଷା ବିକାଶ ସମିତିର କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ଆନନ୍ଦ ରାଓ ପାରଧି ଦୀପ ପ୍ରଜ୍ୱଳନ କରିଥିଲେ । ଶିକ୍ଷା ବିକାଶ ସମିତିର ଯୁଗ୍ମ ସମ୍ପାଦକ ଉମେଶ ଚନ୍ଦ୍ର ଦାସ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଉତ୍ତରପୂର୍ବ ସମ୍ଭାଗର ପୂର୍ବଛାତ୍ର ପ୍ରମୁଖ ସୁକାନ୍ତ କୁମାର ସାହୁ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କ ପରିଚୟ ପ୍ରଦାନ କରିଥିଲେ। ଶିକ୍ଷା ବିକାଶ ସମିତିର ସଭାପତି ଡ. କିଶୋର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ପ୍ରବଚକ ବିରେନ୍ଦ୍ର କୁମାର ପଣ୍ଡା ମାର୍ଗଦର୍ଶନ କରିଥିଲେ । ଉତ୍ତରପୂର୍ବ ସମ୍ଭାଗର ସଭାପତି ଶିବ ନାରାୟଣ ସିଂହ ଅଭିଭାଷଣ ଦେଇଥିଲେ । ଶେଷରେ ଉତ୍ତରପୂର୍ବ ସମ୍ଭାଗର ସଦସ୍ୟା ସୁଶ୍ରୀ ଇନ୍ଦୁମତୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ କଟକ ନାଗରରେ ଥିବା ୧୨ ଶିଶୁ ମନ୍ଦିରର ପ୍ରାୟ ୪୦୦ ଛାତ୍ରଛାତ୍ରୀ ପ୍ରଧାନ ଆଚାର୍ଯ୍ୟ ଓ ସହକାରୀ ଆଚାର୍ଯ୍ୟ ଆଚାର୍ଯ୍ୟାମାନେ ଯୋଗଦାନ କରିଥିଲେ।

### ବଳଙ୍ଗା ନାବାଳିକାଙ୍କୁ ପୋଡ଼ି ମାରିବା ଉଦ୍ୟମ ଘଟଣା

# ରାଜ୍ୟରେ ନାରୀ ସମାଜ ଉପରେ ବଢ଼ୁଛି ନିର୍ଯାତନା

**ବଳଙ୍ଗାରେ ଜଣେ ନାବାଳିକାଙ୍କୁ ଅତି ନିର୍ମମ ଭାବେ ଦୁର୍ବୃତ୍ତମାନେ ଜାଳିଦେବା ଉଦ୍ୟମ ଘଟଣା ଆଜି ସବୁଠି ଚର୍ଚ୍ଚାର ବିଷୟ ପାଲଟିଛି । ଏହି ଘଟଣାକୁ ସବୁ ମହଲରେ ଦୃଢ଼ ନିନ୍ଦା କରାଯାଉଥିବା ବେଳେ ଏବେ ବିରୋଧୀ-ଶାସକ ମୁହାଁମୁହିଁ ହୋଇଛନ୍ତି । ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୃତି ଘଟଣା ମନରୁ ଲିଭିନଥିବା ବେଳେ ପୁଣି ଏଭଳି ଏକ ଘଟଣା ଘଟିବା ଆଜି ସମସ୍ତଙ୍କୁ ହତଚକିତ କରିଦେଇଛି । ଏହାରି ଭିତରେ ବଳଙ୍ଗା ପୀଡ଼ିତାଙ୍କୁ ସ୍ୱତନ୍ତ୍ର ଗ୍ରୀନ୍ କରିଡ଼ର ଯୋଗେ ଉନ୍ନତ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସରୁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇଥିବା ବେଳେ ରାଜ୍ୟବାସୀ ତାଙ୍କର ଆଶୁ ଆରୋଗ୍ୟ କାମନା କରି ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛନ୍ତି । ତେବେ ରାଜ୍ୟରେ ନାରୀ ସମାଜ ଉପରେ ନିର୍ଯାତନା ବୃଦ୍ଧ ପାଉଥିବା ବିଭିନ୍ନ ବିରୋଧୀ ଦଳ ନେତାମାନେ ଦାବି କରୁଛନ୍ତି ।**

## ଦିଲ୍ଲୀ ଏମ୍ସ ସ୍ଥାନାନ୍ତରଣ ବେଳେ ପହଞ୍ଚିଲେ ବିଜେଡି ଓ କଂଗ୍ରେସ ଟିମ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବଳଙ୍ଗା ପୀଡ଼ିତାଙ୍କୁ ଦିଲ୍ଲୀ ଏମ୍ସ ସ୍ଥାନାନ୍ତରଣ ବେଳେ ହସ୍ପିଟାଲ କ୍ୟାମ୍ପସରେ ପହଞ୍ଚିଥିଲେ ବିଜେଡି ଓ କଂଗ୍ରେସ ଟିମ୍। ପୀଡ଼ିତାଙ୍କ ସମ୍ପର୍କୀୟଙ୍କୁ ଭେଟି ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ଚିକିତ୍ସା କରୁଥିବା ଡାକ୍ତରୀ ଟିମ୍ ସହ ଆଲୋଚନା କରିଛନ୍ତି। କଂଗ୍ରେସ ପ୍ରଶ୍ନ କରିଛି ଯେ ଭୁବନେଶ୍ୱର ଏମ୍ସରେ ଭଲ ଚିକିତ୍ସା ଯୋଗାଇ ଦିଆଯାଉଥିବା ବେଳେ ଅଯଥା ଦିଲ୍ଲୀ କାହିଁକି ନିଆଯାଉଛି। କେବଳ ରାଜନୀତି କରିବା ପାଇଁ ସରକାର ଏପରି କରୁଛନ୍ତି ବୋଲି କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି। କଂଗ୍ରେସ ନେତ୍ରୀ ମିନାକ୍ଷୀ ବାହିନୀପତି ବି ପୀଡ଼ିତାଙ୍କୁ ଦିଲ୍ଲୀ ନିଆ ଯାଉଥିବା ବେଳେ ବର୍ଣ୍ଣ ୱାର୍ଡ ବାହାରେ ଉପସ୍ଥିତ ଥିଲେ। ସେପଟେ ଆହୁରି ଭଲ ଚିକିତ୍ସା ପାଇଁ ପୀଡ଼ିତାଙ୍କୁ ଦିଲ୍ଲୀ ଏମ୍ସ ନିଆଯାଉଥିବା ନିଷ୍ପତିକୁ ବିଜେଡି ସ୍ୱାଗତ କରିଥିବା କହିଛନ୍ତି ବିଧାୟକ ସୁଶାନ୍ତ ରାଉତ।

## ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍‌ର ଅଭିଯୋଗ

### ରାଜ୍ୟରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଫକୀର ମୋହନ କଲେଜ ଛାତ୍ରୀ ମୃତ୍ୟୁ ଓ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟଣାକୁ ନେଇ ସାରା ରାଜ୍ୟ ପଡୁଥିବା ଉଠୁଥିବା ବେଳେ ନିମାପଡା ନିର୍ବାଚନ ମଣ୍ଡଳୀର ବଳଙ୍ଗା ଥାନା ଅନ୍ତର୍ଗତ ବାୟାବର ଗ୍ରାମର ମୁସ୍କାନ ଖାତୁନ ନାମ୍ନୀ ଜଣେ ନାବାଳିକାକୁ ପୋଡି ହତ୍ୟା କରିବା ଉଦ୍ୟମ ରାଜ୍ୟରେ ଆଇନି ଶୃଙ୍ଖଳା ଅଧୋଗତିର ନଗ୍ନ ନମୁନା ବୋଲି ନେତାଜୀ ସୁଭାଷଙ୍କ ଦ୍ୱାରା ଗଠିତ ରାଜନୈତିକ ଦଳ 'ଅଲ ଇଣ୍ଡିଆ ଫରୱାର୍ଡ଼ ବ୍ଲକ୍' ପକ୍ଷରୁ ଅଭିଯୋଗ କରାଯାଇଛି। ରାଜ୍ୟରେ ବିଜେପି ସରକାର ଶାସନକୁ ଆସିବା ପରେ ମହିଳାମାନଙ୍କ ଉପରେ ନିର୍ଯ୍ୟାତନା ବଢ଼ିବାରେ ଲାଗିଛି। ଯାହା ଅତ୍ୟନ୍ତ ନିନ୍ଦନୀୟ ଓ ସରକାରୀ ଦାୟିତ୍ୱ ହୀନତା, ବିପର୍ଯ୍ୟସ୍ତ ଆଇନି ଶୃଙ୍ଖଳା ବ୍ୟବସ୍ଥାର ପ୍ରତିଫଳନ। ଆଜିର ଘଟଣା ସକାଳ ୭ ଟା ବେଳେ ସ୍ପଷ୍ଟ ଦିବାଲୋକରେ ଘଟୁଛି, ଯାହା ସୂଚାଉଛି ଅପରାଧୀମାନଙ୍କର ଆଉ ସରକାରୀ ଆଇନ ବ୍ୟବସ୍ଥା ଓ ପୋଲିସ ପ୍ରତି ତିଳେ ମାତ୍ର ଭୟ ନାହିଁ । ଘଟଣାର ତୀବ୍ର ନିନ୍ଦା କରିବା ସହ ପୀଡିତାର ଆବଶ୍ୟକୀୟ ଉନ୍ନତ ଚିକିତ୍ସା, ଦୋଷୀଙ୍କ ବିରୁଦ୍ଧରେ କଠୋର ଦଣ୍ଡ ବିଧାନ ପାଇଁ ଫରୱାର୍ଡ଼ ବ୍ଲକ ପକ୍ଷରୁ ଦାବି କରାଯାଇଛି। ଘଟଣା ଘଟିବା ପରେ ଫରୱାର୍ଡ ବ୍ଲକର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ମହିଳା ନେତ୍ରୀ ଲକ୍ଷ୍ମୀ ଦୋରା, ସୁଶିଲ ଥାନପତି, ଆଜାଦ ହିନ୍ଦ୍ ବାହିନର ରାଜ୍ୟ ସମ୍ପାଦିକା ସୁବ୍ରତୀ ଦଳେଇ, ଛାତ୍ରୀ ନେତ୍ରୀ ରିଙ୍କି ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଏମ୍ସ ହସ୍ପିଟାଲକୁ ଯାଇ ପୀଡିତାଙ୍କ ଚିକିତ୍ସା ବିଷୟରେ ପଚାରି ବୁଝିବା ସହ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଏମ୍ସ ବର୍ଣ୍ଣ ୟୁନିଟ ସମ୍ମୁଖରେ ଧାରଣାରେ ବସି ରହିଥିଲେ।

### ବିରୋଧୀ ଅଯଥା ରାଜନୀତି କରୁଛନ୍ତି: ଗୋକୁଳାନନ୍ଦ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବଳଙ୍ଗା ଘଟଣାରେ ବିରୋଧୀଙ୍କୁ କଡ଼ା କାଉଣ୍ଟର କରିଛନ୍ତି ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ସେ କହିଛନ୍ତି ବିରୋଧୀ ଅଯଥା ରାଜନୀତି ସହ ହୋହାଲ୍ଲା କରୁଛନ୍ତି । ବିରୋଧୀ ପ୍ରତ୍ୟାଖ୍ୟାତ ହୋଇ ସାରିଲେଣି । ସେମାନଙ୍କ ଶାସନ ସମୟର ଅନେକ ଉଦାହରଣ ଅଛି। ବିଜେପି ଏଭଳି ଘଟଣାରେ ରାଜନୀତି କରିବାକୁ ଚାହୁଁନାହିଁ । ସରକାର ସମସ୍ତ ପଦକ୍ଷେପ ନେଇଛନ୍ତି। ପୀଡ଼ିତାଙ୍କୁ ଦିଲ୍ଲୀ ଏମ୍ସକୁ ଏୟାର ଲିଫ୍ଟ କରାଯାଇଛି ଏବଂ ଚିକିତ୍ସା ପାଇଁ ସମସ୍ତ ପ୍ରକାର ସହଯୋଗ ସରକାର ଯୋଗାଇ ଦେଇଛନ୍ତି । ପୋଲିସ ମଧ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଜାରି ରଖିଛି।

### ବଳଙ୍ଗା ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରି ବିଜେଡିର ସମୂହ ଦୀପଦାନ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଆଜି ସନ୍ଧ୍ୟାରେ ଭୁବନେଶ୍ୱର ଶ୍ରୀ ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଦିଲ୍ଲୀ ଏମ୍ସରେ ଜୀବନ ମରଣ ସହିତ ସଂଘର୍ଷ କରୁଥିବା ବଳଙ୍ଗା ନାବାଳିକାଙ୍କ ଆଶୁ ଆରୋଗ୍ୟ କାମନା କରି ଭୁବନେଶ୍ୱର ଜିଲ୍ଲା ବିଜୁ ଜନତା ଦଳ ତରଫରୁ ସମୂହ ଦୀପଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ଅଶୋକ ପଣ୍ଡା, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ ରାଉତ, ମେୟର ଶ୍ରୀମତୀ ସୁଲୋଚନା ଦାସ, ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ଼ ଲେନିନ ମହାନ୍ତି, ବରିଷ୍ଠ ନେତା ବିଜୟ ନାୟକ, ଗୌତମ ହରିଚନ୍ଦନ, ସନ୍ତୋଷ ବେଜ୍, ଶିବ ପ୍ରସାଦ ବେହେରା,ଚନ୍ଦ୍ରଶେଖର ମଲିଆ, ଶିବ ନାରାୟଣ କିରଣ, ମହାମାୟା ସ୍ୱାଇଁ, ମାନସୀ ସୁନ୍ଦରାୟ ପ୍ରମୁଖ ରହିଥିଲେ ।

### ମହିଳା ଓ ଛାତ୍ରୀମାନେ ଅସୁରକ୍ଷିତ: ସମାଜବାଦୀ ପାର୍ଟି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାଜପା ସରକାରରେ ମହିଳା ଓ ଛାତ୍ରୀମାନେ ଅସୁରକ୍ଷିତ। କାଲି ଯାହା ନିମାପଡା ବଳଙ୍ଗାରେ ହୋଇଛି ତାହା ଛାତ୍ର ସମାଜ ଓ ନାରୀ ସମାଜକୁ ଦୋହଲାଇ ଦେଇଛି ବୋଲି ସମାଜବାଦୀ ପାର୍ଟି ଅଭିଯୋଗ ଆଣିଛି। ପାର୍ଟିର ରାଜ୍ୟ ସଭାପତି ଶିବ ହାତି ଯାଦବ ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ପୀଡିତାଙ୍କ ଶୀଘ୍ର ଆସୁ ଆରୋଗ୍ୟ କାମନା କରିଛନ୍ତି । ସେ କହିଛନ୍ତି ରାଜ୍ୟରେ ନୂଆ ସରକାର ଆସିବା ପରଠୁ ନାରୀ ସମାଜ ଉପରେ ଅତ୍ୟାଚାର, ବ୍ୟଭିଚାର, ହତ୍ୟା ଭଳି ଜଘନ୍ୟ ଖବର ରାଜ୍ୟର ଛବିକୁ ବିଶ୍ୱସ୍ତରରେ ନିନ୍ଦିତ କରିଛି । ଭୁବନେଶ୍ୱରର ଭରତପୁର ଘଟଣାରୁ ଆରମ୍ଭ କରି ଗଞ୍ଜାମର ଗୋପାଳପୁର, କଟକ, ବାଲେଶ୍ୱର, ମୟୁରଭଞ୍ଜ, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼ ସମେତ ନିକଟରେ ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣା ପରେ ବଳଙ୍ଗାରେ ଜଣେ ନାବାଳିକା ଛାତ୍ରୀକୁ ଦିନ ଦ୍ୱିପ୍ରହରରେ ବିଚ ରାସ୍ତାରେ ପେଟ୍ରୋଲ ଢାଳି ଜାଳିଦେବା ଉଦ୍ୟମ ସରକାରଙ୍କ ଅପାରଗତାକୁ ପଦାରେ ପକାଇଛି। ସମ୍ମିଳନୀରେ ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦକ ପ୍ରତାପ କିଶୋର ବାରିକ, ପାର୍ଟି ମୁଖପାତ୍ର ପ୍ରଦୀପ ମିଶ୍ର, ମହିଳା ଶାଖା ସଭାନେତ୍ରୀ ପୁଷ୍ପାଞ୍ଜଳି ଦାସ, ଭୁବନେଶ୍ୱର ଜିଲ୍ଲା ସଭାପତି ପ୍ରବୀଣ ନାୟକ, ଯାଜପୁର ଜିଲ୍ଲା ସଭାପତି ଦୀପକ ସାହୁ, ନୟାଗଡ ଜିଲ୍ଲା ସଭାପତି ଉଲ୍ଲାସ ବାରିକ, ଖୋର୍ଦ୍ଧା ଜିଲ୍ଲା ସଭାପତିଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

### ନାରୀ ସୁରକ୍ଷାକୁ ସବୁଠୁ ବେଶି ଅଣଦେଖା କରୁଛନ୍ତି ସରକାର: ପ୍ରସାଦ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବଳଙ୍ଗାରେ ନାବାଳିକାକୁ ନିଶା ଦେଇ ପୋଡି ଦେବା ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି ପ୍ରସାଦ ହରିଚନ୍ଦନ । ସେ କହିଛନ୍ତି ଯେ, ନାରୀ ସୁରକ୍ଷାକୁ ସବୁଠୁ ବେଶି ଅଣଦେଖା କରୁଛନ୍ତି ସରକାର । ମୁଖ୍ୟମନ୍ତ୍ରୀ ଓ ମହିଳା ଉପମୁଖ୍ୟମନ୍ତ୍ରୀ ନିଜ ମୁଣ୍ଡକୁ ଦାୟିତ୍ୱ ନିଅନ୍ତୁ । ଆହତ ନାବାଳିକାକୁ ସବୁଠୁ ଉନ୍ନତମାନର ଚିକିତ୍ସା ଯୋଗାଇ ଦିଅନ୍ତୁ ରାଜ୍ୟ ସରକାର । ଘଟଣାର ନିରପେକ୍ଷ ତଦନ୍ତ କରାଯାଉ । ପୀଡିତାଙ୍କ ପରିବାରକୁ ୧ କୋଟି ଟଙ୍କା ଅନୁକମ୍ପା ରାଶି ଦିଅନ୍ତୁ । ଏଫଏମ ଛାତ୍ରୀ ଆତ୍ମହତ୍ୟା ଘଟଣାକୁ ରୋକାଯାଇ ପାରିଥାନ୍ତା । ଏହି ଘଟଣାରୁ ସରକାର କିଛି ଶିଖିଲେ ନାହିଁ । ଡବଲ ଇଂଜିନ ସରକାରରେ ଦେଶରେ ଓଡିଶା ସବୁଠୁ ଅସୁରକ୍ଷିତ ବୋଲି ବରିଷ୍ଠ କଂଗ୍ରେସ ନେତା ପ୍ରସାଦ ହରିଚନ୍ଦନ କହିଛନ୍ତି ।

### ଜିଲ୍ଲା ଯୁବ ଓ ଛାତ୍ର କଂଗ୍ରେସର ଶୋଭାଯାତ୍ରା

କଟକ(ଭାସ୍କର ନ୍ୟୁଜ୍): ନିମାପଡ଼ା ଛାତ୍ରୀକୁ ପେଟ୍ରୋଲ ପକାଇ ପୋଡ଼ି ମାରିଦେବା ଉଦ୍ୟମ ଘଟଣାରେ ନ୍ୟାୟ ଦାବୀରେ କଟକ ଜିଲ୍ଲା ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ଗେଟ୍ ସମ୍ମୁଖରେ ଆଇନମନ୍ତ୍ରୀ, ଉପ ମୂଖ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତଳିକା ଦାହ କରାଯାଇଛି । ପୀଡ଼ିତାଙ୍କୁ ନ୍ୟାୟ ଦାବୀରେ କଟକ ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ଆଶୁତୋଷ ରାଉତଙ୍କ ନେତୃତ୍ୱରେ ଯୁବ ଛାତ୍ର କର୍ମକର୍ତ୍ତାମାନେ କଟକ କଲେଜ ଛକରୁ ଶୋଭାଯାତ୍ରାରେ ବାହାରି ରେଭେନ୍ସା ବିଶ୍ୱବିଦ୍ୟାଳୟ ଗେଟ୍ ସମ୍ମୁଖରେ ମୁଖ୍ୟମନ୍ତ୍ରୀ, ଉପ ମୂଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କ କୁଶପୁତଳିକା ଦାହ କରିଥିଲେ । ଦଳ ପକ୍ଷରୁ କୁହାଯାଇଛି ଯେ ସାରା ରାଜ୍ୟରେ ମହିଳା ନିର୍ଯ୍ୟାତନା ବଢି ବଢ଼ି ଚାଲିଥିବାବେଳେ ମହିଳାଙ୍କୁ ନ୍ୟାୟ ଦେବାରେ ବିଜେପି ସରକାର ବିଫଳ ହୋଇଛି । ଜଣେ ନିରୀହ ଛାତ୍ରୀ ଆଜି ମରଣ ସହିତ ଲଢେଇ କରୁଛି । ତେଣୁ ଏହି ଘଟଣାରେ ଯେଉଁ ଯେଉଁ ବ୍ୟକ୍ତି ବିଶେଷ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସଂଶ୍ଳିଷ୍ଟ ତାଙ୍କୁ ତୁରନ୍ତ ଗିରଫ କରି ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ ଦିଆଯାଉ ବୋଲି ଦାବି କରାଯାଇଛି । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଶିବ କୁମାର ଅଗ୍ରୱାଲ, ପ୍ରତୀକ ନାୟକ, ନିର୍ମଳ ସାମଲ ଛାତ୍ର ନେତା ଶ୍ୟାସୁନ୍ଦର ଶର୍ମା, ହିମାଂଶୁ ସାମଲ, ସତ୍ୟଜିତ ସେଠୀ, କଟକ ନଗର (ଜିଲ୍ଲା) ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, କଟକ ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ ଓ ରଜନୀ ବସ୍ତିଆ, ପ୍ରମୁଖ ଯୋଗ ଦେଇ ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ଦାବି କରିବା ଦାବି କରିଥିଲେ ।

### ଆମେ ଯଦି ଥାଆନ୍ତୁ ଏପରି କେବେ ହୋଇ ନଥାନ୍ତା: ସମୀର ଦାସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେପି ନେତା ସମୀର ଦାସ ରବିବାର ବଳଙ୍ଗା ପୀଡିତାଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ପାଇଁ ଭୁବନେଶ୍ୱର ଏମସରେ ପହଞ୍ଚିଥିଲେ। ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡା ପୀଡ଼ିତାଙ୍କୁ ଭେଟିବା ପାଇଁ କାହିଁକି ଆସିଲେ ନାହିଁ ବୋଲି ଗଣମାଧ୍ୟମର ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି ତାଙ୍କୁ ପଚାରନ୍ତୁ ସେ କହି ପାରିବେ। ମୋ ଧର୍ମ ଥିଲା ମୁଁ ଆସିଲି। ସି ସୁତ କମ୍ ବୋଲି କହିଛନ୍ତି ସମୀର ଦାସ। ମୁଁ ଆଗରୁ ବିଧାୟକ କରାଉଥିଲି। ତାପରେ ବିଧାୟକ ହେଲି। ଆମ ଅଞ୍ଚଳରେ ଏସବୁ ହୁଏନି। ମୋ ମନ କାନ୍ଦୁଛି। ଆମେ ଯଦି ଥାଆନ୍ତୁ ଏପରି କେବେ ହୋଇ ନଥାନ୍ତା। ଭୁବନେଶ୍ୱର ଏମ୍ସରୁ ଦିଲ୍ଲୀ ଏମ୍ସ ଏୟାର ଲିଫ୍ଟ ହେବା ପରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ବିଜେପି ନେତା ସମୀର ଦାସ। ହସ୍ପିଟାଲ ପରିବେଶ ସ୍ୱତନ୍ତ୍ର ପରିବେଶ। ଏଠାରେ ରାଜନୀତି କରିବା ଉଚିତ୍ ନୁହେଁ ବୋଲି ସମୀର ଦାସ କହିଛନ୍ତି।

### ଭରତପୁର ହତ୍ୟା ମାମଲାରେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କମିସନରେଟ ପୋଲିସ ଭରତପୁର ହତ୍ୟା ମାମଲାର ପର୍ଦ୍ଦାଫାସ କରିଛି। ଏହି ହତ୍ୟାକାଣ୍ଡରେ ଅଭିଯୁକ୍ତ ନରହରି ନାୟକକୁ ଭରତପୁର ଥାନା ପୋଲିସ ଗିରଫ କରିଛି। ପୋଲିସ କହିଛି, ଅଭିଯୁକ୍ତ ନରହରିର ମୂଳ ଘର ବେଳଗୁଣ୍ଠାରେ। ତା ନାଁରେ ଲିଙ୍ଗରାଜ, ଭଞ୍ଜନଗର ଓ ଭରତପୁର ଥାନାରେ ସଙ୍ଗିନ ମାମଲା ରହିଛି। ତା'ଠାରୁ ୨ ବାଇକ, ରକ୍ତଭିଜା କପଡା, ହତ୍ୟାରେ ବ୍ୟବହୃତ ସିମେଣ୍ଟ ଇଟା ଜବତ କରାଯାଇଛି। ସୂଚନାଯୋଗ୍ୟ, ଗତ ୧୮ ତାରିଖରେ ଭରତପୁର ଥାନା ସୋମନାଥ ବସ୍ତିରେ ଏକ ବିଭତ୍ସ ହତ୍ୟା କାଣ୍ଡ ଘଟିଥିଲା। ଟଙ୍କା ବଣ୍ଟାକୁ କେନ୍ଦ୍ର କରି କୈଳାସ ନାୟକ ଓରଫ ମୁନାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଭଡାଘରେ ତାଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିଲା। ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ସରଜମିନ ତଦନ୍ତ ପରେ ଅଭିଯୁକ୍ତକୁ କାବୁ କରିବାରେ ସକ୍ଷମ ହୋଇଥିଲା।

### ଆରଡିସି କାର୍ଯ୍ୟାଳୟ ଘେରାଉ ପାଇଁ ବିଜେଡିର ପ୍ରସ୍ତୁତି ବୈଠକ

କଟକ(ଭାସ୍କର ନ୍ୟୁଜ୍): ଏଫ୍‌ଏମ୍ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମଦାହ ଘଟଣାରେ ଆରଡିସି କାର୍ଯ୍ୟାଳୟ ଘେରାଉ ପାଇଁ ବିଜେଡିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ବାରବାଟୀ କଟକ ନିର୍ବାଚନୀ ମଣ୍ଡଳୀର ସମସ୍ତ ବିଜୁ ଜନତା ଦଳ କର୍ପୋରେଟର ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ଏକତ୍ରିତ ହୋଇ ଆର୍‌ଡିସି ଅଫିସ ସମ୍ମୁଖରେ ଗଣ ବିକ୍ଷୋଭ କରିବାକୁ ନିଷ୍ପତି ନେଇଛନ୍ତି । ଏହି ଅବସରରେ ବିଜେଡି ପକ୍ଷରୁ ଏକ ଶୋଭାଯାତ୍ରା ସନ୍‌ସାଇନ୍ ପଡିଆ ଠାରୁ ବାହାରି ଆର୍‌ଡିସି ଅଫିସ ସମ୍ମୁଖରେ ଗଣ ବିକ୍ଷୋଭ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି । ଏହି ପ୍ରସ୍ତୁତି ବୈଠକରେ କର୍ପୋରେଟର ବିକାଶ ବେହେରା, ପୁଷ୍ପିତ ମହାନ୍ତି, ପ୍ରଦୀପ୍ତ ସାହୁ, ଏ ଶ୍ରୀଦେବୀ, ପ୍ରଦୀପ୍ତ କୁମାର ରାଉତ, ପ୍ରିୟମ୍ବଦା ମହାନ୍ତି, ପ୍ରିୟମ୍ବଦା ସ୍ୱାଇଁ, ରିତାଞ୍ଜଳୀ ବେହେରା, ନମିତା ବାରିକ, ମମତା ନାୟକ, ଆରତୀ ସାହୁ, ଦିପଳୀ ସିଂ, ବସନ୍ତ ବେହେରା, ଲକ୍ଷ୍ମୀ ପ୍ରିୟା ବେହେରା, ମହାମାଦ ଆଲାମ, କୁରେସା ନୁର, ଚନ୍ଦନ ଜେନା, ଅରୁନ୍ଧତ୍ୱି କର, ସତ୍ୟରାମ ସାହୁ, ଇତିଶ୍ରୀ ଦାସ, ବନଲତା ପ୍ରଧାନ, ରବି ନାରାୟଣ ସାହୁ, ପ୍ରଫୁଲ ସିଂ, ବିଶ୍ୱଜିତ ମହାନ୍ତି, ଅନିତା ବେହେରା ପ୍ରମୁଖ ଯୋଗ ଦେଇ ବିକ୍ଷୋଭ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆଲୋଚନା କରିଥିଲେ ।


### ପୀଡିତାଙ୍କ ଚିକିତ୍ସା ପାଇଁ ଆବଶ୍ୟକୀୟ ସୁବିଧା କରାଯିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲାର ବଳଙ୍ଗା ପୀଡିତାଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ଉତମ ଚିକିତ୍ସା ପାଇଁ ରାଜ୍ୟ ସରକାର ସମସ୍ତ ଆବଶ୍ୟକୀୟ ସୁବିଧା ସୁନିଶ୍ଚିତ କରିବେ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ପୁରୀ ଜିଲ୍ଲାର ବଳଙ୍ଗା ଠାରେ ଘଟିଯାଇଥିବା ଅଘଟଣ ପାଇଁ ମୁଁ ଗଭୀର ଭାବେ ମର୍ମାହତ । ପୀଡିତାଙ୍କର ସର୍ବୋତମ ଚିକିତ୍ସା ପାଇଁ ତାଙ୍କୁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇଛି। ଏଥିପାଇଁ ରାଜ୍ୟ ସରକାର ସମସ୍ତ ଆବଶ୍ୟକୀୟ ସୁବିଧା ସୁନିଶ୍ଚିତ କରିବେ । ବ୍ୟକ୍ତିଗତ ଭାବେ ମୁଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଝିଅଟିର ତ୍ୱରିତ ଆରୋଗ୍ୟ କାମନା ନିମନ୍ତେ ପ୍ରାର୍ଥନା କରୁଛି।

### ରାଜ୍ୟରେ ୫ଦିନ ବର୍ଷିବ, ୨୧ ଜିଲ୍ଲାକୁ ୱାର୍ଣ୍ଣିଂ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଆହୁରି ୫ ଦିନ ଯାଏଁ ବର୍ଷା ସମ୍ଭାବନା ରହିଛି । ଆଜି ପାଇଁ ରାଜ୍ୟର ୨୧ ଜିଲ୍ଲାକୁ ପାଣିପାଗ ବିଭାଗର ୟେଲୋ ୱାର୍ଣ୍ଣିଂ। ଉତ୍ତର ଏବଂ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ମୟୂରଭଞ୍ଜ, କେନ୍ଦୁଝର, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁରରେ ପ୍ରବଳ ବର୍ଷା ସମ୍ଭାବନା ରହିଛି।

### 'ଶାନ୍ତନୁ ବାବୁ ଯାହା କହନ୍ତି ତାହା ଅସ୍ତିତ୍ୱବାଦୀଙ୍କ ମନସ୍ତାତ୍ତ୍ୱିକ ବିଚାର'



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ଅୟୋଜିତ ଦଶମ ଅଧିବେଶନ ସ୍ଥାନୀୟ ଗୀତଗୋବିନ୍ଦ ସଦନ ଠାରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ପ୍ରତିଷ୍ଠାତା ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ନରକିନ୍ନରର ଲେଖାକୀୟ ଯାତ୍ରା, ଉପନ୍ୟାସ ପଛର କଥା ଭାବବିହ୍ୱଳ ଭାବରେ କହିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ନଟବର ଶତପଥୀ ବକ୍ତବ୍ୟରେ କହିଥିଲେ, ଶାନ୍ତନୁ ବାବୁ ଯାହା କହନ୍ତି ତାହା ଅସ୍ତିତ୍ୱବାଦୀଙ୍କ ମନସ୍ତାତ୍ତ୍ୱିକ ବିଚାର। ନରକିନ୍ନରର ୬୩ ବର୍ଷର ଯାତ୍ରା କିଛି କମ ନୁହେଁ। ୬୩ ବର୍ଷ ପରେ ଏ ବହିର ଆଲୋଚନା ନିଶ୍ଚୟ ବହିର ଚମତ୍କାରିତାର ଓ ପାଠକୀୟତାର ଏକ ଅପୂର୍ବ ବିଷୟ। ନରକିନ୍ନରର ସମୀକ୍ଷା କରି ପ୍ରଫେସର ଶତପଥୀ କହିଥିଲେଏହା ସର୍ବକାଳୀନ ମହାନ ଉପନ୍ୟାସ। ୧୯୬୨ ମସିହାରେ ଯେତେବେଳେ ଶାନ୍ତନୁ ଆଚାର୍ଯ୍ୟଙ୍କୁ ମାତ୍ର ୨୬ ବର୍ଷ ହୋଇଥିଲା, ସେତେବେଳେ ଏହି ଉପନ୍ୟାସ ଲେଖିଥିଲେ। ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପ୍ରଫେସର ଶରତ ଚନ୍ଦ୍ର ଶତପଥୀର ଇଂରାଜୀ ଅନୁବାଦର ସମୀକ୍ଷା କରି ଏହା ଏକ ଅଦ୍ୱିତୀୟ ପୁସ୍ତକ ଯାହା ଏକ ଭିନ୍ନ ଧରଣର ଚମତ୍କାର ଉପନ୍ୟାସ। ଏହି ଉପନ୍ୟାସର ଅନୁବାଦ ଖୁବ ସୁନ୍ଦର ହୋଇଛି ଯାହା ଦେଶରେ ବିଦେଶରେ ଖୁବ ଆଦୃତ ହେବ ସନ୍ଦେହ ନାହିଁ। ଟ୍ରଷ୍ଟର ସଭାପତି କାଦମ୍ବିନୀର ସମ୍ପାଦିକା ଡ଼.ଇତି ସାମନ୍ତ ସଭାପତିତ୍ୱ ବକ୍ତବ୍ୟରେ କହିଥିଲେ ଓଡ଼ିଆ ପାଠକଙ୍କ ପାଇଁ ଏହା ଏକ ସ୍ମରଣୀୟ ପୁସ୍ତକ ହୋଇ ରହିଲା। ପକ୍ଷୀଘର ପ୍ରକାଶନୀ ମୁଖ୍ୟ ବନୋଜ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟ୍ରଷ୍ଟର ସମ୍ପାଦିକା ବିଶିଷ୍ଟ ଅଭିନେତ୍ରୀ ପ୍ରତିଭା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### କୈଳାସ ଭାଇଙ୍କ ପରଲୋକରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଶୋକ


ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରଚାରକ ତଥା ସେବା ଭାରତୀ ଓଡ଼ିଶା ପୂର୍ବପ୍ରାନ୍ତର ସଂଗଠନ ସମ୍ପାଦକ କୈଳାସ ଭାଇଙ୍କ ପରଲୋକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ପ୍ରକାଶ କରିଛନ୍ତି। ଏକ୍ସରେ ଶ୍ରୀ ପ୍ରଧାନ କହିଛନ୍ତି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରଚାରକ ତଥା ସେବା ଭାରତୀ ଓଡ଼ିଶା ପୂର୍ବ ପ୍ରାନ୍ତର ସଂଗଠନ ସମ୍ପାଦକ କୈଳାସ ଭାଇଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ସେ ଜଣେ ସରଳ, ସ୍ୱାଭିମାନୀ ଓ ମିଷ୍ଟଭାଷୀ ସ୍ୱଭାବର ବ୍ୟକ୍ତି ଥିଲେ। ତାଙ୍କୁ ମୁଁ ଦୀର୍ଘ ଦିନ ଧରି ଜାଣିଛି। ସେ ଜଣେ ସୁସଂଗଠକ ଥିଲେ । ରାଷ୍ଟ୍ରୀୟ ବିଚାରଧାରାକୁ ପ୍ରଚାର କରାଇବାରେ ତାଙ୍କର ଯୋଗଦାନ ଚିର ସ୍ମରଣୀୟ ହୋଇ ରହିବ। ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି ।

### ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗରେ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ସ୍ଥଗିତ ଘଟଣା

## ତ୍ରୁଟିଶୂନ୍ୟ ପରୀକ୍ଷା କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ନେଇ ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ପ୍ରସଙ୍ଗରେ ଆଜି ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି । ଆଜି ଅର୍ଥାତ ଜୁଲାଇ ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଓଟିଇଟି ପରୀକ୍ଷାର ପ୍ରଥମ ଓ ଦ୍ୱିତୀୟ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ଘୁଞ୍ଚାଇ ଦିଆଯାଇଛି । ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକଡ଼ ଲେନିନ ମହାନ୍ତି କହିଥିଲେ, ରାଜ୍ୟ ବିଜେପି ସରକାର ସୁଶାସନର ଡିଣ୍ଡିମ ପିଟୁଥିବା ବେଳେ ଗୋଟିଏ ସାଧାରଣ ପରୀକ୍ଷା ସୁରୁଖୁରୁରେ କରାଇବାରେ ସକ୍ଷମ ହୋଇପାରୁ ନାହାନ୍ତି । ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରାଗଲା ବୋଲି କୁହାଯାଉଥିଲେ ମଧ୍ୟ ପ୍ରକୃତରେ ପ୍ରଶ୍ନପତ୍ରକୁ ବିକ୍ରି କରାଯାଇଛି ବୋଲି ଡ଼ ମହାନ୍ତି ଅଭିଯୋଗ କରିଥିଲେ । ସେ କହିଥିଲେ, ଏହି ପ୍ରଶ୍ନପତ୍ର ପ୍ରଘଟ ବା ପ୍ରଶ୍ନପତ୍ର ବିକ୍ରି ସରକାରଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଏଥିରେ ପରୀକ୍ଷା ଦେବାକୁ ଥିବା ପ୍ରାୟ ୭୫ ହଜାର ଶିକ୍ଷକ ହତାଶ ହୋଇଛନ୍ତି । ଗତ ଏକ ବର୍ଷର ବିଜେପି ଶାସନରେ ଏଭଳି ଅନେକ ପରୀକ୍ଷା ବାତିଲ ହୋଇଛି ଓ ସୁଶାସନ ଦାବି କରି କ୍ଷମତାକୁ ଆସିଥିବା ରାଜ୍ୟ ବିଜେପି ସରକାର ପରୀକ୍ଷାଟିଏ ସୁରୁଖୁରୁରେ ଆୟୋଜିତ କରିବାରେ ସକ୍ଷମ ହୋଇନାହାନ୍ତି । ଗତ ଏକ ବର୍ଷ ଭିତରେ, ରାଜ୍ୟରେ ପ୍ରାୟ ୧୨ଟି ପରୀକ୍ଷା ବିଭିନ୍ନ କାରଣରୁ ଘୁଞ୍ଚାଯାଇଛି । ପ୍ରଶ୍ନପତ୍ର ପ୍ରଘଟ କାର୍ଯ୍ୟରେ ସମ୍ପୃକ୍ତ ଥିବା ଲୋକଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଦେବାର ବ୍ୟବସ୍ଥା ଓଡିଶା ପବ୍ଲିକ ସର୍ଭିସ ପରୀକ୍ଷା ବିଲ୍ ୨୦୨୪ରେ କରାଯାଇଛି । ଏହି ବିଲ୍ ଅନୁଯାୟୀ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜେଲ ଦଣ୍ଡ ସହ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବ୍ୟବସ୍ଥା ରହିଛି । ବିଜେପି ସରକାରରେ ପ୍ରଶ୍ନପତ୍ର ପ୍ରଘଟ ଘଟଣା ଏକ ନିୟମିତ ବ୍ୟାପାର ହୋଇଥିଲେ ମଧ୍ୟ ଏହି ଆଇନ ଅନୁଯାୟୀ କୌଣସି ବ୍ୟକ୍ତି ଦଣ୍ଡିତ ହୋଇନାହାନ୍ତି । ଏହି ଆଇନକୁ କାର୍ଯ୍ୟକାରୀ ନକରିବା ସରକାର ଦୋଷୀଙ୍କୁ ଘଂଟ ଘୋଡାଇବା ସଦୃଶ୍ୟ ହୋଇଛି ବୋଲି ଡ଼ ମହାନ୍ତି କହିଥିଲେ ।



ଯେହୁ କ୍ଷମା ଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ,
ଏହି ଚରାଚର ବ୍ରହ୍ମାଣ୍ଡ ଆୟତ୍ତ
ହୁଅଇ ତାହାର ଲବେ।

-ପଲ୍ଲୀକବି ନନ୍ଦକିଶୋର ବଳ



ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର

-ଭକ୍ତକବି ମଧୁସୂଦନ ରାଓ



## ବାଲେଶ୍ୱର ପରେ ବଳଙ୍ଗା

# ଅଶୁଭ ଶନିବାରର ବ୍ୟଥା ଓ ବେଦନା

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହଜନିତ ଦୁଃଖଦ ମୃତ୍ୟୁକୁ ନେଇ ସାରା ରାଜ୍ୟରେ କମ୍ପନ ସୃଷ୍ଟି ହୋଇଥିବା ବେଳେ ପୁରୀ ଜିଲ୍ଲାର ନିମାପଡ଼ା ନିକଟବର୍ତ୍ତୀ ବଳଙ୍ଗା ଅଞ୍ଚଳରେ ଅନ୍ୟ ଏକ ଅମାନବୀୟ ବର୍ବରତା ବିବେକକୁ ଥରାଇ ଦେଇଛି। ଶନିବାର ସ୍ପଷ୍ଟ ଦିବାଲୋକରେ ତିନିଜଣ ଯୁବକ ଜଣେ ନାବାଳିକାଙ୍କୁ ରାସ୍ତାରୁ ଟେକିନେଇ ନିକଟସ୍ଥ ଭାର୍ଗବୀ ନଦୀବନ୍ଧ ତଳେ କିରାସିନି ଢ଼ାଳି ଜାଳି ଦେବାର ଅଭିଯୋଗ ହୋଇଛି। ଶରୀରର ୭୦ରୁ ୭୫ ଭାଗ ପୋଡ଼ି ଯାଇଥିବାରୁ ହତଭାଗିନୀ ନାବାଳିକାଙ୍କୁ ଭୁବନେଶ୍ୱର 'ଏମ୍ସ'ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ବେଳେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାର ଜଣାପଡିଛି। ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ୍ ଅନୁଯାୟୀ ତିନିଜଣଯାକ ଦୁର୍ବୃତ୍ତ ମୁହଁରେ କପଡ଼ା ବାନ୍ଧି ଆସି ଝିଅଟିକୁ ବାଇକ୍‌ରେ ଉଠାଇ ନେଇଥିଲେ ଏବଂ ନଦୀବନ୍ଧ ତଳକୁ ନେଇ ତା' ଦେହରେ କିରାସିନି ଢ଼ାଳି ନିଆଁ ଲଗାଇ ଦେଇଥିଲେ। ତେବେ ଜଳୁଥିବା ଅବସ୍ଥାରେ ଝିଅଟି କୌଣସି ମତେ ଦୁର୍ବୃତ୍ତଙ୍କ କବଳରୁ ଖସି ଆସି ଗାଁ ମୁଣ୍ଡରେ ଥିବା ଲୋକଙ୍କ ପାଖରେ ପହଞ୍ଚି ଥିଲା। 'ମୋତେ ବଞ୍ଚାଅ' ବୋଲି ଚିତ୍କାର କରୁଥିବା ପୀଡିତାଙ୍କ ତଣ୍ଟି ଶୁଖି ଯାଉଥିବାରୁ ପାଣି ଟୋପାଲ ପାଇଁ ଆକୁଳ କ୍ରନ୍ଦନ କରିଚାଲିଥିଲା। ଏମ୍ସ ଚିକିତ୍ସକଙ୍କ ସୂଚନା ମୁତାବକ ପୀଡିତାଙ୍କ ପାଇଁ ଆଗାମୀ ୪୮ ଘଣ୍ଟା ଖୁବ୍ ଗୁରୁତ୍ୱପୂର୍ଣ୍ଣ ଓ ସେ ଏବେ ଜୀବନ ଓ ମୃତ୍ୟୁର ସନ୍ଧିକ୍ଷଣରେ ରହିଛନ୍ତି। ଏହି ମାସର ୧୨ ତାରିଖ ଶନିବାର ଫକୀରମୋହନ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୌମ୍ୟାଶ୍ରୀ ନ୍ୟାୟ ପାଇବାରୁ ବଞ୍ଚିତ ହୋଇ ନିଜ ଦେହରେ ପେଟ୍ରୋଲ ଢ଼ାଳି ଅଗ୍ନି ସଂଯୋଗ କରିଥିବା ବେଳେ ଠିକ୍ ଗୋଟିଏ ସପ୍ତାହ ପରେ ସେହି ଶନିବାର ସକାଳେ ବଳଙ୍ଗା ଅଞ୍ଚଳରେ ନାବାଳିକାଙ୍କ ଶରୀରରେ ନର ପିଶାଚ ନିଆଁ ଲଗାଇଛନ୍ତି। ଏହି ଦୁଇଟି ଯାକ ଶନିବାର ରାଜ୍ୟ ପାଇଁ କେବଳ ଅଶୁଭ ସାବ୍ୟସ୍ତ ହୋଇନାହିଁ, ଆଇନଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନଚିହ୍ନ ଆଙ୍କିଛି। ଅବଶ୍ୟ ବଳଙ୍ଗାର ଦୁଃଖଦ ଘଟଣାକୁ ରାଜ୍ୟ ସରକାର ବିଶେଷ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯଥେଷ୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି ଏବଂ ଅପରାଧୀ ଯେଉଁଠାରେ ଥିଲେ ବି ତାକୁ ଧରାଯାଇ ଦଣ୍ଡିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। କେବଳ ସେତିକି ନୁହେଁ, ଆବଶ୍ୟକ ପଡ଼ିଲେ ଉନ୍ନତ ଚିକିତ୍ସା ପାଇଁ ପୀଡିତାଙ୍କୁ ଏୟାରଲିଫ୍ଟ କରି ଦିଲ୍ଲୀ ଏମ୍ସକୁ ନେବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ବୋଲି ସେ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ପୋଲିସ୍ ଓ ପ୍ରଶାସନ ଏବେ ତଲାସୀ ଅଭିଯାନକୁ ଜୋରଦାର କରି ଯଥାଶୀଘ୍ର ସମ୍ଭବ ଦୁର୍ବୃତ୍ତଙ୍କୁ ଧରିବା ଲାଗି ପ୍ରୟାସ ଜାରି ରଖିଛନ୍ତି। ପୋଲିସର ଏକାଧିକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଘଟଣାସ୍ଥଳ ନିକଟରୁ ଚପଲ, କିରାସିନି ଓ ପୋଡ଼ାମାଂସ ଖଣ୍ଡ ଜବତ କରିଛନ୍ତି। ରାଜ୍ୟରେ ପରକୁ ପର ଦୁଇଟି ଦୁର୍ଭାଗ୍ୟଜନକ ହୃଦୟବିଦାରକ ଘଟଣା ସରକାରଙ୍କୁ ବିଶେଷ ବିଚଳିତ କଲା ଭଳି ମନେ ହେଉଛି ଏବଂ ଏହାର ଫଳ ସ୍ୱରୂପ ରାଜ୍ୟର ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟ ଗୁଡ଼ିକର ଛାତ୍ରୀଙ୍କ ପାଇଁ 'ଶକ୍ତିଶ୍ରୀ' ନାମରେ ଏକ ଅଭିନବ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ସାରା ରାଜ୍ୟର ୧୬ଟି ବିଶ୍ୱବିଦ୍ୟାଳୟ ଓ ୭୩୦ଟି କଲେଜରେ ଏହା କାର୍ଯ୍ୟକାରୀ ହେବ ଏବଂ ପ୍ରତିବର୍ଷ ଡିସେମ୍ବର ୩୧ ତାରିଖ ସୁଦ୍ଧା କ୍ୟାମ୍ପସ୍ ସୁରକ୍ଷା ରିପୋର୍ଟ ସରକାରଙ୍କ ନିକଟରେ ଦାଖଲ କରିବାକୁ ପଡ଼ିବ। ଯେକୌଣସି ନିର୍ଯାତନା ସମ୍ପର୍କରେ ପୀଡିତା ଆପ୍‌ରେ ଅଭିଯୋଗ କରିବାର ବ୍ୟବସ୍ଥା କରାଯାଇଛି। ଏଣିକି ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକୁ ସିସିଟିଭି ନଜରରେ ରଖାଯିବାକୁ ନିଷ୍ପତ୍ତି ହୋଇଛି। ରାଜ୍ୟ ସରକାରଙ୍କ 'ଶକ୍ତିଶ୍ରୀ' କାର୍ଯ୍ୟକ୍ରମ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହେଲେ ହେଁ ଏହାର ବାସ୍ତବ କାର୍ଯ୍ୟକାରୀତା ପ୍ରତି ଯଥେଷ୍ଟ ଧ୍ୟାନ ଦେବାକୁ ପଡ଼ିବ।

# କାହାର ଦୋଷ ?



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର,
ଏମ୍-୭୯, ମଧୁସୂଦନ ନଗର, ୟୁନିଟ-୪
ଭୁବନେଶ୍ୱର, ମୋ: ୯୯୩୭୩୪୫୯୦୦

ସାଂପ୍ରତିକ ଏକବିଂଶ ଶତାବ୍ଦୀରେ ମଣିଷ ଯେତେବେଳେ ସ୍ୱୟଂସିଦ୍ଧ, ସେତେବେଳେ ପ୍ରଯୁକ୍ତି ବିଦ୍ୟାର ଉତ୍କର୍ଷରେ ମଣିଷ ନିଜକୁ ଶ୍ରେଷ୍ଠ ବୋଲି ନିଜର ପରିଚୟ ସୃଷ୍ଟି କରିଥାଏ। ମାତ୍ର ପରିଚୟକୁ ଏକ ଦୃଷ୍ଟାନ୍ତରୂପରେଖ କରିବା ପାଇଁ ମଣିଷ ଚିନ୍ତନ କରିବା ଆବଶ୍ୟକ। ପରିଚୟ ମଣିଷକୁ ଜୀବନ୍ତ କରିବାରେ ସାହାଯ୍ୟ କରିଥାଏ, ଯେଉଁଠି ଥାଏ ଭବିଷ୍ୟତର ମାନ୍ୟତା। ଗୋଟିଏ ଜାତି ବା ଦେଶର ମାନ୍ୟତା ସେତେବେଳେ ପରିଚିତ ହୋଇଥାଏ, ଯେତେବେଳେ ତାହା ଭବିଷ୍ୟତ ଦ୍ୱାରା ଆଦୃତ ହୋଇଥାଏ ଓ ଯାହା ଥାଏ ଏକ ଦୃଷ୍ଟାନ୍ତ। ମାତ୍ର ବର୍ତ୍ତମାନର ସମାଜରେ ମଣିଷ ନିଜେ ଦୋଷ କରି ଯେଉଁ ପରିଚୟ ସୃଷ୍ଟି କରୁଛି ତାହା ହେଉଛି ଏକ ସମ୍ବେଦନଶୀଳ ପୃଷ୍ଠା, ଯାହା ଭବିଷ୍ୟତ ପାଇଁ ଏକ ପ୍ରଶ୍ନ ସୃଷ୍ଟି କରିଥାଏ। ଅନେକ ସମୟରେ ଆଜିର ଜୀବନଶୈଳୀରେ ମଣିଷ ନିଜର କର୍ମ ଚାତୁରୀକୁ ପାଥେୟ କରିବା ପାଇଁ ନିଜର ଭୁଲ୍‌କୁ ନିଜେ ମାନିବା ପାଇଁ ନାରାଜ, କାରଣ ମଣିଷ ନିଜର ଶ୍ରେୟଃରେ ନିଜେ ବଳୀୟାନ, ଯାହା ଏକ ମର୍ମସ୍ପର୍ଶୀ ବ୍ୟବସ୍ଥା। କୌଣସି ଭୋଜି ଆଦିରେ ସଭ୍ୟ ମଣିଷ ଯେତିକି ପରିମାଣରେ ଖାଦ୍ୟ ନଷ୍ଟ କରିଥାଏ ତାହା ଏକ ଚିନ୍ତାର ବିଷୟ, ଯାହା ଏ ସମାଜ କିପରି ଗ୍ରହଣ କରିଥାଏ ବିଚାର୍ଯ୍ୟ। ଅର୍ଥ ସେତେବେଳେ ବ୍ୟୟର ନିଜସ୍ୱ ହୋଇଥାଏ, ଯେତେବେଳେ ତାହା ବ୍ୟକ୍ତିର ଅଧୀନ ଓ ସ୍ୱାଭାବିକ ବିଧି ବ୍ୟବସ୍ଥା ମଧ୍ୟରେ ପ୍ରତିଷ୍ଠିତ ହୋଇଥାଏ। ମାତ୍ର ଧନର ଉତ୍ସକୁ ମଣିଷ ନିଜସ୍ୱ ବିଚାର କରିବା କେବଳ ବୋକାମିର ପରିଚୟ। ଧନର ଉତ୍ସ ଯଦି ନଥାନ୍ତା ବା ଖର୍ଚ୍ଚର ବିନିମୟ ଉପଲବ୍ଧ ସାମଗ୍ରୀର ଉପଲବ୍ଧତା ଯଦି ନଥାନ୍ତା ତେବେ ଏ ମଣିଷ ନିକଟରେ ଯେତେ ଧନ ଥିଲେ ତାହା କେଉଁ କାର୍ଯ୍ୟରେ ବିନିଯୋଗ ହୁଅନ୍ତା ? ସଭା ସମିତି, ବିବାହ ଉତ୍ସବ ଆଦିରେ ଯେଉଁ ପରିମାଣରେ ଓ ପ୍ରକାରର ଖାଦ୍ୟ ଉପକରଣ ହୋଇଥାଏ ଓ ତାହାର ବ୍ୟବହାର ତଥା ନଷ୍ଟର ତାଲିକା ଯଦି ପ୍ରସ୍ତୁତ କରାଯାଏ, ତେବେ ଏକ ଅସନ୍ତୁଳିତ ତାଲିକା ସୃଷ୍ଟି ହୋଇଥାଏ। ଏଥିରେ କର୍ତ୍ତା ପ୍ରକାରାନ୍ତରେ ଏକ ଅକ୍ଷମଣୀୟ ଅପରାଧ କରିଥାନ୍ତି, କାରଣ କ୍ଷୁଧା ନିବାରଣ ବା ଉଦର ଶାନ୍ତି ପାଇଁ ଉକ୍ତ ଖାଦ୍ୟ ସାମଗ୍ରୀର ପ୍ରସ୍ତୁତ ହୋଇନଥାଏ। କେବଳ ଆଭିଜାତ୍ୟକୁ ପ୍ରତିପାଦିତ କରିବା ପାଇଁ ଏହା ଉଦ୍ଦିଷ୍ଟ ଥାଏ। ଯେଉଁ ଚାଷୀ ଖାଦ୍ୟ ଦ୍ରବ୍ୟକୁ ଉତ୍ପାଦନ କରିଥାଏ, ତାହାର ଉଦ୍ଦେଶ୍ୟ ଥାଏ ମଣିଷର ଆବଶ୍ୟକତାକୁ ପୂରଣ କରିବ ଓ ତାହା ଜନସେବାରେ ଉପଲବ୍ଧ ହେବ। ମାତ୍ର ଯେଉଁ ସମାଜରେ ମଣିଷ ଖାଦ୍ୟ ପାଇଁ ଅନାହାରରେ ମୃତ୍ୟୁବରଣ କରୁଛି, ସେହି ସମାଜରେ ଖାଦ୍ୟର ଆଭିଜାତ୍ୟ ନଷ୍ଟ ପଦ୍ଧତି ପରୋକ୍ଷରେ ଏକ ନିଅଣ୍ଟ ପରିବେଶ ସୃଷ୍ଟି କରୁଛି ଓ ସମାଜ ଅସନ୍ତୁଳନକୁ ସୃଷ୍ଟି କରୁଛି। ବର୍ତ୍ତମାନ ବିଦ୍ୟୁତ ବ୍ୟବହାର କ୍ଷେତ୍ରରେ ଶକ୍ତିର ଅପଚୟ ଏକ ନିତିଦିନିଆ ମନ୍ଦ ଅଭ୍ୟାସ ହୋଇଗଲାଣି। ଘରୋଇ କ୍ଷେତ୍ରରେ ହେଉ ବା ବ୍ୟବସାୟରେ ହେଉ ଆବଶ୍ୟକତାରୁ ଅଧିକ ବା ପ୍ରୟୋଜନ ନଥାଇ ବିଜୁଳିର ଅସଦ୍ ବ୍ୟବହାର ଅଧିକ ହେଉଅଛି, ଓ ଅନେକ କଳକାରଖାନାରେ ବେପରୁଆ ବିଦ୍ୟୁତର ବ୍ୟବହାର କରି ବିଦ୍ୟୁତ ଦେୟକୁ ଅସତ ଉପାୟରେ ଫାଙ୍କି କରାଯାଉଛି ଓ ଏଥିପାଇଁ ଦୋଷ କାହାର ? ଅନେକ ସମୟରେ ଦିବାଲୋକରେ ବିଦ୍ୟୁତର ଅସଦ ବ୍ୟବହାର ହୋଇଥାଏ, ଯେଉଁଠି ଏ ସମାଜରେ ମଣିଷ ଆଲୁଅ ପାଇଁ ରାତ୍ରିରେ ଅନ୍ଧକାରରେ ଜୀବନ ଅତିବାହିତ କରୁଛି।

ଇନ୍ଧନ କ୍ଷେତ୍ରରେ ମଧ୍ୟ ସମାନ ଅପଚୟର ବ୍ୟବସ୍ଥା। ମଣିଷ ନିଜକୁ ନିଜେ ଏତେ ମାତ୍ରାରେ ଗର୍ବାନ୍ୱିତ ଯେ ସେ ନିଜର ଅର୍ଥକୁ ନିଜେ ନଷ୍ଟ କରିଥାଏ। ବିଦେଶରେ ଅନେକ ସ୍ଥାନରେ କୌଣସି କାରଣ ନଥାଇ ବ୍ୟକ୍ତି ଏଣେତେଣେ ବୁଲାବୁଲି କରି ଇନ୍ଧନ ନଷ୍ଟ କରନ୍ତି ନାହିଁ ଓ ଅଯଥାରେ ଭିଡ ସୃଷ୍ଟି କରି ଟ୍ରାଫିକ ସମସ୍ୟାକୁ ଅଧିକ ଗମ୍ଭୀର କରନ୍ତି ନାହିଁ। ମାତ୍ର ଆମେ ଦୋଷ ଦେବା କାହାକୁ ? ସମାଜରେ ବର୍ତ୍ତମାନ ଲାଞ୍ଚ ନେବା ଓ ଲାଞ୍ଚ ଦେବା ଏକ ନିଆ ଦିଆର ବ୍ୟବସ୍ଥା ହୋଇଗଲାଣି। ଏପରିକି କେତେକ ବ୍ୟକ୍ତି ନୂତନ ସରକାରୀ ଚାକିରି ଆରମ୍ଭ କରିବା ପୂର୍ବରୁ ହିସାବ କରିଥାନ୍ତି ଏଥିରେ ଉପୁରି ବା ଲାଞ୍ଚର ବ୍ୟବସ୍ଥା ଅଛି କି ନାହିଁ, ଯାହା ହେଉଛି କୁତ୍ସିତ ମାନସିକତା। ଲାଞ୍ଚ ନଦେଲେ କାର୍ଯ୍ୟ ସଫଳ ହେବା ଅତୀବ କଷ୍ଟ ବୋଲି ଅନେକ ଅଭିଯୋଗ କରିଥାନ୍ତି। ତେବେ ଦୋଷ କାହାର, ଲାଞ୍ଚ ନେଉଥିବା ବ୍ୟକ୍ତି ନା ଲାଞ୍ଚ ଦେଉଥିବା ବ୍ୟକ୍ତି ନା ଶାସନ ବ୍ୟବସ୍ଥା। ବ୍ୟକ୍ତି ଅନେକ ସମୟରେ ବାରମ୍ବାର ଗୋଟିଏ କାର୍ଯ୍ୟ ପାଇଁ ଯେତେବେଳେ ନିରୂପାୟ ହୋଇଯାଏ, ସେତେବେଳେ ଉକ୍ତ ଲାଞ୍ଚ ବ୍ୟବସ୍ଥାକୁ ଇଚ୍ଛା ବିରୁଦ୍ଧରେ ବ୍ୟବହାର କରି କାର୍ଯ୍ୟ ହାସଲ କରିଥାଏ। ଅନ୍ୟ ପ୍ରକାରରେ କେତେକେ ଅସାଧୁ ବ୍ୟକ୍ତି ସାମୂହିକ କାର୍ଯ୍ୟକୁ ଅସାଧୁ ଉପାୟରେ କରିବା ପାଇଁ ଲାଞ୍ଚ ଦେଇ କାର୍ଯ୍ୟ ସିଦ୍ଧି କରି ଉକ୍ତ ରାସ୍ତାର ସମସ୍ତ ପାହାଚରେ ଲାଞ୍ଚ ବ୍ୟବସ୍ଥା କରି କାର୍ଯ୍ୟସିଦ୍ଧି କରିଥାଏ ଯାହା ଥାଏ ନିମ୍ନମାନର କାର୍ଯ୍ୟ। ତେବେ ଦୋଷ କାହାର ? ଶିକ୍ଷା କ୍ଷେତ୍ରରେ ବର୍ତ୍ତମାନ ଅନେକ ଶିକ୍ଷାନୁଷ୍ଠାନ ଗୁଡିକ କେଉଁ ମାତ୍ରାରେ ଗଢି ଉଠିଛି ଓ କେଉଁ ସ୍ତରରେ ରହିଛି ତାହା ଜନସାଧାରଣଙ୍କୁ ବେଶ ଜଣା। ଉକ୍ତ ପର୍ଯ୍ୟାପ୍ତ ଶିକ୍ଷାନୁଷ୍ଠାନ ମାନଙ୍କରେ କେତେ ହାରରେ ଶିକ୍ଷିତ ବା ଜ୍ଞାନୀ ବ୍ୟକ୍ତି ସୃଷ୍ଟି ହେଉଛନ୍ତି ତାହା ଏ ସମାଜକୁ ଜଣା। ଶିକ୍ଷାନୁଷ୍ଠାନର ଅୟମାରମ୍ଭରୁ ସୃଷ୍ଟି ହୋଇଥାଏ ଅସାଧୁ ଉପାୟରେ ଶିକ୍ଷାନୁଷ୍ଠାନର ସ୍ଥିତି। ଶିକ୍ଷାନୁଷ୍ଠାନରେ ପିଲା କିପରି ଜ୍ଞାନୀ ଓ ପାଠ ପଢାରେ ମନୋନିବେଶ କରିବେ ସେଥିପ୍ରତି ଶିକ୍ଷକ ବା ଶିକ୍ଷାନୁଷ୍ଠାନ ଯେତିକି ଯତ୍ନବାନ ହୋଇନଥାଏ, ତାହାଠାରୁ ଅଧିକ ଯତ୍ନବାନ ହୋଇଥାନ୍ତି ପିଲାମାନେ କିପରି ଅସାଧୁ ଉପାୟରେ ପରୀକ୍ଷାରେ ପାସ୍ ହେବେ। ମାତ୍ର ସମସ୍ତ ଶିକ୍ଷାନୁଷ୍ଠାନ ଯେ ଅସାଧୁ ଉପାୟ ଅବଲମ୍ବନ କରିଥାନ୍ତି ତାହା ନୁହେଁ କିନ୍ତୁ ଅସାଧୁ ଉପାୟର ମାତ୍ରା ଏତେ ବଢିଯାଇଛି ଯେ ସେଥିରେ ସକାରାତ୍ମକ ଶିକ୍ଷାନୁଷ୍ଠାନ ଗୁଡିକ ଲୁକ୍କାୟିତ ହୋଇରହୁଛନ୍ତି। ପିଲା ପାସ୍ ହେବା ପାଇଁ ଅନେକ ଶିକ୍ଷକ, ଶିକ୍ଷାନୁଷ୍ଠାନ ଓ ଅଭିଭାବକ ଯଥେଷ୍ଟ ଉଦ୍ୟମ କରିଥାନ୍ତି ଓ ଏଥିରେ ଦୋଷ କାହାର ?

ରାଜନୀତିରେ ନିର୍ବାଚନ ସମୟରେ ଭୋଟ ଜବରଦଖଲ, ଘରେଘରେ ଉପହାର ବା ଉତ୍କୋଚ ବଣ୍ଟନ, ମାତ୍ରାଧିକ ଭୟ ଆତଙ୍କର ସମଷ୍ଟିରେ ଭୋଟ ଗ୍ରହଣ ଇତ୍ୟାଦି ପାଇଁ ଦୋଷ ଦେବା କାହାକୁ, ଜନତାଙ୍କୁ ନା ନିର୍ବାଚନ ପ୍ରାର୍ଥୀଙ୍କୁ ନା ସରକାରଙ୍କ ବ୍ୟବସ୍ଥାକୁ ? ଖାଦ୍ୟରେ ଅପମିଶ୍ରଣ ବର୍ତ୍ତମାନ ଏକ ଲାଭଜନକ ବ୍ୟବସାୟ ହୋଇ ଗଲାଣି ଓ ଯିଏ ଯେତେ ଅଧିକ ଅପମିଶ୍ରଣ କରିଥାଏ ସେ ନିଜକୁ ସେତେ ଶାନ୍ତି ପାଇଥାଏ ଯେ 'ମୁଁ ଏତିକି କରିପାରିଛି'। ଜଣାଯାଏ ଯେପରି ଗୋଟିଏ ମହତ କାର୍ଯ୍ୟ କରିଛନ୍ତି ଖାଦ୍ୟରେ ଅପମିଶ୍ରଣ କରି। ବର୍ତ୍ତମାନ ଏହା ବ୍ୟାଧି ଭଳି ସୃଷ୍ଟି କରୁଛି ଏକ ମହା ବିପତ୍ତି, ଯାହା ମଣିଷର ଜୀବନକୁ ଦୁର୍ବିସହ କରି ସାରିଲାଣି। ତେବେ ଏଥିପାଇଁ ମଣିଷପଣିଆକୁ ଦୋଷ ଦେବା ନା ବିବେକକୁ ଦୋଷ ଦେବା ନା ସଭ୍ୟତାକୁ ଦୋଷ ଦେବା ? ପୋଷାକରେ ବର୍ତ୍ତମାନ ଶାଳୀନତାର ପ୍ରଶ୍ନ ରହୁ ନାହିଁ ଓ ସାର୍ବଜନୀନ ସ୍ଥାନ ମାନଙ୍କରେ ଯିଏ ଯେତେ ଛୋଟ ଓ ଚିରା ଫଟା ପିନ୍ଧିପାରିଲା ସିଏ ସେତେ ଆଭିଜାତ୍ୟ ବୋଲି ନିଜକୁ ଗର୍ବ କରିଥାଏ। ସାମାଜିକ ସଂସ୍କୃତିକୁ ଧିକ୍କାର ଦେଇ ପାରିବାରିକ ସମର୍ଥନ ବା ଅସମର୍ଥନରେ ଅଦୃଶ୍ୟ ପୋଷାକ ପରିଧାନ କରି ବ୍ୟକ୍ତି ନିଜକୁ ଅତ୍ୟନ୍ତ ଗୁଣବନ୍ତ ବୋଲି ବିବେଚନା କରିଥାଏ। ତେବେ ଏଥିରେ ଦୋଷ କାହାର ? ମଦ ଓ ଅନ୍ୟ ନିଶାରେ ଆସକ୍ତ ହୋଇ ସାମାଜିକ ଜୀବନକୁ ଭୀତତ୍ରସ୍ତ କରିବା ଓ ଅନ୍ୟମାନଙ୍କୁ ବାଧକ ସୃଷ୍ଟି କରିବା ଯେପରି ଏକ ଅଣ ସ୍ୱୀକୃତି ଶୃଙ୍ଖଳା ହୋଇଗଲାଣି। ନିଶା ସେବନ ପାଇଁ ସରକାର ସ୍ଥାନ ନିରୂପଣ କରିଥାନ୍ତି, ପୁଣି ସରକାର ସେଥିରୁ ଧନ ପ୍ରାପ୍ତି କରିଥାନ୍ତି ଓ ସରକାର ମଧ୍ୟ ଆଇନ ଶୃଙ୍ଖଳା ପାଇଁ ଅଧିକ ଶ୍ରମ ଓ ଧନ ବ୍ୟବହାର କରିଥାନ୍ତି। ଏତଦବ୍ୟତୀତ ନିଶା ଉତ୍ପତ୍ତି, ବିକ୍ରି ପାଇଁ ସ୍ୱୀକୃତି ଦେଇ ବ୍ୟବହାର ନକରିବା ପାଇଁ ବିଜ୍ଞାପନ ଆଦି ମାନଙ୍କରେ ଅନେକ ଅର୍ଥ ନଷ୍ଟ କରିଥାନ୍ତି ଓ ଜନସାଧାରଣଙ୍କୁ ମଧ୍ୟ ସଚେତନ କରିଥାନ୍ତି ନିଶା ସେବନ ନକରିବା ପାଇଁ, ତେବେ ଏଥିପାଇଁ ଦୋଷ କାହାର ? ଯାତ୍ରା ସିନେମା ଆଦିରେ ନଗ୍ନ ନୃତ୍ୟ ଓ ଅଶ୍ଳୀଳ ଭାଷାର ଦ୍ୱିଅର୍ଥ ବୋଧକ ଉକ୍ତି ତଥା ଚିକିତ୍ସା ସେବାରେ ଅନିୟମିତତା ଆଦିରେ ଯେଉଁ ପରିସ୍ଥିତି ସୃଷ୍ଟି ହେଉଛି ସେଥିରେ ଦୋଷ କାହାର ? ଅତଏବ ମଣିଷ ପ୍ରଥମେ ନିଜକୁ ଦୋଷୀ ସାବ୍ୟସ୍ତ କରିବା ଉଚିତ୍ ଓ ଦୋଷର ନିରାକରଣ ପାଇଁ ପ୍ରତିରୋଧ କରି ନିଜେ ସଂଶୋଧିତ ହେଲେ ସମଗ୍ର ପଦ୍ଧତି ନିଶ୍ଚୟ ଦିନେ ଦୋଷମୁକ୍ତ ହୋଇଯିବ ଓ ସେତେବେଳେ ସୃଷ୍ଟି ହେବ ନାହିଁ ବିଦ୍ୱେଷର ବହ୍ନି 'କାହାର ଦୋଷ'।

# ଧର୍ମ ମାସ ଶ୍ରାବଣ, ଶିବ ଉପାସନା ଓ ବୋଲବମ୍ ଯାତ୍ରା



ବିକ୍ରମ କେଶରୀ ବିଶ୍ୱାଳ
ଯାଜପୁର ରୋଡ୍, ଯାଜପୁର
ମୋ: ୯୯୩୮୫୩୬୦୭୬

ପ୍ରାଚୀନ ହିନ୍ଦୁ ଧର୍ମଶାସ୍ତ୍ର ଅନୁଯାୟୀ ଶ୍ରାବଣ ମାସର ପ୍ରତ୍ୟେକ ଦିନ ପବିତ୍ର। ଏହି ମାସରେ ଭଗବାନ ଶିବ, ଗୌରୀ, କୃଷ୍ଣ ଓ ଲକ୍ଷ୍ମୀଙ୍କୁ ପୂଜା କରାଯାଏ। ବିଶେଷତଃ ଶିବ ମନ୍ଦିରମାନଙ୍କରେ ସ୍ୱତନ୍ତ୍ର ପୂଜାପାଠ କରାଯାଏ। ଏହି ମାସର ସୋମବାରଗୁଡ଼ିକ ମହତ୍ୱପୂର୍ଣ୍ଣ ହୋଇଥିଲେ ହେଁ ସମସ୍ତେ ପ୍ରତ୍ୟେକ ଦିନ ସାୟଂକାଳରେ ଶିବ ମନ୍ଦିର ଦର୍ଶନ କରିବା ସହ ଜଳାଭିଷେକ କରିବା ଉଚିତ୍। ଶ୍ରାବଣ ମାସର ଜଳାଭିଷେକକୁ ରୁଦ୍ରାଭିଷେକ କୁହାଯାଏ। ଏହି ମାସରେ ଶିବଙ୍କର ରୁଦ୍ର ଅବତାରଙ୍କୁ ପୂଜା କରିବା ବିଧି। ଏହାଦ୍ୱାରା ସମସ୍ତ ଦୁଷ୍ଟ-ଶିବଶକ୍ତିଙ୍କ କବଳରୁ ମୁକ୍ତି ମିଳେ। କାମନା ପୂରଣ ହୁଏ ଏବଂ ସମୃଦ୍ଧି ପ୍ରାପ୍ତ ହୁଏ। ନିଜର ସମସ୍ତ ପାପ ଧୋଇବା ଲାଗି ଏହି ମାସରେ ରୁଦ୍ରାଭିଷେକ କରାଯାଏ। ଦୁଗ୍ଧ ମହୁ, ବେଲପତ୍ର, ଦଧି, ଶର୍କରା, ଘୃତ ଓ ପୁଷ୍ପ ଅର୍ପଣ କରାଯାଏ। ସର୍ବଦା ପ୍ରଦୋଷ ବା ସାୟଂକାଳରେ ରୁଦ୍ରାଭିଷେକ କରଣୀୟ। ଶ୍ରାବଣ ମାସର ଶନିବାରଗୁଡ଼ିକ ମଧ୍ୟ ଧାର୍ମିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ। ଏହି ଶନିବାରଗୁଡ଼ିକରେ ଶନିଦେବଙ୍କୁ ପୂଜା କଲେ ଶନିଦଶାରୁ ମୁକ୍ତି ମିଳେ। ଶ୍ରାବଣରେ ଶନି-ପୂଜା କରି ରାଜା ଦଶରଥ ଶନି-ଦୋଷ ମୁକ୍ତ ହୋଇଥିବା ପୁରାଣରେ ଉଲ୍ଲେଖିତ।

ହିନ୍ଦୁ ପଞ୍ଜାଙ୍ଗରେ ପଞ୍ଚମ ମାସ ହେଉଛି ଶ୍ରାବଣ। ତେବେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଯେଉଁ ନକ୍ଷତ୍ରରେ ରହନ୍ତି, ସେହି ଅନୁସାରେ ମାସର ନାଁ ରଖାଯାଏ। ଏହି ପ୍ରକାରେ ଏହି ମାସ ଯେତେବେଳେ ଆରମ୍ଭ ହୁଏ, ସେତେବେଳେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଶ୍ରବଣା ନକ୍ଷତ୍ରରେ ବିରାଜମାନ ହୋଇଥାନ୍ତି। ସେଥିପାଇଁ ଏହି ମାସ ଶ୍ରାବଣ ନାଁରେ ପରିଚିତ। ଭଗବାନ ଶିବଙ୍କୁ ବିଭିନ୍ନ କାରଣ ପାଇଁ ଶ୍ରାବଣ ମାସ ବେଶ ପ୍ରିୟ। କୁହାଯାଏ ଏହି ମାସରେ ମାତା ପାର୍ବତୀ ବର ଭାବେ ଶିବଙ୍କୁ ପାଇବା ପାଇଁ ବ୍ରତ ରଖିଥିଲେ ଓ ତପସ୍ୟା ବି କରିଥିଲେ। ସେଥିପାଇଁ ଏହି ମାସ ଭଗବାନ ଶିବଙ୍କର ଅତି ପ୍ରିୟ। ସମୁଦ୍ର ମନ୍ଥନରୁ ବାହାରିଥିବା ହଳାହଳ ବିଷକୁ ଯେତେବେଳେ ମହାଦେବ ପାନ କଲେ ସେତେବେଳେ ତାଙ୍କ ଶରୀରର ତାପ ବଢ଼ିଲା ଏବଂ ଏହି ତାପକୁ କମ୍ କରିବା ପାଇଁ ଭଗବାନ ଶିବଙ୍କ ଉପରେ ଦେବତାମାନେ ଜଳବର୍ଷା କଲେ। ଏହାଦ୍ୱାରା ଶିବଙ୍କୁ ଶୀତଳତା ମିଳିଥିଲା। ସେହିପରି ଶ୍ରାବଣ ମାସରେ ବର୍ଷା ହୁଏ। ଏ ଦୃଷ୍ଟିରୁ ଏହା ହେଉଛି ଭଗବାନ ଶିବଙ୍କ ପ୍ରିୟ। ଅନ୍ୟପଟେ ଏହି ମାସରେ ଭଗବାନ ବିଷ୍ଣୁ ଯୋଗନିଦ୍ରାରେ ଥିବାରୁ ସୃଷ୍ଟିର କାର୍ଯ୍ୟଭାର ଭଗବାନ ଶିବ ସମ୍ଭାଳିଥାନ୍ତି। ଏହି ତମାମ ମାସ ଶିବ ପ୍ରସନ୍ନ ମୁଦ୍ରାରେ ରହନ୍ତି। ଏଣୁ ଏହି ସମୟରେ ରୁଦ୍ରାଭିଷେକ କରିବା ଶୁଭ ବୋଲି ବିବେଚନା କରାଯାଏ। ଶିବଙ୍କୁ ପ୍ରସନ୍ନ କରିବା ପାଇଁ ସରଳ ଜୀବନ ଅତିବାହିତ କରିବା ଭଲ। ଏହି ମାସରେ ତାମସିକ ଭୋଜନକୁ ତ୍ୟାଗ କରି ଶିବ ମନ୍ତ୍ରକୁ ଜପ କରିବା ଦରକାର। ସୋମବାର ବ୍ରତ ରଖିବା ଉତ୍ତମ। ଶ୍ରାବଣ ମାସରେ ଶିବଲିଙ୍ଗରେ କ୍ଷୀର, ବେଲପତ୍ର, କେତକୀ ଫୁଲ ଅର୍ପଣ କଲେ ସମସ୍ତ ମନସ୍କାମନା ପୂରଣ ହୁଏ।

ବୋଲବମ୍ କହିଲେ ଶ୍ରାବଣ ମାସରେ ଜଳାଭିଷେକ କରିବା ପାଇଁ ଶିବ ମନ୍ଦିର ଉଦ୍ଦେଶ୍ୟରେ କରାଯାଉଥିବା ଧାର୍ମିକ ପଦଯାତ୍ରାକୁ ବୁଝାଯାଏ।





ଓଡ଼ିଶାର ବିଭିନ୍ନ ଶୈବ କ୍ଷେତ୍ରରେ ଏହି ଉତ୍ସବ ପାଳନ କରାଯାଇଥାଏ। ଆଷାଢ଼ ପୂର୍ଣ୍ଣିମା ଠାରୁ ଆରମ୍ଭ କରି ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ସମସ୍ତ ସୋମବାରରେ ବିଭିନ୍ନ ଶିବାଳୟରେ ଭକ୍ତମାନେ ଶିବଙ୍କ ମସ୍ତକରେ ଜଳ ଢ଼ାଳିଥାନ୍ତି। ବୋଲ୍‌ବମ୍ ଯାତ୍ରାରେ ଭାଗ ନେଉଥିବା ଭକ୍ତମାନଙ୍କୁ କାଉଡିଆ କୁହାଯାଏ। ଭକ୍ତମାନେ ଗେରୁଆବସ୍ତ୍ର ପରିଧାନ କରି କାନ୍ଧରେ କଳସୀ ଭାର ଧରି ଚାଲି ଚାଲି ସଂପୂର୍ଣ୍ଣ ପଥ ଅତିକ୍ରମ କରିଥାନ୍ତି। ସେମାନେ କୌଣସି ନଦୀ ବା ଜଳାଶୟରୁ ଜଳନେଇ ମହାଦେବ ମନ୍ଦିରର ଶିବଲିଙ୍ଗ ଉପରେ ଜଳ ଢ଼ାଳନ୍ତି। ବିଶେଷକରି ଶ୍ରାବଣ ମାସର ପ୍ରତି ସୋମବାରରେ କାଉଡିଆଙ୍କ ଯାତ୍ରା ନର୍ମଦାରୁ ମହାକାଳ ପର୍ଯ୍ୟନ୍ତ, ଗଙ୍ଗାରୁ ନୀଳକଣ୍ଠ ମହାଦେବ, ବୈଦ୍ୟନାଥ ଧାମ, ଗୋଦାବରୀରୁ ତ୍ରିମ୍ବକ, ଗଙ୍ଗାରୁ କେଦାରେଶ୍ୱର ପର୍ଯ୍ୟନ୍ତ ଦୃଶ୍ୟମାନ ହୋଇଥାନ୍ତି।

କାଉଡିଆ ଯାତ୍ରାରେ ନିତ୍ୟକର୍ମରେ ଶୁଦ୍ଧ ଓ ପବିତ୍ର ହୋଇ ବରୁଣ ଦେବତାକୁ ପୂଜନ କରି ଜଳକୁ ତମ୍ବା, ପିତ୍ତଳ, ଚାନ୍ଦି ପାତ୍ରରେ ଜଳ ଭରି କରାଯାଇଥାଏ। ମାଟି ପାତ୍ରରେ ସଂଗୃହୀତ ଜଳରେ ବ୍ରହ୍ମା ରହିଥାନ୍ତି। କିନ୍ତୁ ଏହାର ପବିତ୍ରତା ଉପରେ ସତର୍କତା ଅବଲମ୍ବନ କରିବା ଉଚିତ୍। ଜଳସ୍ରୋତରୁ ଥରେ ଜଳ ଭରିକରି ତାକୁ ଅଭିଷ୍ଟ କର୍ମ ପୂର୍ବ ଅର୍ଥାତ୍ ଶିବଙ୍କୁ ଅର୍ପଣ କରିବା ପୂର୍ବରୁ ଭୂମିରେ ରଖିବା ଅନୁଚିତ। ଅଶୌଚ ସମୟରେ କାଉଡିଆମାନେ ନିଜ ସାଥୀଙ୍କୁ ଧରାଇବା ବା କୌଣସି ଉଚ୍ଚ ଯାଗାରେ ରଖିବା ଉଚିତ୍। ଯେପରି ଭାରଟି ଭୂମିକୁ ସ୍ପର୍ଶ କରୁନଥିବ। ଯଦି କୌଣସି କାରଣବଶତଃ କାଉଡିଆ ଯାତ୍ରା କରିବା ସମୟରେ ଅଶୌଚ ହୋଇଥିବ ସେ ପୁଣି ଥରେ ନଦୀରେ ସ୍ନାନ କରି ମନ୍ତ୍ରଉଚ୍ଚାରଣ କରି ଜଳ ଭରି ଯାତ୍ରା କରିବା ଉଚିତ୍। ସୂର୍ଯ୍ୟୋଦୟର ଦୁଇ ଘଣ୍ଟା ପୂର୍ବରୁ ଓ ସୂର୍ଯ୍ୟାସ୍ତର ଦୁଇଘଣ୍ଟା ପରେ କାଉଡିଆ ଯାତ୍ରା କରିବାର ନିୟମ ରହିଛି।

ଆନନ୍ଦ ରାମାୟଣରେ ଲେଖାଅଛି ଯେ, ତ୍ରେତୟା ଯୁଗରେ ଭଗବାନ ରାମ କାଉଡିଆ ସାଜି ସୁଲତାନଗଞ୍ଜ ନିକଟ ଗଙ୍ଗାରୁ ଜଳ ସଂଗ୍ରହ କରି ବୈଦ୍ୟନାଥ ଧାମରେ ଭଗବାନ ଶିବଙ୍କୁ ଜଳାଭିଷେକ କରୁଥିଲେ। ଲଙ୍କାପତି ରାବଣ ମଧ୍ୟ କାଉଡିଆ ସାଜି ଶିବଙ୍କୁ ଜଳାଭିଷେକ କରୁଥିଲେ କାରଣ ସେ ଥିଲେ ପରମ ଶିବ ଭକ୍ତ। ଏହିପରି ଆଉ ଜଣେ ହେଲେ ଭୂତନାଥ ଭୈରବ। ସେ ମଧ୍ୟ ଶିବଙ୍କୁ କାଉଡି ଜଳରେ ସ୍ନାନ କରାଉଥିଲେ। ଏଥିରୁ ପ୍ରମାଣିତ ହୁଏ ଯେ, କାଉଡିଆଙ୍କ ଜଳାର୍ପଣ ପରମ୍ପରା ବହୁତ ପ୍ରାଚୀନ। ଏହା କେବଳ ଆମ ରାଜ୍ୟରେ ସୀମାବଦ୍ଧ ନୁହେଁ। ସମଗ୍ର ଭାରତରେ ହିନ୍ଦୁ ଶିବଭକ୍ତ ମଧ୍ୟରେ ଏହା ପ୍ରଚଳିତ।

ପାପ ପୁଣ୍ୟ ବ୍ୟକ୍ତିଗତ କର୍ମର ଫଳ। ଏଣୁ ଜଣେ ଭକ୍ତ ନିଜ ଭକ୍ତିର ପରାକାଷ୍ଠା ନେଇ ତା'ଫଳ ପାଏ। ଜଣେ କାଉଡିଆ ଯଦି ନିଜେ ଭକ୍ତ, ସେ ତା'ର ପୁଣ୍ୟ ଫଳ ଅବଶ୍ୟ ପାଇବ। ଅନେକ ବ୍ୟକ୍ତିବିଶେଷ ଓ ଆଧ୍ୟାତ୍ମିକ ସଂଗଠନମାନେ ଏହି କାଉଡିଆଙ୍କ ସେବା କାର୍ଯ୍ୟ ନିମିତ୍ତ ବିଭିନ୍ନ ଆନୁଷ୍ଠାନିକ ସେବା ସମ୍ପାଦନ କରୁଛନ୍ତି। ବିଧିପୂର୍ବକ ଭାବେ ମହାଦେବଙ୍କୁ ଜଳାଭିଷେକ କରି ତିନିଥର ସେହି ଜଳକୁ ଗ୍ରହଣ କରିବା ଉଚିତ୍। ଏହାଦ୍ୱାରା ଶାରୀରିକ, ମାନସିକ ସ୍ତରରେ ଥିବା ସମସ୍ତ ଦୋଷ ଦୂର ହୋଇଯାଇଥାଏ। ସର୍ବପ୍ରଥମେ ମାନସିକ ଓ ଆଧ୍ୟାତ୍ମିକ ଭାବରେ ନିଜକୁ ପବିତ୍ର କଲାପରେ ଭଗବାନଙ୍କୁ ନାମ ସ୍ମରଣ ଦ୍ୱାରା ବୋଲବମ୍ ଯାତ୍ରା ସଫଳ ହୋଇଥାଏ। ବିଶ୍ୱାସ ରହିଛି ଧର୍ମ-ଅର୍ଥ-କାମ-ମୋକ୍ଷ ସମ୍ବନ୍ଧିତ ସମସ୍ତ ଇଚ୍ଛା ତୁରନ୍ତ ପୂର୍ଣ୍ଣ ହୋଇଥାଏ।

# ପ୍ରେମର ପୃଥିବୀରେ ଅସହାୟ ମଣିଷ



ମୀରା ବେଉରା
ଦେଉଳ ସାହି, ତୁଳସୀପୁର, କଟକ
ମୋ: ୯୮୫୩୩୫୦୩୮୪

ଏଲିଜା ବେଥ ଗିଲବର୍ଟ ଆମେରିକା ର ଜଣେ ବିଖ୍ୟାତ ଔପନାସିକ, ସ୍ତମ୍ଭକାର ଓ ଅଭିନେତ୍ରୀ ଯିଏ ଅନେକ ପୁସ୍ତକ ରଚନା କରିଛନ୍ତି। ତାଙ୍କ ରଚିତ Eat, pray, Love ଅର୍ଥାତ୍ ଖାଅ, ପ୍ରାର୍ଥନା କର ଓ ଭଲପାଅ ଗ୍ରନ୍ଥଟି ସେଦିନ ଲକ୍ଷ ଲକ୍ଷ ସଂଖ୍ୟାରେ ବିକ୍ରିହୋଇ ଅତୁଳନୀୟ ଲୋକପ୍ରିୟତା ହାସଲ କରିଥିଲା। ପ୍ରେମକୁ ନେଇ ସେ ତାଙ୍କ ଜୀବନର ଅନେକ ଘଟଣା ଏଥିରେ ବର୍ଣ୍ଣନା କରିଥଲେ। ହଁ ବନ୍ଧୁଗଣ ଗୋଟିଏ କଥା ସବୁଠୁ ଆଶ୍ଚର୍ଯ୍ୟ ଲାଗେ ଯେ ଆଜିର ମଣିଷ ପକ୍ଷୀ ପରି ଆକାଶରେ ଉଡି ପାରୁଛି, ମାଛ ପରି ପାଣିରେ ପହଁରି ପାରୁଛି, ହାତ ପାପୁଲିରେ ମୋବାଇଲ୍ ଧରି ସମଗ୍ର ବିଶ୍ୱକୁ ଦେଖୁଛି ଏବଂ ସୁସମ୍ପର୍କ ମଧ ରଖି ପାରୁଛି ଅଥଚ ମଣିଷ ଭଳି ମଣିଷ ମେଳରେ ରହିବା ଶିଖି ପାରୁନି। ସବୁଠୁ ଅଧିକ ଆଶ୍ଚର୍ଯ୍ୟର କଥା ହେଉଛି ମଣିଷମେଳରେ ମଧ ମଣିଷଟିଏ ସୁରକ୍ଷିତ ନୁହେଁ। ବେଳେବେଳେ ଦେଖା ଯାଉଛି ମଣିଷଟିଏ ପାଖ ମଣିଷ ଠାରୁ ସ୍ନେହ, ପ୍ରେମ, ଶ୍ରଦ୍ଧା, ସମ୍ମାନ ଓ ଭଲପାଇବା ପାଇବା ପରିବର୍ତ୍ତେ ଇର୍ଷା, ଘୃଣା ଓ ନିରାଶର ଶିକାର ହୋଇ ବଡ଼ ଅସହାୟ ଅବସ୍ଥାରେ ଆତ୍ମହତ୍ୟା ଭଳି ଚରମ ନିଷ୍ପତି ଗ୍ରହଣ କରିବାକୁ ମଧ ଭୁଲୁନାହିଁ।

ସତ କହିବାକୁ ଗଲେ ଆଜିର ଅତ୍ୟାଧୁନିକ ମଣିଷ ଯେତିକି ଯେତିକି ଉନ୍ନତିର ଚରମ ଶିଖରରେ ପହଂଚୁଛି ସେତିକି ସେତିକି ଦୁଃଖ ଦୁର୍ଦ୍ଦଶାକୁ ପ୍ରତି ମୁହୂର୍ତ୍ତରେ ଭେଟୁଛି। ଏମିତି କୌଣସି କ୍ଷେତ୍ର ନାହିଁ ଯେଉଁ କ୍ଷେତ୍ରରେ ସେ ତା'ର ସଫଳତା ହାସଲ କରିପାରିନାହିଁ। କିନ୍ତୁ ଦୁଃଖ କେବଳ ଏତିକି ଯେ ମଣିଷ ଯେତିକି ଯେତିକି ଉନ୍ନତିର ପାହାଚ ଚଢୁଛି ସେତିକି ସେତିକି ଦୁଃଖ ଦୁର୍ଦ୍ଦଶା ଓ ହତାଶ ଭାବକୁ ନିମନ୍ତ୍ରଣ କରୁଛି। ମଣିଷ ଯେମିତି ଗୋଟିଏ ଯନ୍ତ୍ର ପାଲଟି ଯାଇଛି କହିଲେ ଆଦୌ ଭୁଲ୍ ହେବନାହିଁ। ଖୁସିକୁ ଖୋଜି ଖୋଜି ମାରିଚିକା ପରି ଦୁଃଖକୁ ପାଉଛି। ଖୁସିର ସଂଜ୍ଞା ତା'ର ଚେତନାରେ ଭିନ୍ନ ଏକ ରୂପ ନେଇଛି। ପ୍ରତିମୁହୂର୍ତ୍ତରେ ପ୍ରତିଯୋଗିତା ଭିତ୍ତିରେ ଦୌଡୁଛି ଆଗକୁ ଆଗକୁ। ଆଜି ଯଦିଓ ରୋଗ ପ୍ରତିଷେଧକ ଟୀକା ଦ୍ୱାରା ମୃତ୍ୟୁହାର କମି ଯାଇଛି କିନ୍ତୁ ଆଉ ଗୋଟିଏ ଦିଗରେ ଆତ୍ମହତ୍ୟା ଜନିତ ମୃତ୍ୟୁହାର ବୃଦ୍ଧି ପାଇବାରେ ଲାଗିଛି। ବିଶେଷ କରି ଯୁବପିଢ଼ିଙ୍କ ଭିତରେ ପ୍ରେମ, ବିବାହ ଏହା ପରେ ପ୍ରତାରଣା, ପରେ ବିବାହ ବିଚ୍ଛେଦ ଶେଷରେ ଆତ୍ମହତ୍ୟା ଭଳି ଚରମ ନିଷ୍ପତି। ପ୍ରତିଦିନ ଏହିଭଳି ଅନେକ ଘଟଣା ଚଳଚ୍ଚିତ୍ର ପରି ଆମ ଆଖି ସମ୍ମୁଖରେ ଘଟିଯାଇଛି। ଶରୀର ଯେତିକି ରୋଗମୁକ୍ତ ହେଉଛି ଜୀବନ ସେତିକି ଆହୁରି ଆହୁରି ଦୁର୍ବିସହ ହୋଇପଡିଛି। ନିଜକୁ ସୋସିଆଲ ମିଡ଼ିଆରେ, Instagram, ଓ WhatsAppର ଷ୍ଟାଟସ୍‌ରେ ଯେତିକି ଖୁସିଅଛି ବୋଲି ପ୍ରଦର୍ଶନ କରୁଛି ପ୍ରକୃତରେ ସେ ସେତିକି ଖୁସି ରହିପାରୁନି। ବାହାରକୁ ଖୁସି ଦେଖାଯାଉଥିବା ମଣିଷଟି ସତରେ ଯେ କେତେ ଅସହାୟ ହୋଇ ଜୀବନ ଯୁଦ୍ଧରେ ପରାଜିତ ହୋଇ ପ୍ରତିମୁହୂର୍ତ୍ତରେ ଲୁହ ଲହୁକୁ ଏକାଠି କରି ମୃତ୍ୟୁସହ ଲଢୁଛି ତାହା କେବଳ ସେହି ଲୋକଟି ହିଁ କହିପାରିବ। ଗୋଟିଏ ପଟେ ଆମେ ବାଣିଜ୍ୟ, କୃଷି, ବିଜ୍ଞାନ, କଳା, ସଂସ୍କୃତି ଆଦିରେ ଯେତିକି ପାରଦର୍ଶିତା ଅର୍ଜନ କରିଛୁ ଆଉ ଗୋଟିଏ ପଟେ ଜୀବନ ଜୀଇଁବାର କଳାକୁ ଭୁଲିବାରେ ଲାଗିଛୁ। ଆଜି ପ୍ରତ୍ୟେକ ଯୁବପିଢି ନୈରାଶ୍ୟ ଓ ତତ୍‌ଜନିତ ବୈରାଗ୍ୟଜନିତ ବ୍ୟାଧିରେ ପୀଡ଼ିତ। ସେ ଭୁଲି ଯାଉଛି ଯେ ସଙ୍ଘର୍ଷ ହିଁ ସୁସ୍ଥ ସୁନ୍ଦର ନିରାମୟ ଜୀବନର ମୂଳ ରହସ୍ୟ। ସଙ୍ଘର୍ଷହୀନ ଜୀବନ ମୂଲ୍ୟହୀନ ଜୀବନ। ଛୋଟ ଛୋଟ ଖୁସି ଆମକୁ ଆଉ ଆନନ୍ଦ ଦେଇପାରୁନାହିଁ। କୃତଜ୍ଞତାର ଅଭିଧାନକୁ ଧୀରେ ଧୀରେ ପାସୋରି ଗଲୁଣି। ଯାହା ମିଳିଛି ସେ ପ୍ରାପ୍ୟ ବିଷୟରେ ଆମେ ଖୁସି ନରହି କେତେକ ଅପ୍ରାପ୍ୟ ବସ୍ତୁ ପଛରେ ଗୋଡ଼ାଇ ଗୋଡ଼ାଇ ନିଜ ହାତମୁଠାରେ ପାଉଥିବା ଖୁସିକୁ ଦଳିଚକଟି ନଷ୍ଟ କରିଦେଉଛନ୍ତି।

କିଏ ଜାଣିଥିଲା ଇତିହାସରେ ବାରମ୍ବାର ଫେଲ୍ ହେଉଥିବା ଛାତ୍ରଟି ଦିନେ କେବଳ ଭାରତବର୍ଷରେ ନୁହେଁ ସମଗ୍ର ବିଶ୍ୱରେ ଇତିହାସ ରଚିବ ବୋଲି। ସାମାନ୍ୟ ଲୁଣମରା ଅଭିଯାନରୁ ଦେଶରେ ଏତେବଡ଼ ସ୍ୱରାଜ ଆଣିପାରିବ। ଜେକେ ରୋଲିଁ କେତେ ସଂଘର୍ଷ ପରେ ହ୍ୟାରିପୋର୍ଟର ପୁସ୍ତକ ଲେଖି ରାତାରାତି ଲୋକପ୍ରିୟତା ହାସଲ କରିଥିଲେ, ଆମେରିକାର ପୂର୍ବତନ ରାଷ୍ଟ୍ରପତି ଅବ୍ରାହିମ୍ ଲିଙ୍କନ ବାରମ୍ବାର ପରାଜୟ ହେବା ପରେ ୧୭ଥରରେ ଆମେରିକାର ରାଷ୍ଟ୍ରପତି ହେବାର ଯୋଗ୍ୟତା ଅର୍ଜନ କରିଥିଲେ। ଏ.ପି.ଜେ ଅବଦୁଲ କଲାମଙ୍କ କଥା କୁହନ୍ତୁ, ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ କଥା କୁହନ୍ତୁ, ବିଦ୍ୟୁତ୍ ବଲବ ଆବିଷ୍କାର କରିଥିବା ଥମାସ୍ ଏଡିସନ୍‌ଙ୍କ କଥା କୁହନ୍ତୁ ଏମାନେ ସମସ୍ତେ ଜୀବନରେ ସଫଳତା ପାଇବା ପାଇଁ କେତେ ସଂଘର୍ଷ କରିନଥିଲେ। ଯାହାର ଇତିହାସ ମୂକସାକ୍ଷୀ। ସାମାନ୍ୟ କୀଟ ସଂବାଲୁଆଟିଏ କେତେ ସଙ୍ଘର୍ଷ ପରେ ସୁନ୍ଦର ପ୍ରଜାପତିରେ ପରିଣତ ହୁଏ। ଆଜି ପରିବାର ଗୁଡ଼ିକ ଧୀରେ ଧୀରେ ଛୋଟ ହୋଇ ସମ୍ପର୍କରେ ଫାଟ ସୃଷ୍ଟି ହେଉଛି। ପ୍ରେମର ଅର୍ଥ କ'ଣ ବୁଝିବା ପୂର୍ବରୁ ପ୍ରେମର ସଂଜ୍ଞା ତାଙ୍କ ପାଇଁ ଘୃଣା ପାଲଟି ଯାଉଛି। କେବଳ ଭୌତିକ ଦୈହିକ ସୁଖକୁ ସେମାନେ ପ୍ରେମରେ ବୁଝୁଛନ୍ତି। କେବଳ ଶ୍ୱାସ, ପ୍ରଶ୍ୱାସ ଓ ହୃଦ୍ କମ୍ପନକୁ ଯଦି ଜୀବନ କୁହାଯାଏ ତେବେ ଏ କେମିତିକା ଜୀବନ ଯେଉଁଠି ସ୍ନେହ ପ୍ରେମ ଶ୍ରଦ୍ଧା ଭଲପାଇବା, ସହଯୋଗ ନଥାଏ। ଆଜିର ମଣିଷ ଧୀରେ ଧୀରେ ସମାଜ ଓ ପରିବାର କୈନ୍ଦ୍ରିକ ହେବା ପରିବର୍ତ୍ତେ ବ୍ୟକ୍ତି କୈନ୍ଦ୍ରିକ ହୋଇଯାଉଛି। ସବୁଠି ଅହଙ୍କାର ଚେକା ମାଡ଼ି ବସିଛି। ସବୁକିଛି ଥାଇ ମଧ ମଣିଷ ଆଜି ନିଃସ୍ୱ କାଙ୍ଗାଳ ହୋଇପଡିଛି। ବୌଦ୍ଧିକ ଚେତନା ହଜି ହଜି ଯାଉଛି। ଏଇଠି ମା' ମଦର୍ ଟେରେସାଙ୍କ କଥା ମନେପଡୁଛି ସେ କହୁଥିଲେ ଯଦି ଲୋକଙ୍କ ଦୋଷ ଦୁର୍ବଳତା ଦେଖିବାରେ ତୁମେ ସମୟ ନଷ୍ଟ କରିଦେବ ତେବେ ତାଙ୍କୁ ଭଲପାଇବା ପାଇଁ ତୁମ ପାଖରେ ଆଉ ସମୟ ରହିବନାହିଁ।

ଲର୍ଡ ଚେଷ୍ଟର ଫିଲ୍ଡ ମଧ କହନ୍ତି ଅନ୍ୟକୁ ଖୁସି କରିବା ଏକ ଉପହାର ଓ ଏହା ଏକ ବିରାଟ ସାମାଜିକ ଶକ୍ତି। ଏକ ଗବେଷଣାରୁ ଲବ୍ଧ ତଥ୍ୟ ଅନୁଯାୟୀ ଜଣାପଡ଼ିଛି ଅନାହାର ମୃତ୍ୟୁସଂଖ୍ୟା ଅପେକ୍ଷା ଦାମୀ ଗରିଷ୍ଠ ଖାଦ୍ୟ ଜନିତ ଦୁରାରୋଗ୍ୟରେ ପୀଡ଼ିତଙ୍କ ମୃତ୍ୟୁସଂଖ୍ୟା ଅଧିକ। ତେଣୁ ଏଥିରୁ ସ୍ପଷ୍ଟ ପ୍ରମାଣିତ ଯେ ଅର୍ଥାଭାବ କଦାପି ମାନସିକ ଅବସାଦର କାରଣ ହୋଇପାରେନା। ପ୍ରକୃତ ଭଲ ଭାଇବା, ପ୍ରେମ ଓ ଶ୍ରଦ୍ଧାର ଅଭାବ ହିଁ ଯୁବପିଢି ମାନଙ୍କ ଭିତରେ ଅବସାଦ ଜନିତ ବ୍ୟାଧି ସୃଷ୍ଟି କରି ସେମାନଙ୍କୁ ଆତ୍ମହତ୍ୟା କରିବାକୁ ପ୍ରୋତ୍ସାହନ କରିଥାଏ। ପ୍ରେମର ପରିଭାଷା ଆଜି ପରିବର୍ତ୍ତିତ ହୋଇଛି। ପ୍ରକୃତ ପ୍ରେମ ଯେ ଭୋଗରେ ନଥାଏ ତ୍ୟାଗରେ ଥାଏ। ଏହା ସେମାନେ ଜାଣିବା ଆବଶ୍ୟକ। ପ୍ରତ୍ୟେକ ସ୍କୁଲ୍ କଲେଜରେ ଏ ଦିଗରେ ଉଚିତ୍ ପଦକ୍ଷେପ ନିଆଯିବା ସହ ଅଭିଜ୍ଞ ମନସ୍ତତ୍ତ୍ୱବିଦ୍‌ଙ୍କ ଦ୍ୱାରା କାଉନସେଲିଂ ବ୍ୟବସ୍ଥା ରହିବା ଆବଶ୍ୟକ।

ପ୍ରେମ ସବୁଠାରୁ ଶକ୍ତିଶାଳୀ। ପ୍ରେମ ଏଭଳି ଏକ ମହୋଷଧି ଯାହା ପଶୁପକ୍ଷୀ, ବନ୍ୟଜନ୍ତୁ, ଉଦ୍ଭିଦ ଓ ପ୍ରାଣୀ ଜଗତ ସମସ୍ତଙ୍କୁ ବଶ କରିଦିଏ। ଏ ପୃଥିବୀର ସବୁଠୁ ବଡ଼ ଅସ୍ତ୍ର ହେଲା ପ୍ରେମ ଯାହା ସବୁ ସମସ୍ୟାର ସମାଧାନ କରିଦିଏ। ସବୁ ତିକ୍ତତାକୁ ନିମିଷକରେ ମିଳାଇ ଦିଏ। ପ୍ରେମ ଚିର ଶାଶ୍ୱତ, ସତ୍ୟ, ଶିବ ଓ ସୁନ୍ଦର। ନିରଳସ ଶାଶ୍ୱତ ସ୍ୱାର୍ଥହୀନ ପ୍ରେମ ପରମାଣୁ ବୋମା ଠାରୁ ମଧ୍ୟ ଆହୁରି ଶକ୍ତିଶାଳୀ।



ରଘୁନାଥପୁର(ଭାସ୍କର ନ୍ୟୁଜ): ଶ୍ରାବଣ ମାସ ଦ୍ୱିତୀୟ ସୋମବାରରେ ବିଭିନ୍ନ ଶୈବପୀଠରେ ଜଳଲାଗି ପାଇଁ ରଘୁନାଥପୁର ବ୍ଲକ ତାରପୁର ମହାନଦୀ କୂଳ ସ୍ଥିତ ବାନାମର ଘାଟରୁ ୧୦ ହଜାରରୁ ଉର୍ଦ୍ଧ୍ୱ କାଉଡ଼ିଆ ପାଣି ଉଠାଇଛନ୍ତି। ରବିବାର ସକାଳୁ ଘାଟକୁ ମାନସିକଧାରୀଙ୍କ ଆଗମନ ହୋଇଥିଲା। ଅପରାହ୍ନରେ ଏହା କ୍ରମଶଃ ବୃଦ୍ଧି ପାଇଥିଲା। କାଉଡିଆମାନେ ଦୁଇ କାନ୍ଧରେ କଳସ ରଖି ମହାନଦୀରେ ବୁଡ଼ି ପାଣି ଆଣିବା ପରେ ଏହାକୁ ପୂଜାର୍ଚ୍ଚନା କରିଥିଲେ। ପରେ ବାନାମର ମହାଦେବଙ୍କ ଚତୁର୍ପାର୍ଶ୍ୱରେ ପ୍ରଦକ୍ଷିଣ କରି ଯେଝା ଯେଝାର ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିଥିଲେ। ଏଠାରୁ ପାଣିନେଇ ଶ୍ରଦ୍ଧାଳୁ କାଉଡିଆମାନେ ପ୍ରଭୁ ଗୋରେଖନାଥ, ଅଷ୍ଟଶମ୍ଭୁ, ରୁଦ୍ରେଶ୍ୱର, ନୀଳକଣ୍ଠେଶ୍ୱର, ସର୍ପେଶ୍ୱର, ଇଶାଣେଶ୍ୱର ଓ ଅନ୍ୟାନ୍ୟ ଶୈବପୀଠକୁ ଯାତ୍ରା କରିଥିଲେ। ଭିଡକୁ ଦୃଷ୍ଟିରେ ରଖି ପାଣିଉଠା ସ୍ଥଳରେ ରଘୁନାଥପୁର ଥାନା ପୋଲିସ ଓ ଫାୟାର ଅଫିସ ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯାଇଥିଲା। ଏହାଛଡା ତାରପୁର ବାଇପାସ ଠାରୁ ଜଇପୁର ଛକ ପର୍ଯ୍ୟନ୍ତ କାଉଡିଆଙ୍କ ଲମ୍ବା ଲାଇନ ଲାଗିଥିବା ୫ କିମି ରାସ୍ତା ପ୍ରତି ପୋଲିସ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଥିଲା। ଘାଟ କମିଟି ପକ୍ଷରୁ ବିଷ୍ଣୁ ବିଶ୍ୱାଳ, ବିପିନ ବିହାରୀ ଦାଶ, ଅକ୍ଷୟ କୁମାର ଦଳାଇ, ମଧୁସୂଦନ ସାହୁ, ପ୍ରତାପ ଚନ୍ଦ୍ର ରାଉତ, ବିଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ ଯୋଗାଇ ଦେଇଥିଲେ।

### ଅଙ୍ଗନବାଡ଼ି ଛାତ୍ରଛାତ୍ରୀଙ୍କୁ ମିଳୁନି ପୁଷ୍ଟିକର ଖାଦ୍ୟ

## ଚାଉଳରେ ପୋକ ସାଲୁବାଲୁ, ଅଧିକାଂଶ ଦିନ ବନ୍ଦ ରହୁଛି କେନ୍ଦ୍ର



ବାଙ୍କୀ(ଭାସ୍କର ନ୍ୟୁଜ): ବାଙ୍କୀ-ଡମପଡା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତସ୍ଥିତ ଶବର ସାହିରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରରେ କର୍ମୀଙ୍କ ମାନମାନି କାର୍ଯ୍ୟ ଓ କୁନି କୁନି ଛାତ୍ରଛାତ୍ରୀଙ୍କୁ ପୋକ ସାଲୁବାଲୁ ପୋକରା ଚାଉଳରେ ରୋଷେଇ କରି ଦେଉଥିବା ସ୍ଥାନୀୟ ଲୋକେ ଓ ଅବିଭାବକ ଅଭିଯୋଗ କରିଥିଲେ । ଅନ୍ୟପଟେ ସରକାରଙ୍କ ପକ୍ଷରୁ କୁନି କୁନି ଛାତ୍ରଛାତ୍ରୀଙ୍କୁ ପୁଷ୍ଟିକର ଖାଦ୍ୟ ଓ ସକାଳ ଟିଫିନ୍ ଯୋଗାଇ ଦେଉଥିବା ବେଳେ ଛାତ୍ରଛାତ୍ରୀଙ୍କୁ ଟିଫିନ୍ ଦିଆଯାଉନଥିବା ଅଭିଯୋଗ ହୋଇଛି । ନିର୍ଦ୍ଦିଷ୍ଟ ସମୟରେ କେନ୍ଦ୍ର ଖୋଲା ଯାଉନଥିବା ଏବଂ ୧୮ ଛାତ୍ରଛାତ୍ରୀଙ୍କ ନାମ ଲେଖାଯାଇଥିବା ବେଳେ କେନ୍ଦ୍ରକୁ ମାତ୍ର ୬/୭ ଜଣ ପିଲା ଆସୁଥିବା ବେଳେ ଆସୁନଥିବା ଅବଶିଷ୍ଟ ପିଲାଙ୍କ ନାମ ପକାଇ ଅର୍ଥ ହଡପ କରୁଛନ୍ତି ବୋଲି କେନ୍ଦ୍ର ସମ୍ମୁଖରେ ସ୍ଥାନୀୟ ଲୋକେ ଓ ଅବିଭାବକ ହୋହାଲ୍ଲା କରିଥିଲେ । ସକାଳ ୯ରୁ ଦିବା ୧ଟା ସମୟ ପର୍ଯ୍ୟନ୍ତ କେନ୍ଦ୍ର ଖୋଲିବାର ନୀୟମ ଥିଲେ ମଧ୍ୟ ଅଙ୍ଗନବାଡ଼ି କର୍ମୀ ବିଷ୍ଣୁପ୍ରିୟା ସ୍ୱାଇଁ ଅଧିକାଂଶ ଦିନ ଆସୁନଥିବା ଯୋଗୁ କେନ୍ଦ୍ର ବନ୍ଦ ରହୁଥିବା ଲୋକେ ଅଭିଯୋଗ କରିଛନ୍ତି । କେନ୍ଦ୍ର ସମ୍ମୁଖ ଅପରିଷ୍କାର ଓ ଅଳିଆ ଆବର୍ଜ୍ଜନା ଭର୍ତ୍ତି ଯୋଗୁ ସଂକ୍ରମଣ ରୋଗ ବ୍ୟାପିବା ଏବଂ କୁନି କୁନି ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି ବୋଲି ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ସାହୁଙ୍କ ସହ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଶନିବାର ଦିନ ୧୦ଟା ସମୟ ସୁଦ୍ଧା କେନ୍ଦ୍ର ଖୋଲା ଯାଇନଥିଲା ବୋଲି ବିଭାଗୀୟ ସୁପରଭାଇଜର ଫୁଲରାଣୀ ବେହେରାଙ୍କୁ ପଚାରିବା ପରେ ଖବର ପାଇ ଅଙ୍ଗନବାଡ଼ି କର୍ମୀ ଓ ପାଚିକା ଦୌଡ଼ି ଆସି କେନ୍ଦ୍ର ଖୋଲିଥିଲେ । ଅଙ୍ଗନବାଡ଼ି କର୍ମୀଙ୍କ କାର୍ଯ୍ୟରେ ଅତିଷ୍ଠ ଓ କୁନି କୁନି ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି ବୋଲି ଅନ୍ୟତ୍ର ବଦଳି କରି ନୂତନ ଅଙ୍ଗନବାଡ଼ି କର୍ମୀ ନିଯୁକ୍ତି ଦାବି କରିଥିଲେ। ଅନ୍ୟପଟେ ଡମପଡା ବ୍ଲକରେ ଥିବା ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ରକୁ କୌଣସି ଅଧିକାରୀ ପରିଦର୍ଶନ କରୁନଥିବାରୁ ଅଧିକାଂଶ ଅଙ୍ଗନବାଡ଼ି କେନ୍ଦ୍ରରେ ଏଭଳି ଅନିୟମିତତା ଓ ଅବ୍ୟବସ୍ଥା ଘଟୁଥିବା ଅଭିଯୋଗ ହେଉଛି । ଏଭଳି ଘଟଣା ସମ୍ପର୍କରେ ସିଡିପିଓ ଅଯୋଧ୍ୟା ଧାରୁଆଙ୍କୁ ପଚାରିବାରୁ କହିଲେ ତଦନ୍ତ କରାଯାଇ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ।

### ଛାତ୍ରୀ ଆକ୍ରମଣ ଘଟଣାରେ ଜଣେ ଗିରଫ

## କଳା ମୁଖାପିନ୍ଧା ୨ ଦୁର୍ବୃତ୍ତ ଗିରଫ ହେବେ କେବେ ?



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ଛାତ୍ରୀ ଆକ୍ରମଣ ଘଟଣାକୁ ୧୦ରୁ ଉର୍ଦ୍ଧ ଦିନ ବିତିଲା ପରେ ପୋଲିସ ଜଣେ ଅଭିଯୁକ୍ତକୁ ରବିବାର ଗିରଫ କରିଛି । କିନ୍ତୁ ମୁଖ୍ୟ ଅଭିଯୁକ୍ତ କଳା ପଲସରରେ କଳାମୁଖାଧାରୀ ୨ ଜଣ କିଏ ପୋଲିସ ଟେର ପାଇନାହିଁ। ଖବର ମୁତାବକ ଜୁଲାଇ ୧୦ ତାରିଖ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାଠୁ ମାତ୍ର ୩ଶହ ମିଟର ଦୂର ସକାଳ ୯.୩୦ରେ ୧୩ବର୍ଷୀୟ ନାବାଳିକା ସକାଳୁ ଟ୍ୟୁସନ ଯାଇ ଘରକୁ ଫେରୁଥିବା ବେଳେ ଅସ୍ତରଙ୍ଗ ପାର୍କ ନିକଟରେ ଦୁଇ ଯୁବକ କଳା ପଲସରରେ କଳାମୁଖା ପିନ୍ଧି ନାବାଳିକାକୁ ଆକ୍ରମଣ କରିଥିବା ଯାହା ବିଭିନ୍ନ ଗଣମାଧ୍ୟମରେ ଥାନା ସମ୍ମୁଖରେ ନାବାଳିକା ଛାତ୍ରୀ ପ୍ରତିକ୍ରିୟା ଦେଇଥିଲେ। ସ୍ଥାନୀୟ ଅଞ୍ଚଳରେ ଏଭଳି ଘଟଣାକୁ ନେଇ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ କିଏ ସେ କଳାପଲସର ଧାରୀ, କିଏ କଳାମୁଖା ପିନ୍ଧା ଦୁର୍ବୃତ୍ତଙ୍କୁ ଧରିବାକୁ ଦାବି ହୋଇଥିଲା। କିନ୍ତୁ ପୂର୍ବ ଶତ୍ରୁତାକୁ ନେଇ ନାବାଳିକା ପରିବାର ଓ ଅସନ ଗ୍ରାମର ବଳରାମ ଖୁଣ୍ଟିଆ ମଧ୍ୟରେ ପୂର୍ବରୁ ଗଣ୍ଡଗୋଳକୁ ନେଇ ଅସ୍ତରଙ୍ଗ ଥାନାରେ ଅଭିଯୋଗ ହୋଇଥିଲା। ଅନ୍ୟପଟେ ଶନିବାର ଏକ୍ସ ମାଧ୍ୟମରେ ଘଟଣାକୁ ଗୁରୁତ୍ୱ ଦେବାକୁ ଏସ୍‌ପିଙ୍କୁ ଗୃହ ବିଭାଗ ସୂଚନା ଦେଇଥିଲେ। ଯାହା ଫଳରେ ଅସ୍ତରଙ୍ଗ ପୋଲିସ ନାବାଳିକାର ମା' ଦେଇଥିବା ଶନିବାର ଘଟଣା ଅନୁଯାୟୀ ନାବାଳିକାଙ୍କ ମା' କୋର୍ଟରୁ ଫେରିଲା ସମୟରେ ଘର ତାଲା ପଡିଥିଲା, ଫଳରେ ନାବାଳିକାଙ୍କ ମା' ଥାନାରେ ଅଭିଯୋଗ ଦେବା ପରେ ଘଟଣାକୁ ଭିତ୍ତିକରି ଅସ୍ତରଙ୍ଗ ଥାନା କେଶ ନମ୍ବର ୧୪୩/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତ ବଳରାମ ଖୁଣ୍ଟିଆଙ୍କୁ ଗିରଫ କରି ରବିବାର ଅପରାହ୍ନରେ ଅଦାଲତ ଚାଲାଣ କରିଛ ପୋଲିସ। କିନ୍ତୁ ଏଠାରେ ପ୍ରଶ୍ନ ଉଙ୍କି ମାରୁଛି ନାବାଳିକା ଛାତ୍ରୀ ଦେଉଥିବା ଗଣମାଧ୍ୟମରେ ପ୍ରତିକ୍ରିୟା ଅନୁସାରେ କଳା ମୁଖା ପିନ୍ଧା, କଳା ପଲସର ରେ ଆସିଥିବା ଦୁଇ ଯୁବକ କିଏ ? ନା ବଳରାମଙ୍କୁ ଗିରଫ କରି ତଦନ୍ତ କେବଳ ତଦନ୍ତରେ ସରିଯିବ କି? ଯଦି ନାବାଳିକାକୁ ଆକ୍ରମଣ କରାଯାଇଛି କାହିଁକି ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ କଳା ମୁଖାଧାରି କିଏ ପୋଲିସ ଦୁର୍ବୃତ୍ତଙ୍କୁ ଧରିବ କେବେ ? ଯାହାକି ସମସ୍ତଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି।

## ଆଇଚର-ସ୍କୁଟି ମୁହାଁମୁହିଁ: ସ୍କୁଟି ଚାଳକ ମୃତ

ବୋଲଗଡ(ଭାସ୍କର ନ୍ୟୁଜ): ବୋଲଗଡ଼ ଥାନା ଅନ୍ତର୍ଗତ ପଞ୍ଚୁକୋଟ ଗ୍ରାମ ନିକଟସ୍ଥ ଖୋର୍ଦ୍ଧା- ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥରେ ଅପରାହ୍ନ ୨ଟାରେ ଏକ ଦୁର୍ଘଟଣା ଘଟି ସ୍କୁଟି ଚାଳକର ଶୋଚନୀୟ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଯେ ଏକ ପିଂକ ରଙ୍ଗ ଓଡ଼ି୦ ୨-ଡିଡି୦୩୭ ୨ ବିଶିଷ୍ଟ ଆଇଚର ଗାଡି ନୟାଗଡ଼ ପଟୁ ଭୁବନେଶ୍ୱର ଆଡକୁ ଆସୁଥିଲା। ସେହି ସମୟରେ ଭୁବନେଶ୍ୱରରୁ ନୟାଗଡ଼ ଜିଲ୍ଲା ଟାଉନ ଥାନା ଖମାରସାହି ଗ୍ରାମର ଗଣେଶ ପାଇଁଶାଣୀଙ୍କ ପୁଅ ଦୀନବନ୍ଧୁ ପାଇଁଶାଣୀ(୨୬) ଓଡି୩୩ ଏଆର-୬୧୪୫ ନଂ ଏକ ସ୍କୁଟି ଚାଳନା କରି ନିଜ ଗ୍ରାମକୁ ଫେରୁଥିଲା। ତେବେ ଉଭୟ ଗାଡି ମୁହାଁମୁହିଁ ହୋଇ ଧକ୍କା ହୋଇଥିଲା। ଫଳରେ ସ୍କୁଟି ଗାଡିଟି ଆଇଚର ଗାଡିର ସମ୍ମୁଖ ବାମ ଚକ ତଳେ ଘୋଷାରି ହୋଇ ଲାଗି ରହିଥିଲା। ତେବେ ଏ ଦୁର୍ଘଟଣା ସମ୍ପର୍କରେ ତୁରନ୍ତ ଖବର ହୋଇଥିଲେ ହେଁ ବିଳମ୍ବରେ ୧୦୮ ଆମ୍ବୁଲାନ୍ସ ସ୍କୁଟି ଚାଳକ ଦୀନବନ୍ଧୁକୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏନେଇ ବୋଲଗଡ଼ ଥାନା ପୋଲିସ ଥାନା କେଶ ନଂ-୧୬୨/୨୫ ଦଫା ୨୮୧,୧୦୬ ବିଏନ୍‌ଏସ୍ ମାମଲା ରୁଜୁ ସହ ଶବ ଜବତ କରି ପୋଷ୍ଟମର୍ଟମ ନିମନ୍ତେ ମୁଖ୍ୟ ଚିକିତ୍ସାଳୟ ଖୋର୍ଦ୍ଧାକୁ ପଠାଇ ଥିବା ଥାନା ତଦନ୍ତ କାରି ଅଧିକାରୀ ଏସ.ଆଇ ଲିଲି ପାଢ଼ୀ ସୂଚନା ଦେଇଛନ୍ତି ଓ ଅଧିକ ତଦନ୍ତ ଚାଲୁ ରଖିଛନ୍ତି।

## ବନ୍ୟା ସ୍ଥିତି ପରଖିଲେ ବିଜେପି ଜିଲ୍ଲା ସଭାପତି



ଆଳି(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଧୋୟାଞ୍ଚଳର ପ୍ରମୁଖ ବନ୍ୟା କ୍ଷତିଗ୍ରସ୍ତ ପଞ୍ଚାୟତ ମଧ୍ୟରୁ ଅନ୍ୟତମ ନୂଆପଡା ପଞ୍ଚାୟତର ସିଦ୍ଧବାଲି ଗ୍ରାମରେ ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠି ପରିଦର୍ଶନରେ ଯାଇଥିଲେ । ଶ୍ରୀ ସେଠି ସେଠାରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିବା ସହ ଲୋକଙ୍କ ସମସ୍ୟା ଦୂରୀକରଣ ଦିଗରେ ଆଳି ପ୍ରଶାସନ ସହ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଆଜିକୁ ପ୍ରାୟ ୭ଦିନ ଆଳି ବ୍ଲକରେ ପ୍ରଥମତଃ ପେତପଡା ଓ ନୂଆପଡା ସହିତ ପାଖାପାଖି ଅନ୍ୟ କିଛି ଅଞ୍ଚଳ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥିଲା । ବାରମ୍ବାର ଏ ନେଇ ଖବର ପ୍ରକାଶ ପାଇବା ପରେ ମଧ୍ୟ ପ୍ରଶାସନ ପକ୍ଷରୁ ସେପରି କିଛି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା । ଖବର ସୂତ୍ରରୁ ପ୍ରକାଶ ଗତକାଲି କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ । ପରେ ପରେ ଅପରାହ୍ନରେ ଏକ ତାଲିକା ପ୍ରସ୍ତୁତ କରାଯାଇ କିଛି ଗୋଖାଦ୍ୟ ବନ୍ୟା ପ୍ରବଣିତ ଅଞ୍ଚଳକୁ ପଠାଯାଇଛି । ହେଲେ ସାଧାରଣ ଲୋକେ ବନ୍ୟା ଘେରରେ ରହି ନାହିଁନଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି । ଶ୍ରୀ ସେଠି ଉକ୍ତ ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ପରିଦର୍ଶନ କରିବା ସହ ବନ୍ୟାସ୍ଥିତି ସମ୍ବନ୍ଧରେ ପ୍ରଶାସନ ସହିତ ବିସ୍ତୃତ ଆଲୋଚନା କରିଥିଲେ । ଶ୍ରୀ ସେଠିଙ୍କ ସହ କଳ୍ପତରୁ ଦାସ, ଗିରିଜା ଶଙ୍କର ଦାସ, ଇନ୍ଦ୍ରମଣି ସାହୁ, ସ୍ଥାନୀୟ ୱାର୍ଡ ସଭ୍ୟ ରମେଶ ତରାଇ ଓ ଦୀନବନ୍ଧୁ ତରାଇ ପ୍ରମୁଖ ସାଧାରଣ ଲୋକଙ୍କ ପାଖକୁ ଯାଇ ତାଙ୍କ ଭଲମନ୍ଦ ବୁଝିଥିଲେ ।

## ଷଣ୍ଡକୁଦ ଜଗନ୍ନାଥ ମନ୍ଦିର ଉନ୍ନତିକରଣରେ ବ୍ୟବହୃତ ହେବ ଦାନହୁଣ୍ଡିରୁ ସଂଗୃହିତ ଅର୍ଥ



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପର ଷଣ୍ଡକୁଦଠାରେ ଥିବା ଜଗନ୍ନାଥ ମନ୍ଦିରର ଦାନ ହୁଣ୍ଡି ଗତ ଶୁକ୍ରବାର ଖୋଲାଯାଇ ସେଥିରୁ ୩୪ ହଜାର ୪୪୦ ଟଙ୍କା ସଂଗୃହିତ ହୋଇଛି । ଏହି ଅର୍ଥ ରାଶି ମନ୍ଦିର ଟ୍ରଷ୍ଟରେ ଦାଖଲ କରାଯାଇ ମନ୍ଦିରର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ନିୟୋଜିତ ହେବ ବୋଲି ମନ୍ଦିର ଟ୍ରଷ୍ଟର ସଦସ୍ୟ ଗଦାଧର ଦାସ ସୂଚନା ଦେଇଛନ୍ତି । ସୂଚନା ଥାଉକି ଗତ ଗୁରୁପୂର୍ଣ୍ଣିମାରେ ୭ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଆନନ୍ଦ ବଜାରରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ସୂଚନାଥାଉ କି ଏହି ଜଗନ୍ନାଥ ମନ୍ଦିରଟି ଷଣ୍ଡକୁଦ ବସ୍ତିର ସର୍ବପୁରାତନ ମନ୍ଦିର । ତେବେ ବସ୍ତିର ମୁରବୀ ଓ ଶ୍ରଦ୍ଧାଳୁ ମାନଙ୍କ ଉଦ୍ୟମରେ ନିକଟରେ ମନ୍ଦିରର ନବକଳେବର କରାଯାଇ ସେଠାରେ ରୀତିନୀତି ଅନୁଯାୟୀ ଦୈନିକ ପୂଜାର୍ଚ୍ଚନା ଓ ଉତ୍ସବ ମାନ ପାଳିତ ହୋଇଆସୁଛି ବୋଲି ମନ୍ଦିର ଟ୍ରଷ୍ଟ ପକ୍ଷରୁ ସୂଚନା ମିଳିଛି ।

## ଗଁଦିଆ ଜେଏମ୍‌ଏଫ୍‌ସି କୋର୍ଟର ପ୍ରତିଷ୍ଠା ଦିବସ ପାଳିତ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଗଁଦିଆଠାରେ ସ୍ଥାପିତ ଜେଏମଏଫସି କୋର୍ଟର ୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ବାର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଓକିଲ ସଙ୍ଘର ସଭାପତି ପ୍ରଦୀପ କୁମାର ସାହୁ ଯୋଗଦାନ କରି ଏହାର ଶୁଭ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ କ୍ୟାଡର ଏପିପି ଶାଶ୍ୱତ କୁମାର ଜେନା ଯୋଗଦାନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ସାହୁ ଉପସ୍ଥିତ ସମସ୍ତ ଆଇନଜୀବୀଙ୍କୁ ପ୍ରଥମେ ଅଭିନନ୍ଦନ ପ୍ରଦାନ କରିବା ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରି ଏଠାକୁ ଆସୁଥିବା ସମସ୍ତ ଜନସାଧାରଣଙ୍କୁ ସୁବିଧାରେ ସମସ୍ତ ସେବା ପ୍ରଦାନ ନିମନ୍ତେ ଆଇନଜୀବୀଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ସମ୍ମାନିତ ଅତିଥି ଶ୍ରୀ ଜେନା ଉପସ୍ଥିତ ଆଇନଜୀବୀଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହ ଜନସାଧାରଣଙ୍କୁ ଆଇନ କ୍ଷେତ୍ରରେ ସମସ୍ତ ସୁବିଧା ଓ ସହଯୋଗ ପାଇଁ ଉପସ୍ଥିତ ପରାମର୍ଶ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଏପିପି ବିଶ୍ୱନାଥ ନାୟକ, ମହେନ୍ଦ୍ର କୁମାର ସାହୁ, ହେମନ୍ତ କୁମାର ନାୟକ, ମାନସ କୁମାର ସାହୁ, କିଶୋ ନାୟକ ଜୟକୃଷ୍ଣ ସାହୁ, ସନ୍ତୋଷ କୁମାର ସାହୁ, ପ୍ରକାଶ କୁମାର ମିଶ୍ର, ଅବନୀ ମୋହନ ସାହୁ, ଆର୍ଶୀବାଦ ସାହୁ ପ୍ରମୁଖ ଯୋଗଦାନ କରିଥିଲେ ।

## ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଜଳେଶ୍ୱର(ଭାସ୍କର ନ୍ୟୁଜ): ସକାଳେ ପୋଖରୀକୁ ଝାଡ଼ା ଯାଇ ପୋଖରୀରେ ପଡ଼ି ବୃଦ୍ଧଙ୍କ ମୃତ। ସୂଚନା ଅନୁଯାୟୀ ରାଇବଣିଆ ଥାନା ଅନ୍ତର୍ଗତ କାଳିକ ଗ୍ରାମ ପଞ୍ଚାୟତର ତେନ୍ତୁଳା ଗ୍ରାମର ୮୦ବର୍ଷୀୟ ବୃଦ୍ଧ ଜଗନ୍ନାଥ ବିନ୍ଧାଣି ରବିବାର ସକାଳେ ଗାଁ ପାଖ ପୋଖରୀ ନିକଟକୁ ଝାଡ଼ା ପାଇଁ ଯାଇ ଆଉ ଘରକୁ ଫେରି ନଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ପାଇନଥିଲେ। ଦିନ ୧୧ ଟାରେ ବିଲରେ କାମ କରୁଥିବା ଲୋକେ ପୋଖରୀ ଆଡ଼ିକୁ ମୁଢ଼ି ଖାଇବା ପାଇଁ ଆସି ଦେଖିଲେ ଆଡ଼ି ପାଖରେ ବୃଦ୍ଧର ଗୋଡ଼ ପାଣି ଉପରକୁ ଦେଖାଯାଉଛି। ସଙ୍ଗେ ସଙ୍ଗେ ବୃଦ୍ଧକୁ ଉଦ୍ଧାର କରିବା ସହ ପରିବାର ଲୋକେ ଜଳେଶ୍ୱର ଜିକେ ଭଟ୍ଟର ହସପିଟାଲ ନେଇଯାଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିବା ପରେ ଶବ ବ୍ୟବଚ୍ଛେଦ ହୋଇଥିଲା। ପୋଲିସ ପକ୍ଷରୁ ୟୁଡି କେସ ନମ୍ବର ୧୧/୨୫ ମୂଳେ ଏକ ଅପମୃତ ମାମଲା ରୁଜୁ କରିଛି।

## ଦନ୍ତାହାତୀ ମୃତ୍ୟୁ ଘଟଣା, ବଦଳିଲେ ବନପାଳ ଓ ବନରକ୍ଷୀ

କେନ୍ଦୁଝର(ଭାସ୍କର ନ୍ୟୁଜ): ତେଲକୋଇରେ ପୁରୁଷ ହାତୀ ମୃତ୍ୟୁ ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ହାତୀ ମୃତ୍ୟୁ ଚିହ୍ନଟ ହେବାରେ ବିଳମ୍ବ ଏବଂ ତଦାରଖରେ ତ୍ରୁଟି ପାଇଁ ତେଲକୋଇ ସେକ୍ସନର ବନପାଳ ବା ଫରେଷ୍ଟର ମଳୟ କୁମାର ଜେନା ଏବଂ ବାରହାଦେବତା ବିଟର ବନରକ୍ଷୀ ବା ଫରେଷ୍ଟ ଗାର୍ଡ ଅଜିତ କୁମାର ଦାସଙ୍କୁ ବଦଳି କରାଯାଇଛି ଏବଂ ଉପଯୁକ୍ତ ବିଭାଗୀୟ ତଦନ୍ତ ଆରମ୍ଭ କରାଯାଇଛି ବୋଲି କେନ୍ଦୁଝର ଡ଼ିଏଫଓ ଏଚ ଡି ଧନରାଜ ପ୍ରକାଶ କରିଛନ୍ତି।

### ଟାଟା ଷ୍ଟିଲ ମେଡ଼ିକାଲ ଅପମୃତ୍ୟୁ ଘଟଣା

## ଘଟଣା ସ୍ଥଳ ପରିଦର୍ଶନ କଲେ କଂଗ୍ରେସ ରାଜ୍ୟ ଆଦିବାସୀ ସେଲ୍ ଅଧକ୍ଷ



ଯୋଡ଼ା(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ୧୦ନମ୍ବର ୱାର୍ଡ଼ରେ ଅବସ୍ଥିତ ଟାଟା ଷ୍ଟିଲ ମେଡ଼ିକାଲରେ ଗତ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ମେଡ଼ିକାଲରେ ଜଣେ ଆଦିବାସୀ ମହିଳା ବେକ କାଟି ଆତ୍ମହତ୍ୟା କରିଥିବାରୁ ମେଡ଼ିକାଲ କର୍ତୃପକ୍ଷଙ୍କୁ ଦାଇ କରି କଂଗ୍ରେସ ଦଳର ଏକ ଟିମ୍ ଯୋଡ଼ା ଗସ୍ତ କରିଥିଲେ। ଆଦିବାସୀଙ୍କ ଜୀବନକୁ ଟାଟା ଷ୍ଟିଲ ଜିବନ ବୋଲି ଭାବୁନାହିଁ, ଲଗାତାର ଏହି ଭଳି ଆଉଏକ ଆଦିବାସୀ ଯୁବକ ଟାଟା ଷ୍ଟିଲ ପୂର୍ବ ଖଣିରେ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଥିବାରୁ କ୍ଷଭ ପ୍ରକାଶ କରିଛନ୍ତି କଂଗ୍ରେସ ରାଜ୍ଯ ଆଦିବାସୀ ସେଲ୍ ଅଧକ୍ଷଙ୍କ ଯସବନ୍ତ୍ ନାରାୟଣ ସିଂ ଲାଗୁରୀ। ଶ୍ରୀ ଲାଗୁରୀ ଟାଟା ଷ୍ଟିଲ ଡାକ୍ତରଖାନାର କର୍ତ୍ତୃପକ୍ଷଙ୍କ ସହିତ ଆଲେଚନା ବେଳେ ତାଙ୍କର ଅବହେଳାକୁ ଦାୟୀ କରିଥିଲେ। ସେଠାରୁ ମୃତକ ବଳମା ମୁଣ୍ଡାଙ୍କ ଘରକୁ ଯାଇ ପରିବାର ସହିତ ଆଲୋଚନା କରି କହିଥିଲେ ଆପଣଙ୍କ ପାରିବାର ସହିତ କଂଗ୍ରେସ ଦଳ ଛିଡ଼ା ହୋଇଛି। ଯସବନ୍ତ୍ ସେଠାରୁ ବାହାରି ଯୋଡ଼ା ଥାନା ଅଧିକାରୀଙ୍କ ସହିତ ଘଟଣା ବିସୟରେ ଆଲୋଚନା କରିଥିଲେ । ଆଇଆଇସି ସୁଶାନ୍ତ ପ୍ରଧାନ ଘଟଣାର ନିରପେକ୍ଷ ତଦନ୍ତ କରିବେ ବୋଲି ପ୍ରତିଶୃତି ଦେଇଥିବା କହିଛନ୍ତି। ଶ୍ରୀ ଲାଗୁରୀ ସହିତ ଯୋଡ଼ା ଟାଉନ୍ ପ୍ରେସିଡେଣ୍ଟ ସୁବ୍ରତ ନାୟକ ଓ ଜିଲ୍ଲା ସମ୍ପାଦକ ରୂପ ରଞ୍ଜନ ପଣ୍ଡା ସହିତ ଅନ୍ୟ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ତଥ୍ୟ ନିରୀକ୍ଷକ ପରିଚାଳକ ସଂଘ କମିଟି ଗଠିତ



ଆସିକା(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ହିସାବ ରକ୍ଷକ ତଥା ତଥ୍ୟ ନିରୀକ୍ଷକ ପରିଚାଳନା ସଂଘର ପ୍ରଥମ ବାର୍ଷିକ ସାଧାରଣ ସଭା ଆସିକା ଅଶୋକା ସିନେମା କନଫରେନ୍ସ ହଲ ପରିସରରେ ଅନୁଷ୍ଠିତ ହୋଇଛି। ସାଂଗଠନିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଏହି ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ ଆଲୋଚନା କରିବା ସହିତ କର୍ମକ୍ଷେତ୍ରରେ ହେଉଥିବା ସୁବିଧା ଅସୁବିଧା ସମ୍ପର୍କରେ ବିଷଦ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଏକ ୨୧ଜଣିଆ କମିଟି ଗଠନ ହୋଇଥିଲା। ଉପସ୍ଥିତ ସଭ୍ୟଙ୍କ ମଧ୍ୟରୁ ସଭାପତି ଭାବେ ସଭାପତି ଭାବେ ମନୋଜ କୁମାର ପାଢ଼ୀ, ଉପଦେଷ୍ଟା ଭାବେ ଶିବାନୀ ପ୍ରଧାନ, ଯୋଗେଶ୍ୱର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ଭାବେ ସଞ୍ଜୟ କୁମାର ନାୟକ, ସାଧାରଣ ସମ୍ପାଦକ ଭାବେ କିଶୋର ଗୌଡ଼, ସାଂଗଠନିକ ସମ୍ପାଦକ ଭାବେ ବସନ୍ତ କୁମାର ରାଉଳ, ଡିଜିଟାଲ ସମ୍ପାଦକ ଭାବେ ପ୍ରଦୋଷ କୁମାର ସାହୁ, କୋଷାଧକ୍ଷ ଭାବେ ରାଧାକୃଷ୍ଣ ସାହୁ, ରାଜ୍ୟ ଆବାହକ ଭାବେ ଭାବେ ମଦନ ମୋହନ ପଣ୍ଡା, ଉପସଭାପତି ଭାବେ ମାନସ ରଥ, ଗଣେଶ ଦଳାଇ, ହରିକୃଷ୍ଣ ଚୌଧୁରୀ, ଜିଲ୍ଲା ସଂଯୋଜକ ଭାବେ ଘନଶ୍ୟାମ ସେଠି, ପ୍ରଫୁଲ୍ଲ କୁମାର ସାହୁ, ସୀତାରାମ ଗୌଡ଼, ଆଇନ ସହାୟତ ଭାବେ ବିପିନ ବିହାରୀ ସ୍ୱାଇଁ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ କେଦାର ପ୍ରଧାନ, ସଞ୍ଜୟ ସ୍ୱାଇଁ, ସୁଶୀଲ କୁମାର ପାତ୍ର ମନୋନୀତ ହୋଇଥିବା ବେଳେ ଶ୍ରୀକାନ୍ତ ପଣ୍ଡା, ବସନ୍ତ କୁମାର ଲେଙ୍କା, ଅଶୋକ ତ୍ରିପାଠୀ, ବବୁଲା ବିଷୋୟୀ, କୃଷ୍ଣଚନ୍ଦ୍ର ଗୌଡ଼ ପ୍ରମୁଖ ସହଯୋଗ କରିଥିଲେ। ସର୍ବସମ୍ମତି କ୍ରମେ ମନୋନୀତ କରାଗଲା।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ, ଯୁବକ ଅଟକ

ଧର୍ମଗଡ଼ (ଭାସ୍କର ନ୍ୟୁଜ): ପୁଣି ଜଣେ ନାବାଳିକାକୁ ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ଝରଣାରେ ଗାଧୋଇବା ସମୟରେ ୧୨ବର୍ଷିୟ ନାବାଳିକାକୁ ଜଣେ ଯୁବକ ଦୁଷ୍କର୍ମ କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏଭଳି ଅଭାବନୀୟ ଘଟଣା କଳାହାଣ୍ଡି ଜିଲ୍ଲା ଆମପାଣି ଥାନା ଅନ୍ତର୍ଗତ କୁଟ୍ରୁ ଗାଁରେ ଘଟିଛି। ପୀଡିତା ନାବାଳିକା ଗାଁ ନିକଟସ୍ଥ ଝରଣାକୁ ଗାଧୋଇବା ପାଇଁ ଯାଇଥିବା ସମୟରେ ଏକୁଟିଆ ଥିବାର ସୁଯୋଗ ନେଇ ବାଘଝରନପଡାର ଜୈନିକ ଯୁବକ ବଳପୂର୍ବକ ଜଙ୍ଗଲକୁ ଟେକି ନେଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଠିକ ସେହି ସମୟରେ ଗ୍ରାମର ଜଣେ ବ୍ୟକ୍ତି ଆସିବାରୁ ଯୁବକ ଜଣକ ଚମ୍ପଟ ମାରିଥିଲା। ପୀଡିତା ନାବାଳିକାଙ୍କ ପରିବାର ପକ୍ଷରୁ ଆମପାଣି ଥାନାରେ ଅଭିଯୋଗ ହୋଇଛି । ଆମପାଣି ପୋଲିସ ଥାନାରେ ଜୈନିକ ଯୁବକକୁ ଅଟକ ରଖି ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

## ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଗୋଖାଦ୍ୟ ବଣ୍ଟନ

ଆଳି(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଅନ୍ତର୍ଗତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଧୋୟା କ୍ରିକେଟ୍ ଆସୋସିଏସନ୍ ଓ ଧୋୟା ସୋସିଆଲ୍ ୱେଲ୍‌ଫେୟାର୍ ଆସୋସିଏସନ୍ ପକ୍ଷରୁ ଗାଁ ଭିତରେ ବନ୍ୟାରେ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ପେତପଡ଼ା ଓ ଖରଖରି ଗ୍ରାମରେ ଗୋଖାଦ୍ୟ ବଣ୍ଟନ କରାଯାଇଛି । ୧୦ ପଞ୍ଚାୟତର ଜନସାଧାରଣ ଗୃହପାଳିତ ପଶୁ ଯଥା ଗାଈ, ଛେଳି, ମେଣ୍ଢା ଓ ମଇଁଷି ଆଦି ସପ୍ତାହେ ହେଲା ବନ୍ୟାଜଳ ଘେରରେ ରହି ନାହିଁନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିବାରୁ ଲୋକମାନେ ଘରୁ ବାହାରି ପାରୁନାହାନ୍ତି। ଗାଈଗୋରୁ, ଛେଳି, ମେଣ୍ଢା ଖାଦ୍ୟ ବିନା ରଡ଼ି ଛାଡୁଛନ୍ତି । ଏଭଳି ପରିସ୍ଥିତିରେ ଆଳି ଧୋୟାଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଧୋୟା କ୍ରିକେଟ୍ ଆସୋସିଏସନ୍ ଓ ଧୋୟା ସୋସିଆଲ୍ ୱେଲ୍‌ଫେୟାର୍ ଆସୋସିଏସନ୍ ପକ୍ଷରୁ ବନ୍ୟାରେ ପ୍ରମୁଖ କ୍ଷତିଗ୍ରସ୍ତ ହୋଇଥିବା ପେତପଡ଼ା ଓ ଖରଖରି ଗ୍ରାମରେ ଶନିବାର ତମାମ ୩୦ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗୋଖାଦ୍ୟ ବଣ୍ଟନ କରାଯାଇଛି। ଆସୋସିଏସନ୍‌ର ସଦସ୍ୟମାନେ ଡଙ୍ଗା ଯୋଗେ ବନ୍ୟା ପ୍ରଭାବିତ ଗାଁ ଗୁଡ଼ିକରେ ପହଞ୍ଚି ଗୋଖାଦ୍ୟ ପ୍ରଦାନ କରିଛନ୍ତି ବୋଲି ଅନୁଷ୍ଠାନର ସମ୍ପାଦକ ସୁନୀଲ ପରିଡ଼ା ସୂଚନା ଦେଇଛନ୍ତି ।

## ଜମିଜମା ଗଣ୍ଡଗୋଳରୁ ଭାଇକୁ ହାଣିଲା ଭାଇ

ଜଳେଶ୍ୱର(ଭାସ୍କର ନ୍ୟୁଜ): ଘରୋଇ ଜମିଜମା ଗଣ୍ଡଗୋଳକୁ ନେଇ ଭାଇ ଛାଣିଲା ଭାଇକୁ। ସୂଚନାଯୋଗ୍ୟ ଜଳେଶ୍ୱର ପୌରପରିଷଦ ୧୬ ନଂ ୱାର୍ଡ ଅଲାଲପୁର ଗ୍ରାମର ଦିବାକର ସିଂ ଓ ତାଙ୍କ ବଡ ଭାଇ ରତ୍ନାକର ସିଂଙ୍କ ସହ ଜମିଜମା ଭାଗବଣ୍ଟାକୁ ନେଇ ଚାଲିଥିବା ମତାନ୍ତର ଯୋଗୁଁ ବଡ ଭାଇ ଏକ କୋଦାଳରେ ସାନଭାଇକୁ ଆକ୍ରମଣ କରିଥିଲା। ଫଳରେ ଦିବାକରଙ୍କ ମୁଣ୍ଡରେ ଗଭୀର କ୍ଷତ ହେବା ସହ ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ଉଦ୍ଧାର କରି ସ୍ଥାନୀୟ ଜି.କେ. ଭଟ୍ଟର ହସପିଟାଲରେ ଭର୍ତ୍ତି କରିବା ସହ ୧୧୨ ଟୋଲ ଫ୍ରୀ ନମ୍ବରରେ ଯୋଗାଯୋଗ କରିଥିଲେ। ପୋଲିସ ହସପିଟାଲରେ ପହଞ୍ଚି ଥିବାବେଳେ ଦିବାକରଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ସଦର ହସପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ବଡଭାଇ ରତ୍ନାକର, ପୁଅ ମୁନ୍ନା ସିଂ ଏବଂ ଗ୍ରାମର କିଛି ବ୍ୟକ୍ତି ମିଶି ସାନଭାଇ ଦିବାକରକୁ କୋଦାଳରେ ହାଣିଥିବା ପରିବାର ଲୋକେ ପ୍ରାଥମିକ ଅଭିଯୋଗ କରିଥିବା ବେଳେ ଜଳେଶ୍ୱର ଥାନା ପକ୍ଷରୁ କୌଣସି ତଥ୍ୟ ପ୍ରଦାନ କରାଯାଇନାହିଁ।

## ମାଟ୍ରିକରେ ସଫଳତା ପାଇଁ ପ୍ରଧାନଶିକ୍ଷକ ଓ ବିଦ୍ୟାଳୟ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



ସୋରଡ଼ା(ଭାସ୍କର ନ୍ୟୁଜ): ସୋରଡ଼ା ବ୍ଲକ ବୋରସିଂ ପଞ୍ଚାୟତ ବୋରସିଂରେ ୧୯୮୧ ମସିହାରେ ପ୍ରତିଷ୍ଠିତ ଶ୍ରୀଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଲଗାତାର ତିନୋଟି ଶିକ୍ଷାବର୍ଷ ଅର୍ଥାତ୍ ୨୦୨୨-୨୩, ୨୦୨୩-୨୪ଓ ୨୦୨୪-୨୫ ଶିକ୍ଷାବର୍ଷରେ ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ଶିକ୍ଷାର୍ଥୀ ସଫଳତା ହାସଲ କରି ସମଗ୍ର ଗଞ୍ଜାମ ଜିଲ୍ଲାରେ ଉଦାହରଣ ସୃଷ୍ଟି କରିଛି । ଏଥିପାଇଁ ସ୍ଥାନୀୟ ବାସିନ୍ଦା ଓ ଏସଏମସି ସଦସ୍ୟ ବିଦ୍ୟାଳୟ ପ୍ରଧାନଶିକ୍ଷକ ଓ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ସମ୍ବୋଧିତ କରିଛନ୍ତି । ଗଞ୍ଜାମ ଜିଲ୍ଲାରେ ନିଜର ନିଆରା ଶିକ୍ଷାଦାନ ଓ ସ୍ୱଚ୍ଛ ବିଦ୍ୟାଳୟ ପରିବେଶ ପାଇଁ ୨୦୨୨ ମସିହାରେ ଶ୍ରେଷ୍ଠ ବିଦ୍ୟାଳୟ ପୁରସ୍କାର ମଧ୍ୟ ହାସଲ କରି ବିଦ୍ୟାଳୟ ଗୌରବକୁ ବଜାୟ ରଖିଛି । ବିଗତ ତିନି ବର୍ଷର ରେକର୍ଡ଼ କହୁଛି ବିଦ୍ୟାଳୟର ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗର ସମସ୍ତ ଛାତ୍ରଛାତ୍ରୀ ସରକାରଙ୍କ ପ୍ରଦତ୍ତ ସ୍କଲାରସିପ ପାଉଛନ୍ତି, ଯାହାକି ଗଞ୍ଜାମ ଜିଲ୍ଲାର ଅନ୍ୟାନ ବିଦ୍ୟାଳୟ ତୁଳନାରେ ଅଗ୍ରଣୀ ଭୂମିକା ହାସଲ କରିଛି । ୨୦୨୪-୨୫ ଶିକ୍ଷା ବର୍ଷରେ ଓଡ଼ିଶା ସରକାରଙ୍କ ନିୟମ ଅନୁଯାୟୀ ବିଦ୍ୟାଳୟରେ ଯୁକ୍ତ ଦୁଇ ଖୋଲିଛି । ବିଦ୍ୟାଳୟର ଶୃଙ୍ଖଳିତ ପରିବେଶ ଓ ନିୟମିତ ଶିକ୍ଷାଦାନ ପ୍ରତି ଉତ୍ସାହିତ ହୋଇ ବିଗତ ବର୍ଷ ୮୫ ଜଣ ଶିକ୍ଷାର୍ଥି ଯୁକ୍ତ ଦୁଇରେ ନାମ ଲେଖିଛନ୍ତି ଓ ଚଳିତ ବର୍ଷ ନାମ ଲେଖା ପ୍ରକ୍ରିୟା ଚାଲୁରହିଛି । ଦୁଃଖର କଥା ଉପଯୁକ୍ତ କିରାଣୀ ଅଭାବରୁ ବିଦ୍ୟାଳୟର ଅଫିସ କାର୍ଯ୍ୟ ସମ୍ପାଦିନ କରିବା ପାଇଁ ନିଜେ ପ୍ରଧାନ ଶିକ୍ଷକ ବିଓ, ଡିଓ ଅଫିସ, ମାଧ୍ୟମିକ ଶିକ୍ଷା ପରିଷଦ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଫିସକୁ ଯିବାକୁ ପଡୁଛି ତତ୍ ସହିତ ଅନ୍ୟାନ୍ୟ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ଅଫିସ କାର୍ଯ୍ୟ ସମ୍ପାଦନ କରିବାକୁ ହେଉଛି । ତେଣୁ ସ୍କୁଲ କାର୍ଯ୍ୟ ଓ ଶିକ୍ଷାଦାନ ସମ୍ପାଦନ କ୍ଷେତ୍ରରେ ଅନେକ ସମସ୍ୟା ଦେଖାଦେଉଛି । ଏଭଳି ସମସ୍ୟା ମଧ୍ୟରେ ବି ଏକ ସ୍ୱଚ୍ଛ, ଶୃଙ୍ଖଳିତ, ଆଦର୍ଶ, ସଫଳ ଶିକ୍ଷାନୁଷ୍ଠାନ ଗଠନ ପାଇଁ ପ୍ରଧାନ ଶିକ୍ଷକ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଶତ ପ୍ରତିଶତ ଉଦ୍ୟମକୁ ସ୍ଥାନୀୟ ଅଭିଭାବକ, ବୁଦ୍ଧିଜୀବୀ, ଶିକ୍ଷାବିତ ଓ ଏସଏମସି ସଦସ୍ୟ ପ୍ରଶଂସା କରିଛନ୍ତି ଓ ବିଦ୍ୟାଳୟ ଭିତ୍ତିଭୂମି ବିକାଶ ପାଇଁ ଆବଶ୍ୟକୀୟ ସହାୟତା ଯୋଗାଇ ଦେବା ସକାଶେ ସରକାରଙ୍କୁ ନିବେଦନ କରିଛନ୍ତି ।

## କେନାଲ ଶୁଖିଲା, ବିଲ ପଡିଆ: ଚିନ୍ତାରେ ଚାଷୀ



ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସରକାର ଯୋଜନା ଉପରେ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । କେନାଲ,କାଡା କେନାଲ ସର୍ବୋପରି ଉଠା ଜଳ ସେଚନ ମାଧ୍ୟମରେ ଚାଷୀଙ୍କ ବିଲକୁ ପାଣି ଯୋଗାଇ ଦେବା ନିମନ୍ତେ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଏପରିସ୍ଥଳେ ସ୍ଥାନୀୟ ଜଳ ସମ୍ପଦ ବିଭାଗର ଦୂର ଦୃଷ୍ଟିର ଅଭାବ କାରଣରୁ ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକ ଦେଇ ପ୍ରବାହିତ କେନାଲ ଗୁଡିକ ଶୁଖିଲା ପଡିଥିବା ଅଭିଯୋଗ ହୋଇଛି। କେନାଲ ଶୁଖିଲା ପଡିଥିବା କାରଣରୁ ଚାଷ ଜମିରେ ଚାଷ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନଥିବାର ଚାଷୀ ମହଲରେ ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ସ୍ଥାନୀୟ କୋଳଣପୁର, କେନ୍ଦୁପାଟଣା, ବୁହାଳୋ, ସରପଡା, ଜିର୍ଗ୍ନିପୁର, ବରାଦୋ, ରାମକୃଷ୍ଣପୁର, ନଟକାଇ, ଜୟରାମପୁର, ଫଗୋଳ ପ୍ରଭୃତି ଗ୍ରାମପଂଚାୟତର ଶହ ଶହ ଚାଷୀ ଜଳ ସେଚନ ନିମନ୍ତେ ନିର୍ଭର କରିଥାନ୍ତି। ଗତ କିଛିଦିନ ହେଲା ସ୍ଥାନୀୟ ଅଂଚଳରେ ବର୍ଷା କମିଯାଇଥିବା କାରଣରୁ ଚାଷ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନାହିଁ। ଏଠାରେ ସୂଚନା ଥାଉକି ଏହି ଅଂଚଳଟି କୃଷି ବହୁଳ ଅଟେ। ସ୍ଥାନୀୟ ଲୋକେ ମୁଖ୍ୟତ କୃଷି ଉପରେ ନିର୍ଭର କରିଥାନ୍ତି। ତେବେ ବର୍ଷା ଅଭାବରୁ ସ୍ଥାନୀୟ ଅଂଚଳର ଚାଷଜମି ଗୁଡିକ ଫାଟିବାକୁ ଆରମ୍ଭ କଲାଣି। ସ୍ଥାନୀୟ ଜଳ ସମ୍ପଦ ବିଭାଗ ତରଫରୁ ଜୁଲାଇ ମାସ ଶେଷ ହେବାକୁ ବସିଥିଲା ବେଳେ ଏପର୍ଯ୍ୟନ୍ତ କେନାଲରେ ପାଣି ଆସିପାରିନାହିଁ। ବାହା ଘର ବେଳେ ବାଇଗଣ ରୁଆ ନୀତିରେ ସ୍ଥାନୀୟ ଜଳ ସମ୍ପଦ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ କେନାଲ ସଫେଇ ମରାମତି ଓ ଗାର୍ଡୱାଲ ତଥା ଲାଇନିଂ କାମ ଚାଲୁ ରହିଛି। ଯାହା ଦ୍ୱାରାକି ଚଳିତ ବର୍ଷ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହି କେନାଲ ଗୁଡିକରେ ପାଣି ଆସିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଅପରପକ୍ଷରେ ସ୍ଥାନୀୟ ଲୋକ ପ୍ରତିନିଧି ଓ ବିଭାଗୀୟ ଯନ୍ତ୍ରୀଙ୍କ ଠିକାଦାର ପ୍ରୀତି ଯୋଗୁ ଏଭଳି ଦୁର୍ଦ୍ଦଶା ଚାଷୀମାନେ ଭୋଗିବାକୁ ଯାଉଛନ୍ତି। କେନାଲରେ ପାଣି ନଆସିବା ଯୋଗୁ ଚାଷ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଚାଷୀମାନେ ବିଲରେ ପକାଇଥିବା ଧାନ ତଳି ମରିବାକୁ ଆରମ୍ଭ କଲାଣି। ଚାଷ ତରତର ବଣିଜ ମଠ ନ୍ୟାୟରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଚାଷ କାର୍ଯ୍ୟ ନହେଲେ ବିଷମ ସମସ୍ୟା ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ତେବେ କେନାଲରେ ପାଣି ନଆସିଲେ ଚାଷୀ ତାର ବର୍ଷକର ଆହାର କିପରି ପାଇବ ସେଥିନେଇ ଚିନ୍ତାରେ ଭାଙ୍ଗି ପଡିଛି। ସ୍ଥାନୀୟ ଅଞ୍ଚଳର ଶହ ଶହ ଏକର ଜମି ଜଳ ସେଚନ ଅଭାବରୁ ପଡିଆ ପଡିଥିଲା ବେଳେ କେନାଲଗୁଡିକ ଶ୍ରାବଣ ମାସରେ ମଧ୍ୟ ଶୁଖିଲା ପଡିଛି। ତେବେ ରାଜ୍ୟ ମୁଖ୍ୟମନ୍ତ୍ରୀ ସର୍ବୋପରି ଜଳ ସମ୍ପଦ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ, ସ୍ଥାନୀୟ ଅଞ୍ଚଳର କେନାଲ ଗୁଡିକରେ ତୁରନ୍ତ ପାଣି ଛାଡିବା ନିମନ୍ତେ ଚାଷୀ ମହଲରେ ଦୃଢ ଦାବି ହୋଇଛି। ନଚେତ ଆଗାମୀ ଦିନରେ ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ପଛାଇବେ ନାହିଁ ବୋଲି ଚରମ ଚେତାବନୀ ଦେଇଛନ୍ତି।



ବୌଦ୍ଧ, (ଭାସ୍କର ନ୍ୟୁଜ) : ବୌଦ୍ଧ ବ୍ଲକ ବଘିଆପଡ଼ା ପଂଚାୟତ ଅନ୍ତର୍ଗତ ମେଣ୍ଢିମାଳ ସେବାଶ୍ରମ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ସଭାପତିତ୍ୱରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରାଯାଇଛି । ସର୍ବସମ୍ମତି କ୍ରମେ କମିଟିର ସଭ୍ୟାଧ୍ୟକ୍ଷା ଚୟନ କରାଗଲା । ବିଜ୍ଞାନ ଶିକ୍ଷୟିତ୍ରୀ ସୁବାସିନୀ ସାହୁ କମିଟିର ଅଧ୍ୟକ୍ଷା, ମେଟ୍ରନ ଦୁର୍ଗାଶ୍ରୀ ସାହୁ ପଞ୍ଚୁଆ ବର୍ଗ ସଦସ୍ୟା, ସମ୍ପ୍ରିତା ପ୍ରଧାନ ଅଣ-ସରକାରୀ ସଙ୍ଗଠନ ସଦସ୍ୟା ଏବଂ ସୁଶ୍ରୀ ସ୍ମୃତିସ୍ମିତା ପ୍ରଧାନ, ସୁଶ୍ରୀ ସୋନିଆ ମହାକୁଡ଼ ଓ ବଲ୍ଲଭି ପ୍ରଧାନଙ୍କୁ କମିଟି ସଭ୍ୟା ରୂପେ ଚୟନ କରାଗଲା । ଏହା ବ୍ୟତୀତ ସଭ୍ୟ ଭାବେ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ, ହିନ୍ଦୀ ଶିକ୍ଷକ ନାରାୟଣ ସେଠୀ, ଓଡ଼ିଆ ଶିକ୍ଷକ ସରୋଜ କୁମାର ମହାକୁଡ଼, କ୍ରୀଡ଼ା ଶିକ୍ଷକ ସରୋଜ କୁମାର ସ୍ୱାଇଁଙ୍କୁ ମନୋନୀତ କରାଯାଇଥିଲା । ମାର୍ଗଦର୍ଶିକା ପତ୍ର ଅନୁଯାୟୀ ପ୍ରତି ସପ୍ତାହରେ ଆଭ୍ୟନ୍ତରୀଣ କମିଟିର ବୈଠକ ଅନୁଷ୍ଠିତ କରାଯିବ ବୋଲି ନିଷ୍ପତ୍ତି ନିଆଗଲା । ଶେଷରେ ଇଂରାଜୀ ଶିକ୍ଷକ ସନତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ବାଉଁଶ ସେତୁ ଭରସାରେ ମୁଣ୍ଡାସାହିବାସୀ

କେନ୍ଦୁଝର, (ଭାସ୍କର ନ୍ୟୁଜ) : ବନ୍ୟାରେ ଧୋଇଗଲା ପୋଲ । ଫଳରେ ଗାଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୋଲ ନିର୍ମାଣ ପାଇଁ ଅଭିଯୋଗ ହୋଇ ଆସୁଥିଲେହେଁ କୌଣସି ପଦକ୍ଷେପ ନିଆଯାଇନାହିଁ । କୌଣସି ଉପାୟ ନପାଇ ଲୋକେ ଏବେ ବାଉଁଶସେତୁ ଭରଷା କରିଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ନରସିଂପୁର ଗାଁର ମୁଣ୍ଡାସାହିରେ । କିଛିଦିନ ତଳେ ଲାଗି ରହିଥିବା ଲଗାଣ ବର୍ଷା ଯୋଗୁଁ ପ୍ରାକୃତିକ ନାଳ ଗୁଡିକ ପୁଲି ଉଠିଥିଲା । ଅଧିକ ମାତ୍ରାରେ ବନ୍ୟାଜଳ ପ୍ରବାହିତ ହେବାରୁ ପୋଲ ଏବଂ ରାସ୍ତା ଧୋଇ ହୋଇ ଯାଇଛି । ସାହିର ୩୨ ପରିବାର ଏବେ ବାଉଁଶ ସେତୁ କରି ସାଧାରଣ ଚଲାପାଦ ପାଇଁ ଚଳ ପ୍ରଚଳ କରୁଛନ୍ତି । ଜରୁରୀ କାଳୀନ ସ୍ୱାସ୍ଥ୍ୟସେବାରେ ୧୦୮ ଆମ୍ବୁଲାନ୍ସ ଗାଁ ଭିତରକୁ ପଶି ପାରୁନି । ସମସ୍ୟା ଭିତରେ ଲୋକେ ବନ୍ଦୀ ହୋଇ ରହିଛନ୍ତି ।

## ବିପଦପୂର୍ଣ୍ଣ ରାସ୍ତାରେ ଯାତାୟତ କରୁଛନ୍ତି କେଲୁବାଡି ଗ୍ରାମବାସୀ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ଅନ୍ତର୍ଗତ ବର୍ଗୀ ପଞ୍ଚାୟତର କେଲୁବାଡି ଗ୍ରାମବାସୀ ପୋଲ ଖଣ୍ଡିକ ପାଇଁ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିଲେ ମଧ୍ୟ ପ୍ରଶାସନର ଦେଖାନାହିଁ । ଶନିବାର ଦିନ ହୋଇଥିବା ବର୍ଷାରେ ଗ୍ରାମବାସୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ । ଗ୍ରାମ ପାଖ ନଦୀରେ ବର୍ଷା ପାଣି ଅତିବାହିତ କରିବାରୁ ଯାତାୟାତରେ ବାଧା ଉପୁଜି ଥିଲା । ଏପରିକି କିଛି ଲୋକ ବାହାରକୁ କୌଣସି କାମରେ ଯାଇ ଗ୍ରାମକୁ ଫେରିବା ସମୟରେ ସମସ୍ୟାରେ ପଡ଼ିଥିଲେ । ଗ୍ରାମ ପାଖ ନଦୀରେ ବର୍ଷା ପାଣି ଅତିବାହିତ ହେଉଥିବାରୁ ଯାତାୟତରେ ସମସ୍ୟା ଉପୁଜି ଥିଲା । ଏନେଇ କିଛି ଲୋକ ନଦୀକୂଳ ଦେଇ ଯାଇଥିବା ପାନୀୟ ଜଳ ପାଇପ ସାହାଯ୍ୟରେ ଜୀବନକୁ ପାଣି ଛଡାଇ ଯାଉଥିବା ଦେଖିବାକୁ ମିଳିଥିଲା । କୋରାପୁଟ ଜିଲ୍ଲାରେ ସମସ୍ତ ବ୍ଲକରେ



ଥିବା ଅନେକ ଦୁର୍ଗମ ଅଞ୍ଚଳକୁ ରାସ୍ତା ନିର୍ମାଣ ଚାଲିଥିବା ବେଳେ କେଲୁବାଡି ଗ୍ରାମ ସେଥିରୁ ବଞ୍ଚିତ ରହିଛି । ଗ୍ରାମକୁ ଶତ ବର୍ଷ ତଳେ ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନାରେ ସିସି ରାସ୍ତା କାମ ହୋଇଥିଲା କିନ୍ତୁ ବିଭାଗୀୟ ଅଧିକାରୀ ଗ୍ରାମ ପାଖ ନଦୀରେ ପୋଲ ନିର୍ମାଣ ପ୍ରତି ଧ୍ୟାନ ଦେଇ ନଥିବାରୁ ଆଜି ସମସ୍ୟା ଉପୁଜିଛି । ଉକ୍ତ ସିସି ରାସ୍ତା ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ବର୍ଗୀ ପଞ୍ଚାୟତ ସଦର ଠାରୁ ଗ୍ରାମର ଦୂରତା ତିନି କିଲୋମିଟର ହୋଇଥିବା ବେଳେ ବ୍ଲକ ସଦରରୁ ୧୪ କିଲୋମିଟର ରହିଛି । ତଥାପି ଏଯାଏଁ ବ୍ଲକ ପ୍ରଶାସନର ଦୃଷ୍ଟି ପଡ଼ିନି । ଖାଲି ସେତିକି ନୁହଁ ବର୍ଗୀ ସରପଞ୍ଚଙ୍କ ଘର ମଧ୍ୟ ଉକ୍ତ ଗ୍ରାମରେ ଥାଇ ବି ପୋଲ ଖଣ୍ଡେ ନିର୍ମାଣ ହୋଇପାରୁ ନଥିବା ଦୁଃଖର ବିଷୟ ପାଲଟିଛି । ଯୁଗ ଯାଇ କୋଉଠି ପହଞ୍ଚିଲାଣି ହେଲେ କେଲୁବାଡ଼ି ଗ୍ରାମ ନଦୀରେ ପୋଲ ଖଣ୍ଡେ ନିର୍ମାଣ ହୋଇ ପାରୁନଥିବା କୋରାପୁଟ ଜିଲ୍ଲା ପ୍ରଶାସନର ଅପାରଗତାକୁ ପଦାରେ ପକାଉଛି । ତୁରନ୍ତ କେଲୁବାଡ଼ି ଗ୍ରାମ ପାଖ ନଦୀରେ ପୋଲ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ନାରାୟଣ ପାଟଣା ବିଡ଼ିଓଙ୍କୁ ଯୋଗାଯୋଗ କରିଥିଲେ ହେଲେ ଫୋନ ନଉଠାଇବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନି ।

## ରେମଜାରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର

ବ୍ରଜରାଜନଗର, (ଭାସ୍କର ନ୍ୟୁଜ) : ରବିବାର ରେମେଜା କାର୍ତ୍ତିକ ଭବନରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି । ଝାରସୁଗୁଡ଼ା ତ୍ରିଲୋଚନ ନେତ୍ରାଳୟ ଓ ରେମେଜା କାର୍ତ୍ତିକ ଆସୋସିଏସନର ମିଳିତ ସହଯୋଗରେ ଏହି ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି । ଏହି ଶିବିରରେ ବିଭିନ୍ନ ଅଞ୍ଚଳରୁ ମୋଟ ୭୬ଜଣ ରୋଗୀ ରେଜିଷ୍ଟ୍ରେସନ କରାଇଥିଲେ । ଚକ୍ଷୁ ଯାଞ୍ଚ ପରେ ସେଥିମଧ୍ୟରୁ ୨୦ଜଣଙ୍କର ମୋତିଆବିନ୍ଦୁ ଚିହ୍ନଟ କରାଯାଇଛି । ଏହି ମୋତିଆବିନ୍ଦୁ ଅପରେସନ ପାଇଁ ୧୭ ଜଣଙ୍କୁ ଆମ୍ବୁଲାନ୍ସ ସାହାଯ୍ୟରେ ସୁରକ୍ଷିତ ଭାବେ ତ୍ରିଲୋଚନ ନେତ୍ରାଳୟକୁ ନିଆଯାଇଛି ଓ ତ୍ରିଲୋଚନ ନେତ୍ରାଳୟ ଠାରେ ଏହି ରୋଗୀମାନଙ୍କୁ ମାଗଣାରେ ମୋତିଆବିନ୍ଦୁ ଅପରେସନ କରି ମାଗଣା ଚଷମା ଦେଇ ରୋଗୀମାନଙ୍କୁ ଘରକୁ ଘର ପହଞ୍ଚାଇ ଦିଆଯିବ । ରୋଗୀମାନଙ୍କ ରହିବା ଖାଇବାର ସମସ୍ତ ସୁବିଧା ତ୍ରିଲୋଚନ ନେତ୍ରାଳୟ ପକ୍ଷରୁ କରାଯିବ ଓ ଆଜିର ଏହି ଶିବିରରେ ତ୍ରିଲୋଚନ ନେତ୍ରାଳୟ ପକ୍ଷରୁ ଟଙ୍କଧର ଜାଲି, ସୂର୍ଯ୍ୟ କାନ୍ତି ନାୟକ, ପୁଷ୍ପିତା ପଟେଲ, ନିକିତା ଓରାମ ଏବଂ ସୁଲୋମୀ ଡୁଙ୍ଗ ଡୁଙ୍ଗ ଉପସ୍ଥିତ ରହିଥିଲେ ଓ ଏହି ଶିବିରକୁ ସଫଳ ତାର ସହ ଆୟୋଜନ କରିବାରେ କାର୍ତ୍ତିକ ଆସୋସିଏସନର ଉଲ୍ଲେଖନୀୟ ଅବଦାନ ରହିଛି ।

## ପୁଅର ମୃତ୍ୟୁକୁ ସହିପାରିଲେନି
## ବିଷ ପିଇ ମା ଗୁରୁତର

ବଡ଼ଚଣା, (ଭାସ୍କର ନ୍ୟୁଜ): ବୈରି ଥାନା ଚମ୍ପପୁର ପଞ୍ଚାୟତ ସପନପୁର ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି । ଗ୍ରାମର ହରିହର ସ୍ୱାଇଁଙ୍କ ପୁଅ ପ୍ରକାଶ ସ୍ୱାଇଁ(୩୨) କୌଣସି କାରଣରୁ ବିଷ ପିଇ ଦେବାରୁ ପରିବାର ଲୋକେ ସଙ୍ଗେ ସଙ୍ଗେ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଗୁରୁତର ଥିବାରୁ କଟକ ବଡ ମେଡିକାଲ ନେଇଯାଇଥିଲେ । ମାତ୍ର ଚିକିତ୍ସା ଅବସ୍ଥାରେ ଗତକାଲି ରାତିରେ ମୃତ୍ୟୁ ହୋଇଥିଲା । ପୁଅର ମୃତ୍ୟୁ କଥା ଶୁଣି ମା ଅମ୍ବିକା ସ୍ୱାଇଁ(୫୫) ସମସ୍ତଙ୍କ ଅଗୋଚରରେ ନିଜେ ମଧ୍ୟ ବିଷ ପିଇ ଦେଇଥିଲେ । କାନ୍ଦ ବୋବାଳି ଭିତରେ ମା'ର ଏପରି ଅବସ୍ଥା ଦେଖି ଓ ମା ବିଷ ପିଇବା କଥା ଜାଣି ସଙ୍ଗେ ସଙ୍ଗେ ବଡ଼ଚଣା ନେଇଯାଇଥିଲେ । ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ପଠାଇ ଦେଲେ । ପୁଅର ମୃତ ଶରୀର ବ୍ୟବଚ୍ଛେଦ ପାଇଁ କଟକରେ ପଡିରହିଥିବା ବେଳେ ମାଙ୍କର ମଧ୍ୟ ଗୁରୁତର ଅବସ୍ଥାରେ ଚିକିତ୍ସା ଚାଲିଛି । ଏପରି ଘଟଣାକୁ ନେଇ ଗ୍ରାମରେ ଏକ ଅବାଞ୍ଛନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ପ୍ରକୃତିବନ୍ଧୁ ଜେନାମଣି ବଳଙ୍କ ଦ୍ୱାରା ତାଳ ମଞ୍ଜି ରୋପଣ

ଡେରାବିଶ, (ଭାସ୍କର ନ୍ୟୁଜ) : ଡେରାବିଶ ବ୍ଲକ ବାନପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ଗ୍ରାମର ପ୍ରକୃତି ବନ୍ଧୁ ଜେନାମଣି ବଳ ପଞ୍ଚାୟତ ଅନ୍ତର୍ଗତ ଗହଗା ସ୍ଥିତ ଗଡ଼ିଆଳି ଦଣ୍ଡା ଓ ଲୁଣାନଦୀ ବନ୍ଧ କଡ଼ରେ ଶତାଧିକ ତାଳମଞ୍ଜି ରୋପଣ କରିଛନ୍ତି । ଶ୍ରୀ ବଳ ଦୀର୍ଘ ୧୦ ବର୍ଷ ହେବ ତାଗାରୋପଣ କାର୍ଯ୍ୟ କରି ଆସୁଥିବା ବେଳେ ନିକଟସ୍ଥ କେନାଲ ବନ୍ଧ କଡ଼, ରାସ୍ତାକଡ଼ରେ ଓ ବିଭିନ୍ନ ଦଣ୍ଡା ଗୋଚରରେ ଶହଶହ ଗଛ ଲଗାଇ ଆସୁଛନ୍ତି । ଏବେରିକି ବୈଜ୍ଞାନିକ ମାନଙ୍କ ଦ୍ୱାରା ତାଳଗଛ ବଜ୍ରପାତରୁ ରକ୍ଷା କରିବ ବୋଲି ଘୋଷଣା କରିବାର ଯଥେଷ୍ଟ ପୂର୍ବରୁ ଶ୍ରୀ ବଳ ଅନ୍ୟାନ୍ୟ ଗଛ ସହିତ ବହୁ ତାଳଗଛ ଲଗାଇ ଆସୁଥିଲେ । ସେ ଚଳିତବର୍ଷ ୧୦୦୦ ତାଳ ମଞ୍ଜି ରୋପଣ କରିବାକୁ ଶପଥ ନେଇ ଏବେ ସୁଦ୍ଧା ୫୦୦ରୁ ଊର୍ଦ୍ଧ୍ୱ ତାଳ ମଞ୍ଜି ବିଭିନ୍ନ ରାସ୍ତା କଡ଼ କେନାଲ ବନ୍ଧ କଡ଼ ଓ ନଦୀବନ୍ଧ କଡ଼ରେ ଲଗାଇ ସାରିଲେଣି । ଶ୍ରୀ ବଳଙ୍କୁ ଗ୍ରାମର ସୁରେନ୍ଦ୍ର ଶତପଥି ଓ ଧିରେନ୍ଦ୍ର ସାହୁ ଏହି ତାଳ ମଞ୍ଜି ଲଗାଇବାରେ ସହାୟତା କରିଥିଲେ ।

## ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି ଶ୍ରମିକ ଗୁରୁତର

ମାଲକାନଗିରି, (ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ୧୧ କେଭି ବିଦ୍ୟୁତ୍ ତାର ଟଣାଯାଉଥିବା ବେଳେ ଘଟିଛି ଅଘଟଣ । କିଛି ଶ୍ରମିକ ତଳେ ଥିବା ବେଳେ ଜଣେ ଶ୍ରମିକ ବିଦ୍ୟୁତ୍ ଖୁଣ୍ଟ ଉପରକୁ ଚଢୁଥିଲେ । ହଠାତ୍ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯାଇଥିଲା । ଯାହାଫଳରେ ଶ୍ରମିକ ଜଣକ ତଳେ କଚାଡ଼ି ହୋଇପଡ଼ିଥିଲେ । ଗୁରୁତର ଆହତ ବିଦ୍ୟୁତ୍ ଖୁଣ୍ଟ ଗୁଡ଼ିକ ସିମେଣ୍ଟ କଂକ୍ରିଟରେ ନିର୍ମାଣ ହୋଇଥିବା ବେଳେ ଅତି ନିମ୍ନମାନର ହୋଇଥିବାରୁ ଏଭଳି ଅଘଟଣ ଘଟିଥିବା କୁହାଯାଇଛି । ବିଦ୍ୟୁତ୍ ବିଭାଗ ତରଫରୁ ଏଭଳି ନଷ୍ଟ ହୋଇଥିବା ବିଦ୍ୟୁତ୍ ଖୁଣ୍ଟ ଗୁଡ଼ିକୁ ଚିହ୍ନଟ କରି ବଦଳାଇବା ପାଇଁ ଦାବି ହୋଇଛି । ଶ୍ରମିକମାନଙ୍କର ବୀମା ନଥିବାରୁ ସେମାନେ କ୍ଷତିପୂରଣ ପାଇପାରୁନଥିବା କୁହାଯାଇଛି । ତେଣୁ



ଶ୍ରମିକ କାଳିମେଳା ବ୍ଲକ ମାଙ୍ଗିପାଲୀ ପଞ୍ଚାୟତ କୁଲିମେଟଲା ଗ୍ରାମର ସନିଆ କାବାସି ବୟସ-୩୫ ବୋଲି ଜଣାପଡ଼ିଛି । ତୁରନ୍ତ ସାଥିରେ ଥିବା ଶ୍ରମିକମାନେ ମାଲକାନଗିରି ମୁଖ୍ୟ ଡାକ୍ତରଖାନାକୁ ନେଇ ଭର୍ତ୍ତି କରିଥିଲେ । ଡ଼ାକ୍ତର ତାଙ୍କର ବିଭିନ୍ନ ପ୍ରକାରର ପରୀକ୍ଷା ନିରୀକ୍ଷା ପରେ ଗୋଡ଼ ଭାଙ୍ଗିଯାଇଥିବା କହିଛନ୍ତି । ଆହତ ଶ୍ରମିକଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରାଯାଉ ବୋଲି ଦାବି ହୋଇଛି । ସୂଚନା ଥାଉକି, ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ଦୁଇଦିନ ପୂର୍ବେ ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟି ଜିଲ୍ଲାରେ ଥିବା ବିପଦସଂକୁଳ ବିଦ୍ୟୁତ୍ ଖୁଣ୍ଟ ଗୁଡ଼ିକୁ ବଦଳାଇବା ପାଇଁ ଦାବିପତ୍ର ଦେଇଥିଲେ ।

## କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

ବୌଦ୍ଧ, (ଭାସ୍କର ନ୍ୟୁଜ) : ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଲକ୍ଷ୍ମୀପ୍ରସାଦଠାରେ ୨୦୨୫-୨୬ ଶିକ୍ଷା ବର୍ଷର ପ୍ରଥମ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ନାରାୟଣନଗର ସିଆରସିସି ସନ୍ତୋଷ କୁମାର ଶତପଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜଗତି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବେନ୍ଦ୍ର ଦେହୁରୀ, ଗୁଡିଆଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାମୋଦର ବହିଦାର, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅନନ୍ତି ଭୋଇ ଯୋଗଦେଇ ଶିଶୁ ବାଟିକା, ଶିକ୍ଷକ ସହାୟକ ପୁସ୍ତିକା, ଜୁଲାଇ ମାସରଶୈକ୍ଷିକ କ୍ୟାଲେଣ୍ଡର, ବହୁ ଶ୍ରେଣୀ ପରିଚାଳନା, ବିଦ୍ୟାଳୟ ବିକାଶ ଯୋଜନା, ବିଦ୍ୟାଳୟ ସୁରକ୍ଷା ଓ ନିରାପତ୍ତା ବିଷୟରେ ଆଲୋଚନା କରିଥିଲେ । ଶେଷରେ ଶ୍ରୀ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ କ୍ଲଷ୍ଟର ୧୦ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ୯ ଜଣ ଏଫ୍‌ଏଲଏନ୍ ଶିକ୍ଷକ /ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ ।

## ସୁସ୍ଥ ପଞ୍ଚାୟତ ଗଠନ ତାଲିମ୍ ଶିବିର ଉଦ୍‌ଯାପିତ



ମାଲକାନଗିରି, (ଭାସ୍କର ନ୍ୟୁଜ) : ଚଳିତ ମାସ ୧୮ ତାରିଖ ରୁ ୨୦ ତାରିଖ ପର୍ଯ୍ୟନ୍ତ ସରକାରଙ୍କ ଉଦ୍ୟମରେ ସୁସ୍ଥ ଓ ସଚେତନ ପଞ୍ଚାୟତ ଗଠନ ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ତିନି ଦିନିଆ ତାଲିମ୍ ଶିବିର ଆୟୋଜିତ ହୋଇଥିଲା । ଏହି ଶିବିର ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ଠାରେ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ୧୮ ତାରିଖ ରୁ ୨୦ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । କାର୍ଯ୍ୟକ୍ରମର ଉଦ୍ଘାଟନ ସିଡିଓ-କମ୍ ଇଓ ନରେଶ ଚନ୍ଦ୍ର ଶବର କରିଥିଲା । ଏଥିରେ ପୋଗ୍ରାମ୍ ମ୍ୟାନେଜର ହିମାଂଶୁ ଭୂଷଣ ମହାରଣା ଶିବିରର ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ବିଷୟରେ ବିସ୍ତୃତ ଭାବେ ଉପସ୍ଥିତ ଥିବା ସମସ୍ତଙ୍କୁ ଅବଗତ କରାଇଥିଲେ । ଏହି ତାଲିମ୍ ଶିବିରରେ ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ପଞ୍ଚାୟତରୁ ଆସିଥିବା ୫୬ ଜଣ ପୁରୁଷ ହେଲଥ ୱାର୍କରଙ୍କୁ ଯକ୍ଷ୍ମାମୁକ୍ତ ପଞ୍ଚାୟତ, ପୁଷ୍ଟି ହୀନତା ଓ ରକ୍ତହୀନତା ନିବାରଣ ଉଦ୍ଦେଶ୍ୟରେ ବିଶେଷ ତାଲିମ୍ ଦିଆଯାଇଥିଲା । ଏହି ଶିବିରରେ ତାଲିମ୍ ଦାତା ଭାବେ ଡା. ପ୍ରଜ୍ଞା ପଟ୍ଟନାୟକ, ପ୍ରଶାନ୍ତ ମଲ୍ଲିକ, କ୍ରୀଷ୍ଣାମୟୀ ମିଶ୍ର, ପ୍ରିୟବ୍ରତ ଯୋଶୀ ଏବଂ ପିରାମଲ୍ ଫାଉଣ୍ଡେସନର ବିଷ୍ଣୁ ସାହୁ ଅନୁପ୍ରେରଣାଦାୟୀ ଏବଂ ତଥ୍ୟମୂଳକ ତାଲିମ୍ ଦେଇଥିଲେ । ତାଲିମ୍ ଶିବିର ପରେ ଏହି ପ୍ରଶିକ୍ଷଣ ପାଇଥିବା ସ୍ୱାସ୍ଥ୍ୟ କର୍ମୀମାନେ ନିଜ ଅଞ୍ଚଳରେ ଜନସାଧାରଣଙ୍କୁ ସଚେତନ କରି ନିଜ ଜ୍ଞାନ ଓ ଅନୁଭବକୁ ବ୍ୟବହାର କରିବେ । ଏହି କାର୍ଯ୍ୟକ୍ରମକୁ ସଫଳ ଓ ସୁସଂଗଠିତ ଭାବେ ପରିଚାଳନା କରିବାରେ ବିନାଶ କୁମାର ମିଶ୍ରଙ୍କ ନେତୃତ୍ୱରେ ବିଶ୍ୱନାଥ ମଣ୍ଡଳ, ଏନ. ଅହଲ୍ୟା ଓ ପଞ୍ଚାୟତ ସାଧନ କେନ୍ଦ୍ରର ସମସ୍ତ ସଦସ୍ୟ ସହଯୋଗ କରି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ ।

## ସୀମାନ୍ତ ଗାଁ ନେରେଡିବାଲସାରେ ସ୍ୱାସ୍ଥ୍ୟ ଶିବିର





କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ପଟାଙ୍ଗି ବ୍ଲକର ଆନ୍ଧ୍ର ଓଡିଶା ବିବାଦୀୟ କୋଟିଆ ଗ୍ରାମ ପଞ୍ଚାୟତର ସୀମାନ୍ତ ଗାଁ ନେରେଡିବାଲସାରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଆଖପାଖ ବିଭିନ୍ନ ଗ୍ରାମରୁ ୨୮୬ଜଣ ପଞ୍ଜୀକରଣ କରିଥିଲେ । ସେମାନଙ୍କ ମଧ୍ୟରେ ୩୫ଜଣ ସ୍ତ୍ରୀ ଓ ପ୍ରସୂତି, ୯୨ଜଣ ଶିଶୁ, ୮୭ଜଣ ଚକ୍ଷୁ ରୋଗୀ ଓ ୭୨ଜଣ ସାଧାରଣ ରୋଗୀ ଥିଲେ । ୧୯୪ଜଣଙ୍କର ରକ୍ତଚାପ, ରକ୍ତଶର୍କରା, ଅଣ ସଂକ୍ରାମିତ ରୋଗ ପରୀକ୍ଷା ଓ ପରାମର୍ଶ, ୧୧୨ଜଣଙ୍କ ମ୍ୟାଲେରିଆ ପରୀକ୍ଷା, ଦୃଷ୍ଟିଦୋଷ ଥିବା ୩୧ଜଣଙ୍କୁ ମାଗଣା ଚଷମା ସହିତ ଔଷଧ ବଣ୍ଟନ କରାଯାଇଥିଲା । ପଟାଙ୍ଗୀ ବିଡିଓ ରାମକୃଷ୍ଣ ନାୟକ ନେତୃତ୍ୱରେ ଶିବିର ଅନୁଷ୍ଠିତ ହୋଇଥିଲା । ପଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଭାଗବତ ମୁର୍ମୁ ସହିତ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡ. ସନ୍ତୋଷ କୁମାର ପଣ୍ଡା, ଶିଶୁରୋଗ ବିଶେଷଜ୍ଞ ଡ. ଶମ୍ଭୁ ଶଙ୍କର ପାତ୍ର, କୋଟିଆ ସ୍ୱାସ୍ଥ୍ୟକେନ୍ଦ୍ରର ଡ. ବିରେଶ କୁମାର ମହାପାତ୍ର, ଡ. ଦୁର୍ଗାମାଧବ ପଣ୍ଡା ଓ ଚକ୍ଷୁ ଚିକିତ୍ସା ଅଧିକାରୀ ବିଜୟ କୁମାର ଆଚାର୍ଯ୍ୟ ଯୋଗଦେଇ ରୋଗୀଙ୍କ ଚିକିତ୍ସା କରିଥିଲେ । ଏବିଡିଓ ବେଦାନ୍ତ କୁମାର ମାଝି, ଏଇଇ ବିଶ୍ୱନାଥ ମାଦାନି, ଏପିଓ ସୌମେନ୍ଦ୍ର ନାୟକ, ଜେଇଇ ଅଜୟ ରାମ ତରାଇ ଓ ପିଇଓ କୋଣ୍ଡା ଗୋଲୋରୀ ପରିଚାଳନା କରିଥିଲେ । ସେହିପରି ପଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପିଏଚଓ ଆରତୀ ଗୁଡିଆ ଓ ସୁପରଭାଇଜର ସୁବ୍ରତ ଶର୍ମା ସହିତ କର୍ମଚାରୀମାନେ ଶିବିରକୁ ପରିଚାଳନା କରିଥିଲେ । ସମସ୍ତ ଅଙ୍ଗନବାଡୀ ଓ ଆଶାକର୍ମୀ ସହଯୋଗ କରିଥିଲେ ।

## ଭୁଜାଲି ଦେଖାଇ ବାଇକ୍ ଲୁଟିନେଲେ ଦୁର୍ବୃତ୍ତ

ସାରସକଣା, (ଭାସ୍କର ନ୍ୟୁଜ): ଏହି ବ୍ଲକ୍ ଅନ୍ତର୍ଗତ ଯୋକା ଠାରୁ ଉପରବେଡା ରାସ୍ତାରେ ଜଙ୍ଗଲ ଥିବା ଯୋଗୁଁ ଲୁଟ୍ କରିବା ସହଜ ହେଉଛି । ଯୋକା ଗ୍ରାମର ବିଜୟ ସାହୁ ଓ ଉଦ୍ଧବ ନାଏକ ଶନିବାର ସାରସକଣା ହାଟରୁ ଘରକୁ ଫେରୁଥିବା ସମୟରେ ଜଙ୍ଗଲ ମଝିରେ ସେମାନଙ୍କୁ ଭୁଜାଲି ଦେଖାଇ ଓ ବୋମାମାଡ଼ କରି ସେମାନଙ୍କ ଠାରୁ ଟଙ୍କା, ମୋବାଇଲ୍ ଲୁଟି ନେଇଥିଲେ । ଅଧିକାଂଶ ସମୟରେ ଏଠାରେ ଲୁଟ୍ ଘଟଣା ଶୁଣିବାକୁ ମିଳୁଛି । ରାସ୍ତା ଖରାପ ହୋଇଥିବାରୁ ପୋଲିସ ପହଞ୍ଚିବା ବିଳମ୍ବ ହେଉଛି । ଜଙ୍ଗଲ ଓ ନିଛାଟିଆ ରାସ୍ତା ହୋଇଥିବାରୁ ଏହା ଚୋରି, ଡକାୟତି କରିବାର ଉପଯୁକ୍ତ ସ୍ଥାନ ସୃଷ୍ଟି କରିଛି । ତେଣୁ ପୋଲିସ ବିଭାଗ ଓ ପ୍ରଶାସନକୁ ଜନସାଧାରଣ ଅନୁରୋଧ କରିଛନ୍ତି ଯେ ଯଦି ଏଠାରେ କୌଣସି ପ୍ରକାର ଅପରାଧ, ଲୁଟ୍, ଛିନ୍‌ତାଇ ରୋକିବା ପାଇଁ ବ୍ୟବସ୍ଥା କରାଯାଇ ପାରନ୍ତା, ତାହାହେଲେ ଜନସାଧାରଣ ଭୟଭୀତ ନ ହୋଇ ସୁରୁଖୁରୁରେ ଯିବା ଆସିବା କରିବାପାଇଁ ସହଜ ହୁଅନ୍ତା ।

## ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ଶୁଭାରମ୍ଭ




କୋରାପୁଟ, (ଭାସ୍କର ନ୍ୟୁଜ) କୋରାପୁଟ ମ୍ୟୁନିସିପାଲଟି ପକ୍ଷରୁ ସହରକୁ ସ୍ୱଚ୍ଛ, ସୁନ୍ଦର ଏବଂ ସୁସ୍ଥ ରଖିବା ନେଇ ସ୍ୱଚ୍ଛତା ଅଭିଯାନ ପୌର ପରିଷଦ କାର୍ଯ୍ୟାଳୟରୁ ଶୁଭାରମ୍ଭ ହୋଇଯାଇଛି । ପ୍ରଥମ ଦିନରେ ମ୍ୟୁନିସିପାଲଟିର ୧,୨ ଓ ୩ ନମ୍ବର ୱାର୍ଡରେ କାର୍ଯ୍ୟକ୍ରମ ହୋଇଥିଲା । ଜୁଲାଇ ୩୧ ଯାଏଁ କାର୍ଯ୍ୟକ୍ରମ ହେବ । ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସହରକୁ ସ୍ୱଚ୍ଛ, ସୁନ୍ଦର ଓ ଜନସାଧାରଣଙ୍କୁ ସୁସ୍ଥ ରଖିବା ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ସଫେଇ ଆପଣାଇ, ବେମାରୀ ହଟାଅ ବର୍ତ୍ତା ଦେଇ ସମସ୍ତ ୱାର୍ଡର ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ସ୍ୱଚ୍ଛ କୋରାପୁଟ ସୁସ୍ଥ କୋରାପୁଟ ହେବ ବୋଲି ପୌରାଧକ୍ଷ କହିଛନ୍ତି । ପ୍ରଥମ ଦିନ ପୁଜାରିପୁଟ, ଡିଏନ୍‌କେ କଲୋନି, ଭାଣ୍ଡିସାହି ଆଦି ୩ଟି ୱାର୍ଡର କାଉନସିଲ ଏବଂ ୱାର୍ଡବାସୀଙ୍କ ଉପସ୍ଥିତିରେ ସ୍ୱଚ୍ଛତା ନେଇ ସଚେତନ କରାଯାଇଥିବା ମ୍ୟୁନିସିପାଲଟି ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠି କହିଛନ୍ତି ।

## ପୁଣି ମୟୂରଭଞ୍ଜରେ ଲଜ୍ଜା : ଅଷ୍ଟମ ଶ୍ରେଣୀ ଛାତ୍ରୀ ଗର୍ଭବତୀ

ବାରିପଦା, (ଭାସ୍କର ନ୍ୟୁଜ) : ସରକାର ବଦଳିବା ପରେ ରାଜ୍ୟରେ ଛାତ୍ରୀ, ମହିଳା ଅସୁରକ୍ଷିତ, ଦୈନନ୍ଦିନ ଘଟୁଥିବା ଘଟଣା ସମଗ୍ର ରାଜ୍ୟରେ ବର୍ତ୍ତମାନ ଉଦ୍‌ବେଗଜନକ ସ୍ଥିତିରେ ଥିବା ବେଳେ ମୟୂରଭଞ୍ଜ ଜିଲ୍ଲାର ପୁଣି ଅଘଟଣ ଘଟିଛି ଯାହା ସମଗ୍ର ଜିଲ୍ଲା ପାଇଁ ଲଜ୍ଜା । ଜିଲ୍ଲାର ବାଙ୍ଗିରିପୋଷି ଥାନା ଅଧୀନ ଏକ ଆବାସିକ (ଏସ୍‌ଏସ୍‌ଡି) ବାଳିକା ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରୀ ୨ମାସର ଗର୍ଭବତୀ ହେବା ଘଟଣା ସାମ୍ନାକୁ ଆସିଛି । ଛାତ୍ରୀ ନିବାସରେ ରହୁଥିବା ନାବାଳିକା ଜଣକ ଦେହ ଅସୁସ୍ଥ ଥିବା ଜାଣିବା ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନାବାଳିକାଙ୍କୁ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିଲେ । ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବା ପରେ ଛାତ୍ରୀ ଜଣକ ପାଖାପାଖି ୨ମାସ ଗର୍ଭବତୀ ଥିବା ଜଣାପଡିଥିଲା । ଶିକ୍ଷୟତ୍ରୀ ଛାତ୍ରୀକୁ ପୁଙ୍ଖାନୁପୁଙ୍ଖ ପଚାରିବା ପରେ ମାକୁ ଖବର ଦେଇଥିଲେ । ଝିଅକୁ ପଚାରିବାରୁ ସେ ଛୁଟିରେ ଘରକୁ ଯାଇଥିବା ସମୟରେ




ଗ୍ରାମର ଜଣେ ନାବାଳକ ପୁଅ ସହ ପ୍ରେମ ସମ୍ପର୍କ ଗଢି ଉଠିବା ସହିତ ଶାରୀରିକ ସମ୍ପର୍କ ହୋଇଥିବା ସ୍ୱୀକାର କରିବାରୁ ନାବାଳିକାଙ୍କ ମା ଥାନାରେ ଏତଲା ଦେଇଥିଲେ । ମାଙ୍କ ଏତଲାକୁ ଆଧାର କରି ବାଙ୍ଗିରିପୋଷି ପୋଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତ ନାବାଳକଙ୍କୁ ଥାନାକୁ ଡାକି ପଚରାଉଚରା ଚଳାଇଛି । ହଷ୍ଟେଲରେ ରହୁଥିବା ପିଲାଙ୍କର ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ହୁଏ । ଏଭିଳି ଘଟଣା ନିଶ୍ଚିତ ଏଇ ହଷ୍ଟେଲରେ ହୋଇନଥିବା ଏହା ସ୍ପଷ୍ଟ ।

## ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର କର୍ମୀ ସମ୍ମିଳନୀ

ବୌଦ୍ଧ, (ଭାସ୍କର ନ୍ୟୁଜ) : ବୌଦ୍ଧ ଜିଲ୍ଲା ସଦର ବ୍ଲକ ମୃଷୁଣ୍ଡୀ ପଞ୍ଚାୟତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଟୁଟୁସିଙ୍ଗା (ଗମ୍ଭାରିପଦର) ମୀରାଶ୍ରୀ ବିହାର ଠାରେ ଜିଲ୍ଲା ସ୍ତରୀୟ ଶ୍ରୀ ଅରବିନ୍ଦ ପାଠଚକ୍ର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସର୍ବପ୍ରଥମେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଠାରେ ପ୍ରଦୀପ ପ୍ରଜ୍ୱଳନ, ଧ୍ୟାନ ଓ ମାତୃବନ୍ଦନା ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ତତପରେ ଦୁର୍ଗାସ୍ତୋତ୍ର ସବିତା ହୋତା, ମା ପୁସ୍ତକ ପଠନ ବିଷ୍ଣୁପ୍ରିୟା ସେନାପତି, ଧ୍ୟାନ ଓ ପ୍ରାର୍ଥନା ଆଶକ୍ଷମଣୀ ସାହୁ, ସ୍ୱାଗତ ସଂଗୀତ କରୁଣାକର ଘଣ୍ଟୁଆଳ ଓ ଅତିଥି ସ୍ୱାଗତ ରାଜକୁମାରୀ ବେହେରା କରିଥିଲେ । ମୁଖ୍ୟ ଅତିଥି ଭାବେ ରାଜ୍ୟ ମୁଖ୍ୟ ସଂଗଠକ ପ୍ରସଦା ତ୍ରିପାଠୀ ଓ ସଂଗତି ମଣ୍ଡଳ ଜୋନାଲ ସଂଯୋଜକ ପ୍ରଫୁଲ୍ଲ କୁମାର ପଣ୍ଡା ଯୋଗଦେଇ ଜିଲ୍ଲାସ୍ତରୀୟ ପୂର୍ଣ୍ଣାଙ୍ଗ ସଂଗଠନ ନିମନ୍ତେ ବିସ୍ତୃତ ଆଲୋଚନା କରିଥିଲେ । ପଞ୍ଚାୟତସ୍ତରୀୟ ବିଭିନ୍ନ ବିଭାଗ ଆଲୋଚନାରେ ଦିଲ୍ଲିପ କୁମାର କର୍ଣ୍ଣ, କବିରାଜ ସାହୁ, ବିଦ୍ୟାଧର ମହାକୁଡ଼, ତ୍ରିଲୋଚନ ଭୋକ୍ତା, ପ୍ରଦୀପ କୁମାର ସାହୁ, ବ୍ଲକ ସଂଗଠକ ଭାବେ ଗୌରୀ ପ୍ରସାଦ ସାହୁ, ପ୍ରତ୍ୟୁଷ କୁମାର ସାହୁ ଓ ମୁରଲୀଧର ସାହୁ ଓ ଜିଲ୍ଲା ସଂଗଠକ ଭାବେ ରାମ ପ୍ରସାଦ କର୍ଣ୍ଣ ବିବରଣୀ ପାଠ କରିଥିଲେ । ଦଶ କର୍ମଧାରା ଉପରେ ପତିତ କୁମାର ବେହେରା, ଯାଜ୍ଞସେନୀ ମହାରଣା ଓ ମକରଧ୍ୱଜ ଭୋଇନା ଆଲୋଚନାରେ ଭାଗ ନେଇଥିଲେ । ଆଧାତ୍ମିକ ଆଲୋଚନାରେ କପିଳାସ ପ୍ରସାଦ ଦାଶ ଭାଗ ନେଇଥିବାବେଳେ ସାଙ୍ଗଠନିକ ଆଲୋଚନା ଉପରେ ପ୍ରସାଦ ତ୍ରିପାଠୀ ପୁଙ୍ଖାନୁପୁଙ୍ଖ ଆଲୋକପାତ କରିଥିଲେ । ଏହି ଅବସରରେ ଉଦଯାପନୀ ମାତୃ ସଂଗୀତ ରସରାଜ ନାୟକ ଓ କପିଳେନ୍ଦ୍ର ମିଶ୍ର ଗାୟନ କରିଥିଲେ । ଶେଷରେ ବୌଦ୍ଧ ଜିଲ୍ଲା ସଂଯୋଜକ ବୀରେନ୍ଦ୍ର ଭୂଷଣ ମେଣ୍ଡିଲି କୃତଜ୍ଞତା ଅର୍ପଣ କରିଥିଲେ । ଏଥିରେ ଜିଲ୍ଲାର ୧୧ଗୋଟି ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ପରିଚାଳନା କମିଟି, ଅବିଭାବକ, ଶିକ୍ଷକ, ଶିକ୍ଷୟତ୍ରୀ ଓ ଶ୍ରୀମା ଶ୍ରୀ ଅରବିନ୍ଦଙ୍କ ମାତୃ ସନ୍ତାନ ଯୋଗ ଦେଇଥିଲେ ।




## ବୁଢ଼ା ହେଲାଣି ଧାନ ତଳି ବର୍ଷା ପରେ ବି ଜମିରେ ପାଣି ଅଭାବ

ଝରିଗାଁ, (ଭାସ୍କର ନ୍ୟୁଜ) : ଧାନ ରୁଆ ନେଇ ବଡ ମାନସିକ ପୀଡାରେ ରହୁଛି ଚାଷୀ । ଜଳସେଚନ ସୁବିଧା ନଥିବାରୁ ଖରିଫ ଧାନ ଚାଷ ପାଇଁ ବର୍ଷା ଋତୁ ହିଁ ଏକମାତ୍ର ଭରସା । ହେଲେ ଚଳିତବର୍ଷ ବର୍ଷା ସ୍ୱାଭାବିକ ବର୍ଷା ଠାରୁ କମ୍ ହେଇଥିବା ଚାଷୀ ପ୍ରକାଶ କରିଛନ୍ତି । ବାହୁଡ଼ା ଯାତ୍ରା ଏବଂ ଶ୍ରାବଣ ମାସ ଆରମ୍ଭ ବେଳକୁ ଶତପ୍ରତିଶତ ଧାନ ରୁଆ ସରୁଥିବା ବେଳେ ଚଳିତବର୍ଷ ୪୦ ପ୍ରତିଶତ ଜମିରେ ପାଣି ଅଭାବ ଯୋଗୁଁ ଧାନ ରୁଆ ହୋଇପାରି ନାହିଁ । କେତେକ ଜମିରେ ବୁଣା ଧାନ ବେଉଷଣ କରାଯାଇ ନାହିଁ । ଏଭଳି ଚିତ୍ର ଦେଖିବାକୁ ମିଳିଛି ଝରିଗାଁ ବ୍ଲକର ବିଭିନ୍ନ ଅଞ୍ଚଳରେ । ଧାନ ଚାଷ ଅଞ୍ଚଳବାସୀଙ୍କ ପ୍ରମୁଖ ଚାଷ ହୋଇଥିବା ବେଳେ ଆବଶ୍ୟକ ଅନୁସାରେ ବର୍ଷା ପରିମାଣ କମ୍ ରହିଥିବାରୁ ରୁଆ କାର୍ଯ୍ୟ ଅଟକି ପଡ଼ିଛି । ଆର୍ଥିକ ସ୍ୱଚ୍ଛଳ ଥିବା ଚାଷୀ ଜମି ନିକଟରେ ଥିବା ନାଳ ପୋଖରୀ ଗାଡିଆ ଆଦିର ପାଣି ମୋଟର ପମ୍ପ ସାହାଯ୍ୟରେ କ୍ଷେତରେ ମଡାଇ ଧାନ ରୁଆ କରୁଥିବା ଦୃଶ୍ୟ ଦେଖିବାକୁ ମିଳୁଛି । ଯେଉଁ ଚାଷୀ ମାନଙ୍କ ନିକଟରେ ଜଳ ନେବା ସୁବିଧା ନାହିଁ ସେମାନେ ମୁଣ୍ଡରେ ହାତ ଦେଇ ବସିବା ଛଡା ଅନ୍ୟ ପନ୍ଥା ନାହିଁ । ଚଳିତବର୍ଷର ବର୍ଷା ଏକ ନଂ ଜମି ଗୁଡିକ ପାଇଁ ଠିକ୍ ରହିଥିବା ବେଳେ ଢେପ ଜମି ବା ଟିକୀରା ଜମି ଗୁଡିକରେ ଧାନ ରୁଆ ବହୁ ମାତ୍ରାରେ ଖାଲି ପଡ଼ିଛି । ତୋଳି ପକାଇ ତଳି ଗୁଡ଼ିକ ବୁଢ଼ା ହେବାକୁ ବସିଲାଣି । ଜମିରେ ରୁଆ ପାଇଁ ପାଣି ନିଅଣ୍ଟ ଥିବାରୁ ଧାନ ରୁଆ କାର୍ଯ୍ୟ ଅଟକି ପଡ଼ିଛି । କିଛି ଚାଷୀ ତୋଳି ବୁଢ଼ା ହେବାକୁ ଥିବା ବେଳେ ଅଳ୍ପ କାଦୁଆ ଅଦା ମାଟିରେ ଜବରଦସ୍ତ ତୋଳି ପୋତି କାମ ଶେଷ କରୁଥିବା ଦେଖିବାକୁ ମିଳୁଛି । ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଧାନ ତୋଳି



ରୋଇବା ହୋଇନପାରିଲେ ଚାଷୀର ବଡ଼ ଆର୍ଥିକ କ୍ଷତି ସୁନିଶ୍ଚିତ । ଆଗାମୀ ସପ୍ତାହ ମଧ୍ୟରେ ଥରେ ଅଧେ ବଡ଼ ବର୍ଷା ହେଲେ ବାକି ରହିଥିବା ରୁଆ କାର୍ଯ୍ୟ ଶେଷ ହେବ ବୋଲି ଚାଷୀ ଆଶା ପ୍ରକାଶ କରିଛନ୍ତି । ବ୍ଲକ କୃଷି ବିଭାଗ ସୂଚନା ପ୍ରକାରେ ସମୁଦାୟ ୮୬୫୨ ହେକ୍ଟର ଜମିରେ ଧାନ ଚାଷ ହେଉଥିବା ବେଳେ ଜଳସେଚନ ସୁବିଧା ଉପଲବ୍ଧ ଥିବା ଜମିର ପରିମାଣ ୪୭୨୬ ହେକ୍ଟର ରହିଛି । ସେଥି ମଧ୍ୟରେ ୪୦ ପ୍ରତିଶତରୁ ଊର୍ଦ୍ଧ୍ୱ ଜମିରେ ଧାନ ରୁଆ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଇଣ୍ଡିଆ ମେଟେରଲଜିକାଲ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଝରିଗାଁ ବ୍ଲକ ଅଞ୍ଚଳରେ ଆଶା କରାଯାଉଥିବା ସମୁଦାୟ ବର୍ଷା ପରିମାଣ ୯୧.୨୬ ମିଲିମିଟର ବର୍ଷା ରହିଥିବା ବେଳେ ଚଳିତ ସପ୍ତାହ ମଧ୍ୟରେ ୧୪.୧୭ ମିଲିମିଟର ରୁ ୧୦.୩୯ ମିଲିମିଟର ବର୍ଷା ହେବା ଆଶା କରୁଥିବା ବେଳେ ୭.୫୯ ମିଲିମିଟର ବର୍ଷା ରେକର୍ଡ ହୋଇଛି । ଜୀବିକା ନିର୍ବାହ ପାଇଁ ବର୍ଷକୁ ଥରେ ଧାନ ଚାଷକୁ ଚାଷୀ ଆତୁର ଭାବେ ଚାହିଁ ବସିଥିବା ବେଳେ ଚକିତ ବର୍ଷ ବର୍ଷା ନିରାଶ କରିଛି ଚାଷୀଙ୍କୁ । ଜଳବାୟୁ ପରିବର୍ତ୍ତନ, ପ୍ରାକୃତିକ ଜଙ୍ଗଲ ନଷ୍ଟ, ନୂତନ ଜଙ୍ଗଲ ସୃଷ୍ଟିର ଅଭାବ ଜନସଂଖ୍ୟା ବୃଦ୍ଧି ଶିଳ୍ପାୟନ ଆଦି ଋତୁ ଉପରେ ନକାରାତ୍ମକ ପ୍ରଭାବ ପଡୁଛି । ଆବଶ୍ୟକ ବେଳେ ବର୍ଷା ନହୋଇ ଅନାବଶ୍ୟକ ସମୟରେ ବର୍ଷା ହେଉଛି । ପୂର୍ବ ପ୍ରସ୍ତୁତି କରି ଚାଷୀ ବସିଥିବା ବେଳେ ଜମିକୁ ଆବଶ୍ୟକ ପାଣି ଉଚିତ୍ ସମୟ ମଧ୍ୟରେ ଉପଲବ୍ଧ ହେଉ ନାହିଁ । ଚାରି ପାଞ୍ଚ କିମି ଅଞ୍ଚଳରେ ବର୍ଷା ହେଉଥିବା ବେଳେ ଅନ୍ୟ ଅଞ୍ଚଳରେ ବର୍ଷା ହେଉନାହିଁ । କେଉଁ ଦିନ କେଉଁ ଅଞ୍ଚଳରେ ବର୍ଷା ହେଉଛିତ ଆଉ କେଉଁ ସ୍ଥାନରେ ବର୍ଷା ହେଉନଥିବା ଚାଷୀ ପ୍ରକାଶ କରିଛନ୍ତି । ତେଣୁ ବର୍ଷା ଖରିଫ ଧାନ ଚାଷକୁ ସମ୍ପୂର୍ଣ୍ଣ ପ୍ରଭାବିତ କରୁଛି ।

## ସାଧନ କେନ୍ଦ୍ରସ୍ତରୀୟ ବୈଠକ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ବ୍ଲକର ମହୁରା ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ସାଧନ କେନ୍ଦ୍ରସ୍ତରୀୟ ବୈଠକ ଶିକ୍ଷାସଂଯୋଜକ ଧର୍ମେନ୍ଦ୍ର ସ୍ୱାଇଁଙ୍କ ସଂଯୋଜନାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉବିଇଓ ବିଦ୍ୟୁତଲତା ଜେନା ମୁଖ୍ୟଅତିଥି, ପ୍ରଧାନଶିକ୍ଷକ ରବିନ୍ଦ୍ର କୁମାର ମହାରଣା ସମ୍ମାନିତ ଅତଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଶିକ୍ଷାଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଶିକ୍ଷା ସଂଯୋଜକ ଶ୍ରୀ ସ୍ୱାଇଁ ଏହି ବୈଠକରେ ଶିଶୁବାଟିକା ଶିକ୍ଷକ ସହାୟକ ପୁସ୍ତିକା, କାର୍ଯ୍ୟପୁସ୍ତିକା, ଚଳିତ ମାସ ଶିକ୍ଷା କ୍ୟାଲେଣ୍ଡର, ଶ୍ରେଣୀ ପରିଚାଳନା, ବିଦ୍ୟାଳୟ ବିକାଶ, ସୁରକ୍ଷା ଓ ନିରାପତ୍ତା ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ ।



ବାରିପଦା (ଭାସ୍କର ନ୍ୟୁଜ): ବାରିପଦା ବଡ଼ ଜଗନ୍ନାଥ ମନ୍ଦିରରେ ଆଜି ଏକ ଭବ୍ୟ, ଶ୍ରଦ୍ଧାପୂର୍ଣ୍ଣ ଓ ସାଂସ୍କୃତିକ ଭାବେ ଅତି ଗୁରୁତ୍ୱପୂର୍ଣ୍ଣ ଦିନ ରୂପେ ପାଳିତ ହୋଇଛି। ମହାପ୍ରଭୁ ଶ୍ରୀ ଶ୍ରୀ ହରିବଳଦେବ ଜୀଉଙ୍କ ସେବାୟତ ବୃନ୍ଦ ତଥା ବାରିପଦା ଉପଜିଲ୍ଲାପାଳ(ଦେବୋତ୍ତର) ଡ. ଦୟାସିନ୍ଧୁ ପରିଡ଼ାଙ୍କ ପୂର୍ଣ୍ଣ ପ୍ରଚେଷ୍ଟାରେ ଏକ ଅନନ୍ୟ ଧାର୍ମିକ ଓ ସାମୂହିକ ଆୟୋଜନ- ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯାହା ଆମ ଓଡ଼ିଆ ସଂସ୍କୃତିର ଗରିମାକୁ ପୁନଃ ଏକଥର ପ୍ରମାଣିତ କରିଛି। ଏହି ଆୟୋଜନରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ, ଏସ୍‌ପି ବରୁଣ ଗୁଣ୍ଟୁପାଲି, ଏ.ଡି.ଏମ୍ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ(ଦେବୋତ୍ତର) ଡ. ଦୟାସିନ୍ଧୁ ପରିଡ଼ା, ବାରିପଦା ଆଇ.ଆଇ.ସି. କରୁଣାକର ରାଉତ, ଜିଲ୍ଲା ସୂଚନା ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଏବଂ ଜିଲ୍ଲା ପ୍ରଶାସନର ସମସ୍ତ ଅଧିକାରୀ, କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଓ ଶତାଧିକ ଶ୍ରଦ୍ଧାଳୁ ଏକ ଅତ୍ୟନ୍ତ ସାଧାରଣ ଓ ଭକ୍ତିପୂର୍ଣ୍ଣ ପରିବେଶରେ ଏକାଠି ବସି ପ୍ରସାଦ ସେବନ କରିଛନ୍ତି। ଏହି ଦୃଶ୍ୟ ଗୁଡ଼ିକ ପ୍ରଶାସନର ଉଦାହରଣକୁ ସ୍ମରଣ କରାଇ ଦେଲା। ଯେଉଁଠି ଜଣେ ଜିଲ୍ଲାପାଳ ଓ ବରିଷ୍ଠ ଅଧିକାରୀ ବୃନ୍ଦ ସମସ୍ତେ ସାଧାରଣ ଲୋକମାନଙ୍କ ସହିତ ଏକାଠି ବସି ପ୍ରସାଦ ଖାଉଛନ୍ତି- ଏହା ଗୋଟିଏ ଅନନ୍ୟ ଦୃଶ୍ୟ। ଏହି ଦୃଶ୍ୟ ଦେଖି ସମସ୍ତ ଶ୍ରଦ୍ଧାଳୁ ଓ ଉପସ୍ଥିତ ଲୋକମାନେ ଆଶ୍ଚର୍ଯ୍ୟ ଓ ଗର୍ବ ଅନୁଭବ କରିଛନ୍ତି ଯେ ଆମ ଜିଲ୍ଲାକୁ ଏଭଳି ଅହଂଶୂନ୍ୟ ଅଧିକାରୀ ମିଳିଛନ୍ତି। ପ୍ରସାଦ ସେବନ କାର୍ଯ୍ୟକ୍ରମ ମାଧ୍ୟମରେ ମନ୍ଦିର ଓ ମହାପ୍ରଭୁଙ୍କୁ ନିମନ୍ତେ ଜନସାଧାରଣର ଆସ୍ଥା, ସଂସ୍କାର ଓ ଏକତାର ଅନୁଭୂତି ପରିଲକ୍ଷିତ ହୋଇଛି। ସମସ୍ତ ଗଣମାଧ୍ୟମ ପ୍ରତିନିଧି ଓ ଅତିଥିମାନେ ଏଇ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ଯୋଗଦାନ କରଥିଲେ।

# ବଜ୍ରାଘାତରେ ପାଞ୍ଚଟି ଗୋରୁ ଓ ଗୋଟିଏ ଷଣ୍ଢ ମୃତ



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ଅଞ୍ଚଳରେ ଶନିବାର ଦିନ ଅପରାହ୍ନ ସମୟରେ ବ୍ଲକର କୁଆଲୁ ପଞ୍ଚାୟତ ଅଧିନସ୍ଥ ନୟାକୁଆଲୁ ଗ୍ରାମରେ ଲୋକମାନଙ୍କର ଗୃହପାଳିତ ଗୋରୁ ଗାଈ ବାହାରେ ଚରିବୁଲି ଘରକୁ ଫେରୁଥିବା ବେଳେ ଅପରାହ୍ନ ପ୍ରାୟ ପାଞ୍ଚ ଘଟିକା ସମୟରେ ଗାଁ ନିକଟରେ ଘଡ଼ଘଡ଼ି ବିଜୁଳି ସାଙ୍ଗକୁ ବର୍ଷାମାଡି ଆସିଥିଲା। ଏହି ସମୟରେ ଗ୍ରାମର ବିନୟ କୁମାର ସାହୁଙ୍କର ତିନୋଟି ଗାଈ ଓ ଚକ୍ରଧର ସାହୁଙ୍କର ଦୁଇଟି ଗାଈ ଘରକୁ ଯାଇ ନପାରି ଗ୍ରାମ ନିକଟରେ ରହିଥିବା ସାପ୍ତାହିକ ହାଟ ପଡିଆ ପାଖରେ ଥିବା ଆମ୍ବ ଗଛ ଓ ବାଉଁଶ ବୁଦା ମୂଳେ ଆଶ୍ରୟ ନେଇଥିଲେ। ସେହି ସମୟରେ ହଠାତ୍ ବଜ୍ରପାତ ଘଟିଥିଲା। ଯାହାଫଳରେ ବଜ୍ରାଘାତରେ ପାଞ୍ଚଟି ଯାକ ଗୋରୁ ଓ ଏମାନଙ୍କ ସହିତ ରହିଥିବା ଗୋଟିଏ ଷଣ୍ଢର ଶୋଚନୀୟ ମୃତ୍ୟୁ ଘଟିଥିଲା। ଖବର ପାଇ ରବିବାର ସକାଳୁ ସକାଳୁ ପରଜଙ୍ଗ ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ଅଧିକାରୀ ଡାକ୍ତର ତାପସ କୁମାର ପ୍ରଧାନ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିଲେ। ଗୋରୁ ମାଲିକଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି ରଖିଛନ୍ତି।

# ୩ ସ୍କୁଲରେ ଯୁକ୍ତ ଦୁଇ ଖୋଲିବାକୁ ଗଣଶିକ୍ଷା ବିଭାଗର ଅନୁମତି

ଧାମନଗର (ଭାସ୍କର ନ୍ୟୁଜ୍) : ଧାମନଗର ବ୍ଲକର ତିନିଟି ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମଞ୍ଜୁରୀ ଦେଇଛି। ଫଳରେ ଏହି ତିନିଟି ହାଇସ୍କୁଲରେ ଯୁକ୍ତ ଦୁଇ ଶ୍ରେଣୀ ଖୋଲିବ। ବିଭିନ୍ନ ହାଇସ୍କୁଲର ପ୍ରଧାନଶିକ୍ଷକଙ୍କ ପାଖକୁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଆସିଥିବା ଚିଠିରୁ ଏହି ସୂଚନା ମିଳିଛି। ଏହି ଚିଠି ଅନୁସାରେ ଆନନ୍ଦପୁର ପଞ୍ଚାୟତର ଜଗନ୍ନାଥ ନୋଡାଲ ହାଇସ୍କୁଲ, ଚୂଡ଼ାକୁଟି ଇନ୍ଦ୍ରଗୋବିନ୍ଦ ନୋଡାଲ ହାଇସ୍କୁଲ ଓ ସୋହଡ଼ା ପଞ୍ଚାୟତର ବାଲିପଡ଼ାସ୍ଥିତ ବୈତରଣୀ ହାଇସ୍କୁଲରେ ଯୁକ୍ତ ଦୁଇ ଖୋଲିବ। ଏହି ତିନିଟି ଯାକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳା, ବିଜ୍ଞାନ ଓ ବାଣିଜ୍ୟ ପାଠ୍ୟକ୍ରମ ରହିବ ବୋଲି ଏହି ଚିଠିରୁ ଜଣାପଡ଼ିଛି। ମିଳିଥିବା ଚିଠିରେ ଦର୍ଶାଯାଇଛି ଯେ, ୨୦୨୫-୨୬ ଶିକ୍ଷାବର୍ଷରୁ ଏଠାରେ ଯୁକ୍ତ ଦୁଇ ପାଠ ପଢ଼ାଯିବ। ହେଲେ ତିନି ବିଦ୍ୟାଳୟର ପ୍ରଧାନଶିକ୍ଷକ ଏହାକୁ ଅସ୍ୱୀକାର କରିଛନ୍ତି। ଚଳିତ ଶିକ୍ଷାବର୍ଷରୁ ଯୁକ୍ତ ଦୁଇ ପାଠ୍ୟକ୍ରମ ଆରମ୍ଭ ଲାଗି କୌଣସି ପ୍ରକାର ଭିତ୍ତିଭୂମି ବିକାଶ ହୋଇନାହିଁ। ଏଥିଲାଗି ଆବଶ୍ୟକୀୟ ଉପଯୁକ୍ତ ଶ୍ରେଣୀଗୃହ ନାହିଁ। ବିଜ୍ଞାନାଗାର ମଧ୍ୟ ନାହିଁ। ତା ସହିତ ପିଜି ଶିକ୍ଷକ କି ଅଧ୍ୟାପକ ମଧ୍ୟ ନାହାନ୍ତି। ଏଣୁ ଚଳିତ ଶିକ୍ଷାବର୍ଷରୁ ଯୁକ୍ତ ଦୁଇ





ପାଠ୍ୟକ୍ରମରେ ପାଠ ପଢ଼ାଯିବା ସମ୍ଭବ ନୁହଁ। ଏଣୁ ଆସନ୍ତାବର୍ଷ ଯୁକ୍ତ ଦୁଇ ପାଠ ପଢ଼ାଯିବ ବୋଲି ଜଗନ୍ନାଥ ନୋଡାଲ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପବିତ୍ରମୋହନ ମହାନ୍ତି କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ପାଠ ପଢ଼ାଯିବା ପୂର୍ବରୁ ସ୍କୁଲରେ ପ୍ରିନ୍ସିପାଲଙ୍କୁ ନିଯୁକ୍ତି ମଧ୍ୟ ଦିଆଯିବ। କେନ୍ଦ୍ର ସରକାରଙ୍କ ସମଗ୍ର ଶିକ୍ଷା କାର୍ଯ୍ୟକ୍ରମ ଆଧାରରେ ଗୋଟିଏ କ୍ୟାମ୍ପସରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଯାଏ ରଖିବା ଉଦ୍ଦେଶ୍ୟ ନେଇ ଗଣଶିକ୍ଷା ବିଭାଗ ଏହି ପଦକ୍ଷେପ ନେଇଛି। ଗୋଟିଏ କ୍ୟାମ୍ପସରେ ପ୍ରଥମରୁ ଦ୍ୱାଦଶ ଯାଏ ଶ୍ରେଣୀ ରହିଲେ ଏହା ଏକୀକୃତ ପରିଚାଳନାରେ ରହିବ। ଜଣେ ପ୍ରଧାନଶିକ୍ଷକ କିମ୍ବା ଅଧକ୍ଷଙ୍କ ଅଧିନରେ ସମସ୍ତ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ କାମ କରିବେ। ଏହାସହ ଶିକ୍ଷକ ମାନଙ୍କୁ ତାଲିମ ଦେବାରେ ସୁବିଧା ହେବ। କ୍ୟାମ୍ପସରେ ଶୃଙ୍ଖଳା ରହିବ। ପିଲାଙ୍କ ଦକ୍ଷତା ବିକାଶ ହୋଇପାରିବ। ଏହି ଲକ୍ଷ୍ୟ ନେଇ ଉଚ୍ଚ ବିଦ୍ୟାଳୟଗୁଡ଼ିକୁ ଅପଗ୍ରେଡ କରିବାକୁ କେନ୍ଦ୍ର ସରକାର ପ୍ରସ୍ତାବ ଦେଇଥିଲେ। ମାନଦଣ୍ଡକୁ ନଜରରେ ରଖି ଜିଲ୍ଲା ଶିକ୍ଷା ବିଭାଗ ଧାମନଗରର ୮ଟି ସ୍କୁଲର ନାଁ ଗତବର୍ଷ ସୁପାରିଶ କରିଥିଲେ। ଅପଗ୍ରେଡ କରିବା ଲାଗି ନିର୍ଦ୍ଧାରିତ କେତେକ ବିନ୍ଦୁକୁ ଜୋର ଦିଆଯାଇଥିଲା। ଯେଉଁ ସ୍କୁଲ ଅପଗ୍ରେଡ ହେବ, ସେହି ସ୍କୁଲରେ କେଉଁ ଶ୍ରେଣୀରୁ କେଉଁ ଶ୍ରେଣୀ ଯାଏ ରହିଛି। ମୋଟ୍ କେତେ ପିଲା ପାଠ ପଢୁଛନ୍ତି। ଦଶମ ଶ୍ରେଣୀରେ ଗତ ଶିକ୍ଷା ବର୍ଷରେ କେତେ ଜଣ ନାଁ ଲେଖାଇଥିଲେ। ସ୍କୁଲର ଜମି କେତେ ରହିଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବା ଯୁକ୍ତ ଦୁଇ ଖୋଲିଲେ କେତୋଟି ଗାଁର ପିଲା ଆସି ପଢ଼ିବେ। ଯୁକ୍ତ ଦୁଇର କେତୋଟି ଷ୍ଟ୍ରିମ ଖୋଲାଯିବ ଓ ମୋଟ୍ କେତେ ଜଣ ପିଲା ନାଁ ଲେଖାଇବା ସମ୍ଭାବନା ରହିଛି, ସେନେଇ ସୂଚନା ଦିଆଯିବାକୁ କୁହାଯାଇଥିଲା। ତା ଛଡ଼ା ଅପଗ୍ରେଡ ହେବାକୁ ଥିବା ସ୍କୁଲଠାରୁ କେତେ ଦୂରରେ ରହିଛି ନିକଟତମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ। ଏ ସବୁ ସୂଚନା ସହ ଜିଲ୍ଲା ଶିକ୍ଷା ବିଭାଗ ୮ଟି ସ୍କୁଲର ନାଁ ସୁପାରିଶ କରିଥିଲା। ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏନେଇ ଗଣଶିକ୍ଷା ବିଭାଗ ସହ ଆଲୋଚନା କରିଥିଲେ। ଏହାପରେ ଗଣଶିକ୍ଷା ବିଭାଗ ବ୍ଲକର ୩ଟି ସ୍କୁଲରେ ଯୁକ୍ତ ୨ ଖୋଲିବାକୁ ମଞ୍ଜୁରୀ ଦେଇଛନ୍ତି।

## ରାଜ୍ୟସ୍ତରୀୟ ମହାବିନାୟକ ସାହିତ୍ୟ ଉତ୍ସବ

# ‘ଗଳ୍ପ ଆମ ଜନଜୀବନର ପ୍ରତିଛବି’





ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍): ଜୀବନ ଯେପରି ସରଳ ତରଳ, ସୁନ୍ଦର ଗଳ୍ପ ବି ସେହିପରି। ଗଳ୍ପ ଯାହା ଆମ ଜୀବନର ପ୍ରତିଛବି। ଆମେ ସେଥିରେ ଆମକୁ ଦେଖିପାରୁ। ଜୀବନର ଯାବତୀୟ ଜଟୀଳତାରୁ ମୁକ୍ତି ପାଇଁ ଗଳ୍ପ ଆମକୁ ମାର୍ଗ ଦେଖାଇଥାଏ ବୋଲି ବିଶିଷ୍ଟ ବକ୍ତାମାନେ ମତପ୍ରକାଶ କରିଛନ୍ତି। ଆଜି ଚଣ୍ଡିଖୋଲ ବିଜୁ କଲ୍ୟାଣ ମଣ୍ଡପ ଠାରେ ସାହିତ୍ୟ ଦର୍ପଣ ପତ୍ରିକା ଆନୁକୂଲ୍ୟରେ ଆୟୋଜିତ ସପ୍ତମ ବାର୍ଷିକ ରାଜ୍ୟସ୍ତରୀୟ ମହାବିନାୟକ ସାହିତ୍ୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରି କହିଲେ ଯେ ଯାହା ଚିରନ୍ତନ ବାସ୍ତବତା ତାହା ହିଁ ଗଳ୍ପ ସାହିତ୍ୟର ମୂଳ ଭିତ୍ତିଭୂମି। ସେହି ଭିତ୍ତିଭୂମି ଆମକୁ ମାର୍ଗଦର୍ଶନ ଦେଇଥାଏ ବୋଲି ଶ୍ରୀ ଶତପଥୀ କହିଥିଲେ। ଅନ୍ୟତମ ଅତିଥି ଡକ୍ଟର ଗିରିଶ ଚନ୍ଦ୍ର ସାହୁ ଯୋଗଦେଇ ମାଟି ଆଉ ମଣିଷର ଜୟଗାନ କରୁଥିବା ସାହିତ୍ୟ ହିଁ କାଳଜୟୀ ବୋଲି କହିଥିଲେ। ସାହିତ୍ୟ ଦର୍ପଣ ପତ୍ରିକାର ସଂପାଦକ ବିମଳ ପତିଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ କେନ୍ଦ୍ର ବାଲ ସାହିତ୍ୟ ପୁରସ୍କାର ବିଜେତା ଡକ୍ଟର ରାଜକିଶୋର ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଅତିଥିମାନେ ପତ୍ରିକା ଉନ୍ମୋଚନ କରିଥଲେ। ଏହି ଅବସରରେ ଗାଳ୍ପିକ ଅର୍ଜୁନ ପୃଷ୍ଟି, କବି ଶରତ ଚନ୍ଦ୍ର ପାତ୍ର, ଶିକ୍ଷାବିତ୍ ଡକ୍ଟର କୃଷ୍ଣ ଚନ୍ଦ୍ର ପାତ୍ରଙ୍କୁ ସମ୍ମାନୀତ କରାଯାଇଥିଲା। ଅଭ୍ୟର୍ଥନା ସମିତି ସଭାପତି ସଞ୍ଜୟ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବା ବେଳେ କବି ପଦ୍ମଜା ଶରଣ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ଗାଳ୍ପିକ ପବିତ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଗଳ୍ପ ପାଠ ଉତ୍ସ ରେ ଗାଳ୍ପିକ ଚିତ୍ତରଞ୍ଜନ ଚିରଞ୍ଜିତ, ଡକ୍ଟର ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ମାତୃଦତ ମହାନ୍ତି, କ୍ଷୀରୋଦ ବିହାରୀ ବିଶ୍ୱାଳ, ଗିରିଶ ଚନ୍ଦ୍ର ସାହୁ, ଶରତ କୁମାର ସାହୁ, ସସ୍ମିତା ମହାନ୍ତି, ମିରୀନା ମହାନ୍ତି, ଅମରେଶ ବିଶ୍ୱାଳ, ଅର୍ଜୁନ ପୃଷ୍ଟି, ନିରୂପମା ପତି, ଲୋପାମୁଦ୍ରା ମଇକାପ, ରବି ପଣ୍ଡା, ଡକ୍ଟର ସ୍ମୃତି ପଟ୍ଟନାୟକ ପ୍ରମୁଖ ସ୍ୱରଚିତ ଗଳ୍ପ ପାଠ କରିଥଲେ। ସୁଶାନ୍ତ ସାହୁ, ସୁଶାନ୍ତ ନାୟକ, ଦୀପକ ମଲ୍ଲିକ, ନାରାୟଣ ନନ୍ଦ, ସେକ୍ ଆଲ୍ଲାଉଦିନ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମରାମତି ହେଲା ବିରୁପା ନଦୀବନ୍ଧ ରାସ୍ତା



ଡେରାବିଶ (ଭାସ୍କର ନ୍ୟୁଜ୍) : ବିରୁପା ନଦୀରେ ଗତ ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ ଅଚାନକ ବନ୍ୟାଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେବାରୁ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଥିଲେ। ବନ୍ୟା ସମୟରେ ନଦୀବନ୍ଧକୁ ସୁରକ୍ଷା ଦେବା ପାଇଁ ଜଳସେଚନ ବିଭାଗ ପକ୍ଷରୁ କର୍ମଚାରୀମାନେ ଯୁଦ୍ଧକାଳୀନ ଭିତ୍ତିରେ ଲାଗିପଡ଼ିଥିଲେ। ହେଲେ ଏହି ସମୟରେ ବିରୁପା ନଦୀ ବନ୍ଧର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ଏହି ରାସ୍ତାରେ ବିଭିନ୍ନ ଭାରୀଯାନ ଚଳପ୍ରଚଳ ହେବା ଫଳରେ ବନ୍ଧର ବେଣିପୁର ଠାରୁ ନହଙ୍ଗ ପଞ୍ଚାୟତ ପଲ୍ଲୀ ରଘୁନାଥପୁର ପର୍ଯ୍ୟନ୍ତ ବନ୍ଧ ଖାଲଖମାରେ ଭରିଯାଇ ଯାତାୟତ ଅନୁପଯୋଗୀ ହୋଇପଡ଼ିଥିଲା। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହି ଘଟଣାରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ କରାଯାଇ ତୁରନ୍ତ ବନ୍ଧର ଖାଲଖମାରେ ଡଷ୍ଟ ଓ ମେଷ୍ଟାଲ ପକାଯାଇ ରାସ୍ତାର ଅବସ୍ଥାରେ ସୁଧାର ଅଣାଯାଇଥିବା ଦେଖିବାକୁ ମିଳିଛି।

# ମହାମହିମ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶକୁ ଅବମାନନା

ଜଗତସିଂହପୁର (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ଥାନା ଅଧିନ ରସଲପୁର ଗ୍ରାମର ୬୦ ବର୍ଷୀୟା ବିଧବା ସଂଖ୍ୟାଲଘୁ ସମ୍ପ୍ରଦାୟର ମହିଳା ତେହେରା ଖାତୁନ ମହାମହିମ ରାଷ୍ଟ୍ରପତିଙ୍କୁ ଏକ ଅଭିଯୋଗ ପତ୍ର ପଠାଇ ଥିଲେ। ଉକ୍ତ ଅଭିଯୋଗପତ୍ର ପାଇବା ପରେ ମହାମହିମ ରାଷ୍ଟ୍ରପତି ୧୦.୭.୨୦୨୫ରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ପତ୍ରସଂଖ୍ୟା ଏମ୍/୨୦୨୫/୦୦୦/୩୭୯ରେ ପଠାଇଥିଲେ ଯାହାକି ଡାଇରି ନଂ ୦୧୯୯୫୭ ଗ୍ରହଣ କରାଯାଇଥିଲା। ମହାମହିମ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ ଅନୁସାରେ ତେହେରା ଖାତୁନଙ୍କ ଅଭିଯୋଗ ଉପରେ କି ପ୍ରକାର କାର୍ଯ୍ୟକ୍ରମ ଗ୍ରହଣ କରାଗଲା ତାହା ଅଭିଯୋଗକାରୀଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଥିଲା। ମାତ୍ର ଦୁର୍ଭାଗ୍ୟର ପ୍ରସଙ୍ଗ ଯେ ମହାମହିମ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଗୃହ ବିଭାଗ ସଠିକ ପଦକ୍ଷେପ ନେବା ପରିବର୍ତ୍ତେ ୧୦ ଜୁଲାଇ ୨୦୨୫ରୁ ୧୬ ଜୁଲାଇ୨୦୨୫ ମଧ୍ୟରେ ୩ ଜଣ ତଦନ୍ତକାରୀ ଅଧିକାରୀଙ୍କୁ ବଦଳାଇ ସାରିଲାଣି। ପ୍ରଥମ ପର୍ଯ୍ୟାୟରେ ଅଭିଯୋଗ କାରିଣୀ ତେହେରା ଖାତୁନଙ୍କୁ ୧୦.୭.୨୦୨୫ରେ ଅବଗତ କରାଯାଇଥିଲା ଯେ ଜଗତସିଂହପୁର ଏସ୍‌ପି ଭବାନୀ ଶଙ୍କର ଉଦଗାତାଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ମାତ୍ର ହଠାତ୍ ୧୪.୭.୨୦୨୫ରେ ଅବଗତ କରାଗଲା ଯେ ରାଜ୍ୟ ପୋଲିସ ହେଡକ୍ୱାଟରର ଅତିରିକ୍ତ ଏସ୍‌ପି ଉମାଶଙ୍କର ମହାରଣାଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ପୁନର୍ବାର ୧୬.୭.୨୫ରେ ଅବଗତ କରାଗଲା ଯେ ଜଗତସିଂହପୁରରର ଡେପୁଟି ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ସତ୍ୟ ନାରାୟଣ ପଟ୍ଟନାୟକଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ମାତ୍ର ଅନୁସନ୍ଧାନରୁ ଜଣାପଡିଲା ଯେ ସତ୍ୟନାରାୟଣ ପଟ୍ଟନାୟକ ଦୁଇବର୍ଷ ତଳୁ ଚାକିରିରୁ ଅବସର ନେଇଛନ୍ତି। ଉକ୍ତ ପ୍ରସଙ୍ଗରେ ଅବଗତ ହେଲା ପରେ ଅଭିଯୋଗ କାରିଣୀ ତେହେରା ଖାତୁନ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପୋଲିସ ମହାନିର୍ଦ୍ଦେଶକ ଓ ଆଇଜି ପୋଲିସଙ୍କୁ ଅବଗତ କରାଇ ମହାମହିମ ରାଷ୍ଟ୍ରପତିଙ୍କ ଆଦେଶକୁ କିଭଳି ଉପେକ୍ଷା କରାଯାଇଛି ଦର୍ଶାଇଛନ୍ତି।

# ଅଗ୍ନିକାଣ୍ଡରେ ୨ ବଖରା ଭସ୍ମ

କଣାସ (ଭାସ୍କର ନ୍ୟୁଜ୍) : କଣାସ ବ୍ଲକ ଭାଟପଡା ଗ୍ରାମେର ଅଗ୍ନିକାଣ୍ଡ ଘଟି ସୁଦର୍ଶନ ପ୍ରଧାନଙ୍କ ୨ବଖରା ବାସଗୃହ ଓ ଆସବାସପତ୍ର ପୋଡି ଯାଇଛି। ଖବର ପାଇ କଣାସରୁ ଦମକଳ ବାହିନୀ ଘଟଣାସ୍ଥଳେର ପହଞ୍ଚି ନିଆଁ ଲିଭାଇଥିଲେ। ଖବର ପାଇବା ପରେ କଳାପଦର ରାଜସ୍ୱ ନିରୀକ୍ଷ ସୁନିଲ ଛୋଟରାୟ ଘଟଣାସ୍ଥଳେର ପହଞ୍ଚି ବିପନ୍ନ ପରିବାଙ୍କୁ ସାନ୍ତ୍ୱନା ଦେବା ସହ ପଲିଥିନ୍ ପ୍ରଦାନ କରିଛନ୍ତି।

# ୧୦୪ ଜଣ ଛାତ୍ରଛାତ୍ରୀ ଦେଲେ ହୋ ଭାଷା ଶିକ୍ଷକ ଚୟନ ପରୀକ୍ଷା



କରଞ୍ଜିଆ (ଭାସ୍କର ନ୍ୟୁଜ୍) : କରଞ୍ଜିଆ ବଣସାହି ଠାରେ ଥିବା ହୋ- ସମାଜ ସାଂସ୍କୃତିକ ଭବନ ମଧରେ ବୀର ବିର୍ସା ମୁଣ୍ଡା ଓ ଟାଟାଷ୍ଟିଲ୍ ଫାଉଣ୍ଡେସନ ର ମିଳିତ ସହଯୋଗରେ ‘ହୋ- ଭାଷା ୱାରାଂଚିତି ଶିକ୍ଷକ ନିଯୁକ୍ତି ପରୀକ୍ଷା’ ଅନୁଷ୍ଠିତ ହୋଇଅଛି। ଏଥିରେ ପାଞ୍ଚ ଗୋଟି ପୋଷ୍ଟ ନିମନ୍ତେ ୧୫୮ଜଣ ପରୀକ୍ଷାର୍ଥୀ ଆବେଦନ କରିଥିବା ବେଳେ ୧୦୪ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ବୀର ବିର୍ସା ମୁଣ୍ଡା ଟ୍ରଷ୍ଟ ଦ୍ୱାରା ହୋ- ଭାଷାର ସାହିତ୍ୟ ସାଂସ୍କୃତିକ ଓ ପରମ୍ପରାକୁ ବଞ୍ଚେଇ ରଖିବା ପାଇଁ ପ୍ରୟାଶ ଜାରି ରଖିଥିବା ବେଳେ, ହୋ ସମାଜରେ ଥିବା ବେକାରୀ ସମସ୍ୟା ଦୂର କରିବା ସହିତ ଭାଷା ଶିକ୍ଷକ ନିଯୁକ୍ତି ଦ୍ୱାରା ପରିବାର ପ୍ରତି ପଶୋଣା ସହାୟକ ଭାବେ କାର୍ଯ୍ୟ କରୁଅଛି। ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, କଟକ, ଖୋର୍ଦ୍ଧା, ଯାଜପୁର ଓ ବାଲେଶ୍ୱର ଜିଲ୍ଲାରେ ସର୍ବମୋଟ ୪୫ ଗୋଟି ତୁରତୁଙ୍ଗ ହୋ ଭାଷା ଶିକ୍ଷା କେନ୍ଦ୍ର ଚାଲୁଛି, ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ଅତି ଶୀଘ୍ର ଆଉ ୫ଗୋଟି ନୂତନ ଶିକ୍ଷା କେନ୍ଦ୍ର ଖୋଲା ଯିବାର ହାତକୁ ନିଆ ଯାଇଥିବାରୁ ଶିକ୍ଷକ ପଦ ପୂରଣ ନିମନ୍ତେ ପରୀକ୍ଷା ଅନୁଷ୍ଠିତ ହୋଇଅଛି। ଏହି ନିଯୁକ୍ତି ପ୍ରବେଶିକ ପରୀକ୍ଷାକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଗୌରାଙ୍ଗ ବାନ୍ଧିଆ ପରୀକ୍ଷକ ନିଯୁକ୍ତି ହୋଇଥିବା ବେଳେ, ସ୍କ୍ୱାର୍ଡ ଭାବେ କୁନା କଣ୍ଡେୟାଙ୍ଗ, ବାଗୁନ ସିଂ ଜାରିକାଙ୍କୁ ନିୟୋଜିତ କରାଯାଇଥିବା ବେଳେ ଅଜିତ ବଦରା, ସୂର୍ଯ୍ୟ ସିଂ ବୁଲିଉଲି, ବାଗୁନ ସିଂ ଶୁଣ୍ଡି ସହଯୋଗ କରିଥିଲେ। ବୀର ବିର୍ସା ମୁଣ୍ଡା ହୋ ଛାତ୍ର ସଂଗଠନ ଓଡ଼ିଶାର ପ୍ରତିଷ୍ଠିତା କ୍ଷୀରୋଦ କୁମାର ହେମ୍ବ୍ରମ ଓ ଟ୍ରଷ୍ଟର ଚେୟାରମ୍ୟାନ ମଙ୍ଗଲ ସିଂ ସିଙ୍କୁ ସମସ୍ତ ପରୀକ୍ଷାର୍ଥୀ ଧନ୍ୟବାଦ ଅର୍ପଣ କରିବା ସହିତ ଶିକ୍ଷାବିତ୍‌ଙ୍କୁ ସମାଜ ଉନ୍ନତି ମୂଳକ କାର୍ଯ୍ୟରେ ସାମିଲ ହେବା ପାଇଁ ଆହ୍ୱାନ କରିଥିଲେ।

# ଫସଲ ବୀମା କର୍ମଶାଳା

ଫୁଲନଖରା (ଭାସ୍କର ନ୍ୟୁଜ୍) : ସଦର ଥାନା ଅନ୍ତର୍ଗତ ନଗରୀ ଗ୍ରାମ ପଞ୍ଚାୟତ ଖଣ୍ଡାଗର ଗ୍ରାମରେ ଭି.ଏଲ. ଇ ଶଶୀଭୂଷଣ ଦାଶଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ନିମନ୍ତେ ଏକ ସ୍ୱତନ୍ତ୍ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମଟିକୁ ନଗରୀ ଗ୍ରାମ ପଞ୍ଚାୟତ ସରପଞ୍ଚ ନରୋତ୍ତମ ଦାସ ଉଦ୍‌ଘାଟନ କରିଥିଲାବେଳେ ସମିତି ସଭ୍ୟ କୃଷ୍ଣଚନ୍ଦ୍ର ମଲ୍ଲିକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶୋକ କୁମାର ରଥ,ନଳିନୀକାନ୍ତ ପଟ୍ଟନାୟକ, ବିପ୍ଳବ ଯାଦବ, ପ୍ରଣବ ପଟ୍ଟନାୟକ ଗ୍ରାମର ୨ ଗୋଟି ୱାର୍ଡର ୱାର୍ଡମେମ୍ବର ଉପସ୍ଥିତ ରହି ଚାଷୀମାନଙ୍କୁ ଯୋଜନା ବିଷୟରେ ଅବଗତ କରାଇଥିଲେ। ପ୍ଲଟ ପିଛା ମାତ୍ର ଏକ ଟଙ୍କା ଦେୟରେ କ୍ଷୁଦ୍ରଚାଷୀ, ମଧ୍ୟମଚାଷୀ, ଭାଗଚାଷୀ ନିଜର ଜମିକୁ ବୀମାଭୁକ୍ତ କରିପାରିବେ ବୋଲି ଭି.ଏଲ.ଇ ଶଶୀଭୂଷଣ ଦାଶ ପରିପ୍ରକାଶ କରିଥିଲେ। ନଗରୀ ଗ୍ରାମପଞ୍ଚାୟତରେ ଥିବା ସମସ୍ତ ୮ ଗୋଟି ଗ୍ରାମରେ ଏହିପରି ଭାବରେ କର୍ମଶାଳା କରାଯାଇ ଚାଷୀମାନଙ୍କ ଚାଷଜମିକୁ ବୀମାଭୁକ୍ତ କରାଯିବ ବୋଲି ସରପଞ୍ଚ ନରୋତ୍ତମ ଦାସ ମତପ୍ରକାଶ କରିଥିଲେ। ଉକ୍ତ କର୍ମଶାଳାକୁ କୃଷକସାଥୀ ପ୍ରକାଶ ଚନ୍ଦ୍ର ପାତ୍ର, ଭି.ଏଲ.ଇ ଅପରେଟର ସୌମ୍ୟରଞ୍ଜନ ମହାରଣା, ବିଷ୍ଣୁପ୍ରିୟା ଓଝା ସଂଚାଳନ କରିଥିଲେ।





# ବନ୍ୟାଞ୍ଚଳ ପରିଦର୍ଶନ କଲେ ମୁଖ୍ୟଯନ୍ତ୍ରୀ




ଡେରାବିଶ (ଭାସ୍କର ନ୍ୟୁଜ୍) : ଗତ ଲଘୁଚାପଜନିତ ବର୍ଷାର ଗତ ବ୍ରାହ୍ମଣୀ ସିଷ୍ଟମରେ ବନ୍ୟାଜଳ ବୃଦ୍ଧି ହେତୁ ଏହାର ଶଖା ବିରୁପା ନଦୀରେ ବିପଦ ସଙ୍କେତ ଉପରେ ବନ୍ୟାଜଳ ପ୍ରବାହିତ ହୋଇଥିଲା । ନଦୀର ଜଳପତନ ବୃଦ୍ଧିପାଇବା ଯୋଗୁ ବିରୁପା ନଦୀକୂଳରେ ଅବସ୍ଥିତ ଡେରାବିଶ ବ୍ଲକର ବେଣିପୁର, ମଙ୍ଗଳପୁର, ଛୋଟି ଓ ନହଙ୍ଗ ପଞ୍ଚାୟତର ନଦୀ କୁଳିଆ ଜନସାଧାରଣ ଭୟଭୀତ ହୋଇ ପଡ଼ିଥିଲେ। କାରଣ ଏହି ନଦୀରେ ଗତ ୨୦୨୦ ମସିହାରେ ଆସିଥିବା ପ୍ରଳଙ୍କରୀ ବନ୍ୟାରେ ବେଣୀପୁର ଠାରେ ବନ୍ଧ ଭାଙ୍ଗି ଡେରାବିଶ ବ୍ଲକ ବେଣିପୁର ଅଞ୍ଚଳର ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ତେବେ ଶୁକ୍ରବାର ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ତଥା ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀ ଅବବାହିକା ପରିଚାଳକ ବିଘ୍ନରାଜ ପଟେଲ ଡେରାବିଶ ବ୍ଲକ ଅନ୍ତର୍ଗତ ବିରୁପା ନଦୀବନ୍ଧ ପରିଦର୍ଶନ କରିବା ସହିତ ବନ୍ଧର ସୁରକ୍ଷା ଓ ରକ୍ଷଣାବେକ୍ଷଣ କାର୍ଯ୍ୟର ସମୀକ୍ଷା କରିଥିଲେ। ମୁଖ୍ୟଯନ୍ତ୍ରୀ ଶ୍ରୀ ପଟେଲ ବେଣିପୁର ଠାରୁ ଛୋଟି ପର୍ଯ୍ୟନ୍ତ ବିରୁପା ନଦୀ ବନ୍ଧ ବୁଲି ଦେଖିଥିଲେ। ଏହି ଗସ୍ତ ସମୟରେ ଶ୍ରୀ ପଲେଟଙ୍କ ସହିତ କେନ୍ଦ୍ରାପଡା ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଉମେଶଚନ୍ଦ୍ର ସେଠୀ, ଡେରାବିଶର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟ, ସହକାରୀ ଯନ୍ତ୍ରୀ ନବୀନ କିଶୋର ପାଣିଗ୍ରାହୀ, ଚନ୍ଦନନଗର ସେକ୍ସନ ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ଶତପଥି, କନିଷ୍ଠ ଯନ୍ତ୍ରୀ ଗୋରାଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଗତ ମଙ୍ଗଳବାର ଅପରାହ୍ନ ସୁଦ୍ଧା ରେଙ୍ଗାଲି ଠାରେ ତିନୋଟି ଗେଟ୍ ଖୋଲାଯାଇଥିବା ବେଳେ ସମଲ ବ୍ୟାରେଜରୁ ୯ଟି ଗେଟ ଦେଇ ୨ଲକ୍ଷ ୨୦ ହଜାର ଘନଫୁଟ ବନ୍ୟାଜଳ ବ୍ରାହ୍ମଣୀ ଓ ତାହାର ଶାଖା ନଦୀରେ ଛଡାଯାଇଥିଲା। ମାତ୍ର ଶୁକ୍ରବାର ୩ଟା ସୁଦ୍ଧା ସମଲ ବ୍ୟାରେଜରେ ୩ଟି ଗେଟ୍ ବନ୍ଦ କରାଯିବା ଦ୍ୱାରା ୬ଟି ଗେଟ୍ ଦେଇ ୧ଲକ୍ଷ ୨୦ ହଜାର ଘନଫୁଟ ପାଣି ଛଡାଯାଉଛି। ଏହି ବନ୍ୟାଜଳ କ୍ରମଶଃ ବିରୁପା ନଦୀରେ ହ୍ରାସ ପାଇବାରେ ଲାଗିଥିବାରୁ ନଦୀକୁଳିଆ ଜନସାଧାରଣ ଆଶ୍ୱସ୍ତି ପ୍ରକାଶ କରିଛନ୍ତି।

# କୃଷ୍ଣପ୍ରସାଦକୁ ମରୁଡି ଘୋଷଣା କରିବାକୁ ଦାବି


କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍) : କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳକୁ ମରୁଡି ଅଞ୍ଚଳ ଘୋଷଣା କରିବାକୁ କୃଷ୍ଣପ୍ରସାଦ ବ୍ଲକ କୃଷକ ସଂଗଠନ ନେତୃତ୍ୱ ନେଉଥିବା ଅବସର ସେନା ହାବିଲଦାର ବିଶିଷ୍ଟ ସମାଜସେବୀ ଦୀପକ କୁମାର ଜେନା ଓ କୃଷକ ସଂଗଠନ ପକ୍ଷରୁ ଦାବି ହୋଇଛି। ଆଗାମୀ ଦିନରେ ଏଥିପାଇଁ ଆନ୍ଦୋଳନ ଜୋରଦାର କରାଯିବ ବୋଲି କୃଷକନେତା ଶ୍ରୀ ଜେନା କହିଛନ୍ତି। ଜୁନ ସରି ଜୁଲାଇ ଶେଷ ହେବାକୁ ବସିଲାଣି ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକରେ ଆଜି ପର୍ଯ୍ୟନ୍ତ ଆବଶ୍ୟକ ପରିମାଣର ବର୍ଷା କମ୍ ଧରଣର ହୋଇଛି । ଚାଷ ଜମିରେ ପାଣି ନଥିବାରୁ ତଳି ଧାନ ସବୁ ପୋଡି ଗଲାଣି ଏବଂ ଚାଷ ଜମି ଓ ତଳି ବିଲରେ ଗାଈ ଗୋରୁ ମଇଁଷି ଚରୁଥିବା ଦେଖିବାକୁ ମିଳୁଛି। କେହି ଚାଷୀ ମେସିନ୍ ଯୋଗେ ପାଣି ମଡାଇ ତଳିକୁ ବଞ୍ଚାଇ ରଖିଛନ୍ତି। ବର୍ଷା ନ ହେବାରୁ ଅଦ୍ୟାବଧି ତଳି ମଧ୍ୟ ପଡ଼ିପାରୁ ନାହିଁ? ଧାନ କାମ କେବେହେବ ତାହାକୁ ନେଇ ଚାଷୀ ଚିନ୍ତାରେ। ରବି ଋତୁରେ ଚାଷୀ ଯାହା ଚିନାବାଦାମ ଅମଳ କରିଥିଲା ତାହାକୁ ମଣ୍ଡିରେ ଠିକ୍ ସମୟରେ ବିକ୍ରି ନ କରିପାରି ଶାଗମାଛ ଦରରେ ବାହାର ବେପାରୀଙ୍କୁ ଦେଇଛନ୍ତି। କିଛି ଚାଷୀ ଅମଳ ଚିନାବାଦାମକୁ ଅଦ୍ୟାବଧି ଖଳା ଓ ଗ୍ରାମ୍ୟ କୋଠାଘରେ ପଲଥିନ ଘୋଡାଇ ରଖିଛି। ସେ ମଧ୍ୟରୁ ଅନେକ ବସ୍ତା ନଷ୍ଟ ହେବାକୁ ବସିଲାଣି। ଧାନ ଚାଷ ମୁଖ୍ୟତଃ ବର୍ଷା ଉପରେ ନିର୍ଭର କରିଥାଏ। ବର୍ଷା ଅଭାବରୁ କୃଷ୍ଣପ୍ରସାଦ ବ୍ଲକର ରାମଲଙ୍କା, ବଜ୍ରକୋଟ, ମାଲୁଦ, ବୁଦ୍ଧିବର, ଶିଆଳ, ସିଆଣ୍ଡି, ବଡଅଂଳ, କୃଷ୍ଣପ୍ରସାଦ, ଅଲଣ୍ଡା, ତିତିପ, ବଡଝାଡ, ଗୁମୁଣ୍ଡିଆ ଗ୍ରାମ ପଞ୍ଚାୟତରେ ଚାଷ କାର୍ଯ୍ୟ ବିଳମ୍ବ ହୋଇଛି। ଯଦ୍ଦ୍ୱାରା ଚାଷୀ ମୁଣ୍ଡରେ ଚଡକ ପଡିଛି। ତେଣୁ କୃଷକ ସଂଗଠନ ନେତା ଦୀପକ କୁମାର ଜେନା ସମେତ ସମସ୍ତ କୃଷକ ମରୁଡି ଘୋଷାଣା ନିମନ୍ତେ ଦାବି କରିଛନ୍ତି।

# ରାଶିଫଳ


## ସୋମବାର, ୨୧ ଜୁଲାଇ ୨୦୨୫



**ମେଷ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସମର୍ଥନ କରିବାକୁ ସମର୍ଥ ହେବେ। ଆପଣ ସାମାଜିକ ସ୍ତରରେ ସମ୍ମାନ ପାଇବେ। ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ହେବ।




**ବୃଷ:** ବରିଷ୍ଠମାନଙ୍କ ପରାମର୍ଶକୁ ଅନୁସରଣ କରନ୍ତୁ, ସେଠାରେ ଲାଭ ହେବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଆଇନଗତ ପ୍ରତିବନ୍ଧକ ସାମ୍ନା କରି ପାରନ୍ତି, ବ୍ୟସ୍ତ ହୁଅନାହିଁ। ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ। ଚିନ୍ତା ରହିବ। ବ୍ୟବସାୟ ଭଲ କରିବ।




**ମିଥୁନ:** ଅଟକି ରହିଥିବା ଟଙ୍କା ଧରିବାକୁ ଚେଷ୍ଟା କରନ୍ତୁ। ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ। ଚାକିରିରେ ଅଧସ୍ତନମାନଙ୍କ ସହାୟତା ପାଇବେ। ଟଙ୍କା ପାଇବା ସହଜ ହେବ। ଉତ୍ସାହ ଏବଂ ଖୁସିରେ କାମ କରିବାକୁ ସମର୍ଥ ହେବେ। ଥକ୍କା ଏବଂ ଦୁର୍ବଳତା ହୋଇପାରେ।




**କର୍କଟ:** ଭୟ ହେତୁ ନିଷ୍ପତ୍ତି ନେବା କ୍ଷମତା ହ୍ରାସ ହୋଇପାରେ। ପତି-ପତ୍ନୀଙ୍କଠାରୁ ସମର୍ଥନ ପାଇବେ। ଯାତ୍ରା ଚିତ୍ତାକର୍ଷକ ହେବ। ଉପହାର ଗ୍ରହଣ କରିବାର ସମ୍ଭାବନା ଅଛି। ରୋଜଗାର ବୃଦ୍ଧି ପାଇବ। ଚାକିରିର ପଦୋନ୍ନତି ସମ୍ଭବ। ଟଙ୍କା ପାଇବା ସହଜ ହେବ। ଉତ୍ସାହର ସହିତ କାମ କରିବାକୁ ସମର୍ଥ ହେବେ। ଭଲ ଖବର ଗ୍ରହଣ କରାଯିବ।




**ସିଂହ:** ଅତିଥିମାନେ ଆଜି ଘରେ ପହଞ୍ଚିବେ। ଆପଣ ଉତ୍ସାହଜନକ ସୂଚନା ପାଇବେ। ରିସ୍କ ନେବାକୁ ସାହସ କରିବେ। ଅନାବଶ୍ୟକ ଖର୍ଚ୍ଚ ହେବ। ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ। ଚାକିରିରେ ଶାନ୍ତି ରହିବ। ନୂତନ ବନ୍ଧୁ ସୃଷ୍ଟି ହେବ।




**କନ୍ୟା:** ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ଆଶା। ଅଂଶୀଦାରମାନଙ୍କ ସହଯୋଗ ମିଳିବ। ବ୍ୟବସାୟ ପାଇଁ ଏକ ବଡ ଡିଲ୍ କରିପାରିବେ। ପ୍ରଗତିର ରାସ୍ତା ପକ୍କା ହେବ। ରୋଜଗାର ବୃଦ୍ଧି ପାଇବ। ବାଣିଜ୍ୟ-ବ୍ୟବସାୟରେ ଅନୁକୂଳ ଆଗ୍ରହ ରହିବ। ଚାକିରିରେ ଥିବା ସହକର୍ମୀମାନେ ଆପଣଙ୍କ ସହିତ ଆସିବେ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ।



**ତୁଳା:** ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ, ଯନ୍ତ୍ରଣା ଦେବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ। ବିବାଦକୁ ପ୍ରୋତ୍ସାହନ ଦିଅନ୍ତୁ ନାହିଁ, ଦୁଃଖ ଆସିପାରେ। ଅଂଶୀଦାରମାନଙ୍କ ସହିତ ମତ ପାର୍ଥକ୍ୟ ହୋଇପାରେ।



**ବିଛା:** ସୃଜନଶୀଳ କାର୍ଯ୍ୟ ସଫଳ ହେବ। ପାର୍ଟି ଏବଂ ପିକନିକ୍ ଆୟୋଜନ କରାଯାଇ ପାରିବ। ଆପଣ ସୁସ୍ୱାଦୁ ଖାଦ୍ୟର ଲାଭ ପାଇବେ। ଜୀବନ ଖୁସି ହେବ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ବକ୍ତବ୍ୟରେ ନିୟନ୍ତ୍ରଣ ଆବଶ୍ୟକ। ମନଧ୍ୟାନ ଦେଇ କାର୍ଯ୍ୟ କରନ୍ତୁ। ଚାକିରିରେ କୈଣସି ନୂତନ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ଲଜ୍ଜିତ ହୁଅନ୍ତୁ ନାହିଁ। ଶତ୍ରୁମାନେ ପରାସ୍ତ ହେବେ।



**ଧନୁ:** ଖରାପ ଖବର ଗ୍ରହଣ କରାଯାଇପାରେ। ଉତ୍ସାହର ଅଭାବ ରହିବ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ। ଦୌଡ଼ ଅଧିକ ହେବ। ଘର-ପାରିବାରିକ ଚିନ୍ତାଧାରା ରହିବ। ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ। ଆପଣଙ୍କ କାର୍ଯ୍ୟ ଉପରେ ଧ୍ୟାନ ଦିଅନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଆୟରେ ନିଶ୍ଚିତତା ରହିବ।



**ମକର:** ଲାଭ ସୁଯୋଗ ଆସିବ। ଅଫିସରେ ଚାକିରିର ସୁଖ ଦେଖାଇବ। ବ୍ୟବସାୟ ବୃଦ୍ଧି ପାଇବ। ବିନିଯୋଗ ଇତ୍ୟାଦି ଅନୁକୂଳ ଲାଭ ଦେବ। ପରିବାରର ସହାୟତା ପାଇବାରେ ସୁଖ, ଉତ୍ସାହ ଏବଂ ସନ୍ତୁଷ୍ଟତା ରହିବ। ଦୁଷ୍କର୍ମରୁ ଦୂରେଇ ରୁହନ୍ତୁ। ସ୍ୱାସ୍ଥ୍ୟ ଦୁର୍ବଳ ରହିପାରେ। ଆଇନଗତ ପ୍ରତିବନ୍ଧକ ହଟାଯିବ।



**କୁମ୍ଭ:** ବାଣିଜ୍ୟର ଲାଭ ଅଛି। ସାଙ୍ଗମାନଙ୍କୁ ସାହାଯ୍ୟ କରିବାକୁ ସମର୍ଥ ହେବେ। ଆପଣ କଠିନ ପରିଶ୍ରମର ଫଳ ପାଇବେ। ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ। ଉଚ୍ଚ ପଦାଧିକାରୀମାନେ ଖୁସି ହେବେ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଉତ୍ସାହ ବୃଦ୍ଧି ପାଇବ। ଆୟର ନୂତନ ମାଧ୍ୟମ ମିଳିବ। ରୋଜଗାର ସହଜ ହେବ। ଘର ବାହାରେ ସୁଖ ମିଳିବ।



**ମୀନ:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। ସତସଙ୍ଗର ଲାଭ ହେବ। ତୀର୍ଥଯାତ୍ରା ଯୋଜନା କରାଯିବ। ଅନାବଶ୍ୟକ ଖର୍ଚ୍ଚ ହେବ। ସରକାରୀ ସହାୟତା ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ବିରୋଧୀମାନେ ସକ୍ରିୟ ରହିବେ। ପୁଂଜି ବିନିଯୋଗ ଶୁଭ ହେବ। ଆପଣଙ୍କର ନିଜସ୍ୱ ବୁଦ୍ଧି ବ୍ୟବହାର କରନ୍ତୁ। ଚାକିରୀର କ୍ଷେତ୍ରରେ ପ୍ରଭାବ ବୃଦ୍ଧି ଘଟିବ।



ଶ୍ରୀପତିଙ୍କ ଗ୍ରହ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ବୌଦ୍ଧ(ଭାସ୍କର ନ୍ୟୁଜ): ବୌଦ୍ଧ ଜିଲ୍ଲା ସଦର ବ୍ଲକ ମୁଣ୍ଡୁଗୁଡ଼ା ପଞ୍ଚାୟତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଗୁରୁଡ଼ିଙ୍ଗା (ଗାଧାରିପଦର) ମାଗଣ୍ଡା ବିହାର ଠାରେ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସର୍ବପ୍ରଥମେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଠାରେ ପ୍ରଦୀପ ପ୍ରଜ୍ଜ୍ୱଳନ, ଧ୍ୟାନ ଓ ମାତୃବନ୍ଦନା ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ତତପରେ ଦୁର୍ଗାସ୍ତୋତ୍ର ସବିତା ହୋତା,ମା ପୁସ୍ତକ ପଠନ ବିଷ୍ଣୁପ୍ରିୟା ସେନାପତି, ଧ୍ୟାନ ଓ ପ୍ରାର୍ଥନା ଅଶ୍ୱମାଣୀ ସାହୁ, ସ୍ୱାଗତ ସଂଗୀତ କରୁଣାକର ପ୍ରଧାନ ଓ ଅତିଥି ସ୍ୱାଗତ ରାଜକୁମାରୀ ବେହେରା କରିଥିଲେ । ମୁଖ୍ୟ ଅତିଥି ଭାବେ ରାଜ୍ୟ ମୁଖ୍ୟ ସଂଗଠକ ପ୍ରସାଦ ତ୍ରିପାଠୀ ଓ ସଂଗୀତ ମଣ୍ଡଳ କୋନାଲ ସଂଯୋଜକ ପ୍ରଫୁଲ୍ଲ କୁମାର ପଣ୍ଡା ଯୋଗଦେଇ ଜିଲ୍ଲାସ୍ତରୀୟ ପୂର୍ଣ୍ଣାଙ୍ଗ ସଂଗଠନ ନିମନ୍ତେ ବିସ୍ତୃତ ଆଲୋଚନା କରିଥିଲେ । ପଂଚାୟତ ସ୍ତରୀୟ ବିଭିନ୍ନ ବିଭାଗ ଆଲୋଚନାରେ ଦିଲ୍ଲୀପ କୁମାର କର୍ଣ୍ଣ, କବିରାଜ ସାହୁ, ବିଦ୍ୟାଧର ମହାକୁଡ଼, ତ୍ରିଲୋଚନ ଭୋଞ୍ଜ,ପ୍ରଦୀପ କୁମାର ସାହୁ,ବ୍ଲକ ସଂଗଠକ ଭାବେ ଗୌରୀ ପ୍ରସାଦ ସାହୁ, ପ୍ରତ୍ୟୁଷ କୁମାର ସାହୁ ଓ ମୁରଲୀଧର ସାହୁ ଓ ଜିଲ୍ଲା ସଂଗଠକ ଭାବେ ରାମ ପ୍ରସାଦ କର୍ଣ୍ଣ ବିବରଣୀ ପାଠ କରିଥିଲେ । ଦଶ କର୍ମଧାରା ଉପରେ ପତିତ କୁମାର ବେହେରା, ଯାଜ୍ଞସେନୀ ମହାରଣା ଓ ମନୋରଞ୍ଜନ ଭୋଇ ଆଲୋଚନାରେ ଭାଗ ନେଇଥିଲେ । ଆଧ୍ୟାତ୍ମିକ ଆଲୋଚନାରେ କପିଳାସ ପ୍ରସାଦ ଦାଶ ଭାଗ ନେଇଥିବାବେଳେ ସାଙ୍ଗଠନିକ ଆଲୋଚନା ଉପରେ ପ୍ରସାଦ ତ୍ରିପାଠୀ ପୁଙ୍ଖାନୁପୁଙ୍ଖ ଆଲୋକପାତ କରିଥିଲେ ।



# ହୀରାମୁଡା ପୋଖରୀରେ ନାହିଁ ପାଣି, ଜିଲ୍ଲାପାଳଙ୍କ ଦୃଷ୍ଟି ପଡ଼ିବ କେବେ !

ଖଡ଼ିଆଳ(ଭାସ୍କର ନ୍ୟୁଜ): ସମୟ ଅନୁସାରେ ସବୁ ପରିବର୍ତ୍ତନଶୀଳ । ଜଣେ ମଣିଷ ପାଖରେ ଯଦି ପାଣ୍ଠିର ଅଛି ତେବେ ତା'ପରିପଟେ ସବୁବେଳେ ଲୋକେ ପଛେ ପଛେ ବୁଲୁଥିବେ । ଯେତେବେଳେ ପାଣ୍ଠିର ହାତରୁ ଖସିଯିବ ତାକୁ ଆଉ କେହି ପଚାରନ୍ତି ନାହିଁ । ଠିକ ସେହିଭଳି ବର୍ତ୍ତମାନ ହୀରାମୁଡ଼ାକୁ ଆଉ କେହି ପଚାରୁନାହାନ୍ତି । ଦୁଇ ବର୍ଷ ହେବ ହୀରାମୁଡ଼ାକୁ ଖଡ଼ିଆଳ ଏନଏସି ଖଣ୍ଡ ବିଖଣ୍ଡିତ କରି ତାର ଗର୍ଭକୁ କାଟି ନଗ୍ନ ଅବସ୍ଥାରେ ଛାଡିଦେଇଛି । ବର୍ତ୍ତମାନ ହୀରାମୁଡ଼ା ବର୍ଷା ଦିନେ ଜୁଲାଇ ମାସରେ ଚିତ୍କାର କରି କହୁଛି ମତେ ବ୍ୟବହାର କର । ମୋ ଗର୍ଭ ଭିତରେ ପାଣି ସଂଚୟ କରି ରଖ, ମୋ ହିଡ଼ରେ ଆସି ଖେଳୁଥିବା, ବୁଲୁଥିବା, ମୋ ଭିତରେ ନାଚୁଥିବା ଲୋକଙ୍କୁ ଫେରେଇ ଆଣ । ମୋ ଗର୍ଭ ଭିତରେ କେତେଯେ କାଟ, ପତଙ୍ଗ, ସରିସୃପ, ପକ୍ଷୀଙ୍କ, ନାନାଦି ବର୍ଷର ପକ୍ଷୀ ଖେଳୁଥିଲେ କେତେ ସୁନ୍ଦର ମନଭରି ଉପଭୋଗ କରୁଥିଲେ ବୋଲି ହୀରାମୁଡ଼ା କହି ଦୁଃଖ ପ୍ରକାଶ କରୁଛି । ଅନ୍ୟପଟେ ଦିନ ଥିଲା ଲୋକେ ଏହି ହୀରାମୁଡ଼ା ପୋଖରୀ ଉପରେ ଖଡ଼ିଆଳ ଏନଏସିର ଲୋକ ନିର୍ଭର କରୁଥିଲେ । ଏହି ମୁଡା ଅନେକ ଲୋକଙ୍କର ପରିଚୟ ସୃଷ୍ଟି କରିଛି । ଗ୍ରାମାଞ୍ଚଳର ଲୋକେ ଖଡ଼ିଆଳ ସହରକୁ ବଜାର କରିବାକୁ ଆସି ଏହି ମୁଡା କୂଳରେ ଭେଟଘାଟ ହେଉଥିଲେ । ଖଡ଼ିଆଳ ସହରର ଏକ ମାତ୍ର ପରିଚିତ ସ୍ଥାନ ଥିଲା ଏହି ହୀରାମୁଡ଼ା । ଉରପୁର



ଭାବେ ମୁଡାରେ ପାଣି ଝଲସି ଉଠୁଥିଲା । ଲୋକେ ଆନନ୍ଦରେ ଏହି ହୀରା ମୁଡା ପୋଖରୀରେ ମନ ଭରି ଗାଧୋଇବା ସହ ନିତ୍ୟକର୍ମ ସାରୁଥିଲେ । ଲୋକେ ସକାଳ ଚାରିଟାରୁ ଏହି ପୋଖରୀକୁ ଯାଇ ନିତ୍ୟକର୍ମ ସାରୁଥିଲେ । ଗ୍ରୀଷ୍ମ ଋତୁର ଝାଞ୍ଜି ଖରାରେ ମଧ ଏହି ମୁଡା ର ପାଣି ଝଲସି ଉଠୁଥିଲା । ପାଣି ଶୁଖିବାର ନାଁ ନ ଥିଲା । ଭୀଷଣ ଖରାର ମଜା ନେଉଥିଲେ ଲୋକେ ଓ ବାଟ ଚଲା ଲୋକେ । ଖାଲି ଯେ ମଣିଷ ସମାଜ ଏହି ମୁଡାଉପରେ ନିର୍ଭର କରୁଥିଲେ ତା ନୁହେଁ । ଗାଈ ଗୋରୁ, କୀଟ ପତଙ୍ଗ, ବିଭିନ୍ନ ପ୍ରକାର ନାନାଦି ରଙ୍ଗର ପକ୍ଷୀ ମାନେ ମୁଡାର ପାଣିରେ ଝଲସି ଉଠୁଥିଲେ । ଏ ଅଞ୍ଚଳର ଲୋକେ ଏହି ମୁଡାକୁ ହୀରାକୁଦ ବୋଲି ଭାବୁଥିଲେ । ସେଲେ ବର୍ତ୍ତମାନ ମୁଡାକୁ ଦେଖିଲେ ଆଖିରୁ ଲୁହ ଆସିଯାଉଛି । ନିଜର ସ୍ୱାର୍ଥ ପାଇଁ ମୁଡାକୁ ଖଣ୍ଡ ବିଖଣ୍ଡିତ କରି ମୁଡାକୁ ନଗ୍ନ ଅବସ୍ଥାରେ ଛାଡି ଦେଇଛନ୍ତି । ଅନ୍ୟପଟରୁ ଜୁଲାଇ ମାସରେ ମଧ ମୁଡ଼ାରେ ଜଳ ବୁନ୍ଦାଏ ନାହିଁ । ସବୁଠାରୁ ବଡ କଥା ଯେ ଖଡ଼ିଆଳ ସହରର ଲୋକେ ହିନ୍ଦୁ ଧର୍ମ ପାରମ୍ପରିକ ଭାବେ ସ୍ନାନ ଘାଟକୁ ଯାଇ ଏହି ମୁଡାକୁ ଆସି ଗାଧୋଇ ଘରକୁ ଯାଉଥିଲେ । ଲୋକେ ଦୁଇ ବର୍ଷ ହେଲା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସାଧାରଣ ଜନତା ଅଭିଯୋଗ କରୁଛନ୍ତି ଯେ ଯଦି ହୀରାମୁଡା କାର୍ଯ୍ୟ ପାଇଁ ପାଣ୍ଠି ନଥିଲା ତେବେ ମୁଡାକୁ କାହା ସ୍ୱାର୍ଥ ରେ ଖଣ୍ଡ ବିଖଣ୍ଡିତ କରି ନଗ୍ନ ଅବସ୍ଥା ରେ ଛାଡିଦିଆଗଲା ବୋଲି ପ୍ରଶ୍ନ ସୃଷ୍ଟି ହେଉଛି । ଅନ୍ୟପଟେ ନୂଆପଡା ଜିଲ୍ଲାପାଳ ଜିଲ୍ଲାର ଉନ୍ନତିକରଣ ପାଇଁ ନିଜକୁ ସଦାବେଳେ ଦିନ ରାତି କୁ ଏକ କରି ଲୋକଙ୍କ ସେବାରେ ଲାଗିଥିବା ବେଳେ ଖଡ଼ିଆଳ ଏନଏସିରେ ହୀରାମୁଡା କାହିଁକି ପାଣି ପାଇଁ । ତେବେ ଜିଲ୍ଲାପାଳ ମଧୁ ସୂଦନ ଦାସଙ୍କ ନଜର ଦେବେ ପଡିବ ଏହି ହୀରା ମୁଡା ଉପରେ ତାହା ସାଧାରଣ ରେ ଚର୍ଚ୍ଚା ହେଉଛି ।

# ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଯୋଗଦାନ



କୋଷାଗୁମୁଡା (ଭାସ୍କର ନ୍ୟୁଜ): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ, କୋଷାଗୁମୁଡା ତରଫରୁ ନୂତନ କରି ଯୋଗଦେଇଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୌମେନ୍ଦ୍ର ଭୌମିକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ । ଏହି ପରିପ୍ରେକ୍ଷୀରେ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଗାମ୍ବର ହରିଜନ ଉପସ୍ଥିତ ଥିଲେ ଏବଂ ସଂଘର ସଭାପତି ଅଞ୍ଜନ କୁମାର ଖଟୁଆ, ସମ୍ପାଦକ ନାରାୟଣ ମାଝୀ, ଉପସଭାପତି ଲୋକନାଥ ଭତରା, ସହ-ସମ୍ପାଦକ ଲାଭବାନ ହରିଜନ, କାର୍ଯ୍ୟକାରୀ ସମ୍ପାଦକ ଧନ ଭତରା, କୋଷାଧ୍ୟକ୍ଷ ଲକ୍ଷ୍ମଣ କୁମାର ସେଟ୍ଠୀ, ବରିଷ୍ଠ ଶିକ୍ଷକ ନରେନ୍ଦ୍ର ଭତରା, ସୁରେନ୍ଦ୍ର ନାଥ ସ୍ୱାଇଁ, ଭୁବନାନନ୍ଦ ଜେନା ଆଦି ଯୋଗ ଦେଇଥିଲେ ।

# ସାମାନ୍ୟ ବର୍ଷାରେ ଘର ସାମ୍ନାରେ ଆଣ୍ଠୁଏ ପାଣି



ଚନ୍ଦାହାଣ୍ଡି (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଅଙ୍କାବେଡା ଗ୍ରାମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି । କିନ୍ତୁ ରାସ୍ତା ର ଉଭୟ ପାର୍ଶ୍ୱରେ ଡ୍ରେନ ନଥିବାରୁ ବର୍ଷା ପାଣି ସାହି ଭିତରେ ପଶିବା ସହ ଘର ଭିତରେ ଆଣ୍ଠୁଏ ପାଣି ଭରି ହୋଇଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ହେବ ସହ ଠିକାଦାରଙ୍କ ଗାଡି ସମେତ ବସ ଚଳାଚଳ କିଛି ସମୟ ପାଇଁ ବନ୍ଦ କରିଥିଲେ । ସାହିର ସମସ୍ତଙ୍କ ଘରେ ପାଣି ପଶି ଯାଇଥିବାରୁ ଘରେ ଶୋଇବା ରାତ୍ରି ସମୟରେ ନିଜକୁ ଅସୁରକ୍ଷିତ ମନେ କରୁଥିଲେ । ଘରଗୁଡିକ ଅତ୍ୟଧିକ ପୁରୁଣା ଏବଂ ମାଟି ଘର ହୋଇଥିବାରୁ ରାତ୍ରି ସମୟରେ ବର୍ଷା ପାଣିରେ ଘର ଭୁଶୁଡ଼ି ଯିବାର ଆଶଙ୍କା ରହିଥିବା ସାହିବାସୀ ପ୍ରକାଶ କରିଛନ୍ତି । ଏ ନେଇ ଆମେ ଠିକାଦାର ଏବଂ ଯନ୍ତ୍ରୀ ଙ୍କ ସହ ଯୋଗାଯୋଗ କରିଥିଲୁ ଏହାର ପ୍ରତିକାର ପାଇଁ, କିନ୍ତୁ ଗ୍ରାମବାସୀ ଡ୍ରେନ ନିର୍ମାଣ ନିମନ୍ତେ ଜାଗା ଦେଉନ ଥିବା ଯୋଗୁଁ ଏ ଭଳି ସମସ୍ୟା ହେଉଥିବା ନିଜ ପଟୁ ପ୍ରକାଶ କରିଛନ୍ତି । ପ୍ରଶାସନ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେଇ ସମାଧାନ କରିବା ପାଇଁ ଗ୍ରାମବାସି ଦାବି କରିଛନ୍ତି ।

# ପୁଟୁଲାତଲେଇ-ନୂଆପଡ଼ା ରାସ୍ତାର ଉନ୍ନତିକରଣ

ମୁରିବାହାଲ/ବଙ୍ଗୋମୁଣ୍ଡା,(ଭାସ୍କର ନ୍ୟୁଜ) ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଅଲଣ୍ଡା ପଞ୍ଚାୟତ ଅଧିନସ୍ଥ ପୁଟୁଲାତଲେଇ - ନୂଆପଡ଼ା କୁ ରାସ୍ତା କୁ ଉନ୍ନତିକରଣ କଲା ବଙ୍ଗୋମୁଣ୍ଡା ବ୍ଲକ ପ୍ରଶାସନ । ଏହି ରାସ୍ତା ରେ ଦୈନିକ ଶହ ଶହ ଲୋକ ଙ୍କ ସହ ଛାତ୍ର ଛାତ୍ରୀ ମାନେ ଯିବା ଆସିବା କରୁଥିବା ବେଳେ



ବର୍ଷା ଦିନରେ ନାହିଁ ନ ଥିବା ଅସୁବିଧା ର ସମ୍ମୁଖୀନ ହେଉଥିବା ନେଇ ସ୍ଥାନୀୟ ଲୋକେ ବଙ୍ଗୋମୁଣ୍ଡା ବ୍ଲକ ଅଧକ୍ଷା ରଞ୍ଜୁବାଲା ବେହେରା ଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ । ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ରାସ୍ତା କୁ ମରାମତି କରିଥିବାରୁ ଅଞ୍ଚଳ ବାସୀ ଖୁସିବ୍ୟକ୍ତ କରିଛନ୍ତି । ଖରା ମାସ ରେ ଠିକ ଭାବେ ରାସ୍ତା ରେ ଯିବା ଆସିବା କରୁଥିବା ବେଳେ ବର୍ଷା ମାସ ହେଲେ ଏଠାକାର ଲୋକ ମାନେ ରାସ୍ତା ରେ କାଦୁଅ ପଚ ପଚ ହେବା ଯୋଗୁଁ ନାହିଁ ନ ଥିବା ଅସୁବିଧା ର ସମ୍ମୁଖୀନ ହେଉଥିଲେ । ବଙ୍ଗୋମୁଣ୍ଡା ବ୍ଲକ ପ୍ରଶାସନ ତଦନ୍ତ କରି ଏ ଦିଗରେ ପଦକ୍ଷେପ ନିଆଯାଇ ରାସ୍ତା ସମସ୍ୟା ର ସମାଧାନ କରାଯାଉଥିବା ଯୋଗୁଁ ବଙ୍ଗୋମୁଣ୍ଡା ବ୍ଲକ ପ୍ରଶାସନ କୁ ସ୍ଥାନୀୟ ଲୋକେ କୃତଜ୍ଞତା ଜ୍ଞାପନ କରି ଧନ୍ୟବାଦ ଜଣାଇଛନ୍ତି ।

# ଜିଲ୍ଲା ମୂଳନିବାସୀ ମିଳିତ କ୍ରିୟାନୁଷ୍ଠାନ କମିଟି ଗଠିତ



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସଦର ଅନ୍ତର୍ଗତ କୁମୁଟିଗୁଡା ସ୍ଥିତ ଆଦିବାସୀ କମ୍ୟୁନିଟି ଗୃହରେ ଅନୁସୂଚିତ ଜାତି/ଜନଜାତି ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର ସଭାପତି ଜାରା ଶବର ମାଡ଼ିଙ୍କ ସଭାପତିତ୍ୱରେ ଏକ ଜରୁରୀକାଳୀନ ସଭା ଅନୁଷ୍ଠିତ ହୋଇଥିଲା । ବିଶ୍ୱ ମୂଳନିବାସୀ ଦିବସ ପାଳନ ସମୟରେ ପଛୁଆ ବର୍ଗ ଓ ଅଳ୍ପ ସଂଖ୍ୟକ ଲୋକମାନେ ବାଦ ପଡିଯାଉଥିବାରୁ ପୂର୍ବରୁ ରହିଥିବା ଅନୁସୂଚିତ ଜାତି/ ଜନଜାତି ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିକୁ ଭଙ୍ଗକରି ଜିଲ୍ଲା ମୂଳନିବାସୀ ମିଳିତ କ୍ରିୟାନୁଷ୍ଠାନ କମିଟି ନାମରେ ଏକ ନୂତନ କମିଟି ଗଠନ କରାଯାଇଅଛି । ସର୍ବସମ୍ମତିକ୍ରମେ ଏ କମିଟିର ସଭାପତି ଜାରା ଶବର ମାଡ଼ି ଓ ସାଧାରଣ ସମ୍ପାଦକ ଭାବେ ହରିବନ୍ଧୁ ଗଲୋରୀଙ୍କୁ ଚୟନ କରାଯାଇଛି । ଉପଦେଷ୍ଟା କମିଟିରେ ପ୍ରଭାକର ହନ୍ତାଳ, ରଥିକୃଷ୍ଣ ପାତ୍ର, ବାଲାରାଜୁ ଗେମେଲ, ଘନଶ୍ୟାମ ମାଡକାମୀ, ଗୋପୀ ପାଙ୍ଗି ଓ ବିଜୟ ପୁସୁର ସ୍ଥାନ ପାଇଥିବା ବେଳେ କାର୍ଯ୍ୟକାରୀ ସଭାପତି ସୋନୁ ଅନୁଗୁ ଓ ଜିଲ୍ଲା ସଂଯୋଜକ ଭାବେ ଡମ୍ବରୁ ବାଘଙ୍କୁ ଚୟନ କରାଯାଇଛି । ଉପସଭାପତି ଭାବେ ଘେନୁ ମୁଦୁଲି, ଇର୍ମା ପଡ଼ିଆମୀ, ବଳରାମ ଅନୁଗୁକିଆ, ମୁକ୍ତା ହନ୍ତାଳ, ବି,କାମେଶ୍ୱର ରାଓ ଓ ମନୋଜ ମାଳି ସ୍ଥାନ ପାଇଥିବା ବେଳେ ଯୁଗ୍ମ ସମ୍ପାଦକ ଭାବେ ସଚିନ ଡୋର, ହରି ଗଲୋରୀ, ଯୁଧିଷ୍ଠିର ବେହେରା, ସହଦେବୀ ମାଡ଼ି, କୁମାର ଜାଲିଆ ଓ ଗୁରୁ ଦଳପତିଙ୍କୁ ଚୟନ କରାଯାଇଅଛି । ସେପରି ସାଙ୍ଗଠନିକ ସଂପାଦକ ଭାବେ ସଦାଶିବ ପୂଜାରୀ, ମଦନ ଖସଲା, ଆନନ୍ଦ ପାଙ୍ଗି, ଭଦ୍ର ଦୁରୁଆ, ସନାତନ କବାସୀ ଓ ଲକ୍ଷ୍ମଣ ଗୌଡ଼ ସ୍ଥାନ ପାଇଥିବା ବେଳେ କଣ୍ଟେଶ୍ୱର ପୋଟଲାଙ୍କୁ କୋଷାଧିକ ଭାବେ ଚୟନ କରାଯାଇଅଛି । ବିଶ୍ୱ ମୂଳନିବାସୀ ଦିବସ ପାଳନ ଉପଲକ୍ଷେ ଚଳିତ ମାସ ୨୩ ତାରିଖରେ ପୁନର୍ବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ ବୋଲି କ୍ରିୟାନୁଷ୍ଠାନ କମିଟିର ସଭାପତି ଜାରାଶବର ମାଡି ସୂଚନା ଦେଇଛନ୍ତି । ଆଜିର ଏହି ବୈଠକରେ ଜିଲ୍ଲାର ପ୍ରାୟ ସବୁ ବର୍ଗର ମୂଳନିବାସୀମାନେ ଯୋଗ ଦେଇଥିଲେ । ହରିବନ୍ଧୁ ଗଲୋରୀ ସଭା ପରିଚାଳନା କରିଥିଲେ । ଶେଷରେ ସଭାପତିଙ୍କୁ ଧନ୍ୟବାଦ ଅର୍ପଣ ପରେ ସଭାସାଙ୍ଗ କରାଗଲା ।

# ଅଗ୍ରସେନ ସାମାଜ ପକ୍ଷରୁ ଶ୍ରାବଣ ତିଜ ମେଳା



ବ୍ରଜରାଜନଗର(ଭାସ୍କର ନ୍ୟୁଜ): ଶନିବାର ସନ୍ଧ୍ୟାରେ ବ୍ରଜରାଜନଗର ପୌର କଲ୍ୟାଣ ମଣ୍ଡପ ଠାରେ ଅଗ୍ରସେନ୍ ମହାସଭା ଦ୍ୱାରା ଶ୍ରାବଣ ତିଜ ମେଳା ଆୟୋଜିତ ହୋଇଯାଇଛି । ବ୍ରଜରାଜନଗର ଅଗ୍ରସେନ୍ ମହାସଭା ର ସଭାପତି ଅନିଲ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମାରୱାଡି ମହିଳା ମାନଙ୍କୁ ନେଇ ଅନେକ ବିଉଟି କ୍ୱିନ ଓ କୁଇଜ ର ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା । ଏହି ପ୍ରତିଯୋଗିତା ରେ ନିର୍ଣ୍ଣାୟକ ଭାବେ ସୁଦ୍ଧା ଅୱସ୍ଥି, ରେଣୁ ତିୱାରୀ, ମଧୁସ୍ମିତା ସୁଭନିଲ, ଆରତୀ ମିଶ୍ର ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଲଖନପୁର କୋଇଲା ଖଣିର ମହା ପ୍ରବନ୍ଧକ ଅୱଧ କିଶୋର ପାଣ୍ଡେ, ଇବ ଭ୍ୟାଲି କୋଇଲା ଖଣି ମହା ପ୍ରବନ୍ଧକ ଜିତେନ୍ଦ୍ର ତିୱାରୀ , ବ୍ରଜରାଜନଗର ନଗରପାଳ କ୍ରିଷ୍ଣା ଗୋପାଲ ସିତାନି, ସମଲେଶ୍ୱରୀ ପ୍ରକଳ୍ପ ଅଧିକାରୀ କହ୍ନେୟା ମିଶ୍ର ଯୋଗ ଦେଇଥିଲେ । ଉପସ୍ଥିତ ଅତିଥିମାନେ ଗଣେଶଙ୍କ ପ୍ରତିମାରେ ପୁଷ୍ପ ଅର୍ପଣ କରିବା ପରେ ପ୍ରଦୀପ ପ୍ରଜ୍ୱଳନ କରି ମଞ୍ଚାସୀନ ହୋଇଥିଲେ । ଏହି ସାୱନ୍ କ୍ୱିନ ପ୍ରତିଯୋଗିତା ରେ ସାୱନ୍ କ୍ୱିନ ଭାବେ ପ୍ରଥମ ସ୍ଥାନ ପ୍ରତିଭା ମିତଲ, ଦ୍ୱିତୀୟ ସ୍ଥାନ ନିକିତା ଗେନେରିୱାଲ ଓ ତୃତୀୟ ସ୍ଥାନ କ୍ରିତି ସିତାନୀ ଅଧିକାର କରିଥିଲେ । ଉପସ୍ଥିତ ଅତିଥି ମାନେ ସାୱନ୍ କ୍ୱିନ ମାନଙ୍କୁ ପୁରସ୍କୃତ କରିବା ସହିତ କୁଇଜ୍ ପ୍ରତିଯୋଗିତାର ବିଜେତା ମାନଙ୍କୁ ପୁରସ୍କୃତ କରିଥିଲେ ।

# ବିଦ୍ୟୁତ୍ ଆଘାତରେ ଛାତ୍ରୀ ଆହତ

ନୂଆପଡ଼ା (ଭାସ୍କର ନ୍ୟୁଜ): ନୂଆପଡ଼ା ଜିଲ୍ଲା ଜିଲ୍ଲା ବୋଡ଼େନ ବ୍ଲକ୍ ପର୍ବାତ୍ୟାଞ୍ଚଳ ଭାଇସାଦନୀ ବୁଏରଗାଁ ଆଦିବାସୀ ଆଶ୍ରମ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀରେ ପଢୁଥିବା ଛାତ୍ରୀଙ୍କୁ ସ୍କୁଲ ପରିସର ମଧରେ ବିଦ୍ୟୁତ୍ ଆଘାତ ହୋଇଥିଲା । ବିଦ୍ୟୁତ ଆଘାତ ଯୋଗୁଁ ତାଙ୍କୁ ଚିକିତ୍ସା ପାଇଁ ତୁରନ୍ତ ନୂଆପଡ଼ା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି



ଛାତ୍ରୀଙ୍କୁ ଡାକ୍ତରଖାନାରେ ଛାଡ଼ି ପଳାଇ ଆସିଲେ ଶିକ୍ଷକ

କରାଯାଇଥିଲା । ତେବେ ଚିକିତ୍ସା ପାଇଁ ଭର୍ତ୍ତି କରି ଶିକ୍ଷକମାନେ ନିଜର ଦାୟିତ୍ୱ ସାରିଦେଇ ଫେରିଆସିଥିବା ଅଭିଯୋଗ ହୋଇଛି । ନାବାଳିକା ଛାତ୍ରୀଙ୍କ ବାପା ଜୟରାମ ମାଝୀ ନିଜ ଝିଅକୁ ଚିକିତ୍ସା କରି ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରୁ ନିଜ ଗାଁ କୁ ପ୍ରତ୍ୟାବର୍ତ୍ତନ ପାଇଁ ଅପେକ୍ଷା କରିଥିଲେ । ଚିକିତ୍ସା ପାଇଁ ନୂଆପଡ଼ା ନେଇ ସେଠାରେ ବାପା ଝିଅଙ୍କୁ ଛାଡି ପଳାଇ ଆସିଥିଲେ ଶିକ୍ଷକ । ଶିକ୍ଷକଙ୍କ ଏଭଳି ଖାମଖିଆଲି ମନୋଭାବକୁ ନେଇ ପରିବାର ପକ୍ଷରୁ ନାପସନ୍ଦ କରାଯାଇଛି ।

# କ୍ଲଷ୍ଟରସ୍ତରୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ



କୋରୁକୋଣ୍ଡା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଶିକ୍ଷା ଅନ୍ତର୍ଗତ କେନ୍ଦ୍ରାଗୁମ୍ମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମଟି ବ୍ଲକ ଶିକ୍ଷାଧିକାରୀ ଅସିତ ମିସ୍ତ୍ରୀଙ୍କ ନେତୃତ୍ୱରେ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ଲକ ବିଧାୟକ ପ୍ରତିନିଧି ବିନାୟକ ପାତ୍ର ଯୋଗ ଦେଇଥିଲେ । ପ୍ରଥମେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ଅଞ୍ଚଳର ସିଆରସିସିମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ବିଭିନ୍ନ ପ୍ରକାର ଫଳନ୍ତି ବୃକ୍ଷ ତଥା:- ଆମ୍ବ, ପଣସ, ପିଜୁଳି, ଆତ ଆଦି ବୃକ୍ଷ ରୋପଣ କରାଯାଇଥିଲା । ବନ ବିଭାଗ ର ସହାୟତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ସ୍ଥାନୀୟ ବନପାଳ ଜ୍ୟୋତି ଡୁଙ୍ଗଡୁଙ୍ଗ, ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ ମିଳିତ ଭାବେ ବୃକ୍ଷ ରୋପଣ କରିଥିଲେ । ତେବେ ବ୍ଲକ ଶିକ୍ଷା ବିଭାଗର ବୃକ୍ଷରୋପଣ ପରି ଏପରି ମହତ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

# ପୋକ୍‌ସୋ ଆଇନ ସମ୍ପର୍କିତ ବୈଠକ

ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ୍ ହଲ୍ ଠାରେ ପୋକ୍‌ସୋ ଆଇନ ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କ ସହ ଆଭାସୀ ମାଧ୍ୟମରେ ସମସ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ପ୍ରଶାସନର ଅଧିକାରୀ ମାନେ ଯୋଡି ହୋଇଥିଲେ । ଉକ୍ତ ଆଭାସୀ ବୈଠକ ପରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ରେ ଆଗକୁ କଣ କରାଯିବ ସେ ନେଇ ବିଭିନ୍ନ ବିଷୟ ଆଲୋଚନା କରାଯାଇ ଥିଲା । ଜିଲ୍ଲାପାଳ ଶ୍ରୀ ପଣ୍ଡା ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ଆଶ୍ରମ ବିଦ୍ୟାଳୟ, ଜିଲ୍ଲାର ସମସ୍ତ କାର୍ଯ୍ୟାଳୟରେ ମହିଳା ଯୌନ ନିର୍ଯାତନା ଆଇନ୍ ପୋକ୍‌ସୋ ଆକ୍ଟ ଅନୁଯାୟୀ ଆଭ୍ୟନ୍ତରୀଣ କମିଟି ଅତିଶୀଘ୍ର ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ଶିକ୍ଷାନୁଷ୍ଠାନ ହଷ୍ଟେଲରେ କମ୍ପ୍ଲେନ ବାକ୍ସ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ରେଗୁଲାର ଦକ୍ଷତା ବୃଦ୍ଧି ତାଲିମ୍ ଦିଆଯିବ । ଅଧିକାରୀମାନେ ବାରମ୍ବାର କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ଦେବେ । ପ୍ରତି ମାସରେ କମିଟି ବସିବ ଏବଂ ଅଭିଯୋଗ ର ଶୁଣାଣି ମଧ କରାଯିବ । ଏଥିପାଇଁ ସମସ୍ତ ଅଭିଯୋଗ ରେଜିଷ୍ଟରରେ ସମସ୍ତ ଅଭିଯୋଗର ପଞ୍ଜିକରଣ ଏବଂ କେଶ ଫଇସଲା କରାଯିବ । ଏନେଇ ବୈଠକରେ ଆଲୋଚନା କରାଯାଇଥିଲା । ଯେତେ ଅଭିଯୋଗ ଆସିବ, ସେ ସବୁ ପୋର୍ଟାଲ ରେ ଅପଲୋଡ଼ କରାଯିବ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କନକଲତା ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟ ନାରାୟଣ ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଜିଲ୍ଲା ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ସହକାରୀ ଜିଲ୍ଲାପାଳ ଅଙ୍କୁର କୁମାର ଜାନୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବରିଷ୍ଠ ନାଗରିକଙ୍କୁ ଭେଟିଲେ ବିଧାୟକ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ଗୋପିନସାହି ସ୍ଥିତ ବରିଷ୍ଠ ନାଗରିକଙ୍କ କାର୍ଯ୍ୟାଳୟକୁ ଯାଇଥିଲେ ପାରଳା ବିଧାୟକ ଇଂ. ରୁପେଶ କୁମାର ପାଣିଗ୍ରାହୀ । ଏହି ଅବସରରେ ସେଠାରେ ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକମାନେ ବିଧାୟକଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିବାବେଳେ ଏହି ପୁରାତନ କୋଠାକୁ ଦେଖି ସମସ୍ତ ବରିଷ୍ଠ ନାଗରିକମାନଙ୍କୁ ଆଶ୍ୱାସନା ଦେବା ସହ ବିଧାୟକ ପାଣ୍ଠିରୁ ଅନୁଦାନ ଦେଇ ପୁନରୁଦ୍ଧାର କରାଯିବ ବୋଲି ବିଧାୟକ ତାଙ୍କ ଆଲୋଚନା ଅବସରରେ କହିଥିଲେ । ଶେଷରେ ବିଧାୟକ ଆସିଥିବାରୁ ତାଙ୍କୁ ବରିଷ୍ଠ ନାଗରିକ ମାନଙ୍କ ତରଫରୁ ଧନ୍ୟବାଦ୍ ଅର୍ପଣ କରାଯାଇଥିଲା ।

# ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ

ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲାପରିଷଦ ବୈଠକ ସ୍ଥାନୀୟ ପଞ୍ଚାୟତଭବନ ସମ୍ମିଳନୀ କକ୍ଷଠାରେ ପରିଷଦର ଅଧକ୍ଷା ପ୍ରଭାସିନୀ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକର ବିବରଣୀ ଅନୁସାରେ ମନରେଗା ଯୋଜନାରେ ଜିଲ୍ଲା ପାଇଁ ୧୭,୫୦,୦୦୦ ଶ୍ରମ ଦିବସ ଅଟକଳ ଧାର୍ଯ୍ୟ ଲକ୍ଷ୍ୟ ରଖାଯାଇଥିବାବେଳେ ଅଦ୍ୟାବଧି ୮,୩୯,୭୭୫ ଟି ଶ୍ରମଦିବସ ସୃଷ୍ଟି କରାଯାଇଛି । ସେଥିମଧ୍ୟରୁ ବୌଦ୍ଧ ବ୍ଲକରେ ୪୮, ହରଭଙ୍ଗା ବ୍ଲକରେ ୧୦ ଓ କଣ୍ଟାମାଳ ବ୍ଲକରେ ୨୯ ଗୋଟି ୧୦୦ ଦିନ ଶ୍ରମ ଦିବସ ସୃଷ୍ଟି କରାଯାଇପାରିଛି ।ଏଥିପାଇଁ ୮୪,୪୦,୨୫,୦୦୦ ଆର୍ଥିକ ଖର୍ଚ୍ଚ କରାଯିବାକୁ ଲକ୍ଷ ଧାର୍ଯ୍ୟ କରାଯାଇଥିବା ବେଳେ ଅଦ୍ୟାବଧି ୨୫୪୯,୭୧ ଲକ୍ଷ ଖର୍ଚ୍ଚ କରାଯାଇଛି । ଜଙ୍ଗଲ ବିଭାଗକୁ ୯୦ ଗୋଟି ପ୍ରକଳ୍ପ ପାଇଁ ୧୫, ୯୭, ୩୯,୧୫୭ ଟଙ୍କା ଅନୁଦାନ ଦିଆଯାଇ ଥିବାବେଳେ ସେଥିମଧ୍ୟରୁ ପାରିଶ୍ରମିକ ବାବଦକୁ ୯,୬୩,୨୦,୮୦୨ ଟଙ୍କା ଓ ମେଟେରିଆଲ ବାବଦକୁ ୨,୨୯, ୫୦,୭୫୪ ଟଙ୍କା ପ୍ରଦାନ କରାଯାଇଛି । ଉଦ୍ୟାନ କୃଷି ବିଭାଗକୁ ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ୬୨୭ ଗୋଟି ପ୍ରକଳ୍ପ ପାଇଁ ୭,୪୯,୩୧,୫୬୦ ଟଙ୍କା ଅନୁମୋଦନ କରାଯାଇଛି । ସେଥିମଧ୍ୟରୁ ପାଣିଶ୍ରମିକ ବାବଦକୁ ୫,୧୯, ୮୦,୮୦୬ ଟଙ୍କା ଓ ମେଟେରିଆଲ ବାବଦକୁ ୨,୨୯, ୫୦,୭୫୪ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି । ସେହିପରି କୃଷି ବିଭାଗକୁ ୮୪ ଗୋଟି ପ୍ରକଳ୍ପ ପାଇଁ ୯୯.୧ ଲକ୍ଷ ଟଙ୍କା ଅନୁମୋଦନ କରାଯାଇଛି । ସେଥିମଧ୍ୟରୁ ଅଣକୁଶଳୀ ୬୭,୩୮,୩୬୬ ଟଙ୍କା ଓ ମେଟେରିଆଲ ପାଇଁ ୩୧,୩୧,୬୩୪ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି । ସେଚାଞ୍ଚଳ ଉନ୍ନୟନ ବିଭାଗକୁ ୩୯ ଗୋଟି ପ୍ରକଳ୍ପ ପାଇଁ ୨,୯୭, ୯୯,୭୩୦ ଟଙ୍କା ଅନୁମୋଦନ କରାଯାଇଥିବାବେଳେ ସେଥିମଧ୍ୟରୁ ପାରିଶ୍ରମିକ ବାବଦକୁ ୧,୭୭,୨୮,୮୯୩ ଟଙ୍କା ଓ ମେଟେରିଆଲ ବାବଦକୁ ୧,୧୦,୭୦, ୮୩୭ ଟଙ୍କା ଖର୍ଚ୍ଚ ପାଇଁ ଅନୁମୋଦନ କରାଯାଇଛି । ବୈଠକରେ ଦିଆଯାଇଥିବା ସୂଚନା ମୁତାବକ ଚଳିତ ଆର୍ଥିକ ବର୍ଷରେ ବୌଦ୍ଧ ଜିଲା ପାଇଁ ୧୭,୫୦,୦୦୦ ଶ୍ରମ ଦିବସ ସୃଷ୍ଟି କରିବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ଅଦ୍ୟାବଧି ୮,୩୯,୭୭୫ ଗୋଟି ଶ୍ରମ ଦିବସ ସୃଷ୍ଟି କରି ବୌଦ୍ଧ ଜିଲା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି । ସେହିପରି ଶ୍ରମିକମାନଙ୍କୁ ଠିକ୍ ସମୟରେ ପାରିଶ୍ରମିକ ଦେବାରେ ବୌଦ୍ଧ ଜିଲା ୯୯.୯୩% ଲକ୍ଷ ହାସଲ କରି ରାଜ୍ୟରେ ଚତୁର୍ଥ ସ୍ଥାନରେ ରହିଛି । ସରକାରଙ୍କ ନୂତନ ନିୟମ ଅନୁଯାୟି କୌଣସି କାର୍ଯ୍ୟରେ ୩୦ କିମ୍ବା ତଦୁର୍ଦ୍ଧ ଶ୍ରମିକ ନିୟୋଜିତ ହେଲେ ତାହା ପ୍ରତିଦିନ ଦୁଇଥର ଉପସ୍ଥାନ ଦିଆଯିବାକୁ ନିର୍ଦ୍ଦେଶ ରହିଛି । ଏହି କ୍ଷେତ୍ରରେ ବୌଦ୍ଧ ଜିଲ୍ଲା ୯୮.୨୦% ଲକ୍ଷ ହାସଲ କରି ରାଜ୍ୟରେ ଚତୁର୍ଥ ସ୍ଥାନରେ ରହିଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜିଲ୍ଲାକୁ ୯୨୭୯ ଗୋଟି ଗୃହ ଲକ୍ଷ ଧାର୍ଯ୍ୟ ହୋଇଥିବାବେଳେ ସେଥିମଧ୍ୟରୁ ୮୮୯୮ ଗୋଟି ଗୃହ ସଂପୂର୍ଣ୍ଣ ହୋଇଛି । ଅନ୍ତ୍ୟୋଦୟ ଗୃହ ଯୋଜନାରେ ୨୦୨୪-୨୫ରେ ଜିଲ୍ଲାକୁ ୨୨୧ ଗୋଟି ଗୃହ ନିର୍ମାଣ ଲକ୍ଷ ଧାର୍ଯ୍ୟ କରାଯାଇ ବଣ୍ଟନ କରାଯାଇଛି । ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧୩୦୮ ଗୋଟି ଗୃହ ନିର୍ମାଣ ପାଇଁ ଲକ୍ଷଧାର୍ଯ୍ୟ କରାଯାଇ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୨୨୬ ଟି ଗୃହ ବଣ୍ଟନ କରାଯାଇଛି । ଚଳିତବର୍ଷ ଜିଲ୍ଲାକୁ ୧୫ଶ କେନ୍ଦ୍ରୀୟ ଅର୍ଥ କମିଶନ ଅନୁଦାନ ବାବଦକୁ ୭୦ ୭୩ ୮୮୪.୦୦ ଟଙ୍କା ମିଳିଥିବାବେଳେ ଏହି ଅର୍ଥ ମଧ୍ୟରୁ ଶତକଡା ୬୦ ଭାଗ ଅର୍ଥ ପାନୀୟଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ନିମନ୍ତେ ଖର୍ଚ୍ଚ କରାଯିବ । ୫ଶ ରାଜ୍ୟ ଅର୍ଥ କମିଶନ ଅନୁଦାନ ବାବଦକୁ ଜିଲ୍ଲାକୁ ୮୭୪୨୯୯୩.୦୦ ଟଙ୍କା ଅନୁଦାନ ମିଳିଛି । ଏହି ଅର୍ଥ ମଧ୍ୟରୁ ଶତକଡା ୫୦ ଭାଗ ଅର୍ଥ ପାନୀୟଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ନିମନ୍ତେ ଖର୍ଚ୍ଚ କରାଯିବ । ଓଡ଼ିଶା ଜୀବିକା ମିଶନ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବୌଦ୍ଧ ଜିଲ୍ଲାର ସମସ୍ତ ବ୍ଲକକୁ ସଘନ ବ୍ଲକ ଭାବରେ ନିଆଯାଇଛି । ବିଗତବର୍ଷ ଜିଲ୍ଲାର ୩୭ଗୋଟି ପଞ୍ଚାୟତର ୭୪୯ ଗୋଟି ସ୍ୱୟଂସହାୟକ ଦଳକୁ ୮,୨୨, ୬୦,୦୦୦.୦୦ ଟଙ୍କାର ଗୋଷ୍ଠୀ ବିନିଯୋଗ ପାଣ୍ଠି ଯୋଗାଇ ଦିଆଯାଇଛି । ଚଳିତବର୍ଷ ଅଦ୍ୟାବଧି ୭୦୧ ଗୋଟି ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ବ୍ୟାଙ୍କ ସଂଯୋଗୀକରଣ ଜରିଆରେ ୨୮,୪୮, ୪୬, ୦୦୦.୦୦ ଟଙ୍କାର ବ୍ୟାଙ୍କ ଋଣ ଯୋଗାଇ ଦିଆଯାଇଛି । ଏହାବ୍ୟତୀତ ବୈଠକରେ ଜିଲାର ଜଳସେଚନ, ରାସ୍ତା ସଂଯୋଗୀକରଣ, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରାଣୀସଂପଦ,ମହିଳା ଓ ଶିଶୁ କଲ୍ୟାଣ,ଖ୍ୟାଦ୍ୟ ଯୋଗାଣ, ସମବାୟ ଓ ହସ୍ତତନ୍ତ ସମେତ ବିଭିନ୍ନ ବିଭାଗ ପକ୍ଷରୁ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରାଯାଇଥିଲା । ବୈଠକରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତନକ ସରୋଜ କୁମାର ପ୍ରଧାନ,କଣ୍ଟାମାଳ ବିଧାୟକ କହ୍ନାଇଁ ଚରଣ ଡାଙ୍ଗ,ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ସମେତ ସମସ୍ତ ଜିଲ୍ଲାପରିଷଦ ସଭ୍ୟ ସଭ୍ୟା, ସମସ୍ତ ବ୍ଲକ ଅଧକ୍ଷ, ଅଧକ୍ଷା ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ସଭା ଆରମ୍ଭରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ବୈଠକ ଶେଷରେ ଜିଲ୍ଲା ପଂଚାୟତ ଅଧିକାରୀ ମନୋରଞ୍ଜନ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଅଧକ୍ଷ, ଜିଲ୍ଲା ପରିଷଦଙ୍କ ଅନୁମତି କ୍ରମେ ସଭା ସାଙ୍ଗ ହୋଇଥିଲା ।

# ଟିଖାଳି ସଂରକ୍ଷିତ ଜଙ୍ଗଲରେ ୩୫ଟିକିଆ ହାତୀପଲଙ୍କ ଆତଙ୍କ

ମୁରିବାହାଲ(ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ଟିଖାଳି ସଂରକ୍ଷିତ ମୁରିବାହାଲ ରେଞ୍ଜ ଜଙ୍ଗଲରେ ୩୫ଟିକିଆ ବଣୁଆ ହାତୀ ଆତଙ୍କ ଦେଖିବାକୁ ମିଳିଛି । ସନ୍ଧ୍ୟା ହେଲେ ଚାଷ କିଆରୀମାନଙ୍କରେ ପଶି ଚାଷ ନଷ୍ଟ କରୁଥିବା ବେଳେ ଅଞ୍ଚଳ ଅନ୍ଧାର ପାଲଟି ଥିବା ଦେଖିବାକୁ ମିଳୁଛି । ହାତୀପଲ ମୁରିବାହାଲ ଅଞ୍ଚଳର ଅନେକ ଗ୍ରାମରେ ଧାନ, ପନିପରିବା, କଦଳୀ ଚାଷ ଅନେକ ଚାଷ କିଆରୀକୁ ପଶି ଚାଷ ଚୁରମାର କରିବାରେ ଲାଗିଛନ୍ତି । ମୁରିବାହାଲ ଅଞ୍ଚଳରେ ଦୀର୍ଘ ଆଠ ମାସ ହେଲା ଆସି ଚାଷୀ ମାନଙ୍କ ଚାଷ ନଷ୍ଟ କରୁଥିବା ବେଳେ ଆଜି ଗୁଡିଘାଟ ପଞ୍ଚାୟତ ବାରବନ୍ଧ (ରାନିସିଲେଟ) ଗ୍ରାମର ଚାଷ ଜମି ମାନଙ୍କରେ ପଶି ଧାନ ପଳା, କପା ଚାଷ ଚୁରମାର କରିଦେଇଛି । ହାତୀପଲ ମୁରିବାହାଲ ରେଞ୍ଜ କର୍ଲାପିଟା, ଡ଼ଙ୍ଗାବାଞ୍ଜି, ପେରୁଆମାଳ, ବାରବନ୍ଧ, ସୁକୁନି ପଦର, ରାନିସିଲେଟ, ବେହେରା ଖାଇ, କୁଟୁନିଝରଣ ଅନେକ ଅଞ୍ଚଳରେ ବୁଲି ବୁଲି ଚାଷ ଫସଲ



ଚିନ୍ତାରେ ଚାଷୀ

ନଷ୍ଟ କରିଚାଲିଥିବା ନେଇ ଅଞ୍ଚଳର ଚାଷୀ ମାନେ ଚିନ୍ତାରେ ପଡି ଯାଇଛନ୍ତି । ମୁରିବାହାଲ ରେଞ୍ଜରେ ୫ ଟି ସେକ୍ସନ ଥିବା ବେଳେ ୧୬ ଟି ବିଟ୍ ଅଛି ହେଲେ ବନ ବିଭାଗ କିଛି ପଦକ୍ଷେପ ନେଉନଥିବା ଅଞ୍ଚଳର ଲୋକେ ଅଭିଯୋଗ କରୁଛନ୍ତି । ଏ ସମ୍ପର୍କରେ ବନ ଖଣ୍ଡ ଅଧିକାରୀ ଶିବପ୍ରସାଦ ନାୟକଙ୍କୁ ପଚାରିବାରୁ ଦୀର୍ଘ ଦିନଧରି ରହିଆସୁଥିବା ହାତୀ ପଲଙ୍କ ପାଇଁ ଅସହାୟ ଅବସ୍ଥାରେ ରହିଛୁ । ଯେଉଁ ଚାଷୀ ମାନଙ୍କ ଚାଷ କ୍ଷତି ହେଇଛି ସେମାନେ ଆବେଦନ କଲେ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ । ହାତୀ ପଲ ଘଉଡ଼ାଇ ହେଉ ନଥିବାରୁ ସେମାନଙ୍କ ଗତିବିଧି ପ୍ରତି ନଜର ରଖାଯାଉଛି ବର୍ଷା ଋତୁ ଚାଲିଥିବାରୁ ଡ୍ରୋନରେ ଟ୍ରାକ କରି ହେଉନାହିଁ ବୋଲି ପ୍ରକାଶ କରିଛନ୍ତି । ହାତୀ ପଲଙ୍କ ପାଇଁ ବିଦ୍ୟୁତ ବିଚ୍ଛିନ୍ନ ରହୁଛି ଯାହା ଲୋକଙ୍କ ପାଇଁ ରହିବା ବସିବା କଷ୍ଟକର ସାଜିଛି । ଶୀଘ୍ର ପଦକ୍ଷେପ ନେଇ ହାତୀ ପଲଙ୍କୁ ଅନ୍ୟ ପଟେ ଘଉଡ଼ାଇ ଚାଷୀ ମାନଙ୍କ କ୍ଷତିପୂରଣ ଯଥାଶୀଘ୍ର ଯୋଗାଇ ଦେବା ପାଇଁ ଅଞ୍ଚଳରେ ଦାବି ହେଉଛି ।



ବୋଲଗଡ (ଭାସ୍କର ନ୍ୟୁଜ):ଦୁର୍ଗାପୁର ପଂଚାୟତ ଅନ୍ତର୍ଗତ ଗୁଡୁମ ଗ୍ରାମସ୍ଥିତ ବ୍ୟାଙ୍କ ଅଫ ବରୋଦାର ୧୧୮ ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଛି । ଏଥିରେ ଶାଖା ପରିଚାଳକ ରାଜେଶ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଡେପୁଟି ରିଜିଓନାଲ ମ୍ୟାନେଜର ରାଜୀବ ସିହ୍ନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହିଳା ଗୋଷ୍ଠୀ ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଋଣ ବିତରଣ କରିବା ସହ ବ୍ୟାଙ୍କରେ ଉପଲବ୍ଧ ସୁବିଧା ଉପରେ ମତ ପ୍ରକାଶ କରିଥିଲେ। ଏଥିସହିତ ପ୍ରଧାନମନ୍ତ୍ରୀ ଜନ ସୁରକ୍ଷା କ୍ୟାମ୍ପ କରାଯାଇଥିଲା । ପରେ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ୪୨ ଜଣ, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ ୧୫ ଜଣ ଓ ଅଟଳ ପେନସନ ଯୋଜନାରେ ୪ ଜଣ ନୂତନ ଭାବେ ଅନ୍ତର୍ଭୁକ୍ତ ହୋଇଥିଲା । ତତ୍ ସହିତ ଗଜପତି ବୀରକିଶୋର ଦେବ ସରକାରୀ ଉପ୍ରା ବିଦ୍ୟାଳୟର ଲାଇବ୍ରେରୀ ପାଇଁ ଆଲମିରା ପ୍ରଦାନ କରିଥିଲେ।





ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ବଲଙ୍ଗା ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଉଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

### ଅଣସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ ଉପରେ କାର୍ଯ୍ୟାନୁଷ୍ଠାନ ଘଟଣା

# ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ନୋଟିସ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ରାଜ୍ୟରେ ବେଆଇନ୍ ଏବଂ ଅଣ ସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନ୍ୟାସନାଲ ପ୍ୟାରେଣ୍ଟ୍ ଫେଡେରେସନ୍ ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକଙ୍କ ତରଫରୁ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଏକ ମାମଲା ରୁଜୁ କରାଯାଇଥିଲା,ଯାହାର ଶୁଣାଣି କରି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ରାଜ୍ୟ ମାନବାଧିକାର ଆୟୋଗ ଅଧ୍ୟକ୍ଷ ନୋଟିସ୍ ଜାରି କରିଛନ୍ତି ବୋଲି ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ରାଜ୍ୟରେ ଓଡ଼ିଶା ଶିକ୍ଷା ଆଇନ୍ ଏବଂ ଶିକ୍ଷା ଅଧିକାର ଆଇନ୍-୨୦୦୯ ନିୟମାବଳୀ ଉଲ୍ଲଂଘନ କରି ପ୍ରାୟ ୧୫୦୦ ରୁ ଉର୍ଦ୍ଧ୍ୱ ଅଣସ୍ୱୀକୃତିପ୍ରାପ୍ତ ବେସରକାରୀ ବିଦ୍ୟାଳୟ ବେଆଇନ୍ ଭାବରେ ଚାଲୁଛି ଫଳରେ ସେଠାରେ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କ ନିରାପତ୍ତା, ସୁରକ୍ଷା ଏବଂ ଭବିଷ୍ୟତ ବିପଦପୂର୍ଣ୍ଣ ଅବସ୍ଥାରେ ଅଛି,ଏହି ସବୁ ବିଦ୍ୟାଳୟ ଠାରୁ ଲକ୍ଷାଧିକ ଟଙ୍କା ଜୋରିମାନା ଆଦାୟ କରିବାପାଇଁ ମଧ୍ୟ ଆଇନ୍ ରେ ବ୍ୟବସ୍ଥା ଅଛି। ଏହି ସବୁ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ତରଫରୁ ୨୦୨୦ ମସିହାରୁ ବାରମ୍ବାର ଜିଲ୍ଲା ଶିକ୍ଷାଧିକାରୀ ମାନଙ୍କୁ ଚିଠି ମାଧ୍ୟମରେ ଏହି ବିଦ୍ୟାଳୟ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ତାଗିଦ୍ କରାଯିବା ସତ୍ତ୍ୱେ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିଲା,ଏ ସମ୍ବନ୍ଧରେ ନ୍ୟାସନାଲ ପ୍ୟାରେଣ୍ଟ୍ ଫେଡେରେସନ୍ ତରଫରୁ ନିର୍ଦ୍ଦେଶକ ଏବଂ ଶିକ୍ଷା ସଚିବଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ବିଭାଗ ତରଫରୁ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିଲା ଫଳରେ ବାଧ ହୋଇ ସଭାପତି ଶ୍ରୀ ପଟ୍ଟନାୟକ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ, ଯାହାର ପ୍ରାଥମିକ ଶୁଣାଣି କରି ନିର୍ଦ୍ଦେଶକ ଙ୍କୁ ନୋଟିସ୍ ଜାରି କରି ଅଗଷ୍ଟ ୧ ତାରିଖ ସୁଦ୍ଧା ପକ୍ଷ ରଖିବାକୁ ନୋଟିସ୍ ଜାରି କରିଛନ୍ତି।ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଉପଦେଷ୍ଟା ଶ୍ରୀ ନାଗାର୍ଜୁନ ସେଠୀ, ଉପସଭାପତି ସ୍ୱପ୍ନେନ୍ଦୁ ସାମନ୍ତରାୟ,ନିର୍ମଳ ରାଉତ, ସଂପାଦକ ରମେଶ ଭାରତୀ ଏବଂ ସଞ୍ଜୟ ମହାନ୍ତି ଆଦି ଉପସ୍ଥିତ ଥିଲେ।

# ଦୃଷ୍ଟି ବାଧିତଙ୍କୁ ଶିକ୍ଷା ଉପକରଣ ପ୍ରଦାନ



ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଦ୍ୱାରା ନିମାପଡା ଓ ଗୋପ ର ସ୍ୱତନ୍ତ୍ର ବିଦ୍ୟାଳୟ ରେ ପଢୁଥିବା ୪ ଜଣ ଦୃଷ୍ଟି ବାଧିତ ଛାତ୍ରଛାତ୍ରୀ ଙ୍କୁ ଆନି ସ୍ମାର୍ଟ ଡିଭାଇସ ବା ଶିକ୍ଷା ଉପକରଣ ପ୍ରଦାନ କରାଯାଇଛି ।ଏହି ଉପକରଣ ଦୃଷ୍ଟି ବାଧିତ ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷା ଲାଭ ପାଇଁ ଅନେକ ଉପାଦେୟ ସାବ୍ୟସ୍ତ ହୋଇ ପାରିବ ବୋଲି ଜିଲ୍ଲାପାଳ ସୂଚନା ଦେବା ସହ ଶିକ୍ଷା ଲାଭ ପାଇଁ କୌଣସି ପ୍ରତିବନ୍ଧକ ଯେପରି ନ ରୁହେ ସେଥିପାଇଁ ଯତ୍ନ ବାନ ହେବାକୁ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଛାତ୍ରଛାତ୍ରୀମାନେ ଯେପରି ଏହି ଉପକରଣର ସଠିକ ଉପଯୋଗ କରି ଉପକୃତ ହେବେ ସେଥିପାଇଁ ସେମାନଙ୍କୁ ସଠିକ ପ୍ରଶିକ୍ଷଣ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଉପକରଣ ପ୍ରଦାନ ସମୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନିତା ପଟ୍ଟନାୟକ ଉପସ୍ଥିତ ଥିଲେ।

# ସାଲୁଙ୍କି ଜଳସେଚନ ପ୍ରକଳ୍ପରୁ ଖରିଫ ଚାଷ ପାଇଁ ଜଳ ଯୋଗାଣ

ବୌଦ୍ଧ (ଭାସ୍କର ନ୍ୟୁଜ): ବୌଦ୍ଧ ଜଳ ସେଚନ ବିଭାଗର ସାଲୁଙ୍କି ଜଳ ସେଚନ ପ୍ରକଳ୍ପରୁ ଚଳିତ ବର୍ଷ ଖରିପ ବର୍ଷ ଖରିପ ଚାଷ ପାଇଁ ଶୁକ୍ରବାର ଦିନ ସମସ୍ତ ଗେଟ ଖୋଲାଯାଇ ମୁଖ୍ୟ କେନାଲ ଓ ଶାଖା କେନାଲ ମାଧ୍ୟମରେ ଜଳ ଯୋଗାଣ କରାଯାଇଛି ଓ ପ୍ରକାଶ ଥାଉ କି ସାଲୁଙ୍କି ଜଳ ସେଚନ ପ୍ରକଳ୍ପ ଅଧୀନରେ ୧୮୭୯୩ ହେକ୍ଟର ଚାଷ ଜମି ଜଳ ସେଚିତ ହୋଇଥାଏ ।ଏହି ପ୍ରକଳ୍ପ ଦ୍ୱାର ବୌଦ୍ଧର ବାଉଁଶୁଣି ସହିତ ହରଭଙ୍ଗା ବ୍ଲକର ୮ ଟି ପଞ୍ଚାୟତର ଚାଷୀ ମାନେ ଉପକୃତ ହୋଇଥାନ୍ତି ଓ ଏହି ପ୍ରକଳ୍ପ ଦ୍ୱାରା ବହୁ ଚାଷୀ ଚାଷ କାର୍ଯ୍ୟ ଉପରେ ନିର୍ଭର କରିଥାନ୍ତି ଓ ବିଭାଗ ପକ୍ଷରୁ ଉନ୍ନତ ମାନର କେନାଲ ନିର୍ମାଣ ଯୋଗୁଁ ତଳି ଅଞ୍ଚଳକୁ ଜଳ ସେଚିତ ହୋଇପାରୁଛି। ଫଳରେ କେନାଲ ଉପରେ ଚାଷ କାମ ପାଇଁ ନିର୍ଭର କରୁଥିବା ଚାଷୀ ମାନେ ଆନନ୍ଦ ପ୍ରକାଶ କରିଛନ୍ତି ଓ ପ୍ରଥମେ ପୂଜାର୍ଚ୍ଚନା କରାଯାଇ ବୌଦ୍ଧ ଜଳସେଚନ ବି ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ. ନରେଶ ବାରିକ ସହକାରୀ ନିର୍ବାହୀ ଯନ୍ତ୍ରୀ କେଶୁରୁ ମୁର୍ମୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁପ୍ରିୟା ଦେହୁରୀ, ସହକାରୀ ଯନ୍ତ୍ରୀ ବସନ୍ତ ମହାକୁଡ଼, ସୁବ୍ରତ ମଲିକ, ଶତ୍ରୁଘନ ଡିଗାଲ, ସଞ୍ଜୟ ମହାନ୍ତି, ଭିଜିଲ ଏକ୍କା ପ୍ରମୁଖ ବରିଷ୍ଠ ଅଧିକାରୀ ମାନଙ୍କ ଦ୍ୱାରା ଜଳ ଯୋଗାଣ ପାଇଁ ଗେଟ ଖୋଲା ଯାଇଥିଲା । ସମସ୍ତ ଗେଟ ଖୋଲା ଯାଇ ଚାଷୀ ମାନଙ୍କୁ ଜଳ ଯୋଗାଣ କରାଯାଇଥିବାରୁ ଚାଷୀ ମାନେ ମଧ୍ୟ ଆନନ୍ଦ ପ୍ରକାଶ କରିଛନ୍ତି। ତେବେ ଜହ୍ନକ୍ଷପଙ୍କ, ବୁରକଟା, ଖୁଣ୍ଟବନ୍ଧ, ତେଲିବନ୍ଧ ଓ ସାହାଯପାଲ ଶାଖା କେନାଲ ଗୁଡିକରେ ଘାସ ଲଟା ସଫା ହୋଇନ ଥିବାରୁ ତଳ ମୁଣ୍ଡକୁ ପାଣି ପହଂଚିବା ନେଇ ଚାଷୀଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି।

# କେନ୍ଦ୍ର ରେଳ ଏବଂ ଜଳ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଭି. ସୋମାନ୍ନାଙ୍କ ପୁରୀ ରେଳ ଷ୍ଟେସନ ପରିଦର୍ଶନ



ପୁରୀ (ଭାସ୍କର ନ୍ୟୁଜ) : କେନ୍ଦ୍ର ରେଳ ଏବଂ ଜଳ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଭି. ସୋମାନ୍ନା ରବିବାର ଦିନ ପୁରୀ ରେଳ ଷ୍ଟେସନରେ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ରୂପାନ୍ତରଣ କରାଯାଉଥିବା ପୁନର୍ବିକାଶ କାର୍ଯ୍ୟ ନୀରିକ୍ଷଣ କରିଛନ୍ତି ।ସେ ରେଳ ଭିତିଭୂମିର ଆଧୁନିକୀକରଣ ପାଇଁ ଭାରତ ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରି ଉଲ୍ଲେଖ କରିଛନ୍ତି ଯେ ୨୦୨୫ ରେଳ ବଜେଟରେ ଓଡ଼ିଶାକୁ ୧୦,୫୯୯ କୋଟି ଟଙ୍କା ମିଳିଛି - ଯାହା ୨୦୦୯-୧୪ ତୁଳନାରେ ୧୨.୫ ଗୁଣ ବୃଦ୍ଧି ।ବର୍ତ୍ତମାନ, ରାଜ୍ୟର ୫୯ ଷ୍ଟେସନକୁ ୨,୩୭୯ କୋଟି ଟଙ୍କା ବ୍ୟୟରେ ପୁନର୍ବିକାଶ କରାଯାଉଛି ଏବଂ ପ୍ରାୟ ୮୦,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପ ରାଜ୍ୟରେ ଚାଲୁ ରହିଛି ।ଶ୍ରୀ ସୋମାନ୍ନା ଆଲୋକପାତ କରିଥିଲେ ଯେ ଗତ ଦଶନ୍ଧି ମଧ୍ୟରେ, ଏହି ଅଂଚଳରେ ରେଳ ଭିତିଭୂମି ଅଭୂତପୂର୍ବ ଅଭିବୃଦ୍ଧି ପାଇଛି ଯେଉଁଥିରେ ନୂତନ ରେଳ ଲାଇନ ନିର୍ମାଣ, ଟ୍ରାକ୍ ଦୋହରୀକରଣ ଏବଂ ଯାତ୍ରୀ ସୁବିଧା ବୃଦ୍ଧିରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି - ଯାହା ପୂର୍ବ ବର୍ଷଗୁଡ଼ିକର ଅଗ୍ରଗତିକୁ ବହୁ ପଛରେ ପକାଇଛି। ବର୍ତ୍ତମାନ ଓଡ଼ିଶାର ପ୍ରମୁଖ ଅଂଶକୁ ବନ୍ଦେ ଭାରତ ଏକ୍ସପ୍ରେସ ସଂଯୋଗ କରୁଛି ଏବଂ ଆଞ୍ଚଳିକ ସଂଯୋଗୀକରଣ ଏବଂ ବିକାଶକୁ ଆହୁରି ବୃଦ୍ଧି କରୁଛି । ରୂପାନ୍ତରିତ ପୁରୀ ଷ୍ଟେସନ ରେ 'ୱାନ ଷ୍ଟେସନ ୱାନ ପ୍ରଡକ୍ଟ' ଷ୍ଟଲ ଉପଲବ୍ଧ କରାଯାଇ ସ୍ଥାନୀୟ ପ୍ରଡକ୍ଟ କୁ ପ୍ରୋତ୍ସାହନ ଦିଆଯିବା ସହ ଏଥିରେ ଉନ୍ନତ ପ୍ରବେଶ, ଆଧୁନିକ ପ୍ରତୀକ୍ଷା ହଲ୍ ?, ଲିଫ୍ଟ/ଏସ୍କେଲେଟର, ଏକଜିକ୍ୟୁଟିଭ୍ ଲାଉଞ୍ଜ, ସ୍ଥାନୀୟ ବୈଶିଷ୍ଟ୍ୟ ଏବଂ କିଓସ୍କ ସମେତ ବିଶ୍ୱସ୍ତରୀୟ ସୁବିଧା ପ୍ରଦାନ କରିବ ।ଶ୍ରୀ ସୋମନ୍ନାଙ୍କ ସହିତ ପୂର୍ବ ତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ବି.ଏସ୍ ?. ରାଜକୁମାର, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଏଚ୍ ?.ଏସ୍ ?. ବାଜୱା ଏବଂ ମୁଖ୍ୟ ପ୍ରଶାସନିକ ଅଧିକାରୀ/ନିର୍ମାଣ ଏ.ଜି. ଶ୍ରୀନିବାସଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ ତାଙ୍କ ଗସ୍ତ ସମୟରେ ଉପସ୍ଥିତ ଥିଲେ ।ପ୍ରଧାନମନ୍ତ୍ରୀ ମୋଦୀଙ୍କ ଭାରତୀୟ ରେଳପଥକୁ ରୂପାନ୍ତରଣ କରିବାର ଦୃଷ୍ଟିକୋଣ ସହିତ ସମନ୍ୱୟ ରଖି ତୀର୍ଥଯାତ୍ରୀ, ପର୍ଯ୍ୟଟକ ଏବଂ ସ୍ଥାନୀୟ ଯାତ୍ରୀଙ୍କ ପାଇଁ ଯାତ୍ରା ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ ଏହି ପୁନର୍ବିକାଶର ଲକ୍ଷ୍ୟ ରଖାଯାଇଛି ।

### ଅଲ୍ଇଣ୍ଡିଆ ଯାଦବ ମହାସଭା ଓଡ଼ିଶା ୟୁନିଟ୍‌ର ବୈଠକ

# ଯାଦବଙ୍କ ଶିକ୍ଷାର ବିକାଶ ଜରୁରି




ଭୁବନେଶ୍ୱର (ଭାସ୍କର ନ୍ୟୁଜ): ରାଜ୍ୟରେ ଯାଦବ ବା ଗୋପାଳଙ୍କ ବିକାଶକୁ ସରକାର ପ୍ରାଥମିକତା ଦିଅନ୍ତୁ। ସେମାନେ ଶିକ୍ଷିତ ହେଲେ ହିଁ ବିକାଶ ଆସିବ। ସେମାନଙ୍କ ଶିକ୍ଷା ପାଇଁ ସରକାର ବ୍ୟବସ୍ଥା କରନ୍ତୁ। ଯାଦବମାନେ ନିଜ ଅଧିକାର ପାଇଁ ଏକାଠି ହୋଇ ସରକାରଙ୍କ ପାଖରେ ଦୃଢ଼ ଦାବି ରଖନ୍ତୁ। ଆଜି ଅଲ ଇଣ୍ଡିଆ ଯାଦବ ମହାସଭାର ଓଡ଼ିଶା ୟୁନିଟ୍ ପକ୍ଷରୁ ଆୟୋଜିତ ବୈଠକରେ ସବୁ କର୍ମକର୍ତ୍ତା ଏହି ମତ ରଖିଛନ୍ତି।

ବୈଠକରେ ଅଲ ଇଣ୍ଡିଆ ଯାଦବ ମହାସଭାର ଓଡ଼ିଶା ୟୁନିଟର ନବନିର୍ବାଚିତ କର୍ମକର୍ତ୍ତାମାନେ ନିଜ ଦାୟିତ୍ୱ ଗ୍ରହଣ କରିଛନ୍ତି। ସବ୍ୟସାଚୀ ମହଲା ସଭାପତି ଭାବେ ନିର୍ବାଚିତ ହୋଇଥିବାବେଳେ ରଶ୍ମିରାଣୀ ବେହେରା ମହିଳା ସଭାନେତ୍ରୀ ହୋଇଛନ୍ତି। ବରିଷ୍ଠ ଯାଦବ ନେତା ସଞ୍ଜିବ ମାରିକ ଓଡ଼ିଶା ୟୁନିଟର ଉପଦେଷ୍ଟା ହୋଇଛନ୍ତି। ଜାତୀୟ ସାଧାରଣ ସମ୍ପାଦକ ନବକିଶୋର ବେହେରା, ବରିଷ୍ଠ କର୍ମକର୍ତ୍ତା ମାନସ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ଡାକ୍ତର ବେହେରା, ବରିଷ୍ଠ ନେତା ପ୍ରତାପ ବେହେରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ସଭାପତି ସବ୍ୟସାଚୀ ମହଲା କହିଛନ୍ତି, ଓଡ଼ିଶାରେ ଯାଦବଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୨୦ ପ୍ରତିଶତ। କିନ୍ତୁ ସେମାନଙ୍କ ବିକାଶ ପାଇଁ ଯେଉ ପଦକ୍ଷେପ ନିଆଯିବା କଥା ତାହା ହୋଇନି। ଅଧିକାଂଶ ଯାଦବ ଏବେ ବି ନିଜ କୌଳିକ ବୃତ୍ତି କରୁଛନ୍ତି। ସେମାନଙ୍କ ଶିକ୍ଷା ପାଇଁ ସରକାର ପଦକ୍ଷେପ ନିଅନ୍ତୁ। ଯାଦବମାନେ ଅଲ ଇଣ୍ଡିଆ ଯାଦବ ମହାସଭାରେ ସାମିଲ ହୋଇ ନିଜ ଅଧିକାର ପାଇଁ ଲଢ଼ନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି। ମହିଳା ସଭାନେତ୍ରୀ ରଶ୍ମିରାଣୀ ବେହେରା କହିଛନ୍ତି, ଆମ ବର୍ଗର ମହିଳାମାନେ ବହୁତ ପଛରେ ରହିଛନ୍ତି। ସେମାନେ କେମିତି ଶିକ୍ଷା ଓ ରାଜନୀତି କ୍ଷେତ୍ରରେ ଆଗକୁ ଯିବେ ସେଥିପାଇଁ ମିଳିମିଶି କାମ କରିବା। ଉପଦେଷ୍ଟା ସଞ୍ଜିବ ମାରିକ କହିଛନ୍ତି, ବିହାର ଓ ଉତ୍ତରପ୍ରଦେଶ ଭଳି ରାଜ୍ୟରେ ଗୋପାଳମାନେ ବହୁତ ଆଗରେ ଅଛନ୍ତି। ଆମ ରାଜ୍ୟରେ ବି ଆଗୁଆ ହେବାକୁ ପଡ଼ିବ। ଶିକ୍ଷା କ୍ଷେତ୍ରରେ ଆଗେଇଲେ ହିଁ ସମସ୍ତେ ଆଗକୁ ଆସିବେ। ଏହାକୁ ସରକାର ବ୍ୟବସ୍ଥା କରନ୍ତୁ।

# ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଗାଡ଼ି ଚକ ତଳେ ଶୋଇ ପଡିଲେ ଦୋକାନୀ

ପୁରୀ (ଭାସ୍କର ନ୍ୟୁଜ) : ପୁରୀ ମ୍ୟୁନିସିପାଲଟି ଏନଫୋର୍ସମେଣ୍ଟ ସ୍କ୍ୱାଡ୍ର ଗାଡ଼ି ଚକ ତଳେ ଉଠା ଦୋକାନୀ । ପୁରୀ ମ୍ୟୁନିସିପାଲଟି ଏନଫୋର୍ସମେଣ୍ଟ ସ୍କ୍ୱାଡ୍ର ଗାଡ଼ି ଚକ ତଳେ ଶୋଇ ବଡ଼ଦାଣ୍ଡ ଉଠା ଦୋକାନୀଙ୍କ ହାଇଡ୍ରାମା । ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟରେ ଭୋଗ ଓ ଫଟୋ ଦୋକାନ କରିଥିବା ପ୍ରଦୀପ ନାୟକ ଓ ପ୍ରମୋଦ ନାୟକଙ୍କ ଦୋକାନ ଉଚ୍ଛେଦ ସମୟରେ ଏଭଳି ସ୍ଥିତି ଉପୁଜିଥିବା ଦେଖିବାକୁ ମିଳିଛି ।କେବଳ ସେତିକି ନୁହେଁ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ସମ୍ପୃକ୍ତ ଦୋକାନୀଙ୍କୁ ଧକ୍କା ମାରୁଥିବା ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି । ତେବେ ଶନିବାର ଉଠା ଦୋକାନୀଙ୍କୁ ଉଠାଇବା ପାଇଁ ପୁରୀ ପୌରପାଳିକା ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଏହାକୁ ଅବମାନନା କରିଥିଲେ ଉଠା ଦୋକାନୀ । ହାଇକୋର୍ଟରୁ ନିର୍ଦ୍ଦେଶ ପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟରେ ସେ ବ୍ୟବସାୟ କରୁଥିବା କହିଥିଲେ ମଧ୍ୟ ଏହାକୁ ଅଧିକାରୀ ମାନେ କର୍ଣ୍ଣପାତ କରିନଥିଲେ । ପରେ ପରିସ୍ଥିତି ଅଣାୟତ୍ତ ହେବାରୁ ଘଟଣାସ୍ଥଳରେ ସିଟି ଡିଏସପି, ସିଂହଦ୍ୱାର ଓ ଟାଉନ ଥାନା ଅଧିକାରୀ, ତହସିଲଦାର ପହଞ୍ଚି ବୁଝାସୁଝା କରିଥିଲେ। କିନ୍ତୁ ଉଠା ଦୋକାନୀ ନିଜ ଜିଦ୍ ରେ ଅଟଳ ଥିବାରୁ ପୌରପାଳିକା ପକ୍ଷରୁ ରବିବାର ସୁଦ୍ଧା ଦୋକାନ ଉଠାଇବାକୁ ନୋଟିସ ଦିଆଯାଇଛି । ନଚେତ୍ ପୌରପାଳିକା ପକ୍ଷରୁ ଜୋର ଜବରଦସ୍ତ ଉଠା ଦୋକାନକୁ ଉଚ୍ଛେଦ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି ।

ପ୍ରାପକ,
ଭଏସ୍ ଅପ୍ ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ୍
**ଏକମାତ୍ର ମଧ୍ୟସ୍ଥତା ପୂର୍ବରୁ ଏମ୍ଏସ୍‌ଡବ୍ଲ୍ୟୁ ମୈଥିଲି ପାରିଖ, ଓକିଲ**
ଜେଏସ୍‌ଡବ୍ଲ୍ୟୁ ମିନେରାଲ୍ସ ଟ୍ରେଡିଂ ପ୍ରାଇଭେଟ୍ ଲିମିଟେଡ୍
**ବନାମ୍...ଅଭିଯୋଗକାରୀ**
ଭଏସ୍ ଅପ୍ ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ୍
**...ପ୍ରତିବାଦୀ**
ମାନ୍ୟବର ଉଚ୍ଚ ନ୍ୟାୟାଳୟ, ବମ୍ବେ ଦ୍ୱାରା ୨୪ ଏପ୍ରିଲ, ୨୦୨୫ ରେ ୨୦୨୫ ର କମିଶନ ଆର୍ବି ଆବେଦନ ନମ୍ବର ୧୧୪ ରେ ପାସ୍ କରାଯାଇଥିବା ଆଦେଶ ଅନୁଯାୟୀ, ଜେଏସ୍‌ଡବ୍ଲ୍ୟୁ ମିନେରାଲ୍ସ ଟ୍ରେଡିଂ ପ୍ରାଇଭେଟ୍ ଲିମିଟେଡ୍ ('ଅଭିଯୋଗକାରୀ') ଦ୍ୱାରା ଭଏସ୍ ଅପ୍ ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ୍ ('ପ୍ରତିବାଦୀ') ବିରୁଦ୍ଧରେ ମଧ୍ୟସ୍ଥତା ପ୍ରକ୍ରିୟା ଆରମ୍ଭ କରାଯାଇଛି।
ମାନ୍ୟବର ମଧ୍ୟସ୍ଥତାଙ୍କ ଦ୍ୱାରା ଜାରି ନିର୍ଦ୍ଦେଶ ଅନୁଯାୟୀ, ୨୭ ମଇ, ୨୦୨୫ ଏବଂ ୧୩ ଜୁନ୍, ୨୦୨୫ରେ ମଧ୍ୟସ୍ଥତା ଟ୍ରିବ୍ୟୁନାଲ୍‌ର ଏକ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ନୋଟିସ୍ ସତ୍ତ୍ୱେ ପ୍ରତିବାଦୀ ହାଜର ହୋଇନଥିଲେ। ମଧ୍ୟସ୍ଥତା କାର୍ଯ୍ୟର ପରବର୍ତ୍ତୀ ଶୁଣାଣି ୨୯ ଜୁଲାଇ ୨୦୨୫ ରେ ହେବ, ଯେଉଁଠାରେ ପ୍ରତିବାଦୀ ଯଦି ଚାହାଁନ୍ତି ତେବେ ସେମାନେ ଉପସ୍ଥିତ ରହିପାରିବେ।
ସ୍ୱା/-
ଲେଗେସିସ୍ ପାର୍ଟନର୍
ଫୋନ୍-୦୨୨ ୬୬୧୭୬୫୦୦
ଇମେଲ୍-
sagar.k@legasispartners.com
ଜେଏସ୍‌ଡବ୍ଲୁ ମିନେରାଲ୍ସ ଟ୍ରେଡିଂ ପ୍ରାଇଭେଟ୍ ଲିମିଟେଡ୍ ଓକିଲ

**AFFIDAVIT**
I Satish Kumar Pattanaik, S/o- Late Balaram Pattanaik, resident of Ward No-2, At/Po- Malud, Ps- Krushna Prasad, Dist- Puri, PIN- 752032, Odisha, declare by this affidavit No.366, dtd. 18.07.2025 that now onwards I shall be known as Satish Pattanaik for all future purposes.

**ପାୱାରଗ୍ରିଡ POWERGRID**

**ନୋଟିସ୍**

୧. ୨୦୨୪-୨୯ ଟାରିଫ୍ ବ୍ଲକ୍ ପାଇଁ ଟ୍ରାନ୍ସମିସନ୍ ଟାରିଫ୍ ନିର୍ଣ୍ଣୟ ପାଇଁ ଆବେଦନର ଅନୁମୋଦନ, ପିଟିସନ୍-୧ : ଇଷ୍ଟର୍ଣ୍ଣ ରିଜନ୍‌ରେ '୪୦୦କେଭି ବୋକାରୋ ଏ-କୋଡାର୍ମା ଲାଇନରେ ଓପିଜିଡବ୍ଲୁ ବିଛାଇବା କାର୍ଯ୍ୟ' ଅଧୀନରେ ଟ୍ରାନ୍ସମିସନ୍ ସମ୍ପତ୍ତି (୦୧ ନମ୍ବର)। ପିଟିସନ୍-୨: ଇଷ୍ଟର୍ଣ୍ଣ ରିଜନ୍‌ରେ 'କେନ୍ଦ୍ରୀୟ କ୍ଷେତ୍ର ଷ୍ଟେସନଗୁଡ଼ିକରେ ଏସ୍‌ସିଏଡିଏ/ ଆରଟିୟୁଏସ୍/ ଏସ୍ଏଏସ୍ ଉନ୍ନତିକରଣ ଏବଂ ଓପିଜିଡବ୍ଲୁ ନେଟୱାର୍କକୁ ସୁଦୃଢ଼ କରିବା' ଅଧୀନରେ ପରିବହନ ସମ୍ପତ୍ତି (୦୮ ଟି) ଏବଂ ପିଟିସନ୍-୩: ଇଷ୍ଟର୍ଣ୍ଣ ରିଜନ୍‌ରେ ପୂର୍ବାଞ୍ଚଳ ସମ୍ପ୍ରସାରଣ ଯୋଜନା - XXXI (ଇଆରଇଏସ୍-XXXI) ଅଧୀନରେ ପରିବହନ ସମ୍ପତ୍ତି (୦୨ ଟି) ବିଦ୍ୟୁତ୍ ଆଇନ, ୨୦୦୩ର ଧାରା ୬୨ ସହିତ ପଠିତ ଧାରା ୭୯ (୧) (ଡି) ଏବଂ କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗ (ବ୍ୟବସାୟ ଆଚରଣ) ନିୟମାବଳୀ, ୨୦୨୩ର ନିୟମାବଳୀ ୧୫ (୧) (ଏ) ଏବଂ ନିୟମାବଳୀ ୨୩ ସହିତ ପଠିତ କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗ (ଶୁଳ୍କ ନିୟମାବଳୀର ନିୟମାବଳୀ ଏବଂ ସର୍ତ୍ତାବଳୀ) ୨୦୨୪ ସହିତ ପଠିତ।

୨. ଉପରୋକ୍ତ ପରିବହନ ବ୍ୟବସ୍ଥାର ଲାଭାର୍ଥୀମାନେ ହେଉଛନ୍ତି : (କ) ବିହାର ରାଜ୍ୟ ବିଦ୍ୟୁତ୍ (ହୋଲ୍ଡିଂ) କମ୍ପାନୀ ଲିମିଟେଡ୍, (ଖ) ପଶ୍ଚିମବଙ୍ଗ ରାଜ୍ୟ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଲିମିଟେଡ୍, (ଗ) ଓଡ଼ିଶା ଗ୍ରୀଡ୍ କର୍ପୋରେସନ୍ ଲିମିଟେଡ୍, (ଘ) ଦାମୋଦର ଭ୍ୟାଲି କର୍ପୋରେସନ୍, (ଙ) ବିଦ୍ୟୁତ୍ ବିଭାଗ, ସିକିମ୍ ସରକାର, ଗ୍ୟାଙ୍ଗଟକ୍, (ଚ) ଝାଡ଼ଖଣ୍ଡ ବିଜଲି ବଣ୍ଟନ ନିଗମ ଲିମିଟେଡ୍।

୩. ୱେସ୍ ସଂଖ୍ୟା, ଅପ୍ଟିକ୍ ଫାଇବର ଲାଇନ ଲମ୍ବ, ଅନୁମୋଦିତ ପୁଞ୍ଜି ମୂଲ୍ୟ (ଲକ୍ଷ ଟଙ୍କାରେ), ବାଣିଜ୍ୟିକ ପରିଚାଳନା ତାରିଖ ଏବଂ ବାଣିଜ୍ୟିକ ପରିଚାଳନା ତାରିଖ ପର୍ଯ୍ୟନ୍ତ ପୁଞ୍ଜି ମୂଲ୍ୟ (ଲକ୍ଷ ଟଙ୍କାରେ):

| ପିଟିସନ୍ ସୂଚନା | ସମ୍ପତ୍ତି | ୱେ ସଂଖ୍ୟା କିମ୍ବା ଫାଇବର ଲାଇନ ଲମ୍ବ (କିମି) | ବଣ୍ଟିତ ଅନୁମୋଦିତ ପୁଞ୍ଜି ମୂଲ୍ୟ (ଲକ୍ଷେ ଟଙ୍କା) | ଡିଓସିଓ | ଡିଓସିଓ ଉପରେ ପୁଞ୍ଜି ମୂଲ୍ୟ (ଲକ୍ଷେ ଟଙ୍କା) |
|---|---|---|---|---|---|
| ପିଟିସନ୍-୧ | ସମ୍ପତ୍ତି- କ | ୯୯.୩୬୫ | ୫୨୧.୦୦ | ୩୧.୦୩.୨୦୨୫ | ୧୯୬.୨୩ |
| ପିଟିସନ୍-୨ | ସମ୍ପତ୍ତି-କ | ୧୫୭.୭୪୫ | ୫୮୯.୮୨ | ୨୩.୦୬.୨୦୨୪ | ୩୫୧.୧୦ |
| | ସମ୍ପତ୍ତି- ଖ | - | ୯୮.୪୦ | ୦୪.୦୮.୨୦୨୪ | ୧୩.୯୨ |
| | ସମ୍ପତ୍ତି- ଗ | ୩୨.୧୭୬ | ୫୯୩.୬୮ | ୧୨.୦୯.୨୦୨୪ | ୧୬୫.୩୭ |
| | ସମ୍ପତ୍ତି- ଘ | - | ୨୭୩.୨୯ | ୨୦.୧୨.୨୦୨୪ | ୧୦୩.୦୫ |
| | ସମ୍ପତ୍ତି- ଙ | - | ୯୮.୪୦ | ୦୨.୦୧.୨୦୨୫ | ୧୫.୨୮ |
| | ସମ୍ପତ୍ତି- ଚ | - | ୯୮.୪୦ | ୧୧.୦୨.୨୦୨୫ | ୨୩.୬୦ |
| | ସମ୍ପତ୍ତି- ଛ | - | ୧୯୬.୮୦ | ୦୫.୦୩.୨୦୨୫ | ୪୫.୪୬ |
| | ସମ୍ପତ୍ତି- ଜ | - | ୯୮.୪୦ | ୦୨.୦୪.୨୦୨୫ | ୨୪.୨୮ |
| ପିଟିସନ୍-୩ | ସମ୍ପତ୍ତି- କ | ୦୧ (୪୦୦କେଭି) | ୧୮୦୩.୯୦ | ୦୮.୧୦.୨୦୨୪ | ୪୫୫.୯୩ |
| | ସମ୍ପତ୍ତି -ଖ | - | ୧୦୬୮.୧୦ | ୧୫.୦୪.୨୦୨୫ | ୧୭୬.୦୬ |

୪. ୨୦୧୯-୨୪ ଟାରିଫ୍ ଅବଧି ପାଇଁ ବାର୍ଷିକ ଟ୍ରାନ୍ସମିସନ୍ ଟାରିଫ୍ ନିମ୍ନରେ ସଂକ୍ଷିପ୍ତ କରାଯାଇଛି : (ଲକ୍ଷ ଟଙ୍କାରେ)

| ପିଟିସନ୍ ସୂଚନା. | ସମ୍ପତ୍ତି/ଶୁଳ୍କ | ୨୦୨୪-୨୫ | ୨୦୨୫-୨୬ | ୨୦୨୬-୨୭ | ୨୦୨୭-୨୮ | ୨୦୨୮-୨୯ |
|---|---|---|---|---|---|---|
| ପିଟିସନ୍ - ୧ | ସମ୍ପତ୍ତି - କ | ୦.୧୩ | ୬୦.୯୯ | ୭୬.୭୯ | ୭୭.୫୨ | ୭୫.୧୫ |
| ପିଟିସନ୍ - ୨ | ସମ୍ପତ୍ତି - କ | ୬୭.୦୦ | ୧୦୬.୪୯ | ୧୧୨.୪୦ | ୧୦୯.୦୮ | ୧୦୫.୭୭ |
| | ସମ୍ପତ୍ତି - ଖ | ୨.୭୪ | ୫.୮୮ | ୬.୯୨ | ୬.୮୯ | ୬.୮୭ |
| | ସମ୍ପତ୍ତି - ଗ | ୨୯.୯୧ | ୭୦.୨୦ | ୭୬.୨୧ | ୭୩.୦୬ | ୬୯.୯୧ |
| | ସମ୍ପତ୍ତି - ଘ | ୮.୮୧ | ୩୬.୪୫ | ୩୯.୯୮ | ୩୮.୭୦ | ୩୭.୮୧ |
| | ସମ୍ପତ୍ତି - ଙ | ୧.୧୩ | ୫.୮୫ | ୭.୪୭ | ୭.୬୭ | ୭.୩୦ |
| | ସମ୍ପତ୍ତି - ଚ | ୦.୯୨ | ୭.୩୪ | ୭.୭୨ | ୭.୩୭ | ୭.୦୨ |
| | ସମ୍ପତ୍ତି - ଛ | ୧.୦୧ | ୧୮.୦୭ | ୨୩.୧୭ | ୨୩.୪୫ | ୨୨.୩୯ |
| | ସମ୍ପତ୍ତି - ଜ | - | ୭.୫୫ | ୭.୯୨ | ୭.୫୬ | ୭.୨୧ |
| ପିଟିସନ୍ -୩ | ସମ୍ପତ୍ତି - କ | ୭୮.୫୩ | ୨୬୩.୭୭ | ୩୫୩.୯୪ | ୩୭୨.୦୧ | ୩୬୯.୧୪ |
| | ସମ୍ପତ୍ତି - ଖ | - | ୫୯.୬୦ | ୧୪୪.୬୮ | ୨୧୮.୭୨ | ୨୧୯.୫୭ |

୪. ଶୁଳ୍କ ନିର୍ଣ୍ଣୟ ପାଇଁ କରାଯାଇଥିବା ଆବେଦନର ଏକ କପି ଆବେଦନକାରୀଙ୍କ ୱେବସାଇଟରେ www.powergridindia.inରେ ପୋଷ୍ଟ କରାଯାଇଛି।

୫. ଆବେଦନରେ ଥିବା ଶୁଳ୍କ ନିର୍ଣ୍ଣୟ ପାଇଁ ପ୍ରସ୍ତାବ ଉପରେ ଯଦି କୌଣସି ପରାମର୍ଶ ଏବଂ ଆପତ୍ତି ଥାଏ, ତେବେ ହିତାଧିକାରୀଙ୍କ ସମେତ ଯେକୌଣସି ବ୍ୟକ୍ତି ସଚିବ, କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ, ତୃତୀୟ ଏବଂ ଚତୁର୍ଥ ମହଲା, ଚନ୍ଦ୍ରାଲୋକ କୋଠା, ଜନପଥ, ନୂଆଦିଲ୍ଲୀ-୧୧୦୦୦୧ (କିମ୍ବା କମିଶନର କାର୍ଯ୍ୟାଳୟ ଅବସ୍ଥିତ ଅନ୍ୟ ଠିକଣା) ନିକଟରେ ଦାଖଲ କରିପାରିବେ, ଏବଂ ଏହାର ଏକ କପି ଆବେଦନକାରୀଙ୍କୁ ଏହି ସୂଚନା ପ୍ରକାଶନର ୩୦ ଦିନ ମଧ୍ୟରେ ତାଙ୍କ କର୍ପୋରେଟ୍ କାର୍ଯ୍ୟାଳୟର ଠିକଣାରେ ପଠାଇବେ।

**ସ୍ଥାନ : ଗୁରୁଗ୍ରାମ**
**ତାରିଖ : ୧୮.୦୭.୨୦୨୫**
**ସ୍ୱା/-**
**ସାଧାରଣ ପରିଚାଳକ (ବାଣିଜ୍ୟ**

**ପାୱାର ଗ୍ରୀଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
କର୍ପୋରେଟ୍ କାର୍ଯ୍ୟାଳୟ: ସୌଦାମିନି, ପ୍ଲଟ୍ ନଂ.୨, ସେକ୍ଟର-୨୯, ଗୁରଗାଁଓ, ହରିଆନା-୧୨୨୦୦୧
ପଞ୍ଜିକୃତ କାର୍ଯ୍ୟାଳୟ: ବି-୯, କୁତବ୍ ଇନ୍‌ଷ୍ଟିଚ୍ୟୁସନାଲ୍ ଏରିଆ, କଟୱାରିଆ ସରାଇ, ନୂଆଦିଲ୍ଲୀ ୧୧୦୦୧୬
**A Maharatna PSU**
PG/CC/Notice-30/Advt-34/2025-26/Expression

**ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ**

## ୧୧୫ଟି ପ୍ଲଟ୍...

ଏସିଏଫ ହୋଇଥିଲେ। ୨୦୨୨ ସେପ୍ଟେମ୍ବର ୭ରେ ସେ ଅତିରିକ୍ତ ବନ୍ୟ ସଂରକ୍ଷକ ପଦବୀକୁ ଉନ୍ନୀତ ହୋଇଥିଲେ। ୨୦୨୪ ଜାନୁଆରୀ ୨୪ ତାରିଖରେ ସେ ପଦୋନ୍ନତି ପାଇଁ କେନ୍ଦୁଝର କେନ୍ଦୁପତ୍ର ଡିଭିଜନର ଡିଏଫଓ ହୋଇଥିଲେ।

## ବଲଙ୍ଗା ପୀଡ଼ିତା...

ପୋଲିସ ୩ଟି ଟିମ୍ ଗଠନ କରି ତଦନ୍ତ ଜାରି ରଖିଛି। ଏହି ଘଟଣାରେ ସଂପୃକ୍ତ ଥିବା ୩ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ପୋଲିସ କେତେକ ସନ୍ଦିଗ୍ଧଙ୍କୁ ପଚରାଉଚୁରା କରୁଥିବାବେଳେ ୧୨ଜଣଙ୍କୁ ଥାନାରେ ଅଟକ ରଖିଥିଲା। ସେମାନଙ୍କ ମଧ୍ୟରୁ ୬ଜଣଙ୍କୁ ଛାଡ଼ି ଦିଆଯାଇଥିବାବେଳେ ଅନ୍ୟ ୬ଜଣଙ୍କୁ ପଚରାଉଚୁରା କରାଯାଉଛି। ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଥିବାବେଳେ ନିକଟରେ କୌଣସି ସିସିଟିଭି ନଥିବାରୁ ତଦନ୍ତରେ ବିଳମ୍ବ ହେଉଥିବା କୁହାଯାଉଛି। ଘଟଣାସ୍ଥଳରୁ ମିଳିଥିବା ଉପହାର ସାମଗ୍ରୀ, ଚକୋଲେଟ୍, କିରାସିନି ବୋତଲ ଇତ୍ୟାଦିର ଯାଞ୍ଚ କରିଛି ସାଇଣ୍ଟିଫିକ୍ ଟିମ୍। ରାଜ୍ୟ ସରକାର ଏହି ଘଟଣାକୁ ବିଶେଷ ଗୁରୁତ୍ୱ ଦେଉଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ ପୀଡ଼ିତାଙ୍କୁ ଚିକିତ୍ସା କ୍ଷେତ୍ରରେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ। ଘଟଣା ଘଟିଥିବା ସ୍ଥଳରେ ପୋଲିସ ମୁତୟନ ହୋଇଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ପୀଡ଼ିତାଙ୍କୁ ପ୍ରଥମେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ଉନ୍ନତି ଆସିବା ସହିତ ତାଙ୍କୁ ଦିଲ୍ଲୀ ଏୟାର ଲିଫ୍ଟ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ରାଜ୍ୟ ସରକାର ମଧ୍ୟ ପୀଡ଼ିତାଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବେ ବୋଲି ଘୋଷଣା କରିଛନ୍ତି। ତେବେ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କିଏ ସେ ନେଇ ତନାଘନା ଆରମ୍ଭ ହୋଇଛି। ତଦନ୍ତ ପରେ ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି ଯେ ଘଟଣା ସଂପର୍କରେ କିଛି ତଥ୍ୟ ହାସଲ କରାଯାଇଛି। ଆଉ କିଛି ତଥ୍ୟ ହାସଲ ପାଇଁ ବାକି ରହିଛି। ପୀଡ଼ିତାଙ୍କ ବାପା ବଲଙ୍ଗା ବଜାରରେ କରିଥିବା ଗ୍ୟାରେଜ ଖୋଲି ପୋଲିସ ସେଠାରୁ କିଛି ନମୁନା ସଂଗ୍ରହ କରିଛି। ଅପରାଧୀଙ୍କୁ ଧରିବାରେ ପୋଲିସ କୌଣସି କୋହଳ ମନୋଭାବ ରଖୁନାହିଁ ବୋଲି ପିପିଲି ଏସଡିପିଓ କହିଛନ୍ତି। ସୂଚନାଯୋଗ୍ୟ ଯେ ଶନିବାର ସକାଳ ୮ଟା ସମୟରେ ପୁରୀ-ବଲଙ୍ଗା ବାୟାବରରେ ଜଣେ ନାବାଳିକାଙ୍କୁ ୩ଜଣ ଦୁର୍ବୃତ୍ତ ନଦୀପଠାକୁ ନେଇ କିରାସିନି ଢାଳି ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଥିଲା।

## ଦୁର୍ଘଟଣାର...

ହୋଇଛି । ସେହିପରି ବରଗଡ଼-ସୋହେଲା ରାସ୍ତାରେ ଭାରସାମ୍ୟ ହରାଇ ଗଛରେ ପିଟିହେଲା ପିକ୍ଅପ୍ ଭ୍ୟାନ । ଘଟଣାସ୍ଥଳରେ ଗାଡ଼ି ଡ୍ରାଇଭର ଓ ହେଲପରଙ୍କର ମୃତ୍ୟୁ ହୋଇଛି । ରବିବାର ଭୋର ସମୟରେ ଫଳ ବୋଝେଇ ଏକ ପିକଅପ୍ ଭ୍ୟାନ୍ ସୋହେଲା ପଟୁ ବରଗଡ଼ ଆଡ଼କୁ ଆସୁଥିବା ସମୟରେ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଗାଡ଼ି ଭିତରେ ଚାପି ହୋଇ ଡ୍ରାଇଭର ଓ ହେଲପରଙ୍କ ମୃତ୍ୟୁ ଘଟିଛି । ଅଗ୍ନିଶମ ବିଭାଗ କର୍ମଚାରୀ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଗଛ କାଟି ମୃତକଙ୍କ ଶବକୁ ଉଦ୍ଧାର କରିଛନ୍ତି । ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ସେପଟେ ବାଲେଶ୍ୱରରୁ ବେତନଟୀ ଅଭିମୁଖେ ଯାଉଥିବା ବେଳେ ଏକ କାର ପଦ୍ମନାଭପୁର ଟୋଲଗେଟ ବୁଥକୁ ମାଡ଼ିଯାଇଥିବା ବେଳେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ଏହି ଦୁର୍ଘଟଣାରେ ଅନ୍ୟଜଣେ ଆହତ ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଥିବା ବେଳେ ଅଳ୍ପକେ ବର୍ତ୍ତିଛନ୍ତି ଟୋଲ୍ କର୍ମଚାରୀ ।

# ପରିବା ଦର ଆକାଶଛୁଆଁ



ବୌଦ୍ଧ(ଭାସ୍କର ନ୍ୟୁଜ): କିଛି ଦିନ ହେଲା ବଜାରରେ କେବଳ ଆଳୁ, ଟମାଟୋ, ପିଆଜ, ବନ୍ଧାକୋବିକୁ ଛାଡି ଦେଲେ ଅନ୍ୟ ପନିପରିବା ମୂଲ୍ୟ ଆକାଶଛୁଆଁ ହୋଇଯାଇଛି। କିଛି ଦିନ ତଳେ ଟମାଟୋ ୨୦, ପୋଇ ଶାଗ ୬୦, ପୋଟଳ ୩୦, ବାଇଗଣ ୨୦ ଟଙ୍କାରେ ବିକ୍ରି ହେଉଥିଲା। କିନ୍ତୁ ଡ୍ରାଇଭର ମାନଙ୍କ ଧର୍ମଘଟ ଯୋଗୁଁ ଛତୁ କେଜି ୨୫୦, ବାଇଗଣ ୮୦, ମୂଳା ୬୦, ମାଖନ କେଜି ୨୦,ଝୁଣ୍ଗା ୧୦୦, ସଜନା ଛୁଇଁ ୧୨୦, କାକୁଡି ୫୦, ସାରୁ କେଜି ୫୦,ଫୁଲ କୋବି କେଜି ୧୦୦, ଭେଣ୍ଡି ୧୦୦,କାଙ୍କଡ଼ ୨୦୦, ପୋଟଳ ୮୦ ରେ ପହଂଚିଛି। ଆକାଶ ଛୁଆଁ ପନିପରିବା ଦରରେ ଦିନ ମଜୁରୀ କରି ଗୁଜୁରାଣ ମେଣ୍ଟାଇଥିବା ମଜୁରିଆ କିପରି ପରିବାର ପାଇଁ ମୁଠାଏ ଯୋଗାଡ଼ କରିବ ତାକୁ ନେଇ ଚିନ୍ତାରେ ପଡ଼ି ଯାଇଛି । ସହରାଞ୍ଚଳରେ ପନିପରିବା ମୂଲ୍ୟ ଧାର୍ଯ୍ୟ କରି ପ୍ରତ୍ୟେକ ଦିନର ଦର ତାଲିକା ବଜାର ପ୍ରାଙ୍ଗଣରେ ଲଗାଇବା ବାଧ୍ୟତାମୂଳକ ରହିଛି । କିନ୍ତୁ ଜିଲ୍ଲାର କୌଣସି ଗ୍ରାମାଞ୍ଚଳ ସାପ୍ତାହିକ ବଜାରରେ ଏଭଳି ତାଲିକା ପ୍ରକାଶ କରାଯାଇ ନାହିଁ । ଦର ଧାର୍ଯ୍ୟ ନେଇ ବ୍ୟବସାୟୀଙ୍କ ଉପରେ ନିୟନ୍ତ୍ରଣ ରହୁ ନଥିବାରୁ ଜିଲାରେ ପ୍ରତ୍ୟେକ ଦିନ ଦର କମବେଶୀ ରହୁଥିବା ଦେଖାଯାଇଛି ।ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିବା ପରିବା ଦଳକୁ ତୁରନ୍ତ ଜିଲ୍ଲା ପ୍ରଶାସନ ନିୟନ୍ତ୍ରଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ଓ ଏହା ସହିତ ପ୍ରତ୍ୟେକ ଦିନ ଜିଲାର ସମସ୍ତ ବଜାର ପ୍ରାଙ୍ଗଣରେ ସେହି ଦିନର ପନିପରିବା ଦର ତାଲିକା ଲଗାଇବାକୁ ଗ୍ରାମାଞ୍ଚଳର ସଚେତନ ଖାଇଟି ମହଲରେ ଦୃଢ଼ ମତ ପ୍ରକାଶ ପାଉଛି। ପନିପରିବାର ଅହେତୁକ ମୂଲ୍ୟବୃଦ୍ଧି ଦେଖି ସାଧାରଣ ଖାଉଟିଙ୍କ ଆଖରୁ ଆପେ ଆପେ ଲୁହ ଝରି ପଡୁଛି ।

**ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍**
(ପୂର୍ବ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଏବଂ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରିତ)
ସିଆଇଏନ୍: ଏଲ୍‌୬୫୧୧୦ଟିଏନ୍‌୨୦୧୪ପିଏଲ୍‌ସି୯୭୭୯୨
ପଞ୍ଜିକୃତ କାର୍ଯ୍ୟାଳୟ : କେଆର୍‌ଏମ୍ ଟାୱାର୍ସ, ୮ ଫ୍ଲୋର, ହାରିଂଟନ୍ ରୋଡ୍, ଚେଟ୍‌ପେଟ୍, ଚେନ୍ନାଇ-୬୦୦୦୩୧
ଟେଲିଫୋନ୍: +୯୧ ୪୪ ୪୫୬୪ ୪୦୦୦। ଫ୍ୟାକ୍ସ: +୯୧ ୪୪ ୪୫୬୪ ୪୦୨୨
IDFC FIRST Bank

**ସର୍ବସାଧାରଣ ନୋଟିସ୍**
**ସୁନା ନିଲାମ ସହିତ ନିମନ୍ତ୍ରଣ ନୋଟିସ୍**

ନିମ୍ନରେ ଉଲ୍ଲେଖିତ ଋଣଗ୍ରହୀତାଙ୍କୁ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍ ଠାରୁ ତାଙ୍କ ଦ୍ୱାରା ପ୍ରାପ୍ତ ସୁନା ସୂତ୍ର ବିରୁଦ୍ଧରେ କ୍ରେଡିଟ୍ ସୁବିଧା ପାଇଁ ବକେୟା ରାଶି ପୈଠ କରିବାକୁ ନୋଟିସ୍ ଜାରି କରାଯାଇଛି। ଯେହେତୁ ଋଣଗ୍ରହୀତାଙ୍କ ସୁବିଧା ଅଧୀନରେ ଦେୟ ପରିଶୋଧ କରିବାରେ ବିଫଳ ହୋଇଛନ୍ତି। ଆମେ ୨୯/୦୭/୨୦୨୫ ରେ ପ୍ରତିବନ୍ଧ ସୁନା ଅଳଙ୍କାରର ନିଲାମ କରିବାକୁ ବାଧ୍ୟ। ଯଦି ଏହି ନିଲାମରୁ କୌଣସି ଅତିରିକ୍ତ ପରିମାଣ ଆଦାୟ ହୁଏ, ତେବେ ତାହା ସମ୍ପୃକ୍ତ ଋଣଗ୍ରହୀତାଙ୍କୁ ଫେରସ୍ତ କରାଯିବ ଏବଂ ନିଲାମ ପରେ ଯଦି କୌଣସି କ୍ଷତି ହୁଏ, ତେବେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଋଣଗ୍ରହୀତାଙ୍କଠାରୁ ବଳକା ପରିମାଣ ଆଦାୟ କରାଯିବ। ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କର ପୂର୍ବ ସୂଚନା ବିନା ନିଲାମରୁ ନିମ୍ନଲିଖିତ ଆକାଉଣ୍ଟକୁ ହଟାଇବାର ଅଧିକାର ଅଛି। ଏହା ବ୍ୟତୀତ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ କୌଣସି ପୂର୍ବ ସୂଚନା ବିନା ନିଲାମ ତାରିଖ ପରିବର୍ତ୍ତନ କରିବାର ଅଧିକାର ସଂରକ୍ଷଣ କରେ।

| ଋଣ ଆକାଉଣ୍ଟ ନଂ | ଗ୍ରାହକଙ୍କ ନାମ | ଶାଖାର ନାମ |
|---|---|---|
| ୧୬୭୮୨୯୨୩୬ | ସୁମିତ୍ରା ପ୍ରଧାନ | ପୁରୀ ଶାଖା |

ନିଲାମ **https://idfcegold.auctiontiger.net** ମାଧ୍ୟମରେ ଅନଲାଇନରେ **୨୯.୦୭.୨୦୨୫ ଦିନ ୧୨:୦୦ରୁ ୨:୦୦ପର୍ଯ୍ୟନ୍ତ କରାଯିବ ଏବଂ http://gold.samil.in** ମାଧ୍ୟମରେ **୨୯.୦୭.୨୦୨୫ ଦିନ ୩:୦୦ ରୁ ୫:୦୦ ପର୍ଯ୍ୟନ୍ତ**। ଏହି ପ୍ରକାଶନ ମାଧ୍ୟମରେ ସମ୍ପୃକ୍ତ ଋଣଗ୍ରହୀତାଙ୍କୁ ଏତଦ୍ୱାରା ଶେଷ ସୂଚନା ଏବଂ ସମସ୍ତ ସୁଧ ଏବଂ ଶୁଳ୍କ ସହିତ ସୁବିଧା ପ୍ରତ୍ୟାହାର କରାଯାଇଥିବା ପରିମାଣ, ସୂଚୀ ନିଲାମ ତାରିଖ ପୂର୍ବରୁ ପୈଠ କରିବାର ଶେଷ ସୁଯୋଗ ଦିଆଯାଇଛି, ଯାହା ବିଫଳ ହେଲେ ଅଳଙ୍କାର ନିଲାମ କରାଯିବ। ଦୟାକରି ଧ୍ୟାନ ଦିଅନ୍ତୁ ଯେ, ଯଦି ସମୟ ସୀମା ଯୋଗୁଁ ସେହି ଦିନ ନିଲାମ ସମାପ୍ତ ନହୁଏ, ତେବେ ବ୍ୟାଙ୍କ ସମାନ ସର୍ତ୍ତାବଳୀରେ ପରବର୍ତ୍ତୀ ୭ ଦିନ ମଧ୍ୟରେ ବନ୍ଧକ ସୁନା ଅଳଙ୍କାର ପୁନଃ ନିଲାମ କରିବ। ଯଦି ଗ୍ରାହକଙ୍କ ମୃତ୍ୟୁ ହୋଇଯାଏ, ତେବେ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତାଙ୍କ ଆଇନଗତ ଉତ୍ତରାଧିକାରୀଙ୍କ ପାଇଁ ପ୍ରଯୁଜ୍ୟ ହେବ।

**ତାରିଖ: ୨୧.୦୭.୨୦୨୫ ସ୍ଥାନ : ଓଡ଼ିଶା**

# ଜାତୀୟ ଓ ଅନ୍ତର୍ଜାତୀୟ




ବେଙ୍ଗାଲୁରୁ: ଗତ ୬ ମାସରେ କୁକୁର କାମୁଡ଼ାର ମାମଲା ଆଶଙ୍କାଜନକ ଭାବେ ରିପୋର୍ଟ ହୋଇଛି । ରବିବାର ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ, ଗତ ୬ ମାସରେ କର୍ଣ୍ଣାଟକରେ ୨.୩ ଲକ୍ଷରୁ ଅଧିକ କୁକୁର କାମୁଡ଼ା ମାମଲା ଏବଂ ୧୯ ଜଣ ରେବିଜ୍ ମୃତ୍ୟୁ ରେକର୍ଡ କରାଯାଇଛି, ଯାହା ଗତ ବର୍ଷର ସମାନ ସମୟ ତୁଳନାରେ ଏକ ତୀବ୍ର ବୃଦ୍ଧି । ତଥ୍ୟ ଅନୁଯାୟୀ, ୨୦୨୪ ମସିହାରେ ରାଜ୍ୟରେ ମୋଟ ୩.୬ ଲକ୍ଷ କୁକୁର କାମୁଡ଼ା ମାମଲା ଏବଂ ୪୨ ଜଣ ରେବିଜ୍ ମୃତ୍ୟୁ ରେକର୍ଡ କରାଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସମନ୍ୱିତ ରୋଗ ନିରୀକ୍ଷଣ କାର୍ଯ୍ୟକ୍ରମ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, କର୍ଣ୍ଣାଟକରେ ଚଳିତ ବର୍ଷ ଜାନୁଆରୀ ୧ ରୁ ଜୁନ୍ ୩୦ ମଧ୍ୟରେ ୨ ଲକ୍ଷ ୩୧ ହଜାର ୯୧ କୁକୁର କାମୁଡ଼ା ମାମଲା ଏବଂ ୧୯ ଜଣ ରେବିଜ୍ ମୃତ୍ୟୁ ରେକର୍ଡ କରାଯାଇଛି । ଏହା ତୁଳନାରେ, ଗତ ବର୍ଷ ସମାନ ସମୟ ମଧ୍ୟରେ ୧ ଲକ୍ଷ ୬୯ ହଜାର ୬୭୨ କୁକୁର କାମୁଡ଼ା ମାମଲା ଏବଂ ଏଥିରେ ୧୮ ଜଣ ରେବିଜ୍ ମୃତ୍ୟୁ ଘଟିଥିଲା ।

## ପ୍ରାକୃତିକ ବିପର୍ଯ୍ୟୟ ପାଇଁ କେନ୍ଦ୍ରୀୟ ଦଳ ଗଠନ ଲାଗି ଶାହଙ୍କ ନିର୍ଦ୍ଦେଶ



ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ହିମାଚଳ ପ୍ରଦେଶରେ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଏବଂ ଏହାର ତୀବ୍ରତାକୁ ଦୃଷ୍ଟିରେ ରଖି ଏକ ବହୁ-କ୍ଷେତ୍ରୀୟ କେନ୍ଦ୍ରୀୟ ଦଳ ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ନିକଟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏକ ବୈଠକରେ ଏହା ଦେଖିବାକୁ ମିଳିଥିଲା ଯେ ରାଜ୍ୟରେ ବାଦଲଫଟା ବର୍ଷା, ଆକସ୍ମିକ ବନ୍ୟା, ଭୂସ୍ଖଳନ ଏବଂ ବାରମ୍ବାର ପ୍ରବଳ ବର୍ଷାର ତୀବ୍ରତା ବୃଦ୍ଧି ପାଇଛି, ଯାହା ବ୍ୟାପକ ଜୀବନହାନି, ଭିତ୍ତିଭୂମି, ଜୀବିକା ଏବଂ ପରିବେଶ ଅବକ୍ଷୟର କ୍ଷତି ଘଟାଇଛି । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ତୁରନ୍ତ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନଡିଏମଏ), ସେଣ୍ଟ୍ରାଲ ବିଲ୍ଡିଂ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ (ସିବିଆରଆଇ) ରୁର୍କି, ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟ୍ରପିକାଲ୍ ମେଟେରୋଲୋଜି (ଆଇଆଇଟିଏମ) ପୁଣେ, ଜିଓଲୋଜିଷ୍ଟ ଏବଂ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଇନ୍ଦୋରର ବିଶେଷଜ୍ଞଙ୍କୁ ନେଇ ଏକ ବହୁ-କ୍ଷେତ୍ରୀୟ କେନ୍ଦ୍ରୀୟ ଦଳ ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆହୁରି ମଧ୍ୟ ହିମାଚଳ ପ୍ରଦେଶର ବିଭିନ୍ନ ଭାଗରେ ୨୦୨୫ ମସିହାର ଦକ୍ଷିଣ-ପଶ୍ଚିମ ମୌସୁମୀ ଋତୁରେ ବନ୍ୟା, ଆକସ୍ମିକ ବନ୍ୟା ଏବଂ ଭୂସ୍ଖଳନ କାରଣରୁ କେନ୍ଦ୍ର ସରକାର ସେମାନଙ୍କ ସ୍ମାରକପତ୍ରର ଅପେକ୍ଷା ନକରି ଏକ ଆନ୍ତଃମନ୍ତ୍ରିସ୍ତରୀୟ କେନ୍ଦ୍ରୀୟ ଦଳ (ଆଇଏମସିଟି)ଙ୍କୁ ଆଗୁଆ ନିୟୋଜିତ କରିସାରିଛନ୍ତି, ଯେଉଁମାନେ କ୍ଷୟକ୍ଷତିର ସଠିକ୍ ଆକଳନ କରିପାରିବେ । ଆଇଏମସିଟି ୨୦୨୫ ଜୁଲାଇ ୧୮ରୁ ୨୧ତାରିଖ ପର୍ଯ୍ୟନ୍ତ ରାଜ୍ୟର ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରୁଛି । ଏହା ବ୍ୟତୀତ ରାଜ୍ୟର ପ୍ରଭାବିତ ଲୋକଙ୍କୁ ସହାୟତା ଦେବା ପାଇଁ, କେନ୍ଦ୍ର ସରକାର ତୁରନ୍ତ ରିଲିଫ୍ ପଦକ୍ଷେପ ପାଇଁ ୧୮ ଜୁନ୍ ୨୦୨୫ରେ ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ପାଣ୍ଠି (ଏସଡିଆରଏଫ)ରୁ ହିମାଚଳ ପ୍ରଦେଶକୁ କେନ୍ଦ୍ରୀୟ ଅଂଶର ୧୯୮.୮୦ କୋଟି ଟଙ୍କାର ପ୍ରଥମ କିସ୍ତି ପ୍ରଦାନ କରିସାରିଛନ୍ତି । କେନ୍ଦ୍ର ସରକାର ହିମାଚଳ ପ୍ରଦେଶ ସମେତ ସମସ୍ତ ରାଜ୍ୟକୁ ଲଜିଷ୍ଟିକ୍ ସହାୟତା ମଧ୍ୟ ପ୍ରଦାନ କରିଛନ୍ତି, ଯେଉଁଥିରେ ଆବଶ୍ୟକୀୟ ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏନଡିଆରଏଫ) ଦଳ, ସେନା ବାହିନୀ ଏବଂ ବାୟୁସେନା ସହାୟତା ଅନ୍ତର୍ଭୁକ୍ତ । ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ପାଇଁ ରାଜ୍ୟରେ ଏନଡିଆରଏଫ୍ ର ମୋଟ ୧୩ ଟି ଦଳ ନିୟୋଜିତ ଅଛନ୍ତି ।

## ଛାତ୍ରୀଙ୍କ ଆତ୍ମହତ୍ୟା: ଶିକ୍ଷକ ନିଲମ୍ବିତ



ନୂଆଦିଲ୍ଲୀ: ଓଡ଼ିଶାର ବାଲେଶ୍ୱର ଜିଲା ଏଫ୍‌ଏମ୍ କଲେଜ ଘଟଣା ମନରୁ ଲିଭୁନଥିବା ବେଳେ ଆଉ ଏକ ବିଶ୍ୱବିଦ୍ୟାଳୟର ଛାତ୍ରୀ ଜଣଙ୍କ ଆତ୍ମହତ୍ୟା କରିଥିବା ଘଟଣା ସାମ୍ନାକୁ ଆସିଛି । ଗ୍ରେଟର ନୋଏଡାରେ ଥିବା ଶାରଦା ବିଶ୍ୱବିଦ୍ୟାଳୟର ବିଡିଏସ୍ ଦ୍ୱିତୀୟ ବର୍ଷର ଛାତ୍ରୀ ଜ୍ୟୋତି କଲେଜ ହଷ୍ଟେଲରେ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି । ଘଟଣା ସମ୍ପର୍କରେ ସୂଚନା ପାଇ ପୁଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ସୁଇସାଇଡ ନୋଟ୍ ମଧ୍ୟ ଜବତ କରିଛି । ଛାତ୍ରୀ ଜଣଙ୍କ କଲେଜର ଶିକ୍ଷକ ନିର୍ଯାତନା ଦେଉଥିବା ଅଭିଯୋଗ କରିଛନ୍ତି । ଏହି ଘଟଣାରେ କଲେଜର ଦୁଇ ଜଣ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି । ପୁଲିସ ଉଭୟ ଶିକ୍ଷକଙ୍କୁ ଅଟକ ରଖି ପଚରାଉଚରା କରୁଛି । ଛାତ୍ରୀ ଜଣଙ୍କ ସୁଇସାଇଡ ନୋଟରେ ଲେଖିଛନ୍ତି ଯେ 'ଯଦି ମୁଁ ମରିଯାଏ, ତେବେ ଏଥିପାଇଁ ପିସିପି ଏବଂ ଡେଣ୍ଟାଲ ପାଠ୍ୟକ୍ରମର ଶିକ୍ଷକ ଦାୟୀ ରହିବେ । ମୁଁ ଚାହୁଁଛି ଯେ ସେମାନେ ଜେଲରେ ରୁହନ୍ତୁ । କାରଣ ସେମାନେ ମୋତେ ମାନସିକ ନିର୍ଯାତନା ଦେବା ସହ ଅପମାନିତ କରିଥିଲେ । ସେମାନଙ୍କ ଯୋଗୁଁ ମୁଁ ବହୁତ ଦିନ ଧରି ମାନସିକ ଚାପରେ ରହିଛି ।' ଛାତ୍ରୀଙ୍କ ପରିବାର ଲୋକେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଥିଲେ । କଲେଜରେ ଏହି ଘଟଣା ନେଇ ଛାତ୍ରଛାତ୍ରୀମାନେ କଲେଜ ପ୍ରଶାସନଙ୍କୁ ଦାୟୀ କରିବା ସହ ପ୍ରତିବାଦ କରିଥିଲେ । ପୁଲିସ କଲେଜ ପରିସରରେ ମୁତୟନ ଥିବାବେଳେ ସେଠାରେ ଉଭୟଙ୍କ ମଧ୍ୟରେ ଯୁକ୍ତତର୍କ ପରିସ୍ଥିତି ସୃଷ୍ଟି ହୋଇଛି । ଏକ ରିପର୍ଟେ ଅନୁସାରେ ପୁଲିସ ବିଶ୍ୱବିଦ୍ୟାଳୟର ଶିକ୍ଷକଙ୍କୁ ଅଟକ ରଖି ପଚରାଉଚରା କରୁଛି । ହେଲେ ଛାତ୍ରମାନେ ଅଭିଯୋଗ କରିଛନ୍ତି ଯେ ଏଠାରେ ପିଲାଙ୍କ ଉପରେ ଅନେକ ମାତ୍ରାରେ ମାନସିକ ଚାପ ପକାଯାଉଛି ।

### ବାରାଣାସୀରେ ଯୁବ ଆଧ୍ୟାତ୍ମିକ ସମ୍ମିଳନୀ ଉଦ୍‌ଯାପିତ

## ନିଶା ବିରୋଧୀ ଆନ୍ଦୋଳନ ଲାଗି ରୋଡମ୍ୟାପ୍ ପ୍ରସ୍ତୁତ

ନୂଆଦିଲ୍ଲୀ: କାଶୀ ଘୋଷଣାନାମା ଗ୍ରହଣ ସହ ବାରାଣାସୀର ରୁଦ୍ରାକ୍ଷ କନଭେନସନ ସେଣ୍ଟରରେ ଆୟୋଜିତ 'ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବପିଢ଼ି' ବିଷୟବସ୍ତୁ ଉପରେ ଆୟୋଜିତ ଯୁବ ଆଧ୍ୟାତ୍ମିକ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି । ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀରେ ୬୦୦ରୁ ଅଧିକ ଯୁବ ନେତା, ୧୨୦ରୁ ଅଧିକ ଆଧ୍ୟାତ୍ମିକ ଏବଂ ସାମାଜିକ-ସାଂସ୍କୃତିକ ସଂଗଠନର ପ୍ରତିନିଧି, ଶିକ୍ଷାବିତ୍ ଏବଂ କ୍ଷେତ୍ର ବିଶେଷଜ୍ଞମାନେ ଏକତ୍ରିତ ହୋଇଥିଲେ । ଏହି କାର୍ଯ୍ୟକ୍ରମ ୨୦୪୭ ସୁଦ୍ଧା ଭାରତର ନିଶାମୁକ୍ତ ସମାଜ ଯାତ୍ରାରେ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ ଭାବରେ ଚିହ୍ନିତ ହୋଇଥିଲା । ଏହି ସମାବେଶ ଯୁବ ଶକ୍ତି, ଆଧ୍ୟାତ୍ମିକ ଦୃଷ୍ଟିକୋଣ ଏବଂ ସାଂଗଠନିକ ସଂକଳ୍ପର ଏକ ଜାତୀୟ ସମନ୍ୱୟକୁ ପ୍ରତିନିଧିତ୍ୱ କରେ । ସମ୍ମିଳନୀରେ ନିଶା ଅପବ୍ୟବହାରର ପ୍ରମୁଖ ଦିଗଗୁଡ଼ିକୁ ଅନୁସନ୍ଧାନ କରିବା ପାଇଁ ଚାରୋଟି କେନ୍ଦ୍ରିତ ପୂର୍ଣ୍ଣାଙ୍ଗ ଅଧିବେଶନ ହୋଇଥିଲା: ଏହାର ମାନସିକ ଏବଂ ସାମାଜିକ ପ୍ରଭାବ, ନିଶା ଚାଲାଣ ଏବଂ ଏହାର ଯୋଗାଣ ଶୃଙ୍ଖଳ ବ୍ୟବସ୍ଥା, ତୃଣମୂଳ ସ୍ତରରେ ସଚେତନତା ଅଭିଯାନ ପାଇଁ ରଣନୀତି ଏବଂ ପୁନର୍ବାସ ଏବଂ ନିବାରଣରେ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଅନୁଷ୍ଠାନର ଭୂମିକା । ଏହି ଆଲୋଚନାଗୁଡ଼ିକ କାଶୀ ଘୋଷଣାନାମାର ମୂଳଦୁଆ ସ୍ଥାପନ କରିଥିଲା, ଯାହାକି ଭାରତୀୟ ସଭ୍ୟତାର ଜ୍ଞାନ ଏବଂ ଯୁବ ନେତୃତ୍ୱ ଉପରେ ନିହିତ ନିଶା ନିବାରଣ ବିରୁଦ୍ଧରେ ସହଯୋଗମୂଳକ କାର୍ଯ୍ୟ ପାଇଁ ଏକ ଦୂରଦୃଷ୍ଟିପୂର୍ଣ୍ଣ ପ୍ରତିବଦ୍ଧତାକୁ ଦର୍ଶାଇଛି । ସମ୍ମିଳନୀରେ, କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭୀୟ ଗୁରୁତ୍ୱାରୋପ କରି କହିଥିଲେ: 'ଗତ ତିନି ଦିନ ଧରି ଆମେ ବିଭିନ୍ନ ବିଷୟବସ୍ତୁ ଅଧିବେଶନରେ ଗଭୀର ମନ୍ଥନ କରିଛୁ । ଏହି ସାମୂହିକ ମନ୍ଥନ ଉପରେ ଆଧାର କରି, କାଶୀ ଘୋଷଣାପତ୍ର କେବଳ ଏକ ଦଲିଲ ଭାବରେ ନୁହେଁ, ବରଂ ଭାରତର ଯୁବ ଶକ୍ତି ପାଇଁ ଏକ ମିଳିତ ସଂକଳ୍ପ ଭାବରେ ଜନ୍ମ ନେଇଛି ।' ସମ୍ମିଳନୀର ଆଧ୍ୟାତ୍ମିକ ଭିତ୍ତିଭୂମି ବିଷୟରେ ଡକ୍ଟର ମାଣ୍ଡଭୀୟ କହିଛନ୍ତି: ଭାରତର ଆଧ୍ୟାତ୍ମିକ ଶକ୍ତି ସର୍ବଦା ସଙ୍କଟ ସମୟରେ ଭାରତକୁ ମାର୍ଗଦର୍ଶନ କରିଆସିଛି । ସମ୍ମିଳନୀର ଉଦଯାପନୀ ଅଧିବେଶନରେ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ଚତୁର୍ଥ ଦିନର ଅଧିବେଶନର ମୁଖ୍ୟ ଭାଷଣ ଉତ୍ତର ପ୍ରଦେଶ ସରକାରଙ୍କ ଅବକାରୀ ଏବଂ ନିବାରଣ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ନୀତିନ ଅଗ୍ରୱାଲ ପ୍ରଦାନ କରିଥିଲେ । ଡକ୍ଟର ବୀରେନ୍ଦ୍ର କୁମାର (ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ), ଗଜେନ୍ଦ୍ର ସିଂହ ଶେଖାୱତ (ସଂସ୍କୃତି ଏବଂ ପର୍ଯ୍ୟଟନ), ଶ୍ରମ ଏବଂ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଅନିଲ ରାଜଭର, ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ, ରକ୍ଷା ନିଖିଲ ଖଡସେ (ଯୁବ ବ୍ୟାପାର ଏବଂ କ୍ରୀଡ଼ା), ଏବଂ ଗିରିଶ ଚନ୍ଦ୍ର ଯାଦବ (କ୍ରୀଡ଼ା ମନ୍ତ୍ରୀ, ଉତ୍ତର ପ୍ରଦେଶ)ଙ୍କ ସମେତ ଅନେକ ସମ୍ମାନିତ ବ୍ୟକ୍ତି ପ୍ରଥମ ଦିନର ଅଧିବେଶନରେ ଅଂଶଗ୍ରହଣ କରିଥିଲେ ଏବଂ ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ । ରକ୍ଷା ଖଡସେ ସ୍କୁଲ ପିଲାମାନଙ୍କୁ ଲକ୍ଷ୍ୟ କରି ହେଉଥିବା ଡିଜିଟାଲ୍ ପ୍ଲାଟଫର୍ମର ଅପବ୍ୟବହାର ଉପରେ ଆଲୋକପାତ କରିଥିଲେ ଏବଂ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସରକାରଙ୍କ ଶୂନ୍ୟ-ସହିଷ୍ଣୁତା ନୀତିକୁ ପୁନର୍ବାର ଦୋହରାଇଥିଲେ ।

## ବିଶ୍ୱର ଶ୍ରେଷ୍ଠ ସହର ମଧ୍ୟରେ ଇଟାଲିକୁ ପଛରେ ପକାଇଲା ଭାରତ

ନୂଆଦିଲ୍ଲୀ: ପର୍ଯ୍ୟଟକଙ୍କ ପାଇଁ ବିଶ୍ୱର ଶ୍ରେଷ୍ଠ ସହର ମଧ୍ୟରେ ଇଟାଲିକୁ ପଛରେ ପକାଇଲା ଭାରତ । ଦେଶର ଜୟପୁର ସହର ପର୍ଯ୍ୟଟକଙ୍କ ଆଗମନରେ ଇଟାଲି ଲୋକପ୍ରିୟ ସହର ଫ୍ଲୋରେନ୍ସକୁ ପଛରେ ପକାଇ ଦେଇଛି । ବିଶ୍ୱସ୍ତରୀୟ ଭ୍ରମଣ ପ୍ରକାଶନ ଟ୍ରାଭେଲ୍ + ଲିଜର୍ ଦ୍ୱାରା କରାଯାଇଥିବା ବିଶ୍ୱର ଶ୍ରେଷ୍ଠ ପୁରସ୍କାର ୨୦୨୫ ସର୍ଭେରେ ରାଜସ୍ଥାନର ରାଜଧାନୀ ଜୟପୁର ଇଟାଲୀର ଫ୍ଲୋରେନ୍ସ ଠାରୁ ଆଗରେ ରହିଛି । ଜୟପୁର ଭ୍ରମଣ, ସଂସ୍କୃତି ଏବଂ ସାମଗ୍ରିକ ପରିଦର୍ଶକ ଅଭିଜ୍ଞତା ପାଇଁ ବିଶ୍ୱର ଶ୍ରେଷ୍ଠ ପାଞ୍ଚଟି ସହର ମଧ୍ୟରେ ସ୍ଥାନ ପାଇଛି । ଅନ୍ତର୍ଜାତୀୟ ପର୍ଯ୍ୟଟକ ଜୟପୁର ସହରକୁ ବହୁଳମାତ୍ରାରେ ଭୋଟ ଦେଇଛନ୍ତି । ଫଳରେ ଭାରତର ଏହି ସହର ଏକାଧିକ ବିକାଶିତ ଦେଶର ପ୍ରତିଷ୍ଠିତ ସହରକୁ ପଛରେ ପକାଇଛି । ଗୋଲାପୀ ସହର ଭାବରେ ଜଣାଶୁଣା ଜୟପୁର, ଏହି ସର୍ଭେରେ ୯୧.୩୩ ସ୍କୋର ସହିତ ତାଲିକାରେ ୫ମ ସ୍ଥାନରେ ଅଛି । ଫ୍ଲୋରେନ୍ସ ୯୦.୦୮ ସ୍କୋର ସହିତ ୧୧ତମ ସ୍ଥାନରେ ଅଛି । ଟ୍ରାଭେଲ୍ + ଲେଜର୍ ଜୟପୁରକୁ ଏକ ପରିଦର୍ଶନ ପାଇଁ ଉପଯୁକ୍ତ ସ୍ଥାନ ଭାବରେ ବର୍ଣ୍ଣନା କରିଛି, ଏହାର ବିଳାସପୂର୍ଣ୍ଣ ହୋଟେଲ, ବିଶ୍ୱସ୍ତରୀୟ ସପିଂ ଏବଂ ସ୍ପନ୍ଦନଶୀଳ ସାଂସ୍କୃତିକ ଐତିହ୍ୟର ପ୍ରଶଂସା କରିଛି ।

## ବିକଶିତ ଭାରତ ଗଠନରେ ଛତିଶଗଡର ରହିଛି ପ୍ରମୁଖ ଭୂମିକା : ବିଷ୍ଣୁଦେବ



ରାୟପୁର: ଶିକ୍ଷା ହେଉଛି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାର ଶେଷ ମାର୍ଗ । ଏହା ନିଯୁକ୍ତି ପାଇଁ ସୁଯୋଗର ଦ୍ୱାର ଖୋଲିଥାଏ । ଏହାଫଳରେ ସମାଜର ବିକାଶସହିତ ସଂପୃକ୍ତ ବ୍ୟକ୍ତିର ମଧ୍ୟ ବିକାଶ ଘଟିଥାଏ ବୋଲି ରବିବାର ରଜକ ଯୁବ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଛନ୍ତି ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ । ବିଳାସପୁରର ସିଆଇଏମ୍‌ଏସ୍ ଅଡିଟୋରିୟମ୍‌ରେ ଆୟୋଜିତ ଏକ ସମାରୋହରେ ଶ୍ରୀ ସାଏ କହିଥିଲେ ସବ୍ କାଥ ସାଥ୍ ସବ୍‌କା ବିକାଶ ଏବଂ ସବ୍‌କା ବିଶ୍ୱାସ ଆମ ସରକାରର ମୂଳମନ୍ତ୍ର । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ ନେଇ ଯେଉଁ ଆହ୍ୱାନ ଦେଇଛନ୍ତି ସେଥିରେ ଛତିଶଗଡର ଏକ ପ୍ରମୁଖ ଭୂମିକା ରହିଛି । ୨୦୪୭ସୁଦ୍ଧା ମୋଦୀଜୀ ଯେଉଁ ବିକଶିତ ଭାରତର ସ୍ୱପ୍ନ ଦେଖିଛନ୍ତି ସେ କ୍ଷେତ୍ରରେ ଛତିଶଗଡ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏହି ଅବସରରେସେ ସମାରୋହକୁ ଉଦ୍‌ଘାଟନ କରିବା ସହ ସନ୍ଥ ଗଜେ ମହାରାଜଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଶ୍ରୀ ସାଏ କୃତିତ୍ୱ ହାସଲ କରିଥିବା ଛାତ୍ର, ବୁଦ୍ଧିଜୀବୀ ଏବଂ ସମାଜସେବୀଙ୍କୁ ସାଲ ଏବଂ ନଡିଆ ଦେଇ ସମ୍ମାନୀତ କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ତାଙ୍କ ଅଭିଭାଷଣରେ କହିଥିଲେ ଯେ ରଜକ ସମାଜ ସେବା ମନୋଭାବ ନେଇ ସମାଜର ସେବାରେ ନିଜକୁ ନିୟୋଜିତ କରିଥାନ୍ତି । ପ୍ରତ୍ୟେକ ଗ୍ରାମରେ ଏମାନଙ୍କ ଉପସ୍ଥିତି ଦେଖିବାକୁ ମିଳିଥାଏ । ବିଶେଷ କରି ସନାତନ ଧର୍ମର ବିବାହ, ନାମକରଣ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ସେମାନଙ୍କୁ ଦେଖିବାକୁ ମିଳିଥାଏ । ସେମାନଙ୍କ ବିନା ଏସବୁ କାର୍ଯ୍ୟ କରିବା ସମ୍ଭବ ପର ହୋଇନଥାଏ । ଶ୍ରୀ ସାଏ କହିଥିଲେ ଆମ ସରକାର ଉତ୍ତମ ପ୍ରଶାସନ ଏବଂ ଦୁର୍ନୀତିମୁକ୍ତ ଶାସନ ଯୋଗାଇ ଦେବା ପାଇଁ ବଦ୍ଧପରିକର । ପ୍ରଧାନମନ୍ତ୍ରୀ ମୋଦିଜୀ ଦେଇଥିବା ଗ୍ୟାରେଣ୍ଟିକୁ ଛତିଶଗଡ ସରକାର ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ କରୁଛନ୍ତି । ଧାନ କ୍ୱିଣ୍ଟାଲ ପିଛା ୩୧୦୦ଟଙ୍କା ଦିଆଯାଉଛି । ମହତରୀ ବନ୍ଦନ ଯୋଜନାରେ ୭୦ଲକ୍ଷ ମହିଳାଙ୍କୁ ମାସିକ ୧ହଜାର ଟଙ୍କା ଲେଖାଏଁ ଦିଆଯାଉଛି । ଏହି କାର୍ଯ୍ୟକ୍ରମରେ ବିଧାୟକ ଅମର ଅଗ୍ରୱାଲ, ଧରମଲାଲ କୌଶିକ, ଧରମଜିତ୍ ସିଂ, ସୁଶାନ୍ତ ଶୁକ୍ଳା, କ୍ରେଡା ଅଧକ୍ଷ ଭୁପେନ୍ଦର ସୋହାନୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ଭାସିଗଲେ ପାକିସ୍ତାନୀ ସାମ୍ବାଦିକ



ପାକିସ୍ତାନ: ଅନେକ ସମୟରେ ସାମ୍ବାଦିକମାନେ ଖବର ଦେଉଥିବା ବେଳେ ନିଜେ ଖବର ପାଲଟି ଯାଇଆନ୍ତି । ପାକିସ୍ତାନ ବର୍ତ୍ତମାନ ପ୍ରବଳ ବର୍ଷା ଏବଂ ବନ୍ୟା ପରିସ୍ଥିତିର ସାମ୍ନା କରୁଛି । ଏପରି ପରିସ୍ଥିତିରେ ପାକିସ୍ତାନର ରାୱଲପିଣ୍ଡିର ଚାହାନ ଡ୍ୟାମ ନିକଟରୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି । ଭିଡିଓରେ ସ୍ପଷ୍ଟ ଭାବରେ ଦେଖାଯାଉଛି ଯେ ରିପୋର୍ଟର ଜଣକ ଅଣ୍ଟା ପର୍ଯ୍ୟନ୍ତ ପାଣିରେ ଠିଆ ହୋଇ ତାଙ୍କ ମାଇକ୍ ସହିତ ବନ୍ୟା ପରିସ୍ଥିତିର ରିପୋର୍ଟିଂ କରୁଛନ୍ତି । ଠିକ ଏତିକି ବେଳେ ସେ ରିପୋର୍ଟିଂ କରୁଥିବା ସ୍ଥାନରେ ପାଣିର ପ୍ରବାହ ହଠାତ୍ ତୀବ୍ର ହୋଇଯାଇଥିଲା । କିଛି ସେକେଣ୍ଡ ମଧ୍ୟରେ ତାଙ୍କ ମୁଣ୍ଡ ଏବଂ ହାତ ପାଣିରେ ବୁଡ଼ିଯାଇଥିଲା । ଦେଖୁ ଦେଖୁ ସେ ବନ୍ୟା ପାଣିରେ ଭାସି ଯାଇଥିଲେ । ଏହି ଲୋମଟାଙ୍କୁରାର ସମ୍ପୂର୍ଣ୍ଣ ଦୃଶ୍ୟ କ୍ୟାମେରାରେ ରେକର୍ଡ ହୋଇଯାଇଛି ।

# ବାଣିଜ୍ୟ



ନୂଆଦିଲ୍ଲୀ: ନକଲି ଏବଂ ଅସଲି ଔଷଧ ଚିହ୍ନଟ କରିବାର ସବୁଠାରୁ ସହଜ ଉପାୟ ହେଉଛି ପ୍ୟାକେଜିଂକୁ ଧ୍ୟାନର ସହିତ ଦେଖିବା । ମୂଳ ଔଷଧର ପ୍ୟାକେଜିଂରେ ସମ୍ପୂର୍ଣ୍ଣ ପ୍ୟାକେଜିଂ ଏବଂ ବ୍ରାଣ୍ଡ ଲୋଗୋ ଥାଏ । କିନ୍ତୁ ନକଲି ଔଷଧର ପ୍ୟାକେଜିଂରେ ପ୍ରିଣ୍ଟ ହାଲୁକା କିମ୍ବା ଅସ୍ପଷ୍ଟ ହୋଇପାରେ । ବ୍ରାଣ୍ଡ ଲୋଗୋ ଟିକେ ଅଦ୍ଭୁତ କିମ୍ବା ବଙ୍କା ଦେଖାଯାଇପାରେ । ମୂଳ ଔଷଧରେ ଉତ୍ପାଦନ ତାରିଖ, ଅବଧି ତାରିଖ, ବ୍ୟାଚ୍ ନମ୍ବର ଏବଂ ଏମଆରପି ବହୁତ ସ୍ପଷ୍ଟ ଭାବରେ ଲେଖାଯାଇଥାଏ । କିନ୍ତୁ ନକଲି ଔଷଧରେ ଏହି ସୂଚନା ନଥାଏ । ଯଦି ଆପଣ ଔଷଧର ପ୍ୟାକେଜିଂରେ କୌଣସି ପ୍ରକାରର ସମସ୍ୟା ପାଆନ୍ତି, ତେବେ ସେହି ମେଡିକାଲ୍ ଷ୍ଟୋରରୁ ଔଷଧ କିଣନ୍ତୁ ନାହିଁ । ଏହା ବ୍ୟତୀତ, ଅସଲି ଔଷଧରେ ଏକ ହୋଲୋଗ୍ରାମ କିମ୍ବା କ୍ୟୁଆର କୋଡ୍ ମଧ୍ୟ ଥାଏ, ଯାହାକୁ ସ୍କାନ୍ କରି ଔଷଧର ସତ୍ୟତା ଜାଣିହୁଏ । ଏଥିପାଇଁ, ଆପଣଙ୍କୁ ମୋବାଇଲ୍‌ର ସ୍କାନର ଖୋଲି ଔଷଧରେ ଥିବା କ୍ୟୁଆର କୋଡ୍ ସ୍କାନ୍ କରିବାକୁ ପଡିବ । ଆପଣ ସ୍କାନ୍ କରିବା ମାତ୍ରେ, ଔଷଧ ସହିତ ଜଡିତ ମୂଳ କମ୍ପାନୀର ନାମ, ଉତ୍ପାଦନ ତାରିଖ, ବ୍ୟାଚ୍ ନମ୍ବର ଏବଂ ଅନ୍ୟାନ୍ୟ ବିବରଣୀ ଆପଣଙ୍କ ଫୋନରେ ଦୃଶ୍ୟମାନ ହେବ ।

## ପୁରୀ ରେଳ ଷ୍ଟେସନର ପୁନଃବିକାଶ ଅନୁଧ୍ୟାନ କଲେ କେନ୍ଦ୍ର ରେଳ ଏବଂ ଜଳ ଶକ୍ତି ରାଷ୍ଟ୍ର ମନ୍ତ୍ରୀ



ପୁରୀ (ଭାସ୍କର ନ୍ୟୁଜ୍): କେନ୍ଦ୍ର ରେଳ ଏବଂ ଜଳ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଭି. ସୋମାନ୍ନା ରବିବାର ପୁରୀ ରେଳ ଷ୍ଟେସନରେ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ରୂପାନ୍ତରଣ କରାଯାଉଥିବା ପୁନର୍ବିକାଶ କାର୍ଯ୍ୟ ନୀରିକ୍ଷଣ କରିଛନ୍ତି । ସେ ରେଳ ଭିତ୍ତିଭୂମିର ଆଧୁନିକୀକରଣ ପାଇଁ ଭାରତ ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରି ଉଲ୍ଲେଖ କରିଛନ୍ତି ଯେ ୨୦୨୫ ରେଳ ବଜେଟରେ ଓଡ଼ିଶାକୁ ୧୦,୫୯୯ କୋଟି ମିଳିଛି - ଯାହା ୨୦୦୯-୧୪ ତୁଳନାରେ ୧୨.୫ ଗୁଣ ବୃଦ୍ଧି । ବର୍ତ୍ତମାନ, ରାଜ୍ୟର ୫୯ ଷ୍ଟେସନକୁ ୨,୩୭୯ କୋଟି ଟଙ୍କା ବ୍ୟୟରେ ପୁନର୍ବିକାଶ କରାଯାଉଛି ଏବଂ ପ୍ରାୟ ୮୦,୦୦୦ କୋଟିରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପ ରାଜ୍ୟରେ ଚାଲୁ ରହିଛି । ଶ୍ରୀ ସୋମାନ୍ନା ଆଲୋକପାତ କରିଥିଲେ ଯେ ଗତ ଦଶନ୍ଧି ମଧ୍ୟରେ, ଏହି ଅଞ୍ଚଳରେ ରେଳ ଭିତ୍ତିଭୂମି ଅଭୂତପୂର୍ବ ଅଭିବୃଦ୍ଧି ପାଇଛି ଯେଉଁଥିରେ ନୂତନ ରେଳ ଲାଇନ ନିର୍ମାଣ, ଟ୍ରାକ୍ ଦୋହରୀକରଣ ଏବଂ ଯାତ୍ରୀ ସୁବିଧା ବୃଦ୍ଧିରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି - ଯାହା ପୂର୍ବ ବର୍ଷଗୁଡ଼ିକର ଅଗ୍ରଗତିକୁ ବହୁ ପଛରେ ପକାଇଛି । 'ବନ୍ଦେ ଭାରତ ଏକ୍ସପ୍ରେସ' ଭଳି ଆଧୁନିକ ଟ୍ରେନର ପ୍ରଚଳନ ବିଷୟରେ ମଧ୍ୟ ଉଲ୍ଲେଖ କରି କହିଛନ୍ତି ଯେ ବର୍ତ୍ତମାନ ଓଡ଼ିଶାର ପ୍ରମୁଖ ଅଂଶକୁ ବନ୍ଦେ ଭାରତ ଏକ୍ସପ୍ରେସ ସଂଯୋଗ କରୁଛି ଏବଂ ଆଞ୍ଚଳିକ ସଂଯୋଗୀକରଣ ଏବଂ ବିକାଶକୁ ଆହୁରି ବୃଦ୍ଧି କରୁଛି । ରେଳ ରାଷ୍ଟ୍ର ମନ୍ତ୍ରୀ ଆଲୋକପାତ କରିଥିଲେ ଯେ ରୂପାନ୍ତରିତ ପୁରୀ ଷ୍ଟେସନରେ 'ୱାନ ଷ୍ଟେସନ ୱାନ ପ୍ରଡକ୍ଟ' ଷ୍ଟଲ ଉପଲବ୍ଧ କରାଯାଇ ସ୍ଥାନୀୟ ପ୍ରଡକ୍ଟ କୁ ପ୍ରୋତ୍ସାହନ ଦିଆଯିବା ସହ ଏଥିରେ ଉନ୍ନତ ପ୍ରବେଶ, ଆଧୁନିକ ପ୍ରତୀକ୍ଷା ହଲ୍, ଲିଫ୍ଟ/ଏସ୍କେଲେଟର, ଏକଜିକ୍ୟୁଟିଭ୍ ଲାଉଞ୍ଜ, ସ୍ଥାନୀୟ ବୈଶିଷ୍ଟ୍ୟ ଏବଂ କିଓସ୍କ ସମେତ ବିଶ୍ୱସ୍ତରୀୟ ସୁବିଧା ପ୍ରଦାନ କରିବ । ଶ୍ରୀ ସୋମନ୍ନାଙ୍କ ସହିତ ପୂର୍ବ ତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ବି.ଏସ୍. ରାଜକୁମାର, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଏଚ୍.ଏସ୍. ବାଜୱା ଏବଂ ମୁଖ୍ୟ ପ୍ରଶାସନିକ ଅଧିକାରୀ/ନିର୍ମାଣ ଏ.ଜି. ଶ୍ରୀନିବାସଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ ତାଙ୍କ ଗସ୍ତ ସମୟରେ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଭାରତୀୟ ରେଳପଥକୁ ରୂପାନ୍ତରଣ କରିବାର ଦୃଷ୍ଟିକୋଣ ସହିତ ସମନ୍ୱୟ ରଖି ତୀର୍ଥଯାତ୍ରୀ, ପର୍ଯ୍ୟଟକ ଏବଂ ସ୍ଥାନୀୟ ଯାତ୍ରୀଙ୍କ ପାଇଁ ଯାତ୍ରା ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ ଏହି ପୁନର୍ବିକାଶର ଲକ୍ଷ୍ୟ ରଖାଯାଇଛି ।

## ପୁଣି ବଢ଼ିଲା ସୁନା ଦର

ନୂଆଦିଲ୍ଲୀ: ଗତ କିଛି ଦିନ ଧରି ସୁନାର ମୂଲ୍ୟରେ ନିରନ୍ତର ବୃଦ୍ଧି ଘଟି ଚାଲିଛି । ଗୋଟିଏ ସପ୍ତାହ ମଧ୍ୟରେ ସୁନାର ମୂଲ୍ୟ ପ୍ରାୟ ୩୩୦ ଟଙ୍କା ବୃଦ୍ଧି ପାଇଛି ଏବଂ ବଜାରରେ ଏହାର ମୂଲ୍ୟ ପୁଣି ଥରେ ଏକ ଲକ୍ଷ ଟଙ୍କା ସ୍ତର ଅତିକ୍ରମ କରିଛି । ଏହା ପୂର୍ବରୁ ଚଳିତ ବର୍ଷ ଏପ୍ରିଲ ୨୩ ତାରିଖରେ ସୁନା ପ୍ରଥମ ଥର ପାଇଁ ଏକ ଲକ୍ଷ ଟଙ୍କାର ଐତିହାସିକ ସ୍ତର ଅତିକ୍ରମ କରିଥିଲା । ଆଜି ଜାତୀୟ ରାଜଧାନୀ ଦିଲ୍ଲୀରେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୧,୦୦,୧୯୦ ଟଙ୍କାରେ ଉପଲବ୍ଧ, ଯେତେବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୯୧,୮୫୦ ଟଙ୍କା । ବର୍ତ୍ତମାନ ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ୨୨ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୯୧,୭୦୦ ଟଙ୍କାରେ ଉପଲବ୍ଧ, ସେହିପରି ୨୪ କ୍ୟାରେଟ ସୁନା ୧,୦୦,୦୪୦ ଟଙ୍କାରେ କାରବାର ହେଉଛି । ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ୧,୦୦,୦୪୦ ଏବଂ ୨୨ କ୍ୟାରେଟ ସୁନା ଦର ୯୧,୭୦୦ ଟଙ୍କର ରହିଛି ।

## ଜିଓ ଫାଇନାନ୍ସିଆଲ୍ ଏବଂ ଆଲିଆଞ୍ଜ୍ ପୁନଃବୀମା କ୍ଷେତ୍ରରେ ପ୍ରବେଶ



ମୁମ୍ବାଇ: ଜିଓ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ୍ (ଜେଏଫଏସଏଲ) ଏବଂ ଆଲିଆଞ୍ଜ୍ ଗ୍ରୁପ୍ (ଆଲିଆଞ୍ଜ)ର ଏକ ସହାୟକ କମ୍ପାନୀ ଆଲିଆଞ୍ଜ୍ ୟୁରୋପ ବି.ଭି. ଭାରତୀୟ ବୀମା ବଜାରରେ ପ୍ରବେଶ କରିବା ପାଇଁ ଏକ ୫୦:୫୦ ଅନୁପାତରେ ଘରୋଇ ପୁନଃବୀମା ମିଳିତ ଉଦ୍ୟୋଗ ଗଠନ ଘୋଷଣା କରିଛନ୍ତି । ଏଥିପାଇଁ ଦୁଇଟି କମ୍ପାନୀ ଏକ ବାଧ୍ୟତାମୂଳକ ଚୁକ୍ତିରେ ଅନୁବନ୍ଧିତ ହୋଇଛନ୍ତି । ଜେଏଫଏସଏଲର ପାଖରେ ସ୍ଥାନୀୟ ବୁଝାମଣା ଜ୍ଞାନର ଦୃଢ଼ତା ଏବଂ ଏକ ଦୃଢ଼ ଡିଜିଟାଲ୍ ଉପସ୍ଥିତି ରହିଥିବାବେଳେ, ଆଲିଆଞ୍ଜ ଦୃଢ଼ ଅଣ୍ଡରରାଇଟିଂ ଏବଂ ବିଶ୍ୱସ୍ତରୀୟ ପୁନଃବୀମା କ୍ଷମତା ଆଣିବ । ଏହି ମିଳିତ ଉଦ୍ୟୋଗ ଭାରତରେ ଆଲିଆଞ୍ଜର ବର୍ତ୍ତମାନ ରହିଥିବା ଆଲିଆଞ୍ଜ୍-ରି ଏବଂ ଆଲିଆଞ୍ଜ ବାଣିଜ୍ୟିକ ପୋର୍ଟଫୋଲିଓର ଲାଭ ମଧ୍ୟ ପାଇବ । ଜିଓ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍‌ର ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଶା ଏମ୍. ଅମ୍ବାନୀ କହିଛନ୍ତି, "ବୃଦ୍ଧି ପାଉଥିବା ସମୃଦ୍ଧି, ଆର୍ଥିକ ସଚେତନତା ଏବଂ ବର୍ଦ୍ଧିତ ଡିଜିଟାଲ୍ ପରିବେଶ ଦ୍ୱାରା ଭାରତରେ ବୀମା ଚାହିଦା ବୃଦ୍ଧି ପାଉଛି । ଏହି ସହଭାଗୀତା ଆଲିଆଞ୍ଜର ବିଶ୍ୱସ୍ତରୀୟ ପୁନଃବୀମା ବିଶେଷଜ୍ଞତାକୁ ଜେଏଫଏସଏଲର ଭାରତୀୟ ବଜାରର ଦୃଢ ବୁଝାମଣା ଜ୍ଞାନ ଏବଂ ଦୃଢ଼ ଡିଜିଟାଲ୍ ଭିତ୍ତିଭୂମି ସହିତ ସମାବେଶିତ କରିଛି, ଯାହା ବୀମାକାରୀମାନଙ୍କୁ ଅଭିନବ ଏବଂ ଆବଶ୍ୟକ ଅନୁଯାୟୀ ପୁନଃବୀମା ସମାଧାନ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖିଛି । '୨୦୪୭ ସୁଦ୍ଧା ସମସ୍ତଙ୍କ ପାଇଁ ବୀମା' ଜାତୀୟ ଲକ୍ଷ୍ୟ ସହିତ, ଆମେ ଏକ ଦୃଢ଼ ଏବଂ ଅଧିକ ଅନ୍ତର୍ଭୁକ୍ତ କରୁଥିବା ବୀମା ପରିବ୍ୟବସ୍ଥା ନିର୍ମାଣ କରିବାକୁ ପ୍ରତିବଦ୍ଧ ଯାହା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସୁରକ୍ଷା ସୁନିଶ୍ଚିତ କରିବ ।" ଆଲିଆଞ୍ଜ ଏସ୍‌ଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଲିଭର ବେଟ୍ କହିଛନ୍ତି, "ଆମେ ଭାରତରେ ଜିଓ ଫାଇନାନ୍ସିଆଲ୍ ସର୍ଭିସେସ୍ ସହିତ ସହଭାଗୀ ହୋଇ ଗର୍ବିତ, ଏବଂ ଯେଉଁମାନେ ନିଜ ପାଇଁ, ସେମାନଙ୍କ ପରିବାର ଏବଂ ବ୍ୟବସାୟ ପାଇଁ ସଠିକ୍ ସୁରକ୍ଷା ଚାହାଁନ୍ତି ସେମାନଙ୍କୁ ସେବା ପ୍ରଦାନ କରିବାର ସୁଯୋଗ ପାଇବୁ । ଆଲିଆଞ୍ଜ ଏବଂ ଜିଓ ଫାଇନାନ୍ସିଆଲ୍ ସର୍ଭିସେସ୍ ଦୁଇଟି ବିଶ୍ୱସ୍ତ ବ୍ରାଣ୍ଡ ଯାହାର ଗ୍ରାହକ ଉତ୍କର୍ଷତା ପାଇଁ ଖ୍ୟାତି ରହିଛି ଏବଂ ଆମେ ପରିବର୍ତ୍ତନର ଏହି ରୋମାଞ୍ଚକର ଯାତ୍ରାରେ ସକ୍ରିୟ ଭାବରେ ଯୋଗଦାନ କରିବା ଏବଂ ଅଂଶଗ୍ରହଣ କରିବାକୁ ଉତ୍ସାହର ସହିତ ପ୍ରସ୍ତୁତ ରହିଛୁ ।" ଉଲ୍ଲେଖଯୋଗ୍ୟ ଯେ ଆଲିଆଞ୍ଜ-ରି ୨୫ ବର୍ଷରୁ ଅଧିକ ସମୟ ଧରି ଭାରତରେ ଆପଦ ପୁନଃବୀମା କରିଆସିଛି । ବୈଧାନିକ ଏବଂ ନିୟାମକ ଅନୁମୋଦନ ପାଇବା ପରେ ଏହି ମିଳିତ ଉଦ୍ୟୋଗ କାର୍ଯ୍ୟ ଆରମ୍ଭ କରିବ ।

## ଏଲ ଆଣ୍ଡ ଟି ଫାଇନାନ୍ସ ଲିମିଟେଡର ତ୍ରୈମାସିକ ଫଳାଫଳ ଘୋଷଣା

ମୁମ୍ବାଇ: ଭାରତରେ ଅନ୍ୟତମ ଅଗ୍ରଣୀ ଅଣ-ବ୍ୟାଙ୍କିଙ୍ଗ ଫାଇନାନସିଆଲ କମ୍ପାନୀ (ଏନବିଏଫସି) ଏଲ ଆଣ୍ଡ ଟି ଫାଇନାନ୍ସ ଲିମିଟେଡ (ଏଲଟିଏଫ) ୨୦୨୫ ଜୁନ ୩୦ ସୁଦ୍ଧା ଶେଷ ହୋଇଥିବା ପ୍ରଥମ ତ୍ରୟମାସିକରେ ୭୦୧ କୋଟି ଟଙ୍କାର କନସୋଲିଡେଟେଡ ଟିକସ ପରବର୍ତ୍ତୀ ଲାଭ (ପିଏଟି) ହାସଲ କରିଛି ଯାହା ପୂର୍ବ ତ୍ରୟମାସିକ ତୁଳନାରେ ୧୦ ପ୍ରତିଶତ ଏବଂ ପ୍ରଥମ ତ୍ରୟମାସିକରେ ପୂର୍ବବର୍ଷ ତୁଳନାରେ ୨ ପ୍ରତିଶତ ଅଧିକ ହୋଇଛି । ଏହି ତ୍ରୟମାସିକରେ ଏଲଟିଏଫ ପୂର୍ବବର୍ଷ ତୁଳନାରେ (ୱାଇଓୱାଇ) ଏପର୍ଯ୍ୟନ୍ତ ସର୍ବାଧିକ କନସୋଲିଡେଟେଡ ବୁକ ୧,୦୨,୩୧୪ କୋଟି ଟଙ୍କା ହାସଲ କରିଛି, ଯାହା ପୂର୍ବବର୍ଷ ତୁଳନାରେ ୧୫ ପ୍ରତିଶତ ଅଧିକ । ଏହି ତ୍ରୟମାସିକରେ ରିଟେଲ ବୁକ ପରିମାଣ ୯୯,୮୧୬ କୋଟି ଟଙ୍କାରେ ପହଞ୍ଚିଛି, ଯାହା ପୂର୍ବବର୍ଷ (ୱାଇଓୱାଇ) ତୁଳନାରେ ୧୮ ପ୍ରତିଶତ ଅଧିକ । କମ୍ପାନୀ ୨୦୨୫ ଜୁନ ୩୦ ସୁଦ୍ଧା ଶେଷ ହୋଇଥିବା ପ୍ରଥମ ତ୍ରୟମାସିକରେ ୧୭,୫୨୨ କୋଟି ଟଙ୍କାର ତ୍ରୟମାସିକ ରିଟେଲ ଯୋଗାଣ ହାସଲ କରିଛି, ଯାହା ପୂର୍ବବର୍ଷ (ୱାଇଓୱାଇ) ତୁଳନାରେ ୧୮ ପ୍ରତିଶତ ଅଧିକ । ୨୦୨୫ ଜୁନ ୩୦ ସୁଦ୍ଧା ଶେଷ ହୋଇଥିବା ତ୍ରୟମାସିକରେ ରିଟେଲକରଣ ୯୮ ପ୍ରତିଶତ ହୋଇଛି, ଯାହା ୨୦୨୬ ଲକ୍ଷ୍ୟକୁ ଅତିକ୍ରମ କରିଯାଇଛି । ଆନ୍ତର୍ଜାତିକ ରେଟିଂ ସଂସ୍ଥାସମୂହ (ଏସଆଣ୍ଡପି ଗ୍ଲୋବାଲ ରେଟିଂସ ଓ ଫିଚ ରେଟିଂସ) ଦ୍ୱାରା ଏଲଟିଏଫକୁ ଡେବଟ ଇନଭେଷ୍ଟମେଣ୍ଟ ଗ୍ରେଡ କ୍ରେଡିଟ ରେଟିଂ ପ୍ରଦାନ କରାଯାଇଛି । ଏସ×ଆଣ୍ଡପି ଗ୍ଲୋବାଲ ରେଟିଂସ ଏଲଟିଏଫକୁ 'ବିବିବି' ଦୀର୍ଘାବଧି ଏବଂ 'ଏ-୩' ସ୍ୱଳ୍ପଅବଧି ଯୋଗାଣକାରୀ କ୍ରେଡିଟ ରେଟିଂ ପ୍ରଦାନ କରିଛି ।

## ବ୍ରହ୍ମପୁରର ବିଜୁଳି ଭିତ୍ତିଭୂମି ସୁଦୃଢ଼ କରୁଛି ଟିପିଏସ୍‌ଓଡିଏଲ୍



ବ୍ରହ୍ମପୁର(ଭାସ୍କର ନ୍ୟୁଜ୍): ବିଜୁଳି ଭିତ୍ତିଭୂମିକୁ ସୁଦୃଢ କରିବା ସହ ବର୍ଦ୍ଧିଷ୍ଣୁ ଚାହିଦା ପୂରଣ କରିବା ସକାଶେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ଼୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ବ୍ରହ୍ମପୁର ସ୍ଥିତ ବିଦ୍ୟୁତପୁରୀ ପ୍ରାଇମେରୀ ସବଷ୍ଟେସନ (ପିଏସ୍‌ଏସ୍)ର ଉନ୍ନତିକରଣ କରାଯାଇଛି । ଏହି ପଦକ୍ଷେପ ଯୋଗୁଁ ନୀଳାଚଳ ନଗର, ଖୋଡାସିଙ୍ଗି, ବିଦ୍ୟୁତପୁରୀ ଅଞ୍ଚଳର ପ୍ରାୟ ୩ ହଜାର ଉପଭୋକ୍ତା ଉପକୃତ ହେଉଛନ୍ତି । ପୂର୍ବରୁ ଏହି ସବଷ୍ଟେସନରେ ୫ ଏମଭିଏ ବିଶିଷ୍ଟ ଦୁଇଟି ଟ୍ରାନ୍ସଫର୍ମର ଥିଲା । ବର୍ତ୍ତମାନ ଗୋଟିଏ ଟ୍ରାନ୍ସଫର୍ମରର କ୍ଷମତା ୮ ଏମଭିଏକୁ ବୃଦ୍ଧି କରାଯିବା ପରେ ସବଷ୍ଟେସନର ମୋଟ କ୍ଷମତା ୧୩ ଏମଭିଏ ହୋଇଛି । ବିଶେଷ କରି ବିଜୁଳି ଚାହିଦା ଅଧିକ ଥିବା ସମୟରେ ଏହି ଉନ୍ନତିକରଣ ପଦକ୍ଷେପ ସହାୟକ ହେବ । ଏହାସହ ସବଷ୍ଟେସନକୁ ଏକ ଅତିରିକ୍ତ ସୋର୍ସ ଫିଡ୍ ସଂଯୋଗ କରାଯାଇଛି । ଯାହାଫଳରେ ବିଜୁଳି ଯୋଗାଣ ଉନ୍ନତ ହେବା ସହ ସ୍ଥାନୀୟ ଶିକ୍ଷାନୁଷ୍ଠାନ, ବ୍ୟାବସାୟିକ ଅନୁଷ୍ଠାନ ଏବଂ ଆବାସିକ ଅଞ୍ଚଳକୁ ଗୁଣାତ୍ମକ ବିଜୁଳି ସେବା ମିଳିପାରୁଛି । ଏହି ପଦକ୍ଷେପ ସମ୍ପର୍କରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, 'ଉପଭୋକ୍ତାଙ୍କୁ ଏକ ସ୍ଥାୟୀ ଏବଂ ଭରସାଯୋଗ୍ୟ ବିଜୁଳି ସେବା ଯୋଗାଇବା ଦିଗରେ ଏହା ଆମ ପ୍ରତିବଦ୍ଧତାକୁ ଦର୍ଶାଏ । ବ୍ରହ୍ମପୁର ସହରର କ୍ରମ ବର୍ଦ୍ଧିଷ୍ଣୁ ବିଜୁଳି ଚାହିଦାକୁ ପୂରଣ କରିବା ପାଇଁ ବିଦ୍ୟୁତ ବିତରଣ ନେଟୱର୍କ ସୁଦୃଢ଼ କରିବାରେ ଆମ ଟିମ୍ ନିରନ୍ତର ପ୍ରୟାସ କରୁଅଛି ।' ସମଗ୍ର ଦକ୍ଷିଣ ଓଡ଼ିଶାରେ ଉନ୍ନତ ଭିତ୍ତିଭୂମି ନିର୍ମାଣ ଏବଂ ସୁରକ୍ଷିତ ତଥା ଭରସାଯୋଗ୍ୟ ବିଜୁଳି ଯୋଗାଣ ଉପରେ ଟିପିଏସ୍‌ଓଡିଏଲ୍ ଗୁରୁତ୍ୱ ଦେଇ ଆସୁଛି, ଯାହା ସ୍ଥାନୀୟ ଅଞ୍ଚଳର ବିକାଶ ସହ ଗୋଷ୍ଠୀ ସଶକ୍ତିକରଣରେ ସହାୟକ ହେଉଅଛି ।

## ୨୩ରେ ଖୋଲିବ ଜିଏନ୍‌ଜି ଇଲେକ୍ଟ୍ରୋନିକ୍ସର ଆଇପିଓ

ନୂଆଦିଲ୍ଲୀ: ଜିଏନଜି ଇଲେକ୍ଟ୍ରୋନିକ୍ସ ଲିମିଟେଡର ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ୨୦୨୫ ଜୁଲାଇ ୨୩ ବୁଧବାର ଦିନ ଖୋଲିବ । ଆଙ୍କର ନିବେଶକମାନେ ବିଡ୍ ଖୋଲିବାର ଗୋଟିଏ ଦିନ ପୂର୍ବରୁ ୨୦୨୫ ଜୁଲାଇ ୨୨, ମଙ୍ଗଳବାର ବିଡ୍ ଦାଖଲ କରିପାରିବେ । ଏହିବିଡ୍ ୨୦୨୫ ଜୁଲାଇ ୨୫, ଶୁକ୍ରବାର ବନ୍ଦ ହେବ । ଏହି ଅଫରରେ ୨୦୦ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରାଯିବ ଏବଂ ଅଫର ଫର୍ ସେଲ୍‌ର ଅଂଶଧନକାରୀମାନେ ୨,୫୫୦,୦୦୦ ଇକ୍ୱିଟି ସେୟାର ବିକ୍ରି କରିବେ । ଏହି ଇସ୍ୟୁରେ ଇକ୍ୱିଟି ସେୟାର ପିଛା ଦାମ୍ ୨୨୫ ଟଙ୍କାରୁ ୨୩୭ ଟଙ୍କା ମଧ୍ୟରେ ରହିବ । ନିବେଶକମାନେ ସର୍ବନିମ୍ନ ୬୩ଟି ଇକ୍ୱିଟି ସେୟାରର ବିଡ୍ ଦାଖଲ କରିପାରିବେ ଏବଂ ସେଥିରେ ୬୩ଟି ଲେଖାଏଁ ସେୟାର ଯୋଡ଼ି ପାରିବେ ।ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସଂଗୃହୀତ ହେବ । ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିୟମ ଅନୁସାରେ ଏହି ଅଫରର ୫୦ ପ୍ରତିଶତ ଇକ୍ୱିଟି ସେୟାରକୁ ଯୋଗ୍ୟ ସଂସ୍ଥାଗତ କ୍ରେତା (କ୍ୟୁଆଇବି) ମାନଙ୍କ ଲାଗି ସଂରକ୍ଷିତ ରଖାଯିବ । ତାହାର ୬୦ ପ୍ରତିଶତ ଇକ୍ୱିଟି ସେୟାରକୁ ସମାନୁପାତିକ ଭିତିରେ ଆଙ୍କର ନିବେଶକଙ୍କୁ ଦିଆଯାଇପାରିବ । ସେଥିରୁ ଏକ ତୃତୀୟାଂଶ ଇକ୍ୱିଟି ସେୟାର ଘରୋଇ ମ୍ୟୁଚୁଆଲ ଫଣ୍ଡ ଲାଗି ସଂରକ୍ଷିତ ରହିବ । ନିଟ କ୍ୟୁଆଇବିର ୫ ପ୍ରତିଶତ ଇକ୍ୱିଟି ସେୟାରକୁ ସମାନୁପାତିକ ଭିତିରେ ମ୍ୟୁଚୁଆଲ ଫଣ୍ଡ ଲାଗି ରଖାଯିବ । ଯଦି ମ୍ୟୁଚୁଆଲ ଫଣ୍ଡର ହାରାହାରି ଭାଗ କ୍ୟୁଆଇ ବିଭାଗର ୫ ପ୍ରତିଶତରୁ କମ ରହିବ ତେବେ ତାହାକୁ କ୍ୟୁଆଇ ବିଭାଗରେ ଯୋଡ଼ାଯିବ । ନିଟ ଅଫରର ୧୫ ପ୍ରତିଶତରାଶିକୁ ଅଣ ସଂସ୍ଥାଗତ ନିବେଶକମାନଙ୍କଲାଗିରଖାଯିବ । ସେଥିରୁ ୩୫ ପ୍ରତିଶତ ଇକ୍ୱିଟି ସେୟାର ଖୁଚୁରା ନିବେଶକମାନଙ୍କ ଲାଗି ରହିବ ।

ଓଡ଼ିଶା ଭାସ୍କର
ODISHA BHASKAR
ଖେଳ ଖବର



ନୂଆଦିଲ୍ଲୀ: ଭାରତୀୟ ଟିମ ଲର୍ଡ୍ସ ଗ୍ରାଉଣ୍ଡରେ ଇଂଲଣ୍ଡ ହାତରୁ ୨୨ ରନରେ ପରାସ୍ତ ହୋଇଥିଲା । ଏହି ମ୍ୟାଚ୍ ଜିତିବା ପାଇଁ ଭାରତ ହାତରେ ସୁବର୍ଣ୍ଣ ସୁଯୋଗ ଥିଲା । କିନ୍ତୁ ଟିମ୍ ଇଣ୍ଡିଆ ୧୯୩ ରନ୍ ଲକ୍ଷ୍ୟ ହାସଲ କରିପାରିନଥିଲା। ଦ୍ୱିତୀୟ ଇନିଂସରେ କେଏଲ୍ ରାହୁଲ ଓ ରବିନ୍ଦ୍ର ଜାଡେଜାଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟର ରନ୍ କରିପାରିନଥିଲେ। ଭାରତକୁ ଶେଷ ସେସନରେ ବିଜୟ ପାଇଁ ୩୧ ରନ୍ ଆବଶ୍ୟକ ଥିଲା, କିନ୍ତୁ ଲକ୍ଷ୍ୟ ହାସଲ ପୂର୍ବରୁ ହିଁ ସିରାଜ କ୍ଲିନ୍ ବୋଲ୍ଡ ହୋଇଥିଲେ। ଏହି ଇନିଂସରେ ରବିନ୍ଦ୍ର ଜାଡେଜାଙ୍କ ବ୍ୟାଟିଂକୁ ପ୍ରଶଂସା କରାଯାଉଛି । ସେ ୧୮୧ ବଲ୍ ଖେଳି ୬୧ ରନ୍ କରି ଅପରାଜିତ ଫେରିଥିଲେ। ମ୍ୟାଚ୍ ଶେଷର ଦୁଇ ଦିନ ପରେ ଏବେ କେଏଲ୍ ରାହୁଲ୍ ଏକ ଇମୋସନାଲ୍ ପୋଷ୍ଟ ସେୟାର କରିଛନ୍ତି । ଭାରତୀୟ ଓପନର୍ ରାହୁଲଙ୍କ ମତରେ କିଛି ମ୍ୟାଚ୍ ବିଜୟ ଓ ପରାଜୟଠାରୁ ବଡ଼ ହୋଇଥାଏ । ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ତୃତୀୟ ଟେଷ୍ଟ ଶେଷ ସେସନ୍ ଯାଏଁ ଚାଲିଥିଲା, କିନ୍ତୁ ବେନ୍ ଷ୍ଟୋକ୍ସଙ୍କ ଟିମ୍ ଶେଷରେ ବାଜି ମାରିଥିଲା । କେଏଲ୍ ରାହୁଲ ଲେଖିଛନ୍ତି, 'କିଛି ମ୍ୟାଚ୍ ବିଜୟ ଓ ପରାଜୟଠାରୁ ଅଧିକ ହୋଇଥାଏ। ସେମାନେ ଆପଣଙ୍କ ଭାବନା ଓ ଆପଣଙ୍କ ଚରିତ୍ରର ପରୀକ୍ଷା ନିଅନ୍ତି। ଏଥିରୁ ମିଳିଥିବା ଶିକ୍ଷା ଆପଣଙ୍କୁ ଅଧିକ ମଜଭୁତ କରେ।' ତେନ୍ଦୁଲକର-ଆଣ୍ଡରସନ୍ ଟେଷ୍ଟ ସିରିଜରେ କେଏଲ୍ ରାହୁଲ ତିନି ମ୍ୟାଚ୍ ଖେଳି ୩୭୫ ରନ୍ କରିଛନ୍ତି। ସିରିଜରେ ତାଙ୍କ ଆଭରେଜ୍ ୬୨.୫୦ ରହିଛି । ଇଂଲଣ୍ଡ ବିପକ୍ଷରେ ଜାରି ଟେଷ୍ଟ ସିରିଜରେ କେଏଲ୍ ରାହୁଲଙ୍କ ବ୍ୟାଟରୁ ଦୁଇଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ବାହାରିଛି । ସିରିଜରେ ତାଙ୍କର ସର୍ବୋଚ୍ଚ ୧୩୭ ରନ୍ ରହିଛି।



# ଆକାଶ ଦୀପ ଆହତ, ଖେଳିବେନି ଚତୁର୍ଥ ଟେଷ୍ଟ

## ଚିନ୍ତାରେ ଟିମ୍ ଇଣ୍ଡିଆ




ନୂଆଦିଲ୍ଲୀ: ଇଂଲଣ୍ଡ ବିପକ୍ଷ ପାଞ୍ଚ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ୧-୨ରେ ପଛୁଆ ଅଛି ଭାରତ। ଚତୁର୍ଥ ଟେଷ୍ଟ ମ୍ୟାଚ୍ କର ବା ମର ସ୍ଥିତିରେ ଥିବା ବେଳେ ଭାରତ ଚିନ୍ତା ବଢ଼ାଇଛି ଆହତ ସମସ୍ୟା। ଏହି ତାଲିକାରେ ଯୋଡ଼ି ହୋଇ ଯାଇଛି ଆଉ ଏକ ମ୍ୟାଚ୍ ୱିନିଂ ବୋଲରଙ୍କ ନାଁ। ଋଷଭ ପନ୍ତ, ଅର୍ଶଦୀପଙ୍କ ପରେ ଏବେ ଆକାଶ ଦୀପଙ୍କ ଆହତ ଭାରତୀୟ ଦଳର ମୁସ୍କିଲ ବଢାଇ ଦେଇଛି। ଅର୍ଶଦୀପଙ୍କ ପରେ ଏବେ ଆକାଶଦୀପ ମଧ୍ୟ ମାଞ୍ଚେଷ୍ଟର ଟେଷ୍ଟରୁ ବାଦ୍ ପଡ଼ିବାର ଦ୍ୱାର ଦେଶରେ ପହଞ୍ଚି ଯାଇଛନ୍ତି। ଭାରତୀୟ ଦଳ ଲର୍ଡ୍ସ ଟେଷ୍ଟରେ ୨୨ ରନରେ ହାରିବା ପରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ୧-୨ରେ ପଛୁଆ ରହିଛି। ସିରିଜ୍‌କୁ ବରାବର କରିବା ପାଇଁ ଭାରତୀୟ ଦଳକୁ ମାଞ୍ଚେଷ୍ଟର ଟେଷ୍ଟ ଜିତିବା ଜରୁରୀ। ମାତ୍ର ଏହି ମ୍ୟାଚ୍ ପୂର୍ବରୁ ଖେଳାଳିଙ୍କ ଆହତ ସମସ୍ୟା ଭାରତକୁ ଚୂଡ଼ାନ୍ତ ଏକାଦଶରେ ପରିବର୍ତ୍ତନ ପାଇଁ ବିବଶ କରି ଦେଇଛି। ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଓ ତୃତୀୟ ଟେଷ୍ଟ ମ୍ୟାଚ୍ ଖେଳିଥିବା ଆକାଶ ଦୀପଙ୍କ ଗ୍ରୋଇନରେ ଆହତ ସସମ୍ୟା ଦେଖା ଦେଇଛି। ଲର୍ଡ୍ସ ଟେଷ୍ଟ ଖେଳିବା ସମୟରେ ଆକାଶ ଦୀପଙ୍କୁ ପିଠିରେ ସମସ୍ୟା ଦେଖା ଦେଇଥିଲା। ସେ ମ୍ୟାଚ୍‌ର ଚତୁର୍ଥ ଦିନରେ ଯନ୍ତ୍ରଣା ଅନୁଭବ କରିଥିଲେ। ତୃତୀୟ ଟେଷ୍ଟରେ ଆକାଶ ଦୀପ ମାତ୍ର ଗୋଟିଏ ୱିକେଟ୍ ହାସଲ କରିଥିଲେ। ଦ୍ୱିତୀୟ ଟେଷ୍ଟରେ ୧୦ ୱିକେଟ୍ ନେଇ ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଜୁଲାଇ ୨୩ରେ ହେବାକୁ ଥିବା ଚତୁର୍ଥ ଟେଷ୍ଟ ପାଇଁ ସଂପୂର୍ଣ୍ଣ ପ୍ରସ୍ତୁତ ନାହାନ୍ତି। ତାଙ୍କ ଆହତ ସମସ୍ୟା ଭାରତର ମୁସ୍କିଲ ବଢାଇ ଦେଇଛି। କାରଣ ଏହା ପୂର୍ବରୁ ଦ୍ରୁତ ବୋଲର ଅର୍ଶଦୀପ ସିଂଙ୍କ ବାମ ହାତରେ ଆଘାତ ଲାଗିଛି। ଏହି ଦୁଇ ବୋଲରଙ୍କ ବ୍ୟତୀତ ୱିକେଟ୍ କିପର ବ୍ୟାଟର ଋଷଭ ପନ୍ତ ମଧ୍ୟ ଆହତ ଅଛନ୍ତି। ୱିକେଟ୍ କିପର ବ୍ୟାଟର ଭାବେ ତାଙ୍କର ଖେଳିବା ନେଇ ସଂଶୟ ରହିଛି। ଆକାଶ ଦୀପ ଓ ଅର୍ଶଦୀପ ଆହତ ହେବା ପରେ ଯଶପ୍ରୀତ ବୁମରାଙ୍କ ଖେଳିବା ନିଶ୍ଚିତ ଲାଗୁଛି। କାରଣ ଦଳ ପାଖରେ ଆଉ ଅଧିକ ବିକଳ୍ପ ନାହିଁ। ସେପଟେ ପ୍ରସିଦ୍ଧ କୃଷ୍ଣ ବହୁତ ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି। ଏହି କାରଣରୁ ତାଙ୍କୁ ତୃତୀୟ ଟେଷ୍ଟରେ ବାଦ୍ ଦିଆଯାଇଥିଲା। ତେବେ ଦଳର ଆହତ ବୋଲରଙ୍କ ସଂଖ୍ୟା ବଢିବା କାରଣରୁ ଆକାଶ ଦୀପ ଓ ଅର୍ଶଦୀପ ସିଂଙ୍କ କଭର ଖେଳାଳି ଭାବେ ଦ୍ରୁତ ବୋଲର ଅଂଶୁଲ କମ୍ବୋଜଙ୍କୁ ଦଳରେ ସାମିଲ କରାଯାଇଛି। ଭାରତୀୟ ଦଳର ସହକାରୀ କୋଚ ରାୟାନ ଟେନ ଡୋସଚେଟ ଏହି ଆହତ ସମ୍ପର୍କରେ ସାମ୍ବାଦିକମାନଙ୍କୁ ଜଣାଇଥିଲେ। ସେ କହିଛନ୍ତି, ଅର୍ଶଦୀପଙ୍କ ଆହତ ସ୍ଥିତିକୁ ଦେଖି ଆମେ ଦଳ ଗଠନ ନେଇ ନିଷ୍ପତ୍ତି ନେବୁ। ବୋଲିଂ କରୁଥିବା ବେଳେ ବଲକୁ ଅଟକାଇବା ସମୟରେ ତାଙ୍କ ହାତରେ କ୍ଷତ ହୋଇଛି। ଏହା କେତେ ଗମ୍ଭୀର ତାହା ଦେଖିବାକୁ ମେଡିକାଲ ଟିମ୍ ତାଙ୍କୁ ଡାକ୍ତରଙ୍କ ପାଖକୁ ନେଇଛି। ସିଲେଇ ଆବଶ୍ୟକ କି ନାହିଁ, ତାହା ଆମର ପରବର୍ତ୍ତୀ ଯୋଜନା ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହି ଆହତ ସମସ୍ୟା ମଧ୍ୟରେ ହରିୟାଣାର ଦ୍ରୁତ ବୋଲର ଅଂଶୁଲ କାମ୍ବୋଜଙ୍କୁ ଦଳରେ ସାମିଲ କରାଯାଇଛି। ଏହା ସହିତ, ୱିକେଟ ରକ୍ଷକ ବ୍ୟାଟସମ୍ୟାନ ଋଷଭ ପନ୍ତଙ୍କ ଆଙ୍ଗୁଠିରେ ମଧ୍ୟ ଆଘାତ ଲାଗିଛି, ଯାହା ତୃତୀୟ ଟେଷ୍ଟରେ ୱିକେଟ ରକ୍ଷଣ ବେଳେ ହୋଇଥିଲା। ତାଙ୍କର ୱିକେଟ ରକ୍ଷକ ଭାବେ ଖେଳିବା ଅନିଶ୍ଚିତ ରହିଛି ବୋଲି ଟେନ ଡୋସଚେଟ ସୂଚନା ଦେଇଛନ୍ତି। ଏହି ସମସ୍ତ ଆହତ ସମସ୍ୟା ମଧ୍ୟରେ ଜସପ୍ରୀତ ବୁମରାଙ୍କ ଚତୁର୍ଥ ଟେଷ୍ଟରେ ଖେଳିବା ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗସ୍ତ ଆରମ୍ଭ ପୂର୍ବରୁ ମୁଖ୍ୟ କୋଚ ଗୌତମ ଗମ୍ଭୀର ଜଣାଇଥିଲେ ଯେ ବୁମରା ମାତ୍ର ତିନୋଟି ଟେଷ୍ଟରେ ଖେଳିବେ। କିନ୍ତୁ, ବର୍ତ୍ତମାନର ଆହତ ସମସ୍ୟା ଏବଂ ସିରିଜରେ ଭାରତର ଜୀବନ-ମରଣ ପରିସ୍ଥିତିକୁ ଦେଖି ବୁମରାଙ୍କ ଯୋଜନାରେ ପରିବର୍ତ୍ତନ ହେବ କି ନାହିଁ, ତାହା ଦେଖିବାକୁ ବାକି ରହିଛି। ଏହି ଆହତ ସଙ୍କଟ ଭାରତୀୟ ଦଳର ବୋଲିଂ ରଣନୀତିକୁ ପ୍ରଭାବିତ କରିପାରେ, ଏବଂ ସମସ୍ତଙ୍କ ନଜର ଏବେ ମାଞ୍ଚେଷ୍ଟରରେ ଅନୁଷ୍ଠିତ ହେବାକୁ ଥିବା ଚତୁର୍ଥ ଟେଷ୍ଟ ଉପରେ ରହିଛି।

# ଭାରତ-ପାକିସ୍ତାନ ଡବ୍ଲ୍ୟୁସିଏଲ୍ ମ୍ୟାଚ୍ ବାତିଲ



ନୂଆଦିଲ୍ଲୀ: ଭାରତ ଏବଂ ପାକିସ୍ତାନ ମଧ୍ୟରେ ହେବାକୁ ଥିବା ବିଶ୍ୱ ଚାମ୍ପିଅନସିପ୍ ଅଫ୍ ଲିଜେଣ୍ଡସ୍ (ଡବ୍ଲ୍ୟୁସିଏଲ୍) ମ୍ୟାଚ୍ ବାତିଲ ହୋଇଯାଇଛି। ଭାରତୀୟ ଖେଳାଳିମାନେ ସେମାନଙ୍କ ନାମ ପ୍ରତ୍ୟାହାର କରିବା ପରେ ଆୟୋଜକମାନେ ଏହି ନିଷ୍ପତ୍ତି ନେଇଛନ୍ତି। ଡବ୍ଲ୍ୟୁସିଏଲ୍ ମଧ୍ୟ ଏହି ସମ୍ପର୍କରେ ଏକ ବିବୃତ୍ତି ଦେଇଛି। ଭାରତୀୟ ପ୍ରଶଂସକମାନେ ଏହି ମ୍ୟାଚ୍ ଆୟୋଜନକୁ ନେଇ ବହୁତ କ୍ରୋଧିତ ଥିଲେ। କେବଳ ଏତିକି ନୁହେଁ, ଶିଖର ଧାୱନ, ସୁରେଶ ରାଇନା ଏବଂ ହରଭଜନ ସିଂହଙ୍କ ଭଳି ଅଭିଜ୍ଞ ଖେଳାଳିମାନେ ଏହି ମ୍ୟାଚ୍ ବର୍ଜନ କରିଥିବା ରିପୋର୍ଟ ମଧ୍ୟ ଆସିଥିଲା। ପହଲଗାମ୍ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା। ସୁରେଶ ରାଇନା, ଶିଖର ଧାୱନ ଏବଂ ହରଭଜନ ସିଂହ ଏହି ଟୁର୍ଣ୍ଣାମେଣ୍ଟରୁ ଓହରି ଯାଇଥିଲେ। ତଥାପି, ଭାରତ-ପାକିସ୍ତାନ ମ୍ୟାଚ୍ ନେଇ ସୋସିଆଲ ମିଡିଆରେ ବହୁତ କ୍ରୋଧ ପ୍ରକାଶ ପାଉଥିଲା। ଶେଷରେ ଆୟୋଜକମାନେ ଏହାକୁ ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଯୁବରାଜ ସିଂହଙ୍କ ନେତୃତ୍ୱାଧୀନ ଦଳର ଏହା ପ୍ରଥମ ମ୍ୟାଚ୍ ଥିଲା। ଭାରତୀୟ ଦଳରେ ଶିଖର ଧାୱନ, ସୁରେଶ ରାଇନା, ରବିନ ଉଥାପ୍ପା ଏବଂ ଅମ୍ବାତି ରାୟୁଡୁଙ୍କ ଭଳି ବ୍ୟାଟର ଅଛନ୍ତି। ଡବ୍ଲ୍ୟୁସିଏଲ୍ ଏକ ବିବୃତ୍ତିରେ କହିଛି ଯେ ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ ଭଲିବଲ୍ ମ୍ୟାଚ୍ ପରେ ଭାରତ-ପାକିସ୍ତାନ ମ୍ୟାଚ୍ ସ୍ଥିର କରାଯାଇଥିଲା। ତଥାପି, ମ୍ୟାଚ୍ ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ଭାବନାକୁ ଆଘାତ ଦେବା ପାଇଁ ଡବ୍ଲ୍ୟୁସିଏଲ୍ କ୍ଷମା ପ୍ରାର୍ଥନା କରୁଛି। ଅନେକ ଅନ୍ୟ ଭାରତୀୟ ଖେଳାଳି ମଧ୍ୟ ପାକିସ୍ତାନ ସହିତ ମ୍ୟାଚ୍ ନ ଖେଳିବା ସପକ୍ଷରେ ଥିଲେ।

# ପୂର୍ବତନ ଫୁଟବଲ ଖେଳାଳିଙ୍କ ଦେହାନ୍ତ




କରଞ୍ଜିଆ (ଭାସ୍କର ନ୍ୟୁଜ୍) : କରଞ୍ଜିଆ କ୍ରୀଡ଼ା ସଂସଦର ପୂର୍ବତନ ବିଶିଷ୍ଟ ଫୁଟବଲ ଖେଳାଳି ତଥା କରଞ୍ଜିଆ କଲେଜର ପୂର୍ବତନ ମୁଖ୍ୟ କିରାଣୀ ସତ୍ୟବ୍ରତ ଦାସ ଓରଫ କାବୁଲୁ ଦାସଙ୍କ ରବିବାର ସକାଳେ ନିଜ ମାଣିକ ଛକ ସ୍ଥିତ ବାସଭବନରେ ମୃତ୍ୟୁ ହୋଇଛି। ସତ୍ୟବ୍ରତ ଦାସ କରଞ୍ଜିଆ ଅଂଚଳରେ କାବୁଲୁ ସାର ଭାବରେ ପରିଚିତ ଥିଲେ। ମୃତ୍ୟୁ ସମୟକୁ ତାଙ୍କୁ ୭୪ବର୍ଷ ବୟସ ହୋଇଥିଲା। ସେ ମୃତ୍ୟୁ ପର୍ଯ୍ୟନ୍ତ ଚଳଚଞ୍ଚଳ ଥିଲେ। ଗତକାଲି ସେ ନିଜଦେହର ଡାକ୍ତରୀ ଯାଞ୍ଚ କରି ଫେରି ଥିଲେ, ହେଲେ ଆଜି ସକାଳୁ ସାମାନ୍ୟ ଅସୁସ୍ଥ ଅନୁଭବ କରିଥିଲେ ଓ ସକାଳ ୯.୧୦ମିନିଟ ସମୟରେ ମୃତ୍ୟୁ ବରଣ କରିଥଲେ। ମୃତ୍ୟୁ ସମୟରେ ତାଙ୍କ ପାଖରେ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପ୍ରଚାର ହେବାକ୍ଷଣି ଅନେକ ଶୁଭେଚ୍ଛୁ, ଜ୍ଞାତି, କୁଟୁମ୍ବ ଶେଷ ଦର୍ଶନ କରିବା ପାଇଁ ତାଙ୍କ ବାସଭବନରେ ପହଂଚିଥିଲେ। ସେ ପ୍ରଥମେ କରଞ୍ଜିଆ କଲେଜରେ କିରାଣୀ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ ଓ ପରେ ପଦୋନ୍ନତି ପାଇଁ ବଡ଼ବାବୁ ପଦବୀଙ୍କୁ ଯାଇଥିଲେ। ସେ ଛାତ୍ର ଜୀବନରୁ ଫୁଟବଲ ପ୍ରିୟ ଥିଲେ। କରଞ୍ଜିଆ ଅଥଲେଟିକ ଆସୋସିଏସନର ଜଣେ ଦକ୍ଷ ଖେଳାଳି ଭାବେ ସୁନାମ ଅର୍ଜନ କରିଥିଲେ। କାବୁଲୁ ସାରଙ୍କ ବିୟୋଗରେ ଏହି ଅଂଚଳରେ ଗଭୀର ଶୋକର ଛାୟା ଖେଳି ଯାଇଛି।

# ଚତୁର୍ଥ ଟେଷ୍ଟ ପାଇଁ ମାଞ୍ଚେଷ୍ଟର ପହଞ୍ଚିଲା ଟିମ୍ ଇଣ୍ଡିଆ




ନୂଆଦିଲ୍ଲୀ : ଆସନ୍ତା ୨୩ରେ ଖେଳାଯିବ ଭାରତ-ଇଂଲଣ୍ଡ ଚତୁର୍ଥ ଟେଷ୍ଟଫ ମାଞ୍ଚେଷ୍ଟରର ଓଲ୍ଡ ଟ୍ରେଫର୍ଡରେ ଏହି ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଇଂଲଣ୍ଡ ୧-୨ରେ ଆଗୁଆ ରହିଥିବା ବେଳେ ଭାରତ ପାଇଁ କର ବା ମର ସ୍ଥିତି ଉପୁଜିଛି। ଏହି ମ୍ୟାଚ୍ ପାଇଁ ଟିମ୍ ଇଣ୍ଡିଆ ଟ୍ରେନ ଯୋଗେ ମାଞ୍ଚେଷ୍ଟରରେ ପହଞ୍ଚିଛି । ବିସିସିଆଇ ଟିମ୍ ଇଣ୍ଡିଆ ମାଞ୍ଚେଷ୍ଟରରେ ପହଞ୍ଚିବା ଫଟୋ ସୋସିଆଲ ମିଡିଆ ଏକ୍ସରେ ସେୟାର କରିଛି । ଏଥିରେ ଶୁବମନ ଗିଲ, ଯଶସ୍ୱୀ ଜୟସୱାଲ, କେଏଲ ରାହୁଲ, ରିଷଭ ପନ୍ତ, ଜସପ୍ରୀତ ବୁମରା ଏବଂ ଅର୍ଶଦୀପ ସିଂ ନଜର ଆସିଛନ୍ତି । ଫଟୋରେ ସମସ୍ତ ଖେଳାଳି ଷ୍ଟେସନରୁ ବାହାରି ବସରେ ବସୁଛନ୍ତି । ଲର୍ଡସରେ ହାରିବା ପରେ ଟିମ୍ ଇଣ୍ଡିଆ ଲଣ୍ଡନରେ ରହିଥିଲା । ବେକେନହାମରେ ଏକ ଟ୍ରେନିଂ ସେସନ ମଧ୍ୟ ରଖାଯାଇଥିଲା । ଏଥିରେ କେଏଲ ରାହୁଲଙ୍କୁ ଛାଡି ଅନ୍ୟ ସମସ୍ତ ଖେଳାଳି ରହିଥିଲେ । ମାଞ୍ଚେଷ୍ଟର ପହଞ୍ଚିବା ପରେ ଟିମ୍ ଇଣ୍ଡିଆ ଏବେ ଅଭ୍ୟାସ ଆରମ୍ଭ କରିଛି । ପ୍ରଥମ ସେସନ ଇନଡୋରରେ ହେବା ସହିତ ୨୧ ଏବଂ ୨୨ରେ ହେବାକୁ ଥିବା ଅଭ୍ୟାସ ସେସନ କଭର କରିବାକୁ ମିଡିଆକୁ ଅନୁମତି ମିଳିଛି । ୨୪ ବର୍ଷୀୟ ଅଂଶୁଲ ଗତ ମାସରୁ ଭାରତ ଏ ଟିମର ଅଂଶ ରହିଥିଲେ। ସେଠାରେ ଦୁଇଟି ୩ ଦିବସୀୟ ମ୍ୟାଚ ଖେଳିଥିଲେ। ସେ ଦୁଇଟି ମ୍ୟାଚରେ ୫ଟି ୱିକେଟ ନେଇଛନ୍ତି । ଅଂଶୁଲ ପ୍ରଥମ ଶ୍ରେଣୀ କ୍ରିକେଟରେ ୨୪ଟି ମ୍ୟାଚ ଖେଳି ୭୯ ୱିକେଟ ନେଇଛନ୍ତି।

### ଓଲ୍‌ଡ ଟ୍ରାଫୋର୍ଡରେ ଇଂଲଣ୍ଡର ପଲା ଭାରି


# ନୂଆ ଲକ୍ଷ୍ୟ ନେଇ ଖେଳିବ ଭାରତ



ମାଞ୍ଚେଷ୍ଟର: ଚଳିତ ଇଂଲଣ୍ଡ ଗସ୍ତରେ ଭାରତୀୟ କ୍ରିକେଟ୍ ଦଳ ଅଳ୍ପକେ ଲର୍ଡସ ଟେଷ୍ଟ୍‌କୁ ହାରି ଯାଇଥିଲା। ଏହା ପୂର୍ବରୁ ବର୍ମିଂହାମ୍‌ରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟ୍‌ରେ କିନ୍ତୁ ଇତିହାସ ରଚିଥିଲା। ବର୍ମିଂହାମର ଏଜ୍‌ବାଷ୍ଟନ୍ ଷ୍ଟାଡିୟମ୍‌ରେ ଚଳିତ ଗସ୍ତ ପୂର୍ବରୁ କେବେବି ବିଜୟୀ ହୋଇ ନଥିଲା ଭାରତ। ଏଥର ଟିମ୍ ଇଣ୍ଡିଆ ସେଠାରେ ବିଜୟ ବାନା ଉଡ଼ାଇବାର ଐତିହାସିକ ସଫଳତା ଲାଭ କରିଥିଲା। ମାଞ୍ଚେଷ୍ଟର ଓଲ୍‌ଡ ଟ୍ରାଫୋର୍ଡ ଷ୍ଟାଡିୟମ୍‌ରେ ପୂର୍ବରୁ ଭାରତ କେବେବି ଜିତିନି। ଏହି ଷ୍ଟାଡିୟମ୍ ମଧ୍ୟ ଭାରତ ପାଇଁ ଏବେବି ଅଭେଦ୍ୟ ଦୁର୍ଗ ହୋଇ ରହିଛି। ଏଣୁ ଆସନ୍ତା ୨୩ ତାରିଖରୁ ଏଠାରେ ଖେଳାଯିବାକୁ ଥିବା ଚଳିତ ଆଣ୍ଡରସନ୍-ତେନ୍ଦୁଲକର ଶୃଙ୍ଖଳାର ଚତୁର୍ଥ ଟେଷ୍ଟ୍‌ରେ ଗିଲ୍ ବାହିନୀ ପାଖରେ ଆଉ ଏକ ନୂଆ ରେକର୍ଡ କରିବାର ସୁଯୋଗ ରହିବ। କେବଳ ନୂଆ ରେକର୍ଡର ସୁଯୋଗ ରହିବିନି, ୧-୨ରେ ପଛୁଆ ଥିବା ଭାରତ ପାଇଁ ଶୃଙ୍ଖଳା ବଞ୍ଚାଇବା ଲାଗି ମଧ୍ୟ ଏହା ଶେଷ ସୁଯୋଗ ହେବ। ପରିସଂଖ୍ୟାନ ଅନୁସାରେ ଓଲ୍‌ଡ ଟ୍ରାଫୋର୍ଡରେ ଭାରତ ଆଜି ପର୍ଯ୍ୟନ୍ତ ୯ଟି ଟେଷ୍ଟ୍ ଖେଳିଛି। ସେଥିମଧ୍ୟରୁ ଇଂଲଣ୍ଡ ୪ଟି ମ୍ୟାଚ୍ ଜିତିଥିଲା ବେଳେ ଭାରତ ଭାଗ୍ୟରେ ଗୋଟିଏ ହେଲେ ବି ମ୍ୟାଚ୍ ଜିତିବାର ସୁଯୋଗ ଜୁଟିନି। ଅନ୍ୟ ପାଞ୍ଚଟି ମ୍ୟାଚ୍‌କୁ ଅବଶ୍ୟ ଭାରତୀୟ କ୍ରିକେଟ୍ ଦଳ ଅମୀମାଂସିତ ରଖିବାକୁ ସକ୍ଷମ ହୋଇଛି। ଭାରତ ଏଠାରେ ପ୍ରଥମ ଟେଷ୍ଟ୍ ୧୯୩୬ ମସିହାରେ ବିଜୟନଗରମ୍ ମହାରାଜାଙ୍କ ନେତୃତ୍ୱରେ ଖେଳିଥିଲା। ସେବେଠାରୁ ଏଠାରୁ ଜିତିବା ଭାରତ ପାଇଁ ସ୍ୱପ୍ନ ହୋଇ ରହିଛି।


### ତ୍ରିରାଷ୍ଟ୍ରୀୟ ସିରିଜ୍

# ଜିମ୍ବାୱେକୁ ୭ୱିକେଟ୍‌ରେ ହରାଇଲା ସାଉଥ୍ ଆଫ୍ରିକା




ହରାରେ : ତ୍ରିରାଷ୍ଟ୍ରୀୟ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ରବିବାର ସାଉଥ୍ ଆଫ୍ରିକା ଓ ଜିମ୍ବାୱେ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌କୁ ସାଉଥ୍ ଆଫ୍ରିକା ୭ୱିକେଟରେ ଜିତି ନେଇଛି। ଦକ୍ଷିଣ ଆଫ୍ରିକା ସାତ ୱିକେଟ୍ ବିଜୟ ସହିତ ଜିମ୍ବାୱେକୁ ତ୍ରିରାଷ୍ଟ୍ରୀୟ ସିରିଜର ଫାଇନାଲ୍ ପ୍ରତିଯୋଗିତାରୁ ବାହାର କରି ଦେଇଛି। ପ୍ରଥମେ ବୋଲିଂ କରୁଥିବା ବେଳେ ମଧ୍ୟଭାଗରେ କିଛି ମହଙ୍ଗା ଓଭର ଦକ୍ଷିଣ ଆଫ୍ରିକା ଦ୍ୱାରା ଦୃଢ଼ ପାୱାରପ୍ଲେ ଏବଂ ଡେଥ୍ ବୋଲିଂ ଦ୍ୱାରା ବୁକ୍ ଏଣ୍ଡ ହୋଇଥିଲା। ବ୍ରାଏନ୍ ବେନେଟ୍‌ଙ୍କ ଚତୁର ୬୧ ଏବଂ ରିଆନ୍ ବର୍ଲଙ୍କ ୩୬ ରନ୍ ବଳରେ ଜିମ୍ବାୱେ ମିଳିତ ଭାବରେ ୧୪୪/୬ ରନ୍ କରିଥିଲା, ରୁବିନ୍ ହର୍ମାନଙ୍କ କ୍ୟାରିଅର ଶ୍ରେଷ୍ଠ ୬୩ ଏବଂ ଅଧିନାୟକ ରାସି ଭାନ୍ ଡେର୍ ଡୁସେନ୍‌ଙ୍କ ଅପରାଜିତ ୫୨ ରନ୍ ଦ୍ୱାରା ଦକ୍ଷିଣ ଆଫ୍ରିକା ୧୭.୨ ଓଭରରେ ଏହାକୁ ପିଛା କରିଥିଲା। ମେଘୁଆ ପରିସ୍ଥିତିରେ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା ଦକ୍ଷିଣ ଆଫ୍ରିକା। ଫଳରେ ଜିମ୍ବାୱେ ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ଭଲ ଆରମ୍ଭ କରିଥିଲେ ମଧ୍ୟ ତାହା ବଜାଏ ରଖି ପାରିନଥିଲା। ଦଳ ପକ୍ଷରୁ ମାଧଭୀର ୧୩, ବ୍ରିଆନ୍ ବେନେଲ୍ଟ ସର୍ବାଧିକ ୬୧ ରନ୍ କରିଥିବା ବେଳେ ୱିକେଟକିପର କ୍ଲାଇଭି ମାଣ୍ଡେଡ୍ ୮, ଅଧିନାୟକ ରାଜା ୯, ରିଆନ୍ ବୁର୍ଲ ୩୬, ମୁନିୟୋଗ୍ ୧ ଓ ଟିନୋଟେଣ୍ଡା ମାପୋସ୍ ୮ ରନ୍ କରିଥିଲେ। ଯାହାଫଳରେ ଦଳ ୨୦ଓଭରରେ ୬ୱିକେଟ ହରାଇ ୧୪୪ ରନ୍ କରିଥିଲା। ୧୪୫ରନ୍ ଟାର୍ଗେଟ ନେଇ ଦକ୍ଷିଣ ଆଫ୍ରିକା ମୈଦାନକୁ ଓହ୍ଲାଇଥିଲା। ଦଳ ୧୭.୨ ଓଭରରେ ୩ୱିକେଟ ହରାଇ ୧୪୫ରନ୍ ସଂଗ୍ରହ କରି ମ୍ୟାଚ୍ ଜିତି ନେଇଥିଲା। ଦଳକୁ ପ୍ରାରମ୍ଭିକ ଝଟ୍‌କା ଲାଗିଥିଲେ ମଧ୍ୟ ଅଧିନାୟକ ଧୈର୍ଯ୍ୟର ସହିତ ଖେଳି ମ୍ୟାଚ୍ ଜିତାଇଥିଲେ। ଦଳ ପକ୍ଷରୁ ୱିକେଟକିପର ଲୁହାନ-ଡ୍ରେ ପ୍ରିଟୋରିଅସ୍ ୪, ରିଜା ହେଣ୍ଡ୍ରିକ୍‌ସ ୬ ଅଧିନାୟକ ରାଶି ଭାନ୍‌ଡର ଡୁସାନ୍ ୫୨, ରୁବିନ୍ ହେମାନ୍ ୬୩ ଓ ଡିୱାଲ୍ଡ ବ୍ରେଭିସ୍ ୧୩ରନ୍ କରିଥିଲେ।

# ଫିସୁ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା: କ୍ୱାର୍ଟର ଫାଇନାଲ୍‌ରେ ଭାରତ




ନୂଆଦିଲ୍ଲୀ: ଜର୍ମାନୀର ରାଇନେ-ରୁହରଠାରେ ଚାଲିଥିବା ଫିସୁ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତୀୟ ପ୍ରତିଯୋଗୀଙ୍କ ସଫଳ ପ୍ରଦର୍ଶନ ଜାରି ରହିଛି। ଏଥିରେ ଓଡ଼ିଶା ଖେଳାଳିମାନେ ଉପଯୋଗୀ ଯୋଗଦାନ ରଖିବା ଉଲ୍ଲେଖନୀୟ ହୋଇଛି। ଭାରତର ଉଭୟ ମହିଳା ଓ ପୁରୁଷ ଟେବୁଲ୍ ଟେନିସ୍ ଦଳ ସହ ପୁରୁଷ ବ୍ୟାଡ୍‌ମିଣ୍ଟନ୍ ଦଳ ମଧ୍ୟ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରି ଇତିହାସ ରଚିଛନ୍ତି। ଏମାନେ ପଦକ ସୁନିଶ୍ଚିତ କରିବାଠାରୁ ମାତ୍ର ଗୋଟିଏ ପାଦ ଦୂରରେ ରହିଛନ୍ତି। ଦୁଇଟି ଯାକ ଦଳ ଏହି ପ୍ରତିଯୋଗିତା ଲାଗି କିଟ୍ ବିଶ୍ୱବିଦ୍ୟାଳୟରେ ପ୍ରସ୍ତୁତି କରୁଥିଲେ। ପୁଣି କିଟ୍ ବିଶ୍ୱବିଦ୍ୟାଳୟର ଅବିନାଶ ମହାନ୍ତି ଭାରତୀୟ ଦଳର ପୁରୁଷ ଯୁଗଳ ବ୍ୟାଡ୍‌ମିଣ୍ଟନ୍ ମ୍ୟାଚ୍‌ରେ ଚମତ୍କାର ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଏହି ବର୍ଗର କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ଭାରତ ଶକ୍ତିଶାଳୀ ମାଲେସିଆକୁ ଭେଟିବ।

### ସାହାଣୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ଅନୁଗୋଳ ଓ ଆରଏସ୍‌ପି ବିଜୟୀ



କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ସହାୟତାରେ କେନ୍ଦୁଝର ଷ୍ଟାଡିୟମ ପଡିଆ ଠାରେ ରବିବାର ୬୪ତମ ସାହାଣୀ କପ ସିନିଅର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି। ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ଆଜିର ଏକ ତୀବ୍ର ପ୍ରତିଦ୍ୱନ୍ଦୀତା ଏବଂ ସଂଘର୍ଷପୂର୍ଣ୍ଣ ଏହି ପ୍ରଥମ ଖେଳରେ ଅନୁଗୋଳ ଜିଲ୍ଲା ଯାଜପୁର ଜିଲ୍ଲା ବିପକ୍ଷରେ ୪-୩ ଗୋଲରେ ଗୋଲରେ ଏକ କଷ୍ଟଲବ୍ଧ ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି। ପ୍ରଥମାର୍ଦ୍ଧ ଖେଳର ୩୬ତମ ମିନିଟରେ ଯାଜପୁରର ଜର୍ସି ନମ୍ବର ୧୧ ରାଜ କୁମାର ମାରାଣ୍ଡି ଏକ ଦର୍ଶନୀୟ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧ ଖେଳରେ ୧-୦ ଗୋଲରେ ପଛୁଆ ରହିବା ପରେ ଅନୁଗୋଳ ଦ୍ୱିତୀୟାର୍ଦ୍ଧରେ ପରସ୍ପର ମଧ୍ୟରେ ବୁଝାମଣା ରକ୍ଷା କରି ପ୍ରତିପକ୍ଷ ଗୋଲ ଉପରେ ଘନ ଘନ ଆକ୍ରମଣ କରି ପ୍ରତିପକ୍ଷ ରକ୍ଷଣ ଭାଗକୁ ବ୍ୟତିବ୍ୟସ୍ତ କରି ଦେଇଥିଲା ଏବଂ ଦ୍ୱିତୀୟାର୍ଦ୍ଧର ୫୨ ତମ ମିନିଟରେ ଏବଂ ୬୦ତମ ମିନିଟରେ ଅନୁଗୋଳର ମିଡ଼ ଫିଲଡର ଫାତୁ ମୁର୍ମୁ ଲଗାତାର ଦୁଇଟି ଗୋଲ ସ୍କୋର କରି ଦଳକୁ ୨-୧ ଗୋଲରେ ଅଗ୍ରଣୀ କରାଇଥିଲେ। ମାତ୍ର ୬୨ତମ ମିନିଟରେ ଯାଜପୁରର ଲେଫ୍ଟ ଉଇଙ୍ଗର ଭାଦୁ ମୁର୍ମୁ ଏକ ଗୋଲ ସ୍କୋର କରି ଖେଳକୁ ସମାନ ସ୍ତରକୁ ଆଣିଥିବା ବେଳେ ୬୯ତମ ମିନିଟରେ ଭଞ୍ଜ ହାଁସଦା ଅନ୍ୟ ଏକ ଦର୍ଶନୀୟ ଗୋଲ କରିଆରେ ଯାଜପୁରକୁ ୩-୨ ଗୋଲରେ ଅଗ୍ରଣୀ କରାଇଥିଲେ। କିନ୍ତୁ ଅନୁଗୋଳର ରାଇଟ ଉଇଙ୍ଗର ପ୍ରଶାନ୍ତ ବାରୀ ୭୦ତମ ମିନିଟରେ ଓ ୭୬ତମ ମିନିଟରେ କ୍ରମାଗତ ଦୁଇଟି ଗୋଲ ସ୍କୋର କରି ଦଳକୁ ବିଜୟୀ କରାଇବାରେ ମୁଖ୍ୟ ପୁରୋଧା ସାଜିଥିଲେ। ଆଜି ଅନୁଷ୍ଠିତ ଦ୍ୱିତୀୟ ଖେଳ ମଧ୍ୟ ସଂଘର୍ଷପୂର୍ଣ୍ଣ ତଥା ଉତ୍ତେଜନାପୂର୍ଣ୍ଣ ବାତାବରଣ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଖେଳରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଘରୋଇ କେନ୍ଦୁଝର ବିପକ୍ଷରେ ୧-୦ ଗୋଲରେ ବିଜୟୀ ହୋଇ ୩ଟି ମ୍ୟାଚରୁ ସମୁଦାୟ ୯ ପଏଣ୍ଟ ହାସଲ କରି ପ୍ରଥମ ଦଳ ଭାବେ ଗ୍ରୁପ 'ବି' ରୁ ଜୋନାଲ ଫାଇନାଲ ଖେଳିବାର ଯୋଗ୍ୟତା ହାସଲ କରିଛି। ଆଜିର ଦ୍ୱିତୀୟ ଖେଳରେ ପ୍ରଥମାର୍ଦ୍ଧର ୨୦ତମ ମିନିଟରେ ଆରଏସପିର ଜର୍ସି ନମ୍ବର ୧୨ ରମେଶ ଓରାମ ଦଳ ପକ୍ଷରୁ ଏହି ଏକମାତ୍ର ଗୋଲଟି ସ୍କୋର କରିବା ସହ ଦଳକୁ ବିଜୟର ମୁକୁଟ ପିନ୍ଧାଇଥିଲେ। ଖେଳ ଆରମ୍ଭ ହେବା ପୂର୍ବରୁ ଆଜିର ମୁଖ୍ୟଅତିଥି ବରିଷ୍ଠ ଆଇନଜୀବୀ ତଥା କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ସଦସ୍ୟ ଗୋପାଳକ୍ରିଷ୍ଣା ପରିଡା ଏବଂ ଚତୁର୍ଭୁଜ ହୋତାଙ୍କ ସହ ଖେଳାଳି ମାନଙ୍କୁ ପରିଚିତ କରାଇ ଦିଆଯାଇଥିଲା। ଆଜିର ଏହି ଖେଳରେ ଜିଲ୍ଲା କ୍ରୀଡା ସଂସ୍ଥା ଉପ ସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକ, ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧକ୍ଷ ସରୋଜ ରଣା, କାଉନସିଲ ସଦସ୍ୟ, ରାଜକୁମାର ମିଶ୍ର, ସୁରେଶ ରଣା, ଗିରୀଶ ଚନ୍ଦ୍ର ହୋତା, ପ୍ରଶାନ୍ତ ସାହୁ, ଦିଲ୍ଲୀପ କୁମାର ପଣ୍ଡା ଏବଂ ବୀରେନ୍ଦ୍ର ମହାନ୍ତ ପ୍ରମୁଖ ମଞ୍ଚାସିନ ହୋଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଆଜି ଅନୁଷ୍ଠିତ ପ୍ରଥମ ଖେଳରେ ଶୁଭମ ପାତ୍ର ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ମହେଶ ପ୍ରଧାନ ଓ ରତ୍ନାକର ସୋରେନ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ଚକ୍ରଧର ଚାଟକ୍ଷର। ସେହିପରି ଦ୍ୱିତୀୟ ଖେଳରେ ସୁବ୍ରତ ପୁରୋହିତ ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ଅରୁଣ ନାୟକ ଓ ଉକ୍ଳମଣି ବେହେରା ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ଆଶୀର୍ବାଦ କାନୁନଗୋ। ଫୁଟବଲ ଆସୋସିଏସନ ଅଫ ଓଡିଶା ପକ୍ଷରୁ ଫାଓର ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡେଇ କେନ୍ଦୁଝର ଜୋନ ପାଇଁ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିବା ବେଳେ ସଞ୍ଜୟ କୁମାର ନାଏକ, କରୁଣାକର ବେହେରା ଓ ସନ୍ତୋଷ ମହାରଣା ଚୟନକର୍ତ୍ତା ଭାବେ ସୁରେଶ କୁମାର ଦାଶ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। ଏହି ପ୍ରତିଯୋଗିତାରେ ଭାଷ୍ୟକାର ପ୍ରେମାନନ୍ଦ ମହାନ୍ତ ଧାରବିବରଣୀ ପ୍ରଦାନ କରିବା ସହ ଉପସ୍ଥିତ ଦର୍ଶକ ମାନଙ୍କୁ ବିମୋହିତ କରିଥିଲେ।





ଆଜିକା ସମୟରେ ସମସ୍ତେ ଫିଟ୍ ରହିବାକୁ ଚାହାନ୍ତି । ଏଥିପାଇଁ ଡାଏଟରେ ମଧ୍ୟ ପରିବର୍ତ୍ତନ କରିଥାନ୍ତି । ପ୍ରାୟତଃ ସକାଳେ ସମସ୍ତେ ଓଟ୍ସ ଖାଇବା ପାଇଁ ପସନ୍ଦ କରିଥାନ୍ତି । କିନ୍ତୁ ନିକଟରେ ଚର୍ଚ୍ଚା ହେଉଛି ଯେ, ଓଟ୍ସ ସହିତ କଦଳୀ ମିଶାଇ ଖାଇବା ଦ୍ୱାରା ଶରୀର ଉପରେ କୁପ୍ରଭାବ ପଡିଥାଏ । ଏହା ଦ୍ୱାରା ଡାଇବେଟିସ-୧ ହେବାର ଆଶଙ୍କା ଅଧିକ ରହିଥାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ମଧୁମେହ ରୋଗୀମାନଙ୍କୁ ଚିନି ଏବଂ କାର୍ବୋହାଇଡ୍ରେଡର ମାତ୍ରା ସଠିକ ଭାବେ ରଖିବା ଉଚିତ । ରିସର୍ଚ୍ଚ ଅନୁସାରେ, ଟାଇପ-୧ ଡାଇବେଟିସ ସ୍ଥିତିରେ ଶରୀରର ଇମ୍ୟୁନିଟି ଅଗ୍ନାଶୟରେ ଇନସୁଲିନ୍ ତିଆରି କରୁଥିବା କୋଷିକା ଉପରେ ଆକ୍ରମଣ କରି ଏହାକୁ ନଷ୍ଟ କରିଦେଇଥାଏ । ତେବେ ଏହି କାରଣରୁ ଶରୀରରେ ଇନସୁଲିନ ଠିକ ଭାବେ ନହେବା କାରଣରୁ ରକ୍ତଚାପ ବୃଦ୍ଧି ପାଇଥାଏ । ତେବେ ଟାଇପ-୧ରେ ଜଣେ ବ୍ୟକ୍ତି ଓଟ୍ସ ଏବଂ କଦଳୀ ଏକାସଙ୍ଗେ ଖାଇପାରିବେ, କିନ୍ତୁ ଲଗାତାର ଅଧିକ ଦିନ ଖାଇବା ଦ୍ୱାରା ଏହାର ପ୍ରଭାବ ଶରୀର ଉପରେ ପଡିଥାଏ । କଦଳୀ ଏବଂ ଓଟ୍ସରେ ଅଧିକ ପରିମାଣର ପୋଷଣ ତତ୍ତ୍ୱ ରହିଥାଏ । ଓଟ୍ସରେ ବିଶେଷ କରି ଫାଇବର ଏବଂ ବିଟା ଗ୍ଲୁକୋନର ସୋର୍ସ ଅଟେ । ଯାହାକି ସୁସ୍ଥ କୋଲେଷ୍ଟ୍ରଲ ସ୍ତରକୁ ଶରୀରରେ ବୃଦ୍ଧି କରିଥାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ଛୋଟ ଛୁଆଙ୍କ ଶରୀର ଏହା ଶରୀର ପାଇଁ ବେଶ୍ ଉପକାରୀ ଅଟେ ।

## ସହରୀ ବାଘ ବିଜୟ







ଓଲିଉଡର ଅଲରାଉଣ୍ଡର ଅଭିନେତା ବିଜୟ ମହାନ୍ତିଙ୍କୁ କିଏ ବା ନଜାଣେ। ତାଙ୍କ ଅଭିନୟ ସମସ୍ତଙ୍କୁ ମତୁଆଲା କରିଥାଏ। ବିଜୟ ତୁଳସୀ କ୍ଷେତ୍ରର ପାଣ୍ଡିରି ଗ୍ରାମରେ ୧୯୫୦ ମସିହା ଏପ୍ରିଲ ୮ ତାରିଖରେ ଜନ୍ମ ହୋଇଥିଲେ ଏବଂ ୭୦ ବର୍ଷ ବୟସରେ ଜୁଲାଇ ୨୦ , ୨୦୨୦ ରେ ଶାରୀରିକ ଅସୁସ୍ଥତା କାରଣରୁ ଦୁନିଆରୁ ବିଦାୟ ନେଇଥିଲେ। ପିଲାବେଳେ ଯେତେବେଳେ କଳାଧଳା ଟିଭିରେ ଏହି ଗୀତଟି ବାଜୁଥିଲା ରୋଷେଇ ଘରେ ମା'ଠାରୁ ଆରମ୍ଭ କରି ଅଗଣାରେ ଖେଳୁଥିବା କୁନି କୁନି ପିଲା ମଧ୍ୟ ପାଳଟି ଯାଉଥିଲେ ଶଗଡ଼ବାଲା । ମା' ଗୀତର ତାଳେ ତାଳେ ଗୁଣୁଗୁଣେଇ ହେଉଥିଲେ ଆଉ ଅଗଣାରେ ମୁଣ୍ଡରେ ଗାମୁଛା ବାନ୍ଧି କୁନି ପିଲା ସବୁ ଶଗଡ଼ବାଲା ହୋଇ କଣ୍ଢେଇ ରାଣୀକୁ ଧରି ସୁନା କନିଆଁ ବୋଲି କହୁଥିଲେ । କେତେ ସୁନ୍ଦର ସମୟ ଥିଲା । ଟିଭିରେ ଆସୁଥିବା ଅଭିନେତା ଜଣକ ବିଜୟ ମହାନ୍ତି ବୋଲି ସମସ୍ତେ ଜାଣୁଥିଲେ । ବିଜୟ ଯାହାଙ୍କ ଅଭିନୟର ଛାପ ଆବାଳ ବୃଦ୍ଧବନିତାଙ୍କ ହୃଦୟରେ ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛି । ଜଣେ ଅଭିନେତା, ନିର୍ଦ୍ଦେଶକ ଏବଂ ନାଟ୍ୟକାର ଥିଲେ ବିଜୟ। ଅଭିନୟ କ୍ଷେତ୍ରରେ ପାରଙ୍ଗମ ଜଣେ ଅଭିନେତା ଯାହାଙ୍କୁ ଅଲରାଉଣ୍ଡର ବୋଲି କୁହାଯାଉଥିଲା । ହାସ୍ୟ ଅଭିନେତା , ଖଳନାୟକ , ନାୟକ ଆଦି ବିଭିନ୍ନ ଭୂମିକାରେ ଅଭିନୟ କରି ଛାପ ଛାଡ଼ିଯାଇଛନ୍ତି ବିଜୟ ମହାନ୍ତି । ୧୯୭୭ ରେ ବିଜୟ 'ଚିଲିକା ତୀରେ' ଚଳଚ୍ଚିତ୍ରରେ ଅଭିନୟ ଜୀବନର ଆରମ୍ଭ କରିଥିଲେ। ସିନେମା ପାଇଁ ଅଭିନେତାଙ୍କୁ ରାଷ୍ଟ୍ରୀୟ ଚଳଚ୍ଚିତ୍ର ପୁରସ୍କାର ମଧ୍ୟ ମିଳିଥିଲା ।

୨୦୧୪ ମସିହା ଲୋକସଭା ନିର୍ବାଚନରେ ସେ ଭୁବନେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ଟିକେଟରେ ନିର୍ବାଚନ ମଧ୍ୟ ଲଢ଼ିଥିଲେ । ତୁଳସୀ କ୍ଷେତ୍ରର ପାଣ୍ଡିରି ଗ୍ରାମରୁ ଜନ୍ମ ହୋଇଥିବା ଏହି ସହରୀ ବାଘ ୧୯୫୦ ମସିହା ଏପ୍ରିଲ ୮ ତାରିଖରେ ଜନ୍ମ ହୋଇଥିଲେ ଏବଂ ୭୦ ବର୍ଷ ବୟସରେ ଜୁଲାଇ ୨୦ , ୨୦୨୦ ରେ ଶାରୀରିକ ଅସୁସ୍ଥତା କାରଣରୁ ଇହଧାମ ତ୍ୟାଗ କରିଥିଲେ।

ବିଜୟଙ୍କ ବାପା ଆଦିକନ୍ଦ ମହାନ୍ତି ବାରିପଦାରେ ସରକାରୀ ବସରେ କଣ୍ଡକ୍ଟର ଚାକିରି କରୁଥିଲେ । ବିଜୟଙ୍କ ଶିକ୍ଷାରମ୍ଭ ମଧ୍ୟ ସେହିଠାରୁ ହୋଇଥିଲା । ମହାରାଜା କୃଷ୍ଣଚନ୍ଦ୍ର ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢ଼ିଲା ବେଳେ ସ୍କୁଲ ବାର୍ଷିକ ଉତ୍ସବରେ ସେ ପ୍ରଥମ ଥର କରି ଅଭିନୟ କରିଥିଲେ । ମାଟ୍ରିକ ପାସ କଲା ପରେ ସେ ରାଜ୍ୟ ପରିବହନ ବିଭାଗରେ ଚାକିରି କରିବା ସହ ପାଠ ମଧ୍ୟ ପଢୁଥିଲେ । କଲେଜର ପ୍ରଥମ ବର୍ଷରେ ନାଟକରେ ଅଭିନୟ କରି ସେ ଶ୍ରେଷ୍ଠ ଅଭିନେତା ପୁରସ୍କାର ଲାଭ କରିଥିଲେ । କ୍ରମାଗତ ଭାବରେ ନାଟକ ଅଭିନୟ କରି କରି ସେ ସଫଳତା ପାଇଥିଲେ ।

ସାଙ୍ଗମାନଙ୍କୁ ନେଇ 'ଯୁଗେଚ୍ଛା ନାଟ୍ୟ ସଂସ୍ଥା' ନାମକ ଅନୁଷ୍ଠାନ ଗଢ଼ି ଅଧିକ ନାଟକ ମଞ୍ଚସ୍ଥ କରିଥିଲେ । ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ ନୂଆଦିଲ୍ଲୀରୁ ଶିକ୍ଷା ସମାପ୍ତ କରି ବିଜୟ ମହାନ୍ତି ୧୯୭୭ ରେ ଚିଲିକା ତୀରେ କଥାଚିତ୍ରରୁ ଅଭିନୟ ଜୀବନ ଆରମ୍ଭ କରିଥିଲେ । ୧୯୦ ରୁ ଅଧିକ ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରି ସେ ସିନେପ୍ରେମୀଙ୍କ ପସନ୍ଦର ପାତ୍ର ହୋଇ ପାରିଥିଲେ । ଏହି ସମୟରେ ଅଭିନେତ୍ରୀ ତନ୍ଦ୍ରା ରାୟଙ୍କୁ ସେ ଜୀବନସାଥୀ ରୂପେ ଚୟନ କରିଥିଲେ । ତେବେ ଶାରୀରିକ ଅସୁସ୍ଥତା କାରଣରୁ ୨୦୨୦ ମସିହା ଜୁଲାଇ ୨୦ ତାରିଖରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ୭୦ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା । ସହରୀ ବାଘ ସିନା ଚାଲିଗଲେ କିନ୍ତୁ ସେ ଦେଖାଇଥିବା ସୁନ୍ଦର ବାଟ ଏବେ ଅନେକ ଯୁବକ ଓ ଯୁବତୀଙ୍କୁ ସଫଳତାର ମାର୍ଗ ଦେଖାଉଛି ।

## ବିଟ୍‌କୁ କେମିତି ଖାଇବେ ଜାଣନ୍ତୁ



*ଅଧିକାଂଶ ଲୋକ ବିଟ ରୁଟ ରସ ପିଇବାକୁ ପସନ୍ଦ କରନ୍ତି, ଅନେକ ଲୋକ ବିଟ ରୁଟକୁ ସାଲାଡ ଭାବରେ ଖାଆନ୍ତି। କଞ୍ଚା ବିଟ ରୁଟ ଉଭୟ ଜିନିଷରେ ବ୍ୟବହାର କରାଯାଏ। ବିଟ ରୁଟ ଏକ ପୁଷ୍ଟିକର ପରିବା, ଯେଉଁଥିରେ ଆଇରନ, ଫାଇବର, ଫୋଲେଟ, ପୋଟାସିୟମ, ମ୍ୟାଗ୍ନେସିୟମ ଏବଂ ଆଣ୍ଟିଅକ୍ସିଡାଣ୍ଟ ରହିଥାଏ। ବିଟ ରୁଟ ରକ୍ତହୀନତା ଦୂର କରିବା, ରକ୍ତଚାପ ନିୟନ୍ତ୍ରଣ କରିବା, ପାଚନକୁ ସୁସ୍ଥ ରଖିବା ଏବଂ ଯକୃତକୁ ଡିଟକ୍ସ କରିବା ପାଇଁ ବହୁତ ପ୍ରଭାବଶାଳୀ ବୋଲି ବିବେଚନା କରାଯାଏ। ବିଟ ରୁଟରେ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ମଧ୍ୟ ଥାଏ, ଯାହା ଶରୀରକୁ ମୁକ୍ତ ରାଡିକାଲ୍ସରୁ ରକ୍ଷା କରେ। ଅନେକ ଲୋକଙ୍କ ମନରେ ଏକ ପ୍ରଶ୍ନ ଅଛି ଯେ ବିଟ ରୁଟ କଞ୍ଚା ଖାଇବା ଉଚିତ ନା ସିଝା ? ଯଦି ଆପଣ ମଧ୍ୟ ଏହି ଦ୍ୱନ୍ଦ୍ୱରେ ଅଛନ୍ତି, ତେବେ ଆସନ୍ତୁ ଜାଣିବା ସତ୍ୟ...*

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, କଞ୍ଚା ବିଟ ରୁଟରେ ସମସ୍ତ ପୋଷକ ତତ୍ତ୍ୱ ପୂର୍ଣ୍ଣ ପରିମାଣରେ ଥାଏ, ଯେତେବେଳେ ଏହାକୁ ରାନ୍ଧିବା କିଛି ପୋଷକ ତତ୍ତ୍ୱ ନଷ୍ଟ କରିପାରେ।

♦ କଞ୍ଚା ବିଟ ରୁଟକୁ ସାଲାଡ, ଜୁସ ଭାବରେ ଗ୍ରହଣ କରିବା ଲାଭଦାୟକ। ଏହା ଶରୀରକୁ ଡିଟକ୍ସିଫାଇ କରିବାରେ, ଚର୍ମକୁ ସୁସ୍ଥ ରଖିବାରେ ଏବଂ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ। ଏହା ଲୌହର ଏକ ଭଲ ଉତ୍ସ, ଯାହା ରକ୍ତଚାପ ସହିତ ଲଢ଼ିବାରେ ସାହାଯ୍ୟ କରେ।

♦ ଯଦି ଆପଣ ରକ୍ତଚାପକୁ କମ କରିବାକୁ ଚାହାଁନ୍ତି, ତେବେ କଞ୍ଚା ବିଟ ରୁଟ ରସ ସବୁଠାରୁ ପ୍ରଭାବଶାଳୀ।

♦ ବିଟ ସିଝାଇଲେ, ଏହାର କିଛି ପୁଷ୍ଟିକର ମୂଲ୍ୟ ହ୍ରାସ ପାଏ। ଏଥିରେ ଥିବା ଫୋଲେଟ ଏବଂ ଭିଟାମିନ ସି ଭଳି ଅନେକ ପୁଷ୍ଟିକର ପଦାର୍ଥର ପରିମାଣ ହ୍ରାସ ପାଏ। ସିଝା ବିଟ ପେଟ ପାଇଁ ହାଲୁକା ଏବଂ ସହଜରେ ହଜମ ହୁଏ।

♦ ଯେଉଁମାନଙ୍କର ଗ୍ୟାସ, ବଦହଜମୀ କିମ୍ବା ସମ୍ବେଦନଶୀଳ ପାଚନ ତନ୍ତ୍ରର ସମସ୍ୟା ଅଛି, ସେମାନଙ୍କ ପାଇଁ ସିଝା ବିଟ ଏକ ଭଲ ବିକଳ୍ପ।

♦ ଏହା ବ୍ୟତୀତ, ଫୁଟାଇବା ଦ୍ୱାରା ବିଟର ସ୍ୱାଦ ହାଲକା ମିଠା ହୋଇଥାଏ, ଯାହା ଦ୍ୱାରା ପିଲା ଏବଂ ବୟସ୍କ ଲୋକମାନେ ଏହାକୁ ସହଜରେ ଖାଇପାରିବେ।




## ୩୨ ଲିଟର କ୍ଷୀର ଦେଉଛି ଗାଈ !

*ଏମିତି ଗାଈ, ଦିନକୁ ଦେଉଛି ୩୨ ଲିଟର କ୍ଷୀର ! ବିଶ୍ୱାସ ହେଉନଥିଲେ ବି ସତ। ଥରେ ଚିନ୍ତାକରନ୍ତୁ...ଯଦି ଗାଈଟିଏ ୩୨ ଲିଟର କ୍ଷୀର ଦେଉଥିବ ତେବେ ମାଲିକ ଦିନକୁ କେତେ ଟଙ୍କା ରୋଜଗାର କରୁଥିବ । କାରଣ କ୍ଷୀର ଲିଟର ପ୍ରତି ଦର ହେଉଛି ୬୦ଟଙ୍କା । ଆଉ ଏହି ଖବର ଜଣାପଡ଼ିବା ପରେ ସବୁଠି ଚର୍ଚ୍ଚା ...*



ମଧ୍ୟପ୍ରଦେଶର ଖଣ୍ଡୱା ଜିଲ୍ଲାର ଜଣେ ଚାଷୀଙ୍କୁ ନେଇ ଏବେ ଚର୍ଚ୍ଚା ଚାଲିଛି । ନିଜର ଅସାଧାରଣ ସଫଳତା ପାଇଁ ସମଗ୍ର ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଗୋଟିଏ ହୋଲଷ୍ଟାଇନ୍ ଫ୍ରିସିଆନ୍ ଏବଂ ଜର୍ସି ପ୍ରଜାତିର ମିଶ୍ରିତ ବର୍ଣ୍ଣଶଙ୍କର ଗାଈ ପାଳନ କରି ସେ ଦୈନିକ ୩୨ ଲିଟର କ୍ଷୀର ଉତ୍ପାଦନ କରିବାରେ ସକ୍ଷମ ହୋଇଛନ୍ତି। ଏତେ ମାତ୍ରାରେ କ୍ଷୀର ଉତ୍ପାଦନ କରୁଥିବା ଜଣାପଡ଼ିବା ପରେ ଏବେ ସ୍ଥାନୀୟ ଅଞ୍ଚଳରେ ତାଙ୍କୁ ନେଇ ବଡ଼ ଚର୍ଚ୍ଚା ।

ସୂଚନା ଅନୁସାରେ, ଏହି ସଫଳ ଚାଷୀ ଜଣକ ବୈଜ୍ଞାନିକ ପ୍ରଣାଳୀରେ ଗୋପାଳନ ଏବଂ ଉନ୍ନତ ପ୍ରଜାତିର ଗାଈ ଚୟନ ଉପରେ ଗୁରୁତ୍ୱାରୋପ କରିଥିଲେ । ପାରମ୍ପରିକ ଗୋପାଳନ ପଦ୍ଧତିରୁ ଦୂରେଇ ଯାଇ ସେ ହୋଲଷ୍ଟାଇନ୍ ଫ୍ରିସିଆନ୍ ଭଳି ଅଧିକ କ୍ଷୀର ଦେଉଥିବା ପ୍ରଜାତି ଏବଂ ଜର୍ସି ଗାଈ ପାଳନ କରିଛନ୍ତି । କାରଣ ସେହି ଗାଈ କ୍ଷୀରରେ ଅଧିକ ଫ୍ୟାଟ୍ ରହିଥାଏ, ତେଣୁ ସେହି ଗାଈ ପାଳନ କରିବାକୁ ଚାଷୀ ଜଣକ ନିଷ୍ପତ୍ତି ନେଇଥିଲେ । ଏହି ମିଶ୍ରିତ ପ୍ରଜାତିର ଗାଈମାନେ ଭାରତୀୟ ଜଳବାୟୁରେ ନିଜକୁ ଭଲ ଭାବରେ ଖାପ ଖୁଆଇ ପାରନ୍ତି ଏବଂ ସେମାନଙ୍କର କ୍ଷୀର ଉତ୍ପାଦନ କ୍ଷମତା ମଧ୍ୟ ଅଧିକ ହୋଇଥାଏ । ତେଣୁ ମାଲିକ ବି ଭଲ ୨ ପଇସା ଲାଭ କରିଥାଏ । କୁହାଯାଉଛି, ଏହି ଚାଷୀଙ୍କ ସଫଳତା ପଛରେ କେବଳ ଉନ୍ନତ ପ୍ରଜାତିର ଗାଈ ଚୟନ ନୁହେଁ ବରଂ ତାଙ୍କର କଠିନ ପରିଶ୍ରମ ଏବଂ ବୈଜ୍ଞାନିକ ପରିଚାଳନା ମଧ୍ୟ ରହିଛି । ସେ ଗାଈର ଖାଦ୍ୟପେୟ, ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ଉପରେ ବିଶେଷ ଧ୍ୟାନ ଦେଇଥାନ୍ତି । ଗାଈକୁ ସନ୍ତୁଳିତ ଆହାର ଯୋଗାଇବା ପାଇଁ ସେ ସବୁଜ ଘାସ, ଶୁଖିଲା ଚାରା ଏବଂ ପଶୁଖାଦ୍ୟର ବ୍ୟବହାର କରନ୍ତି । ଏହା ସହିତ ନିୟମିତ ଟୀକାକରଣ ଏବଂ ପଶୁ ଚିକିତ୍ସକଙ୍କ ପରାମର୍ଶ ଗ୍ରହଣ କରି ସେ ଗାଈକୁ ସୁସ୍ଥ ରଖିବାରେ ସକ୍ଷମ ହୋଇଛନ୍ତି ।ଦୈନିକ ୩୨ ଲିଟର କ୍ଷୀର ଉତ୍ପାଦନ କରିବା ଫଳରେ ଏହି ଚାଷୀ ଜଣକ ସ୍ଥାନୀୟ ଦୁଗ୍ଧ ସମବାୟ ସମିତିରେ କ୍ଷୀର ବିକ୍ରି କରି ଭଲ ଦୁଇପଇସା ରୋଜଗାର କରୁଛନ୍ତି। ତାଙ୍କର ଏହି ସଫଳତା ଅନ୍ୟ ଚାଷୀମାନଙ୍କୁ ମଧ୍ୟ ଉନ୍ନତ ପ୍ରଣାଳୀରେ ଗୋପାଳନ କରିବା ପାଇଁ ଉତ୍ସାହିତ କରୁଛି। ସ୍ଥାନୀୟ ଅଞ୍ଚଳର ଅନେକ ଲୋକ ଏବେ ତାଙ୍କଠାରୁ ପରାମର୍ଶ ନେଇ ନହ୍ୱିଜର ଚାଷ ବି ଆରମ୍ଭ କରିଛନ୍ତି ।



## ଭାଗ୍ୟଶାଳୀ ମହିଳା

*ଏହି ମହିଳାମାନଙ୍କ ପାଖରୁ କେବେ ଯାଆନ୍ତିନାହିଁ ମା' ଲକ୍ଷ୍ମୀ । ଆପଣମାନେ ମହାଲକ୍ଷ୍ମୀ କେଉଁ ନାରୀଙ୍କ ଶରୀରରେ ରହି ଥାଆନ୍ତି ଓ କେଉଁ ଘରେ ମା' ଲକ୍ଷ୍ମୀଙ୍କ ବାସ ରହି ଥାଏ ଆସନ୍ତୁ ଜାଣିବା.. ନାରୀ ସାଧାରଣତଃ ୪ ପ୍ରକାରରେ ବିଭକ୍ତ କରାଯାଇଛି ସେଗୁଡିକ ହେଲା ହସ୍ତିନୀ, ସଂଖିନୀ, ଚିତ୍ରଣୀ, ପଦ୍ମିନୀ ।*

■ ପଦ୍ମିନୀ ନାରୀଙ୍କ ପାଖରେ ମା' ମହାଲକ୍ଷ୍ମୀ ବାସ କରନ୍ତି। ପଦ୍ମିନୀ ନାରୀଙ୍କ ଶରୀରର ଗଠନ ଯାହାକି ମହା ଲକ୍ଷ୍ମୀ ପୁରାଣରେ ବର୍ଣ୍ଣିତ ଅଛି। ଯେଉଁ ଘରେ କଳି ଝଗଡ଼ା ହେଉନଥିବ ମନୋମାଳିନ୍ୟ ହେଉନଥିବ।

■ ଯେଉଁଠାରେ ପୂଜାପାଠ ସବୁ ହେଉଥିବ ସେଠାରୁ କେବେ ବି ଲକ୍ଷ୍ମୀ ଘର ଛାଡିଯିବେ ନାହିଁ।

■ ଗୁରୁଜନମାନଙ୍କୁ ଭକ୍ତି ଓ ଲଘୁଜନମାନଙ୍କୁ ଶ୍ରଦ୍ଧା ଓ ଉପଦେଶ ଗ୍ରହଣ କରେ ଓ ସ୍ୱାମୀର କଥାକୁ ଶୁଣେ ଓ ମାନେ ସେହି ନାରୀଙ୍କ ଶରୀରରେ ଲକ୍ଷ୍ମୀ ସବୁବେଳେ ବାସ କରନ୍ତି।

■ ନାରୀମାନେ ଭୂମି ଉପରେ ଜୋରରେ ଚାଲିବେ ନାହିଁ ପୁରା ଧୀରେ ଧୀରେ ମତ ଗଜ ଅର୍ଥାତ୍ ହସ୍ତୀ ପରି ଧୀରେ ଧୀରେ ଚାଲିଲେ ମା' ଲକ୍ଷ୍ମୀ ସେହି ନାରୀ ଉପରେ ସନ୍ତୁଷ୍ଟ ହୋଇଥାଆନ୍ତି।

■ ଅନ୍ୟ ପୁରୁଷକୁ ଦେଖିଲେ ନିଜ ପିତା ତୁଲ୍ୟ ଓ ପୁତ୍ର ମନେ କରୁଥିବ ଓ ପର ପୁରୁଷକୁ ଖରାପ ଦୃଷ୍ଟିରେ ଦେଖୁନଥିବ। ସେହିଭଳି ନାରୀଙ୍କ ଗୃହ ମା' ଲକ୍ଷ୍ମୀ କେବେ ହେଲେ ବି ଛାଡିନଥାଆନ୍ତି।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକରେ ରବିବାର ସକାଳୁ ସମସ୍ତ ବନ୍ୟାଞ୍ଚଳକୁ ଯାଇ କୁମ୍ଭୀର ଆକ୍ରମଣ ସମ୍ବନ୍ଧରେ ନଈ କୁଳିଆ ଲୋକମାନଙ୍କୁ ରାଜନଗର ବନଖଣ୍ଡ ପକ୍ଷରୁ ସଚେତନତା କରାଯାଇଥିଲା। ଖବରସୂତ୍ରରୁ ପ୍ରକାଶ ଯେ ରବିବାର ଆଳି ବ୍ଲକରେ ରାଜନଗର ବନଖଣ୍ଡ ରେଞ୍ଜର ଅଧିକାରୀ ଚିତ୍ତରଞ୍ଜନ ବେହୁରା ଓ ବନଖଣ୍ଡ ଅଧିକାରୀ ବିଜୟ ପାତ୍ରଙ୍କ ଅଧକ୍ଷତାରେ ଏକ ଟିମ ସହ ପହଞ୍ଚି ଥିଲେ। ଏହାପରେ ସେମାନେ ଆଳି ବନ୍ୟାଞ୍ଚଳ ପରିଦର୍ଶନ କରିବା ସହ ସମସ୍ତ ନଈକୁଳିଆ ଲୋକମାନଙ୍କୁ କୁମ୍ଭୀର ସମ୍ପର୍କରେ ସଚେତନ କରାଇଥିଲେ। ବର୍ଷା ଦିନେ କୁମ୍ଭୀର ମାନଙ୍କର ପ୍ରଜନନ ସମୟ ହୋଇଥିବାରୁ ସେମାନେ ଆହୁରି ହିଂସ୍ର ହୋଇପଡନ୍ତି। ରେଞ୍ଜର ବେହୁରିଆଙ୍କ କହିବା ଅନୁସାରେ ରାଜନଗର ଭିତରକନିକାସ୍ଥିତ କୁମ୍ଭୀର ଗବେଷଣା ଓ ପ୍ରଜନନ କେନ୍ଦ୍ରରେ ବନ୍ୟାଜଳ ପ୍ରବେଶ କରିବା ଫଳରେ ୪ ରୁ ୫ ଟି ବଉଳା କୁମ୍ଭୀର ଏହାର ସୀମାବର୍ତ୍ତୀ ଅଞ୍ଚଳରୁ ବାହାରି ଆସିଛନ୍ତି। ଏ ନେଇ ସେମାନେ ଆଳି, ରାଜକନିକା, ପଟ୍ଟାମୁଣ୍ଡାଇ ଓ ରାଜନଗର ଅଞ୍ଚଳରେ ସମସ୍ତ ନଦୀକୁଳିଆ ଲୋକ ତତ୍‌ସହିତ ସମସ୍ତ ବନ୍ୟାଞ୍ଚଳକୁ ଏକ ପ୍ରଚାର ଗାଡି ସହ ଯାଇଥିଲେ। ସେଠାରେ ସାଧାରଣ ଲୋକ ମାନଙ୍କୁ ସଚେତନ ପତ୍ର ମାଧ୍ୟମରେ ସଚେତନ କରିବା ସହ କୁମ୍ଭୀର ପ୍ରତି ସତର୍କ କରାଇଥିଲେ।

# ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କରର୍ସ ଆସୋସିଏସନ୍‌ର ବୈଠକ

କଲ୍ୟାଣସିଂହପୁର / ରାୟଗଡ଼ା: (ଭାସ୍କର ନ୍ୟୁଜ୍): ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡିଶା ଅଙ୍ଗନୱାଡ଼ି ଲେଡିଜ ୱାର୍କରର୍ସ ଆସୋସିଏସନ୍ କଲ୍ୟାଣସିଂହପୁର ବ୍ଲକର ଏକ ବୈଠକ ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାନେତ୍ରୀ ଜୟନ୍ତୀ ପଦ୍ମାଳୟା ସାହୁ ଏବଂ ସମ୍ପାଦିକା ଉଷା ରାଣୀ ଦାଶଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ମୂଖ୍ୟ ଅତିଥି ଭାବେ ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ ଯୋଗ ଦେଇ ସରକାରଙ୍କ ଯୋଜନାକୁ ସଫଳ କରିବାରେ ମୂଖ୍ୟ ଭୂମିକା ନେଉଥିବା ସହ ଶିଶୁ ମୃତ୍ୟୁହାର ମା ମୃତ୍ୟୁହାର କମାଇବାରେ ଏବଂ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଯୋଜନାକୁ ସଫଳ କରିବାରେ ମୂଖ୍ୟ ଭୂମିକା ନେଉଥିବା



ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକାମାନଙ୍କ ଦୀର୍ଘ ଦିନର ବିଭିନ୍ନ ଦାବିକୁ ନେଇ ଆଲୋଚନା କରାଯାଇ ନୂତନ ସରକାରଙ୍କ ଠାରେ ଦାବି କରିବା ପାଇଁ ନିଷ୍ପତ୍ତି ନେଇଥିଲେ ଏବଂ ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକା ମାନଙ୍କୁ ପାଇଁ ଥିବା ସମସ୍ତ ସୁବିଧା ଯୋଗାଇ ଦେବା ଉପରେ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବା ପାଇଁ ମଧ ଆଲୋଚନା କରାଯାଇ ଥିଲା। ଅଙ୍ଗନୱାଡ଼ି କର୍ମୀମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ଅବହେଳା ଏବଂ ଅଣଦେଖାକୁ ବିରୋଧ କରିବା ସହ ଆସନ୍ତା ଦିନରେ ସରକାର ଏବଂ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସମାଧାନ ନକରନ୍ତି ତା'ହେଲେ ଆସନ୍ତା ଦିନରେ ଭାରତୀୟ ମଜଦୁର ସଂଘ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହେବେ ବୋଲି ଶ୍ରମିକ ନେତା ଯୋଗେଶ୍ୱର ଦାସ ଚେତାବନୀ ଦେଇଛନ୍ତି। ଉକ୍ତ ବୈଠକରେ ବ୍ଲକର ନୂତନ କର୍ମକର୍ତ୍ତା ଚୟନ କରାଯାଇ ଥିଲା ନୂତନ କର୍ମକର୍ତ୍ତା ଭାବେ ସଭାନେତ୍ରୀ ହେମଲତା ମହାପାତ୍ର, ଉପ ସଭାନେତ୍ରୀ ମଣ୍ଡଳ ସାରି, ପବିତ୍ରା ରଞ୍ଜନି ପଣ୍ଡା, ସମ୍ପାଦିକା ବୃନ୍ଦାବତୀ ବେହେରା, ସହ ସମ୍ପାଦିକା ମଞ୍ଜୁ ଲତା ମହାପାତ୍ର, ସଂଗଠନ ସମ୍ପାଦିକା ଏ ମାଧୁରୀ, କୋଷାଧକ୍ଷ ଭାବେ ପଦ୍ମାବତୀ ନାୟକଙ୍କୁ ଚୟନ କରାଯାଇ ଥିଲା। ଉକ୍ତ କାର୍ଯ୍ୟକ୍ରମକୁ ରୀତା ରଞ୍ଜନି ପଣ୍ଡା, ମଞ୍ଜୁଳା ଉଲାକା, ଲିସା କର୍ସିକା, ପରିଚାଳନା କରିଥିଲେ। ଉକ୍ତ ବୈଠକରେ ବ୍ଲକର ସମସ୍ତ ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକା ମାନେ ଯୋଗ ଦେଇଥିଲେ।

# ଶହୀଦ ତାପସ ମଲ୍ଲିକଙ୍କ ବଳିଦାନ ଦିବସ ପାଳିତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅନ୍ତର୍ଗତ ଅଚକ ପଞ୍ଚାୟତ ଉତ୍ତରବାହା ଗ୍ରାମରେ ଶହୀଦ ତାପସ ମଲ୍ଲିକଙ୍କ ଜନ୍ମ। ସେ ୨୦୦୫ ମସିହାରେ ଆତଙ୍କବାଦୀଙ୍କ ସହ ଲଢୁଥିବା ସମୟରେ ଦେଶ ମାତୃକା ପାଇଁ ଶହୀଦ ହୋଇଥିଲେ। ତାଙ୍କର ଶହୀଦ ଦିବସ ତିହିଡ଼ିର ଅଗ୍ରଣୀ ସାମାଜିକ ସଂଗଠନ ତିହିଡ଼ି ଯୁବମଞ୍ଚ ତରଫରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ପାଳିତ ହୋଇଯାଇଛି। ୨୦ତମ ଶହୀଦ ଦିବସରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିଚାରଣ କରାଯାଇଥିଲା। ଶହୀଦ ତାପସ ମଲ୍ଲିକଙ୍କ ସାହାସିକତା ଏବଂ ବଳିଦାନ ଯୁବପୀଢ଼ିଙ୍କ ପାଇଁ ଏକ ପ୍ରେରଣା। ଉକ୍ତ କାର୍ଯ୍ୟକ୍ରମରେ ଶହୀଦଙ୍କ ପିତା ଅକ୍ଷୟ ମଲ୍ଲିକ, ସଙ୍ଗଠନର ସଭାପତି କୈଳାସ ବେହେରା, ସମ୍ପାଦକ ନିରଞ୍ଜନ ବାରିକ, ସଂଯୋଜକ ଆଇନଜୀବି ନୀଳମାଧବ ସେନାପତି, ସମାଜସେବୀ ମନୋଜ ସେନାପତି, କୋଷାଧକ୍ଷ ସାକିରୁଦ୍ଦିନ ଖାଁ, ସୌମ୍ୟ ଗୋପାଳ ନାୟକ, ସୟଦ ରଫିକ ଏବଂ ଗ୍ରାମବାସୀମାନେ ଉପସ୍ଥିତ ଥିଲେ।

# ପିକ୍‌ଅପ୍ ଭ୍ୟାନ ଓଲଟି ଗୋରୁ ମୃତ

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଚାନ୍ଦୁଆ ଥାନା ଅନ୍ତର୍ଗତ ମସିଣା କାଟି ଠାରେ ବିଳମ୍ବିତ ରାତ୍ରିରେ ବାରିପଦା ପଟୁ ପଶ୍ଚିମବଙ୍ଗ ଆଡକୁ ଯାଉଥିବା ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରେଇ ମସିଣା କାଟି ଠାରେ ଓଲଟି ପଡିଥିଲା। ଏହି ପିକ୍‌ଅପ୍ ଗାଡିରେ ଦଶ ପାଖାପାଖି ଗୋରୁଥିବା ଅନୁମାନ କରାଯାଉଥିଲା। କିନ୍ତୁ ରାତି ମଧ୍ୟରେ ସମସ୍ତ ଗୋରୁସେଠାରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଖବର ପାଇ ଘଟଣାସ୍ଥଳରେ ସକାଳୁ ଚାନ୍ଦୁଆ ଥାନା ଓ ଜମ୍ବିରା ଫାଣ୍ଡି ପୋଲିସ କର୍ମଚାରୀ ପହଞ୍ଚିଥିଲେ। ମୃତ ଗୋରୁ ଓ ପିକ୍‌ଅପ୍ ଗାଡିକୁ ଜମ୍ବିରା ଫାଣ୍ଡିକୁ ଅଣାଯାଇଥିଲା। ଏବାବଦରେ



ଏକ ମାମଲା ରୁଜୁ କରାଯାଇଛି ଓ ଡ୍ରାଇଭରକୁ ଥାନାରେ ଅଟକ ରଖାଯାଇଛି।

# ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

କଣାସ, (ଭାସ୍କର ନ୍ୟୁଜ୍): କଣାସ ବ୍ଲକ ନୂଆଗାଁ ଗ୍ରାମର ଅନିଲ କୁମାର ରାଉତରାୟ ୩୭ ବର୍ଷ ଟ୍ରାକ୍ଟର ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ବେଳେ ଟ୍ରାକ୍ଟରଟି ରବିବାର ଦିନ ୧୦ଟା ସମୟରେ ଓଲଟି ପଡିବାରୁ ଅନିଲଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡିଛି। ଖବର ନେବାରେ ଜଣାପଡିଛି ଅନିଲ ପାଣିଟ୍ୟାଙ୍କର ବୋଝେଇ ଟ୍ରାକ୍ଟରକୁ ବକୁଠାରୁ ନୂଆଗାଁ ଗ୍ରାମକୁ ନେଉଥିବା ସମୟରେ ପାହିଲୁଣ୍ଡି ନିକଟରେ ଟ୍ରାକ୍ଟରଟି ଓଲଟିପଡି ଥିଲା। ସେଠାରେ ଅନିଲ ଗୁରୁତ୍ୱର ଭାବେ ଆହାତ ହୋଇଥିବାରୁ ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇ ଥିଲା। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅନିଲର ମୃତ୍ୟୁ ହୋଇଯାଇଥିବା ଘୋଷଣା କରିଥିଲେ। ଖବର



ପାଇ ଗଡିଶାଗୋଦା ଥାନା ଅଧିକାରୀ ସୁଧିର ଦାସ ଗଡିଶାଗୋଦା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ଖବର ଲେଖା ହେବା ସୁଧା ଅନିଲଙ୍କ ଶବ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପଡିରହିଥିବା ଜଣାପଡିଛି।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଜନ୍ମଦିବସ ପାଳିତ



ବେତନଟୀ, (ଭାସ୍କର ନ୍ୟୁଜ): ଉତ୍କଳ ଶିକ୍ଷା ପରିଷଦ ମାର୍ଗଦର୍ଶନରେ ବାଣୀପୀଠ ଦ୍ୱାରା ପରିଚାଳିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୬ ତମ ଜନ୍ମଦିବସ ମହାସମାରୋହରେ ବିବେକାନନ୍ଦ ବିହାରସ୍ଥିତ ବାଣୀଭବନ ଠାରେ ଅନୁଷ୍ଠିତ ହୋଇଥିଲା। ସକାଳେ ବାଣୀ ମନ୍ଦିରରେ ପୂଜା ଅର୍ଚ୍ଚନା ହେବାପରେ ଶୁଭଜିତ୍ ଶୁଭଙ୍କର ରାଉତ ଓ ସୁମନ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ୨୬ଟି ବୃକ୍ଷ ରୋପଣ କରାଯାଇଥିଲା। ପରେ ପରେ କାର୍ଯ୍ୟକ୍ରମ ମା'ନିଶାମଣି ରାଉତଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଅବସର ପ୍ରାପ୍ତ ଶିକ୍ଷକ ଚନ୍ଦ୍ରଶେଖର ମହାନ୍ତି ସଭାପତିତ୍ୱ କରିଥିଲେଫ ମୁଖ୍ୟ ଅତିଥି ଭାବେ ବଡ଼ସାହି ଲୋକପ୍ରିୟ ବିଧାୟକ ମାନ୍ୟବର ସନାତନ ବିଜୁଳି ଯୋଗଦାନ କରି ଏକନିଷ୍ଠ ସାଧନା ସଫଳତାର ଚାବିକାଠି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ଶିକ୍ଷା ପରିଷଦର ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ଦାଶ, ସ୍ୱତନ୍ତ୍ର ଅତିଥି ଭାବେ ଗୌରାଙ୍ଗ ମଠ, ପୁରୀର ବାବାଜୀ ସନତ୍ ସୁଜାତାନନ୍ଦ ଦାସ, ଆଦରଣୀୟ ଅତିଥି ଭାବେ ରାମ୍ବା ଏସ୍.ସି.ବି ଡିଗ୍ରୀ କଲେଜର ଅଧକ୍ଷା ଡ଼କ୍ଟର ଅସୀମା ସାହୁ, ସ୍ୱତନ୍ତ୍ରବକ୍ତା ଭାବେ ଅବସର ପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଶେଖର ଦାସ, ଆଦରଣୀୟ ଅତିଥି ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା ଓ ଅବସରପ୍ରାପ୍ତ ଶିକ୍ଷକ ରଣଜିତ୍ କୁମାର ଦାସ ଓ ସମ୍ମାନୀତ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ତଥା ବରିଷ୍ଠ ସଂଗୀତଜ୍ଞ ଶଚୀନ୍ଦ୍ର କୁମାର ବିଶ୍ୱାଳ ଓ ବଡ଼ସାହି ବ୍ଲକ ବିଧାୟକ ପ୍ରତିନିଧି ଭବାନୀ ଶଙ୍କର ସାହୁ ଯୋଗଦାନ କରି ଉନ୍ନତ ରାଷ୍ଟ୍ର ଗଠନରେ ଗୁରୁଜୀ ଗୁରୁମାଙ୍କ ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାଦେଶିକ ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ପଞ୍ଚଜଣ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ଅଧକ୍ଷ ଡ଼କ୍ଟର କୁମାର ବାବୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଞ୍ଚାଳିତ ହୋଇଥିବା ବେଳେ ସମ୍ପାଦିକା ତଥା ପ୍ରଧାନ ଆଚାର୍ଯ୍ୟପୁହାଣ ସୂର୍ଯ୍ୟକାନ୍ତି ରାଉତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବଙ୍କିମ୍ ଚନ୍ଦ୍ର ବାରିକ ଓ ଲଳିତ କୁମାର ମହାନ୍ତି ମଞ୍ଚ ସଂଚାଳନ କରିଥିଲେ।

# ସାର ବିକ୍ରୟ କେନ୍ଦ୍ରରେ ପ୍ରଶାସନର ଚଢ଼ାଉ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକର ଏକ ସାର ବିକ୍ରୟ କେନ୍ଦ୍ରରେ ପ୍ରଶାସନ ପକ୍ଷରୁ ଶନିବାର ସନ୍ଧ୍ୟାରେ ଅଚାନକ ଚଢ଼ାଉ କରାଯାଇଛି। ସାର ବିକ୍ରୟ କେନ୍ଦ୍ରରେ ଅଧିକ ଦରରେ ସାର ବିକ୍ରୟ କରୁଥିବା ଓ ନକଲି ସାର ବିକ୍ରି କରାଯାଉ ଥିବା ଅଭିଯୋଗ ହେବା ପରେ ପ୍ରଶାସନ ପକ୍ଷରୁ ଅତିରିକ୍ତ ତହସିଲ ଦାର ନମିତା



ଧଳ ଓ ବ୍ଲକ କୃଷି ଅଧିକାରୀ ଅମର ପ୍ରସାଦ ସାହୁ ସାର ଦୋକାନରେ ପହଞ୍ଚି ସମସ୍ତ କାଗଜପତ୍ର ଓ ଷ୍ଟକ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ଅଭିଯୋଗର ସେମିତି କିଛି ସତ୍ୟତା ମିଳିନଥିଲା ବୋଲି ଜଣାପଡ଼ିଛି। ଖରିଫ୍ ଋତୁରେ ଧାନ ଚାଷ ପାଇଁ ଚାଷୀମାନେ ରାସାୟନିକ ସାର ବ୍ୟବହାର କରି ଆସୁଛନ୍ତି। ମାତ୍ର କେନ୍ଦ୍ର ସରକାରଙ୍କ ପକ୍ଷରୁ କେତେକ ସାର ଉତ୍ପାଦନ କମ୍ପାନୀ ନାନୋ ନାମକ ଏକ ତରଳ ସାର ଉତ୍ପାଦନ କରିଛନ୍ତି। ଏହି ନାନୋ ସାରରେ ଡିଏପି ଓ ୟୁରିଆ ମଧ୍ୟ ରହିଛି। ରାସାୟନିକ ସାର ସହିତ ନାନୋ ସାରକୁ ଧାନରେ ସ୍ପ୍ରେ କଲେ ଚାଷୀମାନଙ୍କୁ ଅଧିକ ସୁଫଳ ମିଳି ପାରିବ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଉଛି। ମାତ୍ର ଚାଷୀମାନେ ନାନୋ ସାରର ବ୍ୟବହାର କରି ନଥିବାରୁ ସେମାନେ ଏହାର ଲାଭ ଜାଣି ପାରୁ ନାହାନ୍ତି। ପ୍ରତି ସାର ବିକ୍ରୟ କେନ୍ଦ୍ରରେ ଏହି ନାନୋ ସାର ଉପଲବ୍ଧ ହେଉଛି। ପ୍ରତି ୫ବସ୍ତା ଡିଏପି ସାର ସହିତ ୫୦୦ମିଲି. ନାନୋ ଡିଏପି ଓ ୪ବସ୍ତା ୟୁରିଆ ସାହିତ ୫୦୦ ମିଲି. ନାନୋ ୟୁରିଆ ନେବା ବାଧ୍ୟତାମୂଳକ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ନାନୋ ଡିଏପି ୫୦୦ ମିଲି.ର ମୂଲ୍ୟ ୬୦୦ଟଙ୍କା ହୋଇଥିବା ବେଳେ ନାନୋ ୟୁରିଆ ୫୦୦ମିଲିର ମୂଲ୍ୟ ୨୨୫ଟଙ୍କା ରଖାଯାଇଛି। ଏହି ନାନୋ ସାରକୁ ସର ବିକ୍ରୟ କେନ୍ଦ୍ର ସହିତ ପରାମର୍ଶ କରି ବ୍ୟବହାର କଲେ ଚାଷୀମାନଙ୍କୁ ନିଶ୍ଚିତ ସୁଫଳ ମଳିବ ବୋଲି ଜଣାଯାଇଛି। ନାନୋ ସାରକୁ ଚାଷୀମାନେ କ୍ରୟ କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଯାହାଫଳରେ ସାର ବିକ୍ରୟକେନ୍ଦ୍ରରେ ନାନୋ ସାର ବିକ୍ରି ନହୋଇ ପଡ଼ି ରହୁଛି। ସାର ବିକ୍ରେତା ନାନୋ ସାରର କ୍ଷତିକୁ ଭରଣା କରିବା ପାଇଁ ରାସାୟନିକ ସାରକୁ ଅଧିକ ମୂଲ୍ୟରେ ବିକିବାକୁ ବାଧ ହେଉଛି। ତେବେ ନାନୋ ସାରର ଉପଯୋଗିତା ଉପରେ ସରକାରଙ୍କ ପକ୍ଷରୁ ସାର କମ୍ପାନୀ ଅଧିକ ଚାଷୀମାନଙ୍କୁ ସଚେତନ କରାଇଲେ ନାନୋ ସାର ବିକ୍ରି ହାର ବୃଦ୍ଧି ପାଇବ ବୋଲି ଚାଷୀମାନଙ୍କ ମହଲରେ ମତ ପ୍ରକାଶ ପାଇଛି।

# ଆଶୁତୋଷ ସାରଙ୍କ ଏକାଦଶାହରେ ସ୍ମୃତି ସଭା



ନିଆଳି, (ଭାସ୍କର ନ୍ୟୁଜ୍): ଏରଞ୍ଚ ଗ୍ରାମର ଜଣେ ଉଚ୍ଚ କୋଟିର ଆଦର୍ଶ ବିଜ୍ଞାନ ଶିକ୍ଷକ ସ୍ୱର୍ଗତ ଆଶୁତୋଷ କାନୁନଗୋ ଯିଏ ୨୮ ବର୍ଷ ଧରି କୁଳଶ୍ରୀ ଓ ଅଳ ତଳଙ୍ଗ ସ୍ଥିତ ଦଧି ବାମନ ଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ ତାଙ୍କର ଏକାଦଶହ ସ୍ମୃତି ଚାରଣ ସଭାରେ ନିଆଳିର ପୂର୍ବତନ ବିଧାୟକ ପ୍ରଫେସର ଡାକ୍ତର ପ୍ରମୋଦ କୁମାର ମଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନିଆଳୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା, ଜିଲ୍ଲାପରିଷଦ ସଭ୍ୟା ସୌଦାମିନୀ ମହାପାତ୍ର, ଶିକ୍ଷାବିତ ରାମଚନ୍ଦ୍ର ପଣ୍ଡା, ପୁରାତନ ଛାତ୍ର ମୁରଲୀଧର ମିଶ୍ର ଓ ଉମାକାନ୍ତ ସାହୁଙ୍କ ସମେତ ବହୁ ପୁରାତନ ଛାତ୍ର ଓ ବହୁ ବିଜ୍ଞ ବ୍ୟକ୍ତି ଯୋଗ ଦେଇ ସ୍ମୃତି ଚାରଣ କରିବା ସହ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରିଥିଲେ। ତାଙ୍କର ତିନି ଜ୍ୱାଇଁ ଓ ପୁତ୍ର ଡାକ୍ତର ସତ୍ୟନାରାୟଣ କାନୁନଗୋ ମଧ୍ୟ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଶିଷ୍ଟ ଶିକ୍ଷାବିତ ବିଶ୍ୱନାଥ ଷଡ଼ଙ୍ଗୀ, ସଂଗ୍ରାମ କେଶରୀ ରାଉତରାୟ ଜ୍ୱାଇଁ ଡା. ଚିନ୍ମୟ ଦାସ ଓ ସାରଙ୍କ ଏକ ମାତ୍ର ପୁତ୍ର ସତ୍ୟନାରାୟଣ କାନୁନଗୋ ସ୍ମୃତି ସଭାଟିକୁ ପରିଚାଳନା କରିଥିଲେ। ଯେଉଁ ସ୍କୁଲକୁ ପ୍ରଫେସର ମଲ୍ଲିକ ତିଆରି କରି ଦୁଇ ବର୍ଷ ପ୍ରଧାନ ଶିକ୍ଷକ ଥିଲେ ସେହି ସ୍କୁଲରେ ଆଶୁତୋଷ କାନୁନଗୋ ବିଜ୍ଞାନ ଓ ଗଣିତ ଶିକ୍ଷକ ଥିଲେ। ସେ ୧୯୫୪ ମସିହାରେ ଲକ୍ଷ୍ମୀନୃସିଂହ ଉଚ୍ଚ ବିଦ୍ୟାଳୟ ଏରଞ୍ଚରୁ ପ୍ରଥମ ଦଶଜଣକ ମଧ୍ୟରୁ ୫ମ ସ୍ଥାନରେ ଏକାଦଶ ଶ୍ରେଣୀରୁ ଉର୍ତ୍ତିନ ହୋଇଥିଲେ।

# ବିପୁଳ ପରିମାଣର ଗଞ୍ଜେଇ ଜବତ, ଆସାମି ଫେରାର

କନ୍ଧମାଳ, (ଭାସ୍କର ନ୍ୟୁଜ୍): କନ୍ଧମାଳ ଥାନା ବରଗାଁ ପଞ୍ଚାୟତ ଅନ୍ତର୍ଗତ ବୁଢ଼ୀମାଲ ଗ୍ରାମ ନିକଟ ଜଙ୍ଗଲରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ଅଧିକାରୀ ସତ୍ୟନାରାୟଣ ପ୍ରଧାନଙ୍କ ନେତୃତ୍ୱରେ କନ୍ଧମାଳ ଅବକାରୀ ବିଭାଗର ଏକ ଟିମ ଚଢ଼ାଉ କରିଥିଲେ। ଅବକାରୀ କର୍ମଚାରୀଙ୍କୁ ଦେଖି ମାଫିଆ ମାନେ ଘଟଣାସ୍ଥଳରୁ ଫେରାର ମାରିଥିବାବେଳେ ଅବକାରୀ



କର୍ମଚାରୀ ୧ କ୍ୱିଣ୍ଟାଲ ୩୨ କେଜି ଗଞ୍ଜେଇ ଜବତ କରିଥିଲେ। ଏ ନେଇ କନ୍ଧମାଳ ଅବକାରୀ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଥିବା ବେଳେ ଜବତ ଗଞ୍ଜେଇକୁ କନ୍ଧମାଳ କୋର୍ଟରେ ପ୍ରଦର୍ଶନ କରାଯାଇ ଥିବା ଅବକାରି ଅଧିକାରୀ ସତ୍ୟନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି।

# ପ୍ରେସର ଆଇଇଡିର ଶିକାରରେ ନାବାଳକ ଗୁରୁତର



ମାଲକାନଗିରି, (ଭାସ୍କର ନ୍ୟୁଜ୍): ଭୋପାଳପାଟନମ୍ ଥାନା ଅନ୍ତର୍ଗତ କୋଣ୍ଡାପାଡାଗୁରେ ମାଓବାଦୀଙ୍କ ଦ୍ୱାରା ଲଗାଯାଇଥିବା ଏକ ପ୍ରେସର୍ ଆଇଇଡି ବିସ୍ଫୋରଣରେ ଜଣେ ନାବାଳକ ଗୁରୁତର ଆହତ ହୋଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, କୋଣ୍ଡାପାଡାଗୁ ନିବାସୀ ଫକିରଙ୍କ ପୁଅ କୃଷ୍ଣ ଗୋଟା, ବୟସ ୧୬ ବର୍ଷ, ଶନିବାର ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଜଙ୍ଗଲକୁ ଗାଈ ଚରାଇବାକୁ ଯାଇଥିଲେ। ଏହି ସମୟରେ, ସେ ମାଓବାଦୀଙ୍କ ଦ୍ୱାରା ପୂର୍ବରୁ ଲଗାଯାଇଥିବା ଏକ ପ୍ରେସର ଆଇଇଡିର ଶିକାର ହୋଇଥିଲେ। ବିସ୍ଫୋରଣ ଯୋଗୁଁ କୃଷ୍ଣଙ୍କ ଗୋଡ ଏବଂ ମୁହଁରେ ଗୁରୁତର ଆଘାତ ଲାଗିଛି। ଘଟଣା ପରେ, ଆହତଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଜିଲ୍ଲା ହସ୍ପିଟାଲ ବିଜାପୁରରେ ଭର୍ତ୍ତି କରାଯାଇଥିଲା, ଯେଉଁଠାରେ ତାଙ୍କର ଚିକିତ୍ସା ଚାଲିଛି।

# କେନ୍ଦ୍ରାପଡ଼ାରେ ଶିବାନନ୍ଦଙ୍କ ପୁଣ୍ୟତିଥି ପାଳିତ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମରେ ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କର ୬୨ତମ ପୂଣ୍ୟତିଥି ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ପ୍ରାତଃ ନଗର ସଙ୍କୀର୍ତ୍ତନ ଏବଂ ଶ୍ରୀ ଦିବ୍ୟ ବଳଦେବଜୀଉ ଓ ଶ୍ରୀଦିବ୍ୟେଶ୍ୱର ମହାଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ପରେ ଆଶ୍ରମର ପରାମାଧକ୍ଷା ଶ୍ରୀ'ମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଶ୍ରଦ୍ଧାଳୁମାନଙ୍କ ଗହଣରେ ଗୁରୁଦେବଙ୍କର ପାଦପୂଜା କରିଥିଲେ। ଏହାପରେ ବିଶ୍ୱବନ୍ଦ୍ୟ ସନ୍ଥ ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କର ଦର୍ଶନତତ୍ତ୍ୱ ତଥା ମାନବ ସମାଜକୁ ତାଙ୍କର ଦିଗଦର୍ଶନ ଆଧାରିତ



ଆଲୋଚନାଚକ୍ର ଶ୍ରୀ'ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଆଶ୍ରମର ସମ୍ପାଦକ ଶରତ ଚନ୍ଦ୍ର ପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶ୍ରୀ'ମା ଶ୍ରଦ୍ଧାଳୁମାନଙ୍କୁ ଉପଦେଶ ଦେଇ ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଆଦର୍ଶ ଜୀବନ ଶୈଳି ତଥା ଉପଦେଶାବଳୀକୁ ପାଥେୟ କରି କାର୍ଯ୍ୟ କଲେ ଧ୍ୱଂସାଭିମୁଖୀ ମାନବ ସମାଜର ଗତିପଥ ପରିବର୍ତ୍ତନ ସମ୍ଭବ ହୋଇପାରିବ ବୋଲି କହିଥିଲେ। ଆଶ୍ରମର ସହସମ୍ପାଦକ ଶରତ ଚନ୍ଦ୍ର ବରାଳ ଗୁରୁବାଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ସୁରେନ୍ଦ୍ର ନାଥ ଆଚାର୍ଯ୍ୟ, ଶ୍ରୀଧର ରାଉତ, ଶ୍ରୀଧର ମହାନ୍ତି, ଅର୍ଚ୍ଚନା ଗୋଏଙ୍କା ପ୍ରମୁଖ ଶିବାନନ୍ଦ ଦର୍ଶନ ତତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଗରାପୁର,କପାଳେଶ୍ୱର, ଆଳିଜଙ୍ଗା ଓ ଚାରିଗାଁ ଗ୍ରାମର ଶତାଧିକ ଶ୍ରଦ୍ଧାଳୁମାନଙ୍କ ସମେତ ପ୍ରମୋଦ କୁମାର ଦାସ, ମନମୋହନ କବି, ଶ୍ରୀବତ୍ସ କୁମାର ନାୟକ, ଶିବାନନ୍ଦ ବିଦ୍ୟାମନ୍ଦିରର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ଶ୍ର'ମା ସମସ୍ତଙ୍କୁ ପ୍ରସାଦ ଓ ଆଧ୍ୟାତ୍ମିକ ପୁସ୍ତକ ପ୍ରଦାନ କରିଥିଲେ। ବ୍ରହ୍ମଚାରୀ ନୃସିଂହ ନାଥଙ୍କ ପରିଚାଳନାରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିଲା।

# ନଈରେ ବୁଡ଼ି ବୃଦ୍ଧ ମୃତ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲାର ତିହିଡି ଥାନା କାଁପଡ଼ା ପଞ୍ଚାୟତ ଅଧୀନ କାଁପଡ଼ାବିନ୍ଧା ଗ୍ରାମର ସନାତନ ମଳିକ (୭୦) ନାମକ ଜଣେ ବୃଦ୍ଧ ରବିବାର ନଈରେ ବୁଡ଼ି ମୃତ୍ୟୁବରଣ କରିଥିବା ଜଣାଯାଇଛି। ସନାତନ ସକାଳ ୮ଟା ସମୟରେ ଶୌଚ ହେବା ପାଇଁ ସାଳନ୍ଦୀର ଶାଖା ନଦୀ ତିମିଡ଼ି ନଈକୁ ଯାଇଥିଲେ। ସନାତନ ୧୦ଟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜା ଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ମିଳିନଥିଲା। ଗ୍ରାମବାସୀ ଦିନ ୧ଟା ସମୟରେ ସନାତନ ନଦୀରେ ଭାସୁଥିବାର ଦେଖି ତାଙ୍କ ପରିବାରକୁ ଖବର ଦେଇଥିଲେ। ପରିବାର ଲୋକ ଘଟଣାସ୍ଥଳକୁ ଯାଇ ନଦୀରୁ ସନାତନଙ୍କୁ ପାଣିରୁ ଉଦ୍ଧାର କରି ତିହିଡ଼ି ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାଯାଇଛି।

# ଲେଖିକା ସଂସଦର ନିର୍ବାଚନ ଅନୁଷ୍ଠିତ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ରବିବାର ଅପରାହ୍ନ ୪ଟା ସମୟରେ କେନ୍ଦୁଝର ଜିଲ୍ଲା ଲେଖିକା ସଂସଦର ନିର୍ବାଚନ ମିଳନୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସମସ୍ତ ଭଉଣୀମାନଙ୍କ ମତାମତ ଅନୁସାରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସର୍ବସମ୍ମତି କ୍ରମେ ମମତାରାଣୀ ଦାସ ସଭାପତି, ଇନ୍ଦୁମତୀ ପାତ୍ର ସମ୍ପାଦିକା, ଉପ ସଭାପତି ବିଜୟଲକ୍ଷ୍ମୀ ମହାନ୍ତି, ସହ ସମ୍ପାଦିକା ଶୋଭନା ଜେନା, ସାଂସ୍କୃତିକ ସମ୍ପାଦିକା ଲିପିକା ପଟ୍ଟନାୟକ, କୋଷାଧକ୍ଷ ସନ୍ତୋଷିନୀ ଗିରି, ମନୋନୀତ ହୋଇଛନ୍ତି। ଉପଦେଷ୍ଟା ଭାବରେ ରୂପଶ୍ରୀ ଗନ୍ତାୟତ, ବୀଣାପାଣି ଜେନା ଏବଂ ରିତାଞ୍ଜଳୀ ସାହୁ ମନୋନୀତ ହୋଇଥିବା ବେଳେ କାର୍ଯ୍ୟକାରିଣୀ ସଦସ୍ୟା ଭାବେ ମନ୍ଦାକିନୀ କର, ଜ୍ୟୋତ୍ସ୍ନା ପାଢ଼ୀ, ଗୀତାଞ୍ଜଳି ପାତ୍ର, ଆର୍ଯ୍ୟ ବାଳା ମହାପାତ୍ର, ରତ୍ନ ମଞ୍ଜରୀ ରାଉତ, ବିଷ୍ଣୁ ପ୍ରିୟା ମିଶ୍ର, ଭାବିପ୍ରିୟା ସାହୁ, ପୁଷ୍ପାଞ୍ଜଳି ଆଚାର୍ଯ୍ୟ ଏବଂ କ୍ରିଷ୍ଣା ରାୟ ମନୋନୀତ ହୋଇଛନ୍ତି। ପରେ ପରେ ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ଅନୁଷ୍ଠାନର ସଦସ୍ୟାମାନେ ବଧେଇ ଜଣାଇଥିଲେ।

# ସରକାରଙ୍କ ବିକାଶ ଉପରେ ସାମ୍ବାଦିକ ସମ୍ମିଳନୀ

ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗର ବ୍ଲକର ତିନିଟି ଉଚ୍ଚବିଦ୍ୟାଳୟ ରେ ଯୁକ୍ତ ଦୁଇ ପାଠ୍ୟକ୍ରମ ଖୋଲାଯିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଅଞ୍ଚଳବାସୀ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହା ଫଳରେ ସ୍ଥାନୀୟ ଅଞ୍ଚଳରେ ଶିକ୍ଷାର ବିକାଶ ହେବ ବୋଲି କୁହାଯାଇଛି। ସୋହଡ଼ା ପଞ୍ଚାୟତର ବାଲିପଡ଼ାରେ ଥିବା ବୈତରଣୀ ହାଇସ୍କୁଲ ଓ ଆନନ୍ଦପୁର ପଞ୍ଚାୟତର ଜଗନ୍ନାଥ ନୋଡାଲ ହାଇସ୍କୁଲ ଓ ନାରାୟଣପୁର ସ୍ଥିତ ଇନ୍ଦ୍ରଗୋବିନ୍ଦ ହାଇସ୍କୁଲକୁ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ରୂପାନ୍ତରଣ କରାଯାଇଛି। ଏଥିଲାଗି ଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ମୁକୁନ୍ଦଦେବ ମଣ୍ଡଳ ବିଜେପି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ମଣ୍ଡଳ ସଭାପତି ପ୍ରମୋଦ ସୂତାରଙ୍କ ସଭାପତିତ୍ୱରେ ସାଂସଦ ପ୍ରତିନିଧି ମନୋଜ କୁମାର



ମଲ୍ଲିକ, ପୂର୍ବତନ ସରପଞ୍ଚ ବିଜୟ କୁମାର ଦାଶ, ବରିଷ୍ଠ ବିଜେପି ନେତା ଅରବିନ୍ଦ ପତି, ପୂର୍ବତନ ସମିତିସଭ୍ୟ ରମେଶ ପତି, ପରିଚାଳନା କମିଟି ସଭାପତି ଶ୍ରୀକାନ୍ତ ମିଶ୍ର, ଧାମନଗର ଏନଏସି ମନ୍ତ୍ରୀଙ୍କ ପ୍ରତିନିଧି କୈଳାଶ ମହାପାତ୍ର ପ୍ରମୁଖ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗ ୨୪ ବର୍ଷର ସରକାର ସମୟର ବିଫଳତାକୁ ବଖାଣି ଥିବା ବେଳେ ୧ବର୍ଷର ବିଜେପି ସରକାରଙ୍କ ସଫଳତା ସହିତ ଧାମନଗର ନିର୍ବାଚନ ମଣ୍ଡଳୀର ବିକାଶ, ନଦୀବନ୍ଧ ବାଡର ଉନ୍ନତୀକରଣ, ବିଭିନ୍ନ ଶିକ୍ଷାନୁଷ୍ଠାନର ଉନ୍ନତି ସହିତ ଧାମନଗର ବ୍ଲକରେ ତିନିଟି ହାଇସ୍କୁଲକୁ ଯୁକ୍ତ ୨ରେ ମାନ୍ୟତା ନେଇ ଧାମନଗର ବିକାଶ ଆହୁରି ଆଗକୁ ଗଲା ବୋଲି କହିଥିଲେ। ଧାମନଗରର ବିକାଶ ପାଇଁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ମିଷ୍ଟାନ ବଣ୍ଟନ ସହ ବାଣ ରୋସନି କରାଯାଇ ଦଳ ପକ୍ଷରୁ ସ୍ୱାଗତ କରାଯାଇ ଥିଲା।

# ଆଦର୍ଶ ଶିକ୍ଷକ ରାମକୃଷ୍ଣ ସାହୁଙ୍କ ପରଲୋକ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ (୨୫ ବର୍ଷରୁ) ଊର୍ଦ୍ଧ୍ୱକାଳ ଶିକ୍ଷକତା କରି ଏଠାରୁ ୨୦୦୫ ମସିହାରେ ଅବସର ଗ୍ରହଣ କରିଥିବା ଆଦର୍ଶ ଶିକ୍ଷକ ରାମକୃଷ୍ଣ ସାହୁ ବୁଧବାର ଦିନ ପରଲୋକ ଗମନ କରିଛନ୍ତି। ସେ ୭୮ ବର୍ଷ ବୟସରେ ହୃଦଘାତରେ ରଣପୁରସ୍ଥିତ ନିଜ ବାସଭବନରେ ଦେହତ୍ୟାଗ କରି ଥିଲେ। ବାମନ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଓ ଗଣିତ ଶିକ୍ଷକଭାବେ ତାଙ୍କର ଶିକ୍ଷାଦାନ ଉଚ୍ଚକୋଟୀର ଥିବା ବେଳେ ସ୍ଥାନୀୟ ଅଞ୍ଚଳର ଶତାଧିକ ଛାତ୍ର ରାଜ୍ୟ ତଥା ଦେଶ ବିଦେଶରେ ନିଯୁକ୍ତି ପାଇ ସୁନାମ ଅର୍ଜନ କରିବା ସହ ବୋଲଗଡ଼ର ଗୌରବ ବୃଦ୍ଧି କରିଛନ୍ତି। ତାଙ୍କର ମୃତ୍ୟୁ ଖବର ପାଇବା ପରେ ଛାତ୍ର, ସହକର୍ମୀ ଶିକ୍ଷକ ଓ ଅଞ୍ଚଳବାସୀମାନେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ବିଦ୍ୟାଳୟ ପାଠପଢା ସହ ବ୍ୟକ୍ତିଗତ ଭାବେ ବିଦ୍ୟାର୍ଥୀ ମାନଙ୍କ ବିଜ୍ଞାନ ଓ ଗଣିତ ଶିକ୍ଷାର ଉନ୍ନତିରେ ସେ ସହାୟକ ହୋଇ ସମସ୍ତଙ୍କର ପ୍ରିୟ ଭାଜନ ହୋଇଥିଲେ।

# ଦୁର୍ଘଟଣାରେ ଯୁବକ ମୃତ

କଣାସ, (ଭାସ୍କର ନ୍ୟୁଜ୍): କଣାସ ବ୍ଲକ ନୂଆ ଜଗନ୍ନାଥ ସଡକର ଚୁପୁରିଙ୍ଗି ବଜାରରେ ଅଜଣା ଗାଡିଧକାରେ ଜଣେ ଯୁବକର ମୃତ୍ୟୁ ହୋଇଥିବା ଜଣାପଡିଛି। ଖବର ନେବାରେ ଜଣାପଡିଛି ଶ୍ରୀମୁକୁନ୍ଦପୁର ଗ୍ରାମର ଅକ୍ଷୟ ନାୟକ ୪୫ବର୍ଷ ଗତକାଲି ରାତିରେ ଜଙ୍କିଆ ବଜାରରୁ ନିଜ ଘରକୁ ଜଗନ୍ନାଥ ସଡକରେ ଚାଲିଚାଲି ଯାଉଥିବା ବେଳେ ଚୁପୁରିଙ୍ଗି ବଜାରରେ କୌଣସି ଗାଡି ତାଙ୍କୁ ଧକ୍କା ଦେବାରୁ ସେ ରାସ୍ତାରେ ପଡି ଯାଇଥିଲେ। କେତେକ ବ୍ୟକ୍ତି ତାଙ୍କୁ ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଣି ଥିଲେ। ଡାକ୍ତର ଅକ୍ଷୟଙ୍କର ମୃତ୍ୟୁ ହୋଇଯାଇଥିବା ଘୋଷଣା କରିଥିଲେ। ଖବର ପାଇ ଗଡିଶାଗୋଦା ଥାନା ଆଇ.ଆଇ.ସି ସୁଧିର ଦାସ ଅକ୍ଷୟଙ୍କ ଶବକୁ ଜବତ କରି ଗଡିଶାଗୋଦା ଥାନାରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଦେଇଛନ୍ତି।



କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ୍ ଯୋଗିନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ବାନ୍ଧନ୍ ଝୁଲି ଗାଁ ମଝିରେ ଥିବା ନଳକୂପ ଟି ୧୫ ଦିନ ହେବ ଅଚଳ ହୋଇପଡିଛି। ଗାଁ ର ୪୦ ପରିବାର ୧୮୦ ଜଣ ଲୋକ ବସବାସ କରୁଥିବା ବେଳେ ପାଣି ପାଇଁ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଅଚଳ ନଳକୂପ କୁ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ ଏହାର କୌଣସି ସମାଧାନ ହୋଇ ନଥିବା ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ୧୫ଦିନ ହେବ ନଳକୂପ ମରାମତି ହୋଇ ପାରି ନଥିବା ଦୁଃଖର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ଏଣୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ପିଇବା ପାଣି ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀର ଆବଶ୍ୟକତା ସହ ଲୋକଙ୍କ ସୁବିଧାକୁ ଆଖି ଆଗରେ ରଖି ଅଚଳ ନଳକୂପ ତୁରନ୍ତ ମରାମତି କରି ଲୋକଙ୍କ ପାଣି ସମସ୍ୟା ଦୂର କରିବାକୁ ଗ୍ରାମ ବାସୀ ଦାବି କରିଛନ୍ତି।

## ବ୍ଲକ ପରିସର ଗଛକଟା ଘଟଣା

# ବିବାଦୀୟ ବିଡିଓଙ୍କ ନାମରେ ଏତାଲା ଦେଲେ ସ୍ଥାନୀୟ ସରପଞ୍ଚ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ପରିସରରୁ ଗତ ୧୩ ତାରିଖ ରବିବାର ଜୀବନ୍ତ ଗଛକଟା ଘଟଣାରେ ବିଡିଓଙ୍କ କାର୍ଯ୍ୟକଳାପକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପରିବେଶ ସୁରକ୍ଷା ଦାଇତ୍ୱରେ ଥିବା କାର୍ଯ୍ୟାଳୟ ପରିବେଶ ବିରୋଧି କାର୍ଯ୍ୟକଳାପ ଯୋଗୁଁ ବ୍ଲକ ପ୍ରଶାସନ ସମାଲୋଚିତ ହୋଇଛି। ବ୍ଲକର ସମ୍ପୁର୍ଣ୍ଣ ପରିସର ସିସିଟିଭି ଦୃଷ୍ଟିରେ ରହିଛି। ଗଛକଟା ସମୟରେ ବ୍ଲକର ୨ଜଣ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିବା ଘଟଣାକୁ ଅଧିକ ରହସ୍ୟାବୃତ୍ତ କରିଛି। ସୋମବାର ବ୍ଲକ କାର୍ଯ୍ୟାଳୟ କାର୍ଯ୍ୟ ଆରମ୍ଭ କରିବା ସମୟରୁ ଘଟଣା ପ୍ରତ୍ୟକ୍ଷରେ ଅବଗତ ହୋଇ ମଧ ବିଡିଓ କୌଣସି ପ୍ରତିକାରାତ୍ମକ ପଦକ୍ଷେପ ଗ୍ରହଣ କରିନଥିଲେ। ଘଟଣା ବହୁଳ ଭାବେ ପ୍ରସାରିତ ହେବା ପରେ ଗତ ମଙ୍ଗଳବାର ବନ ଅଧିକାରୀ କୃଷ୍ଣଚନ୍ଦ୍ର ବାସ୍କେ ବ୍ଲକରେ ପହଞ୍ଚି କଟାଗଛ ଗଣ୍ଡିକୁ ଜବତ କରିବା ସହ ବ୍ଲକ ମୁଖ୍ୟ କିରାଣୀଙ୍କୁ ଜିମାନାମା



ଦେଇଥିଲେ। ଏହାକୁ ଭ୍ରୁକ୍ଷେପ ନକରି ବିଡିଓ ଦେବଦତ୍ତ ଦାସ କଟାଗଛ ଗଣ୍ଡିଗୁଡିକୁ ୨ହଜାର ଟଙ୍କାରେ ନିଲାମ କରିଦେଇ ପୈଠ ରସିଦ ଜନୈକ ବ୍ୟକ୍ତିଙ୍କୁ ବୁଧବାର ଦେଇଥିଲେ। ସମ୍ପୃକ୍ତ ନିଲାମଧାରୀ ବ୍ୟକ୍ତି ଅଟୋ ଲଗାଇ କାଠ ବୋଝେଇ କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳର ବ୍ୟକ୍ତିମାନେ ବିରୋଧ କରିଥିଲେ। ଜନସାଧାରଣ ପ୍ରତିକ୍ରିୟା ତୀବ୍ର ହେଉଥିବା ଜାଣି ବିଡିଓଙ୍କ ଅକଲ ଗୁଡୁମ ହୋଇଥିଲା। ଫଳରେ ବିଡିଓ ନିଜ ରସିଦ ବାତିଲ କରି ପୈଠ ୨ ହଜାର ଅର୍ଥ ଫେରସ୍ତ ଦେଇଥିଲେ ବୋଲି ଖୋଦ ବିଡିଓ ଦାସ ମତ ରଖିଛନ୍ତି। ଅନ୍ୟପକ୍ଷରେ କଟାକାଠର ମୂଲ୍ୟ କେବଳ ବନବିଭାଗ ନିର୍ଦ୍ଧାରଣ କରିପାରିବେ ବୋଲି ଭଦ୍ରକ ଜିଲ୍ଲା ବନଅଧିକାରୀ ସୌଭାଗ୍ୟ କୁମାର ସାହୁ ମତପୋଷଣ କରିଛନ୍ତି। ଏହି ଆଧାରରେ କଟାକାଠର ମୂଲ୍ୟ ୨ ହଜାର ବୋଲି ବିଡିଓ କିପରି ନିର୍ଦ୍ଧାରଣ କଲେ ବୋଲି ପ୍ରଶ୍ନ ହୋଇଛି। ଗଛକଟାଯିବା ଅପରାଧିକ କାର୍ଯ୍ୟ। ଏଥିରେ ବିଡିଓଙ୍କ ସଂପୃକ୍ତି ରହିଛି ବୋଲି ଘଟଣାକ୍ରମରୁ ଜଣାପଡୁଛି ବୋଲି ପୂର୍ବତନ ସରପ□ ସତ୍ୟାନନ୍ଦ ମହାପାତ୍ର ମତଦେଇଛନ୍ତି। ଘଟଣାକୁ ନେଇ ଦକ୍ଷିଣବାଡ ସରପଞ୍ଚ ଗତ ୧୭ ତାରିଖରେ ବିଡିଓଙ୍କ ନାମରେ ଥାନାରେ ଏତାଲା ଦେଇଥିଲେ ବି ମାମଲା ରଜୁ ହୋଇନଥିବା ଜଣାଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ସୁମତୀ ସେଠୀ ଗଛକଟାକୁ ନିନ୍ଦା କରିବା ସହ ଏଥିନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଡିଓଙ୍କ ମନମୁଖି କାର୍ଯ୍ୟକଳାପକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜନଅସନ୍ତୋଷ କ୍ରମେ ତେଜିବାରେ ଲାଗିଛି। ବନବିଭାଗ ଏ ସମ୍ପର୍କରେ ଯାହା କିଛି ପଦକ୍ଷେପ ନେଇ ପାରିବ ବୋଲି ବିଡିଓ ଦାସ ପ୍ରତିକ୍ରିୟା ରଖିଛନ୍ତି।

# ବ୍ରାହ୍ମଣବାଟୀ ଗ୍ରାମ ପଞ୍ଚାୟତରେ ସାମାଜିକ ସମୀକ୍ଷା ଗ୍ରାମସଭା




କଣ୍ଡାପଡ଼ା, (ଭାସ୍କର ନ୍ୟୁଜ୍): ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ଓ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନାର ସ୍ୱତନ୍ତ୍ର ଗ୍ରାମସଭା ବ୍ରାହ୍ମଣବାଟି ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରାୟ ୨୦୦ ରୁ ଉର୍ଦ୍ଧ ମହିଳା ଓ ପୁରୁଷ ଗ୍ରାମ ପରିକ୍ରମା ସହ ସ୍ଲୋଗାନ ଓ ଲିଫଲେଟ ମାଧ୍ୟମରେ ସଚେତନତାର ବାର୍ତ୍ତା ଦେଇଥିଲେ। ପରେ ପରେ ସ୍ୱତନ୍ତ୍ର ଗ୍ରାମ ସଭା ଅନୁଷ୍ଠିତ ହୋଇଥିଲା ବ୍ରାହ୍ମଣବାଟି ଗ୍ରାମ ପଂଚାୟତର ସରପଞ୍ଚ ସଞ୍ଜୟ କୁମାର ରାଉତରାୟଙ୍କ ସ୍ୱାଗତ ସମ୍ଭାଷଣ ସହ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନାର ବିଭିନ୍ନ ଅଭିଯୋଗ କୁ ବିଶ୍ଳେଷଣ କରାଯାଇ ସମାଧାନର ରାସ୍ତା ବାହାର କରାଯିବା ସହ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ କିପରି ଅଧିକରୁ ଅଧିକ ଯୋଗ୍ୟ ହିତାଧିକାରୀ ସାମିଲ ହେବେ ଏବଂ ଅଯୋଗ୍ୟ ହିତାଧିକାରୀ ବାଦ ପଡିବେ ଓ କୌଣସି ବ୍ୟକ୍ତି କ୍ଷୁଧାରେ ନ ମରିବେ ସେ ବିଷୟରେ ବିଭିନ୍ନ ଅଭିଯୋଗକୁ ସମୀକ୍ଷା କରାଯାଇଥିଲା ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସାମାଜିକ ସମୀକ୍ଷକ କଳ୍ପନା ବିଶ୍ୱାଳ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କନିଷ୍ଠ ଯନ୍ତ୍ରୀ ଲୋପାମୁଦ୍ରା ଦାସ କଣ୍ଡାପଡା ବ୍ଲକ ସାମାଜିକ ସମୀକ୍ଷକ ବିକ୍ରମ କିଶୋର ସାହୁ ଡବ୍ଲୁଇ ଓ ଜ୍ୟୋତିର୍ମୟୀ ନାୟକ ଏପିଓ ଭାରତୀ ସାହୁ ନିଆଳୀ ବ୍ଲକ ସାମାଜିକ ସମୀକ୍ଷକ ସତ୍ୟବ୍ରତ ସାମଲ ବାରଙ୍ଗ ବ୍ଲକ ସାମାଜିକ ସମୀକ୍ଷକ ସନ୍ତୋଷ କୁମାର ସାହୁ ପିଇଓ ଲକ୍ଷ୍ମଣ କୁମାର ହେମ୍ବ୍ରମ ଏଡିଇଓ ଇତିଶ୍ରୀ ମହାନ୍ତି ପ୍ରମୁଖ ଯୋଗ ଦେଇ ଗ୍ରାମସଭାର ସୁପରିଚାଳନା କରିଥିଲେ। ଏଥିରେ ସଭାପତି ଭାବରେ ଅବସର ପ୍ରାପ୍ତ ସେନା ଅଧିକାରୀ ବିଶ୍ୱରଂଜନ ଆଚାର୍ଯ୍ୟ ଓ ଅବସର ପ୍ରାପ୍ତ ଖେଳ ଅଧିକାରୀ ରଘୁନାଥ ରାଉତରାୟ ମଧ ନିଜର ମୂଲ୍ୟବାନ ମତ ପୋଷଣ କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀ ଦାଶରଥି ପାଣିଙ୍କ ତିରୋଧାନ ଦିବସ ପାଳିତ

କଣିହାଁ, (ଭାସ୍କର ନ୍ୟୁଜ୍): କଣିହାଁ ବ୍ଲକ ବିଜିଗୋଳସ୍ଥ ଦାଶରଥି ପାଣି ସ୍ମୃତି ଟ୍ରଷ୍ଟ ଆନୁକୂଲ୍ୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତଃ ଦାଶରଥି ପାଣୀଙ୍କ ୧୧୪ ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ସଂଗ୍ରାମୀ ସ୍ୱର୍ଗତଃ ପାଣିଙ୍କ ବିଜିଗୋଳସ୍ଥ ବାସ ଭବନ ଠାରେ ସ୍ମୃତି ଟ୍ରଷ୍ଟର ସଭାପତି ଦୁଃଶାସନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଦିବସରେ ସମ୍ମାନୀତ ଅତିଥି ଭାବରେ ଶିଶୁ ସାହିତ୍ୟିକ ନିର୍ଭୟ କୁମାର ପାଣି, ସମାଜସେବୀ ଶିବ ପ୍ରସାଦ ରାଉତ, ଅବସରପ୍ରାପ୍ତ ଶିକ୍ଷକ ଭଗ୍ୟରଥି ପାଣି, ସ୍ୱର୍ଗତଃ ପାଣିଙ୍କ କନ୍ୟା ବୀଣାପାଣି ଧର, ସାମ୍ବାଦିକ ରଞ୍ଜନ ମିଶ୍ର, ହୃଶିକେଶ ସାହୁ, ପ୍ରମୁଖ ଯୋଗଦେଇ ସଂଗ୍ରାମୀ ଦାଶରଥି ପାଣିଙ୍କ ଫଟୋ ଚିତ୍ରରେ ମଲ୍ୟାର୍ପଣ କରି ସ୍ମୃତି ଚାରଣ କରିଥିଲେ। ଭାଷଣ ପ୍ରସଙ୍ଗରେ ଅତିଥିଗଣ ଆଜିର ଯୁବ ସମାଜ ସଂଗ୍ରାମୀ ଦାଶରଥି ପାଣିଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ଦେଶ ତଥା ରାଜ୍ୟର ବିକାଶ ହୋଇପାରନ୍ତା ବୋଲି ମତବ୍ୟକ୍ତ କରିଥିଲେ। ଟ୍ରଷ୍ଟର ସମ୍ପାଦକ ତଥା ଦାଶରଥି ପାଣିଙ୍କ ନାତି ସ୍ମୃତିରଂଜନ ପାଣି ଓ ଟ୍ରଷ୍ଟର କୋଷାଧକ୍ଷ ପିଣ୍ଟୁ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମର ସଭାରେ ଟ୍ରଷ୍ଟ ର ସଭ୍ୟ ସୁଧାଂଶୁ ସାହୁ ଅତିଥି ପରିଚୟ, କୃଷ୍ଣ ଚନ୍ଦ୍ର ପାଣି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭ୍ୟ ସୁମନ୍ତ ସାହୁ, ମୁରଲୀ ସାହୁ, ଟୁଲୁ ପାଣି, ପୂର୍ଣ୍ଣଚନ୍ଦ୍ର ସାହୁ, ବୁଦ୍ଧିଜୀବୀ ପ୍ରମୁଖ ସ୍ୱର୍ଗତଃ ପାଣିଙ୍କ ବଂଶଧର ପରିବାର ବର୍ଗ ଉପସ୍ଥିତ ଥିଲେ।

# ପ୍ରତିମୂର୍ତ୍ତି ତିଆରି କରି ରୋଜଗାର କରୁଛନ୍ତି ଲକ୍ଷଲକ୍ଷ ଟଙ୍କା



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ଆଜିର ଯୁବପିଢି ଚାକିରୀ ପଛରେ ଗୋଡାଇଛନ୍ତି। ଚାକିରୀ ନମିଳିବା ଯୋଗୁ ଶେଷରେ କାମ ଧନ୍ଦା ନପାଇ ବେକାର ପାଲଟୁଛନ୍ତି। ଏପରିସ୍ଥଳେ ଚାକିରୀ ପଛରେ ନଗୋଡାଇ ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର ଗ୍ରାମର ଜଣେ ମହିଳା ବିଭିନ୍ନ ସୁନ୍ଦର ସୁନ୍ଦର ପ୍ରତିମୂର୍ତି ନିର୍ମାଣ କରି ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିବାକୁ ସକ୍ଷମ ହୋଇଛନ୍ତି। ସମ୍ପୃକ୍ତା ମହିଳା ଜଣକ ମହିଳା ମାନଙ୍କ ନିମନ୍ତେ ପ୍ରେରଣାର ଉତ୍ସ ପାଲଟିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ମହିଳାମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଇବା ସହ ସେମାନଙ୍କର ଆର୍ଥୀକ ପ୍ରଗତି ଓ ସ୍ୱାବଲମ୍ବୀ କରାଇବା ନିମନ୍ତେ ସରକାର ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ ରାକକୃଷ୍ଣପୁର ଗ୍ରାମର କଳ୍ପନା ନାଥ ଜଣେ ଉଚ୍ଚ ଶିକ୍ଷିତା ଏବଂ ଘରୋଇ ମହିଳା ଅଟନ୍ତି। କଳ୍ପନାଙ୍କ ସ୍ୱାମୀ ଜଣେ ଜଣାଶୁଣା କାରିଗର ରୂପେ ବେଶ ସୁନାମ ଅର୍ଜନ କରିଛନ୍ତି। ଯେତେବେଳେ ଘରକାମରୁ ଟିକେ ଫାଙ୍କା ମିଳେ ସ୍ୱାମୀଙ୍କ କାରୁକାର୍ଯ୍ୟକୁ ଅନୁକରଣ କରି କଳ୍ପନା ଜଣେ ଭଲ କାରିଗର ରୂପେ ନିଜକୁ ଗଢିତୋଳିଥାନ୍ତି। ସେ ଭଲ ଦୁଇପଇସା ରୋଜଗାର କରିବାକୁ ସକ୍ଷମ ହେବା ସହ ସ୍ଥାନୀୟ ଗ୍ରାମର କେତେକ ମହିଳାଙ୍କ ପରିବାରକୁ ମଧ ଦାନା ଯୋଗାଇଛନ୍ତି। କଳ୍ପନା ଧାନ, ଅଠା ସାହାଯ୍ୟରେ ବିଭିନ୍ନ ଦେବାଦେବୀଙ୍କର ସୁନ୍ଦର ସୁନ୍ଦର କାରୁକାର୍ଯ୍ୟ କରିପାରୁଛନ୍ତି। ଏପରିକି ସେ ଜଗନ୍ନାଥ, ମା ଲକ୍ଷ୍ମୀ, ମା ତାରିଣୀଙ୍କ ଭଳି ବିଭିନ୍ନ ଦେବାଦେବୀଙ୍କ ପ୍ରତିମୂର୍ତ୍ତିକୁ ବେଶ ଜୀବନ୍ତ କରିପାରୁଛନ୍ତି। ଏପରିକି କଳ୍ପନା ଦୀର୍ଘ ୩ ବର୍ଷ ହେଲା ତାଙ୍କ ସ୍ୱାମୀଙ୍କ ଆଦର୍ଶରେ ପରିଚାଳିତ ହୋଇ ଏହି ପ୍ରତିମୂର୍ତ୍ତି ଗଢି ଚାଲିଛନ୍ତି। ଏପରିକି ତାଙ୍କର ଏହି ମୂର୍ତ୍ତିଗୁଡିକ ଦେଶ ବିଦେଶକୁ ଯାଇ ବେଶ ନାଁ କରିଛି। ପ୍ରତିମୂର୍ତ୍ତିର ଦାମ ୨୦୦ ଟଙ୍କାରୁ ଆରମ୍ଭ କରି ୧୦୦୦ଟଙ୍କା ପର୍ଯ୍ୟନ୍ତ ରହିଥିବାର କଳ୍ପନା ପ୍ରକାଶ କରିଛନ୍ତି। ଏହି ମୂର୍ତି ତିଆରିକରି କଳ୍ପନା ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିବା ସହ ନିଜ ପରିବାରକୁ ଗଣ୍ଡେ ଆହାର ଯୋଗାଇ ପାରୁଛନ୍ତି। ଏପରିକି ସେ ତାଙ୍କ ସ୍ୱାମୀଙ୍କ ଉପରେ ନିର୍ଭର ନକରି ନିଜେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ତେବେ ତାଙ୍କୁ କୌଣସି ସରକାରୀ ସହାୟତା ଯୋଗାଇ ଦିଆଯାଇ ନାହିଁ। ତାଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଗଲେ ସେ ଆହୁରୀ ସୁନ୍ଦର ସୁନ୍ଦର ପ୍ରତିମୂର୍ତ୍ତି ତିଆରି କରିବାକୁ ସକ୍ଷମ ହୋଇପାରନ୍ତେ ବୋଲି ମତବ୍ୟକ୍ତ କରିଛନ୍ତି।

## କୂଅଭିତରୁ ମହିଳାଙ୍କ ମୃତଦେହ ଉଦ୍ଧାର

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ଥାନା ଅଧିନସ୍ତ ବାହାରଣା ପଂଚାୟତ ବଗଲ ସାହି ଗ୍ରାମର ସୁଧୀର କୁମାର ରାୟଙ୍କ ସ୍ତ୍ରୀ ଦୀପାଳିକା ମହାନ୍ତି ଗତ କାଲି କେଉଁଠାରୁ ନିଖୋଜ ଥିଲେ। ରବିବାର ସକାଳୁ ପରିବାର ଲୋକେ କୂଅ ଭିତରେ ପଡିଥିବାର ଦେଖି ନିଆଳି ଅଗ୍ନିସେବା ବାହିନୀ ଖବର ଦେଇଥିଲେ। ଅଗ୍ନିସେବା ବାହିନୀ କୂଅରୁ ମୃତ ଦେହ ଉଦ୍ଧାର କରିବା ପରେ ସୁଜିତ କୁମାର ରାୟ ନିଆଳି ଥାନାରେ ସ୍ତ୍ରୀ'ଙ୍କ ମୁଣ୍ଡ କାମ କରୁନଥିବା ଅଭିଯୋଗ କରିଥିଲେ। ନିଆଳି ଥାନା ପୋଲିସ ୬/୨୫ ରେ ଅପମୃତ ମାମଲା ରୁଜୁ କରି ଶବ ବ୍ୟବଛେଦ ନିମନ୍ତେ କଟକ ପଠାଇଛନ୍ତି। କିନ୍ତୁ କୂଅ ଭିତରୁ ମହିଳାଙ୍କ ଶବ ମିଳିବା ଦେହରେ ରକ୍ତ ଛିଟା ଲାଗିବା ସ୍ୱାମୀଙ୍କ ଅଭିଯୋଗ ପରିବାର ଲୋକ ସନ୍ଦେହ ଘେରକୁ ଆଣିଛି। ଶବ ବ୍ୟବଚ୍ଛେଦ ପରେ ପ୍ରକୃତ ସତ୍ୟା ସତ୍ୟ ପ୍ରକାଶ ପାଇବ।

# ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାର ସରକାରୀ ଓ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟମାନଙ୍କର ସମୀକ୍ଷା ବୈଠକ ଶନିବାର ଡି.ଏନ୍. ହାଇସ୍କୁଲ, କେନ୍ଦୁଝରରେ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ଆୟୋଜିତ ହୋଇଥିବା ଏହି ବୈଠକରେ ନିର୍ଦ୍ଦେଶକ ଶ୍ରୀ ରଘୁରାମ ଆର. ଆୟାର ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଶିକ୍ଷା ଓ ପ୍ରଶାସନ ସମ୍ପର୍କୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ୨୦୨୪-୨୫ ଶିକ୍ଷାବର୍ଷରେ ନାମଲେଖାର ସ୍ଥିତି , ଫଳାଫଳ ବିଶ୍ଳେଷଣ, ଛାତ୍ର ଓ ଶିକ୍ଷକ ଉପସ୍ଥିତି, ପ୍ରତିଯୋଗିତାମୂଳକ ପରୀକ୍ଷାରେ ଅଂଶଗ୍ରହଣ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। କ୍ୟାରିଅର୍ ଗାଇଡେନ୍ସ ଉପରେ ୱେବିନାର୍ ସମ୍ପର୍କରେ ରିପୋର୍ଟ ପ୍ରଦାନ କରାଯାଇଥିଲା। ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକୁ ମିଳିଥିବା ଅନୁଦାନର ଅବସ୍ଥା ଓ ବ୍ୟୟ ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଥିଲା। ଭିତ୍ତିଭୂମି ଅନୁଦାନ ଓ ଛାତ୍ରବୃତ୍ତି ସମ୍ପର୍କରେ ମଧ ଆଲୋଚନା କରାଯାଇଥିଲା।

# ମୃତକ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୮ ଲକ୍ଷ ଟଙ୍କାର ସହାୟତା



ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲା ବଘିଆପଡା ଫାଣ୍ଡି ଅର୍ନ୍ତଗତ ଗଣ୍ଡିସର (ବାରପୁଡା ଛକ) ଠାରେ ଗତ ମଇ ୨୭ ତାରିଖ ଦିନ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ଫଳରେ ଏକ ଆଦିବାସୀ ପରିବାରର ବାପ ଝିଅଙ୍କ ମୃତ୍ୟୁ ହୋଇଥିଲା। ଟିକରପଡା ପଞ୍ଚାୟତର ଚରିଆପାଲି ଗ୍ରାମର ଗଜେନ୍ଦ୍ର ମଲିକ (୩୨) ଓ ତାଙ୍କ ପତ୍ନୀ ଓ ଛୋଟ ଛୋଟ ୩ ଝିଅକୁ ନେଇ ଶଳା ବାହାଘର ସାରି ନିଜ ଘରକୁ ବାଇକ ଯୋଗେ ଫେରୁଥିବା ବେଳେ ବାରପୁଡାଛକ ଠାରେ ବିପରିତ ଦିଗରୁ ଆସୁଥିବା ଏକ ବାଇକ ସହ ମୁହାଁମୁହଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଘଟଣା ସ୍ଥଳରେ ଗଜେନ୍ଦ୍ର ଓ ତାଙ୍କ ୬ ବର୍ଷର ଝିଅ ଲିପସାର ମୃତ୍ୟୁ ହୋଇଯାଇ ଥିଲା। ଏହି ଖବର ଗଣମାଧମରେ ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଣାରେ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବାକୁ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୮ ଲକ୍ଷ ଟଙ୍କାର ସହାୟତା ରାଶି ଚରିଆପାଲି ଗ୍ରାମର ମୃତକ ଗଜେନ୍ଦ୍ର ମଲ୍ଲିକଙ୍କ ପରିବାରକୁ ପ୍ରଦାନ କରାଯାଇଛି। ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ଅତିରିକ୍ତ ତହସିଲଦାର ମହମ୍ମଦ ରାଜେ ରସୁଲ ଓ କୁମଦଚନ୍ଦ୍ର ଦଳବେହେରା ଚରିଆପାଲିରେ ପହଞ୍ଚି ଏହି ସହାୟତା ରାଶିର ଚେକ୍ ପ୍ରଦାନ କରିଥିବା ଜଣାଯାଇଛି।

# ତାଳଚେର ଶୟଂସାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ପରିଷଦ ବୈଠକ

ତାଳଚେର, (ଭାସ୍କର ନ୍ୟୁଜ୍): ତାଳଚେର ଆଜି ତାଳଚେର କଲେଜ ର ପୁରାତନ ଛାତ୍ର ଛାତ୍ରୀଙ୍କ ବୈଠକ ଅନୁଷ୍ଠିତ ସୋଇଥିଲା। କଲେଜର ଅଧକ୍ଷ ମେଜର ସୁବ୍ରତ କୁମାର ଦାସ ଏଥିରେ ସଭାପତିତ୍ୱ କରିଥିଲା ବେଳେ ଅତିଥି ଭାବେ ଢ଼େଙ୍କାନାଳର ପୂର୍ବତନ ସାଂସଦ ତଥା କଲେଜର ପୁରାତନ ଛାତ୍ର ମହେଶ ସାହୁ , ପରଜଙ୍ଗ ର ବିଧାୟକ ତଥା ପୁରାତନ ଛାତ୍ର ବିଭୁତି ପ୍ରଧାନ, ପାଲଲହଡ଼ା ର ବିଧାୟକ ତଥା ପୁରାତନ ଛାତ୍ର ଅଶୋକ ମହାନ୍ତି, ଅନୁଗୁଳ ସମବାୟ ବ୍ୟାଙ୍କ ସଭାପତି ତଥା ପୁରାତନ ଛାତ୍ର ସନ୍ତୋଷ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଅଧକ୍ଷ ଶ୍ରୀଦାସ ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରି, ଆଜିର ବୈଠକ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ କଲେଜର ଅଭାବ ଅସୁବିଧା ସମ୍ପର୍କ ରେ ଉଲ୍ଲେଖ କରିଥିଲେ। କଲେଜରେ ବର୍ତ୍ତମାନ ବିଭିନ୍ନ ବିଭାଗରେ ଅଧ୍ୟାପକ ଅଧ୍ୟାପିକାଙ୍କ ଅଭାବ, ଅନ୍ୟୁନ ୧୦୦୦ ସିଟ୍ ବିଶିଷ୍ଟ ଅଡିଟୋରିୟମ ହଲ ନିର୍ମାଣ, ଆବଶ୍ୟକୀୟ ଶ୍ରେଣୀ ଗୃହ, କଲେଜକୁ ଯିବା ଆସିବା ପାଇଁ ଜାତୀୟ ରାଜପଥ ଖାଲ ଖମନ ଜନିତ ଟ୍ରାଫିକ ସମସ୍ୟା ଜଟିଳ ଯୋଗୁଁ ଛାତ୍ର ଛାତ୍ରୀଙ୍କ ଜୀବନ ପ୍ରତି ବିପଦ ଥିବାକୁ ଉଲ୍ଲେଖ କରିଥିଲେ। ସେହିପରି ତାଳଚେର କଲେଜ ରେ ବିଶ୍ୱ ସ୍ତରୀୟ ଲାଇବ୍ରେରି ସ୍ଥାପନ, ବଏଜ୍ ଓ ବାଳିକା ହଷ୍ଟେଲ ନିର୍ମାଣ ଶହ ସିଟ୍ ସଂଖ୍ୟା ବୃଦ୍ଧି, ଉନ୍ନତ ମାନର ଲାବୋରଟରୀ ବ୍ୟବସ୍ଥା ଏବଂ ତାଳଚେର କଲେଜରେ ସ୍କିଲ୍ ଡେଭଲପମେଣ୍ଟ ସେଣ୍ଟର ଖୋଲିବା ଇତ୍ୟାଦି ବିଷୟରେ ଅତିଥି ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଆଜିର ବୈଠକର ପୁରାତନ ଛାତ୍ର ପରିଷଦର ସଭାପତି ଭାବେ କେନ୍ଦ୍ର ଶିକ୍ଷ୍ୟା ମନ୍ତ୍ରୀ ତଥା ତାଳଚେର କଲେଜର ପୁରାତନ ଛାତ୍ର ଧର୍ମେନ୍ଦ୍ର



ପ୍ରଧାନଙ୍କୁ ମନୋନିତ କରାଯାଇଥିଲା ବେଳେ କାର୍ଯ୍ୟକରି ସଭାପତି ଭାବେ ଢ଼େଙ୍କାନାଳର ପୂର୍ବତନ ସାଂସଦ ତଥା ପୁରାତନ ଛାତ୍ର ମହେଶ ସାହୁଙ୍କୁ ସର୍ବ ସମ୍ମତି କ୍ରମେ ମୋନନିତ କରାଯାଇଥିଲା। ଶିକ୍ଷ୍ୟା ପ୍ରଦାନ କ୍ଷେତ୍ରରେ କିପରୀ ଉନ୍ନତ ମାନର ଶିକ୍ଷା ଛାତ୍ର ଛାତ୍ରୀ ମାନେ ଲାଭ କରିପାରିବେ ସେ ବିଷୟରେ କଲେଜ ଅଧକ୍ଷ ଚିନ୍ତା କରିବା ଆବଶ୍ୟକ ବୋଲି ସାହୁ କହିବା ଶହ ଆବଶ୍ୟକୀୟ ଭିତ୍ତି ଭୂମି ଅଭାବ ଅସୁବିଧା ବୁଝିବା ପାଇଁ ଆମ ପୁରାତନ ଛାତ୍ର ପରିଷଦ ଧ୍ୟାନ ଦେବା ଆବଶ୍ୟକ। ସୌଭାଗ୍ୟ ବସତ ଏହି ମହାବିଦ୍ୟାଳୟରୁ ଛଅ ଜଣ ପୁରାତନ ଛାତ୍ର ବିଧାୟକ ହୋଇପାରି ଥିବା ସହ ବର୍ତ୍ତମାନ ବିଧାୟକଭାବେ ସେଥିମଧ୍ୟରୁ ଦୁଇଜଣ ପାଲଲହଡା ଓ ପରଜଙ୍ଗର ବିଧାୟକ ତାଳଚେର କଲେଜର ପୁରାତନ ଛାତ୍ର ଅଟନ୍ତି। ସେହିପରି ଏହି ମହାବିଦ୍ୟାଳୟରୁ ଦୁଇଜଣ ପୁରାତନ ଛାତ୍ର ସାଂସଦ ଭାବେ ପ୍ରତିନିଧିତ୍ୱ କରିଥିବା ସହ ମହେଶ ସାହୁ ଏବେ ପୂର୍ବତନ ସାଂସଦ ଓ ବର୍ତ୍ତମାନ ଭାରତ ସରକାରଙ୍କ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ ଧର୍ମେନ୍ଦ୍ର ପ୍ରଧାନ ଅଧିଷ୍ଠିତ ଅଛନ୍ତି। ତେଣୁ ସମସ୍ତେ ଏକ ମନ ଓ ଏକ ମତରେ କଲେଜ ର ଉନ୍ନତି ପାଇଁ କାର୍ଯ୍ୟକରିବା ନେଇ ପ୍ରକାଶ କରିଥିଲେ। ଅପରପକ୍ଷରେ ତାଳଚେରରେ ଅବସ୍ଥିତ ବିଭିନ୍ନ ଶିଳ୍ପ ସଂସ୍ଥା ଗୁଡ଼ିକ ଏଠାରେ ସେମାନଙ୍କ ପ୍ରକଳ୍ପ କାର୍ଯ୍ୟ କରୁଥିବେ ବେଳେ ତାଙ୍କର ମଧ ଏହି କଲେଜ ପ୍ରତି ଆର୍ଥିକ ଅନୁଦାନ ପ୍ରଦାନ କରିବା ସହିତ ଆବଶ୍ୟକୀୟ କ୍ଲାସରୁମ ଅଡିଟୋରିମ, ହଷ୍ଟେଲ ନିର୍ମାଣ ନିର୍ମାଣ କାର୍ଯ୍ୟ କରିବା ପାଇଁ ହକଦାର ଅଟନ୍ତି। ସେହିପରି ତାଳଚେର ଏକ ଖଣି ଖାଦାନ ପ୍ରଭାବିତ ଅଞ୍ଚଳ ହୋଇଥିବାରୁ ସରକାରଙ୍କ ନୀତି ନିୟମ ଅନୁଯାୟୀ ଅନୁଗୋଳ ଜିଲ୍ଲାରେ ମହଜୁଦ ଥିବା ଜିଲ୍ଲା ଖଣିଜ (ଡିଏମଏଫ) ପାଣ୍ଠିକୁ ବିନିଯୋଗ କରାଯାଇ କଲେଜର ଆବଶ୍ୟକୀୟ ବିକାଶ ମୁଳକ କାମ କରାଯାଇ ପାରିବ। କିନ୍ତୁ ଏଥିପାଇଁ କଲେଜ ପକ୍ଷରୁ ଚିଠି ଶହ ପୁରାତନ ଛାତ୍ର ପରିଷଦର କର୍ମକର୍ତ୍ତା ମାନେ ଉଦ୍ୟମ କରିବା ଦରକାର ବୋଲି ମତ ପ୍ରକାଶ ପାଇଥିଲା। ପୁରାତନ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବରିଷ୍ଟ ଓକିଲ ଯଦୁମଣି ସାହୁ, ପେସ୍କାର ଗଡ଼ନାୟକ, ଦୟାସାଗର ମିଶ୍ର, ବିଜେପି ଜିଲ୍ଲା ସଭାପତି ଯଯାତି କେଶରୀ ପଟ୍ଟନାୟକ, ପୁର୍ବତନ ନଗରପାଳ କେଶବ ଭୁତିଆ, ଶିକ୍ଷାବିତ ସୋଭଗିନି ଦେବୀ ମାୟାଧର ସାହୁ ପ୍ରମୁଖ ନିଜ ନିଜର ମତାମତ ପ୍ରଦାନ କରିଥଲେ ଏବଂ ଖୁବ୍ ଶୀଘ୍ର ତାଳଚେର ଶୟମ୍‌ଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ପରିଷଦ ର ରେଜିଷ୍ଟ୍ରେସନ କାର୍ଯ୍ୟ କରାଯିବ ବୋଲି ନିଷ୍ପତ୍ତି ନିଆ ଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସରକାରି ଓକିଲ ଗିରିଜାଶଙ୍କରମିଶ୍ର ସାମ୍ବାଦିକ ଡ଼ଃ ରଶ୍ମି ରଞ୍ଜନ ମିଶ୍ର, ତପନ କୁମାର ମହାରଣା, ବିରଜା ଶଙ୍କର ମିଶ୍ର, ବରିଷ୍ଟ ଓକିଲ ସୁରେଶ୍ୱର ମିଶ୍ର ରାଜେନ୍ଦ୍ର ସିଙ୍ଗ, ଦେବାଶିଷ ଘୋଷ ପୂର୍ବତନ ଅଧକ୍ଷ ଖିଲାର ବାବୁ ସୀତାକାନ୍ତ ବାରିକ, ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ମାନେ ଉପସ୍ଥିତ ଥିଲେ। ଇଂରାଜୀ ଅଧ୍ୟାପକ ରୋହିତ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଶଶାଙ୍କ ଶେଖର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କଲେଜ ପୂରାତନ ଛାତ୍ର ପରିଷଦ ପାଇଁ ସଦାସର୍ବଦା ଚିନ୍ତା କରୁଥିବା ଅଧ୍ୟାପକ ସ୍ୱର୍ଗତ ଡ଼ଃ ନିମାଇଁ ଚରଣ ପ୍ରଧାନଙ୍କ ଆତ୍ମାର ସଦଗତି କାମନା କରି ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅଜିର ଏହି ଆଲୁମନି ବୈଠକ ରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ନେତା ସାମ୍ବାଦିକ ଓକିଲ, ଶିକ୍ଷାବିତ, ବିଭିନ୍ନ ଅନୁଷ୍ଠାନ ଓ ରାଜନୈତିକ ଦଳର ମୂଖ୍ୟ, ବିଶିଷ୍ଟ ବ୍ୟବସାୟୀ ଓ ସରକାରୀ ଅଧିକାରୀ କର୍ମଚାରୀ ସହ ଶତାଧିକ ପୂରାତନ ଛାତ୍ର ଛାତ୍ରୀ ମାନେ ଯୋଗ ଦେଇଥିଲେ ଆଗକୁ ଏହି ସଂଖ୍ୟା ଅଧିକ ହେବ ବୋଲି କୁହା ଯାଇଥିଲା ବେଳେ ଖୁବ୍ ଶୀଘ୍ର ଏହି କଲେଜ ପକ୍ଷରୁ ଗୋଲଡେନ୍ ଜୁବୁଲି ଉତ୍ସବ ପାଳନ କରାଯିବ ବୋଲି ସୂଚନା ଦେଇଥିଲେ। ମହାବିଦ୍ୟାଳୟର ଏନସିସି ଛତ୍ରୀମାନେ ଏହି କାର୍ଯକ୍ରମରେ ପୂର୍ଣ୍ଣ ସହୋଜୋଗ କରିଥିଲେ।

## କେଶବ ହତ୍ୟାକାଣ୍ଡର ଦୁଇ ଆସାମୀ କୋର୍ଟଚାଲଣ

କଣାସ, (ଭାସ୍କର ନ୍ୟୁଜ୍): କଣାସ ବ୍ଲକ ଗଡିଶାଗୋଦା ଥାନା ପରିସରଭୁକ୍ତ ହରଷପଡା ଗ୍ରାମରେ ୩ଦିନ ତଳେ ଜମିବାଡିକୁ କେନ୍ଦ୍ରକରି ଏକ ଗଣ୍ଡଗୋଳ ଘଟି କେଶବ ଦଳେଇଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ପତ୍ନୀ ଗଡିଶାଗୋଦା ଥାନାରେ ୧୧୬/ ୨୫ରେ ମକଦମା ରୁଜ କରାଯାଇ ଥିଲା। ଆଇ.ଆଇ.ସି ସୁଧିର ଦାସ ତଦନ୍ତ କରି ହରଷପଡା ଗ୍ରାମର ଅର୍ନ୍ତଯ୍ୟାମି ବିଶ୍ୱାଳ ୪୮ ଓ ଗିତାଞ୍ଜଳି ବିଶ୍ୱାଳ ୩୮ଙ୍କୁ ୨୦୨୩, ୧୦୩ (୨)/୩୦୩(୨) ୭୬ ବି.ଏନ୍ କେସ୍‌ରେ ଗିରଫ କରି ରବିବାର କୋର୍ଟଚାଲଣ କରିଥିବା ଜଣାପଡିଛି।

# ବେଆଇନ ବାଲି ଉତ୍ତୋଳନ ଉପରେ ପୋଲିସର ଚଢାଉ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଷୋଳମପୁର ପଞ୍ଚାୟତ ଅଗମ୍ୟ ଦାଣ୍ଡକୂଳ-ତିଖିଳିଆରେ ଚାଲିଥିବା ବେଧଡକ ବେଆଇନ ବାଲି ଉତ୍ତୋଳନ ଉପରେ ଥାନାଧିକାରୀ କମଳାକାନ୍ତ ଦାସଙ୍କ ନେତୃତ୍ୱରେ ପୁଲିସ ପକ୍ଷରୁ ଶନିବାର ରାତ୍ରରେ ଚଢାଉ କରାଯାଇଛି। ଘଟଣାସ୍ଥଳରୁ ୩ଟି ବେଆଇନ ବାଲି ବୋଝେଇ ହାଇୱାକୁ ଜବତ କରାଯାଇ ଥାନାରେ ଅଟକ ରଖାଯାଇଛି। ବାଲି ଉତ୍ତୋଳନ କରୁଥିବା ଏସ୍କାଭେଟରକୁ ଥାନାକୁ ଅଣାଯାଇ ପାରିନଥିବା ଥାନାଧିକାରୀ ସୂଚନା ଦେଇଛନ୍ତି। ଥାନା ପକ୍ଷରୁ ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ପାଇଁ ଲଘୁଖଣି ବିଭାଗକୁ ପତ୍ରଯୋଗେ ଜଣାଇ ଦିଆଯିବା ପରେ କନିଷ୍ଠ ଖଣି ଅଧିକାରୀ ସୌମ୍ୟ ଦ୍ୱିବେଦୀ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଏସ୍କାଭେଟରକୁ ବାଲିମାଫିଆକୁ ଜିମା ଦେଇଛନ୍ତି ବୋଲି ପ୍ରକାଶ କରିଛନ୍ତି। ବ୍ୟବସାୟିକ ସମ୍ପର୍କକୁ ଆଧାର କରି ଏସ୍କାଭେଟର ଓ ୩ଟି ହାଇୱାରୁ ନାମମାତ୍ର ଜରିମାନା ଆଦାୟ କରାଯିବାକୁ ଲଘୁଖଣିଜ ବିଭାଗ ପକ୍ଷରୁ ବାଲିମାଫିଆଙ୍କ ସହ ମୁଲଚାଲ କରାଯାଉଥିବା ସ୍ପଷ୍ଟ ହୋଇଛି। ଉଭୟ ଦାଣ୍ଡକୂଳ-ତିଖିଳିଆରୁ କୋଟି କୋଟି ଟଙ୍କାର ବାଲି ବେଆଇନ ଭାବେ ଉତ୍ତୋଳନ କରାଯାଇ ଧାମନଗର ଅଞ୍ଚଳ ଦେଇ ଚାଲାଣ ବର୍ଷ ବର୍ଷ ଧରି କରାଯାଇଆସୁଛି। ଲଘୁଖଣିଜ ବିଭାଗ ବାଲିମାଫିଆଙ୍କ ସହ ସଲାସୁତର କରି ଉତ୍ତୋଳନ ସ୍ଥଳକୁ ଆସି ଚଢ଼ାଉ କରିବା ପଦଳରେ ରାଜପଥରୁ କାଁ ଭାଁ ବାଲିବୋଝେଇ ଗାଡି ଧରି ଭେଳିକି ଦେଖାଉଛି। ସରକାର ଘଲୁଖରିଜ ଅଧିକାରୀଙ୍କ ବିରୋଧରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଜିଲ୍ଲାସ୍ତରୀୟ ଉନ୍ନୟନ ମୂଳକ ଯୋଜନାର ସମୀକ୍ଷା କଲେ ଜଙ୍ଗଲ ମନ୍ତ୍ରୀ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଟାଉନ୍ ହଲ୍ ଠାରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ବଲାଙ୍ଗିର ସର୍କଲସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ ୧୯ ତାରିଖ ଶନିବାର



ଦିନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳ ବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗଦେଇଥିଲେ। ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ସରକାରଙ୍କର ବିଭିନ୍ନ ଉନ୍ନୟନ ମୂଳକ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। କେନ୍ଦୁପତ୍ର ତୋଳାଳୀ, କର୍ମଚାରୀଙ୍କ ରହିଥିବା କିଛି ସମସ୍ୟାର ସମାଧାନ ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ସମ୍ପର୍କରେ ମନ୍ତ୍ରୀ କହିଥିଲେ ଏବଂ ଜଙ୍ଗଲ ଓ ପରିବେଶ ସୁରକ୍ଷା ଦିଗରେ ଚାରାରୋପଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମସ୍ତେ ଗଛ ଲଗାଇ ସବୁଜ ସୁନ୍ଦର ପରିବେଶ ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୧୬ ଜଣ କେନ୍ଦୁପତ୍ର ହିତାଧିକାରୀମାନଙ୍କୁ ମୃତ୍ୟୁକାଳୀନ ସହାୟତା ରାଶି ବାବଦକୁ ପ୍ରତ୍ୟେକଙ୍କୁ ୨ଲକ୍ଷ ଟଙ୍କାର ଚେକ୍ ମନ୍ତ୍ରୀଙ୍କ ଦ୍ୱାରା ପ୍ରଦାନ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜଙ୍ଗଲ ବିଭାଗର ଆରସିସିଏଫ୍ ରଞ୍ଜିତ ମଲ୍ଲିକ୍, ଡିଏଫ୍‌ଓ ଉତ୍ତର ରମେଶ କୁମାର, ଡିଏଫ୍‌ଓ ଦକ୍ଷିଣ କଲାଇ ବାନାନ ଆର୍, ଡିଏଫ୍‌ଓ କେନ୍ଦୁଲିଫ ଗଦାଧର ପାତ୍ର, କେନ୍ଦୁପତ୍ର କର୍ମଚାରୀ ରାଜ୍ୟ ସମ୍ପାଦକ ଯଦୁମଣି ପାଣିଗ୍ରାହୀ, କଳାହାଣ୍ଡି କେନ୍ଦୁପତ୍ର ତୋଳାଳୀ ଓ କର୍ମଚାରୀ ସଂଘର ଚିରାଗ ସିଂଦେଓଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା, ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଜିଲ୍ଲାପରିଷଦ ସଭଗୃହରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ମାନ୍ୟବର ମନ୍ତ୍ରୀ ଯୋଗଦେଇ ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏଥିରେ ଜଙ୍ଗଲ ଓ ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ ନିୟୋଜନ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ, ପାନୀୟଜଳ, ବିଦ୍ୟୁତ୍ ପରିବହନ, ବେସାମରିକ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟ, ପୂର୍ତ୍ତ, କୃଷି, ଜଳସେଚନ ଇତ୍ୟାଦି ବିଭାଗର କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ସଂପୃକ୍ତ ବିଭାଗୀୟ ଅଧିକାରୀମାନେ କର୍ତ୍ତବ୍ୟନିଷ୍ଠା ଭାବରେ ସେବା ମନୋଭାବ ନେଇ ଲୋକଙ୍କ ହିତ ଉଦ୍ଦେଶ୍ୟରେ ଯତ୍ନବାନ ହୋଇ କାର୍ଯ୍ୟ କରିବା ପାଇଁ ମାନ୍ୟବର ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ବିଧାୟକ ଧର୍ମଗଡ ସୁଧିର ରଞ୍ଜନ ପଟ୍ଟଯୋଶୀ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଡିଏଫ୍‌ଓ ଉତ୍ତର ରମେଶ କୁମାର, ଡିଏଫ୍‌ଓ ଦକ୍ଷିଣ କଲାଇ ବାନାନ୍ ଆର, ଭାରତୀୟ ପ୍ରଶାସନିକ ସେବା (ପ୍ରୋବେସନ) ଅନିମେଶ ପ୍ରଧାନ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡ଼ା, ଭାରପ୍ରାପ୍ତ ଉପଜିଲ୍ଲାପାଳ ଧର୍ମଗଡ ଅଜୟ କୁମାର ତିର୍କିଙ୍କ ସମେତ ବହୁ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଜିଲ୍ଲାରେ ରାଜ୍ୟ କ୍ୟାବିନେଟ ମନ୍ତ୍ରୀଙ୍କର ଗସ୍ତ ଏବଂ ଜଙ୍ଗଲ ବିଭାଗର ବିରାଟ କାର୍ଯ୍ୟକ୍ରମ ତଥା ଜିଲ୍ଲାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ବେଳେ ଜିଲ୍ଲା ପ୍ରଶାସନ, ବିଭାଗୀୟ ମୁଖ୍ୟ ଅଧିକାରୀ କିମ୍ବା ଶାସକ ଦଳର ଜିଲ୍ଲା କର୍ମକର୍ତ୍ତାମାନେ ଜିଲ୍ଲାସ୍ତରୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ କୌଣସି ଖବର ଦେଇ ନଥିଲା ବେଳେ କେବଳ ମନ୍ତ୍ରୀଙ୍କ ଗସ୍ତର ପ୍ରୋଗ୍ରାମଟି ସୋସିଆଲ୍ ମିଡ଼ିଆ ଗ୍ରୁପରେ ସେୟାର କରାଯାଇଥିଲା।

## ଅବ୍ୟବସ୍ଥାରେ ପ୍ରାଥମିକ ବିଦ୍ୟାଳୟ

# ଗୋଟିଏ କୋଠରୀରେ ଚାଲିଛି ୫ଟି ଶ୍ରେଣୀର ପାଠପଢ଼ା



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ବିରିକୋଟ ପଞ୍ଚାୟତରେ ଥିବା ବଲଙ୍ଗି ଗ୍ରାମର ପ୍ରାଥମିକ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ସଂପୂର୍ଣ୍ଣ ରୂପେ ଭୁଷୁଡ଼ି ପଡ଼ିଥିବା ଦେଖିବାକୁ ମିଳିଛି। ଦୟନୀୟ ଅବସ୍ଥାରେ ଏଠାରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ କିଭଳି ପରିସ୍ଥିତିରେ ଶିକ୍ଷାଦାନ କରାଯାଉଛି ତାହା ନ କହିବା ଭଲ। ଏ ପରିସ୍ଥିତିରେ ପିଲାଏ ପଢିବେ କ'ଣ ବା ବୁଝିବେ କ'ଣ? ଏଥିରୁ ଜଳଜଳ ହୋଇ ବାରି ହୋଇ ପଡ଼ୁଛି କେତେ ଉଜ୍ଜ୍ୱଳ ଏଇ ଶିଶୁମାନଙ୍କ ଭବିଷ୍ୟତ। ସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଏଇ ଗରିବ ପିଲାଙ୍କ ହକ୍ ଓ ଅଧିକାରକୁ କ୍ଷୁର୍ଣ୍ଣ କଲାଭଳି ଚିତ୍ର ଏଠାରେ ଦେଖିବାକୁ ମିଳିଛି। ସରକାରୀ ବ୍ୟବସ୍ଥା ଏଠି କି ଭଳି କାମ କରୁଛି ତାହା ବୁଝି ହେଉନାହିଁ। ସରକାର ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଗ୍ରାମାଞ୍ଚଳ ମାନଙ୍କରେ ବିଦ୍ୟାଳୟ ମାନ ସ୍ଥାପନା କରିଥିଲେ। ଛୁଆଙ୍କୁ ପାଠପଢା ପାଇଁ ଆଉ ବେଶୀ ଦୂର ଯିବାକୁ ପଡ଼ିବନି। ନିଜ ନିଜ ଗାଁ ସ୍କୁଲରେ ଶାଗ ପଖାଳ ଖାଇ ପାଠ ପଢିବାର ସୁଯୋଗ ପାଇପାରିବେ। ଏଥିପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଶିକ୍ଷାର ବିକାଶ ପାଇଁ ପଦକ୍ଷେପ ନେଇଛନ୍ତି। ୧୯୬୮ ମସିହା ସମୟରେ ଏହି ଗାଁରେ ମଧ୍ୟ ଏକ ବିଦ୍ୟାଳୟ ସ୍ଥାପନା କରାଯାଇଛି। ପରବର୍ତ୍ତୀ ସମୟ ମଧ୍ୟରେ ବିଦ୍ୟାଳୟର ସ୍ଥାନ ପରିବର୍ତ୍ତନ ହୋଇ ୧୯୯୬ ମସିହାରେ ଜଣେକ ଆଦିବାସୀ ଲୋକଙ୍କ ଜାଗାରେ କୁଡ଼ିଆଘର ସ୍ୱରୂପ ଏକ ବିଦ୍ୟାଳୟ କୋଠା ନିର୍ମାଣ ହୋଇଥିଲା। ଯାହା କିଛି ବର୍ଷ ହେଲା ବିପଦ ସଂକୁଳ ଅବସ୍ଥାରେ ରହିଛି। ଏହାକୁ ଦୃଷ୍ଟିରେ ରଖି ୨୦୧୨ ମସିହାରେ ମାତ୍ର ଗୋଟିଏ ଶ୍ରେଣୀ ବିଶିଷ୍ଟ ଏକ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ଏହି କୋଠରୀରେ ୩୮ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଦୁଇଜଣ ଶିକ୍ଷକ ଅଛନ୍ତି ହେଲେ ଏଇ ଗୋଟିଏ କୋଠରୀରେ କିପରି ୫ ଗୋଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ କିପରି ଶିକ୍ଷାଦାନ କରାଯାଉଛି ତାହା ଅନୁମେୟ। ବର୍ତ୍ତମାନ ଯେଉଁଠି ଏହି ବିଦ୍ୟାଳୟ କୋଠାଟି ଜଣେକ ମାଲିକାନାରେ ରହିଥିବା ବେଳେ ଯାହା ସବୁ ଖାଲି କରିବାକୁ କହିଲେଣି ଜାଗା ମାଲିକ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଉଛନ୍ତି। ଅନ୍ୟ ପକ୍ଷରେ ଗ୍ରାମର ଏକ ସରକାରୀ ଜାଗାରେ ନୂତନ ବିଦ୍ୟାଳୟ କୋଠା ନିର୍ମାଣ ହୋଇସାରିଛି। କିନ୍ତୁ ପ୍ରଶାସନକୁ ହସ୍ତାନ୍ତର କରିବା ପୂର୍ବରୁ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହୋଇଥିବା ଏହି କୋଠାର କାମ ଅତ୍ୟନ୍ତ ନିମ୍ନମାନର ହୋଇଥବା ଯୋଗୁଁ ଘରର ଟିଣ ଛାତ ଉଡ଼ିଯାଇଥିବା ଦେଖିବାକୁ ମିଳିଛି। କୋଠା ପାଇଁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଏଥିରେ ଛାତ ନ ପଡି କାହିଁକି ଟିଣ ଛାଉଣୀ କରାଗଲା ବୋଲି ସ୍ଥାନୀୟ ଲୋକ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ବିଭାଗୀୟ ଯନ୍ତ୍ରୀଙ୍କୁ କାରଣ ବୁଝିବା ପରେ ସେ ସନ୍ତୋଷଜନକ ଉତ୍ତର ଦେଇ ପାରିନଥିବା ବେଳେ ଏହାର ତୁରନ୍ତ ମରାମତି କରାଯିବ ବୋଲି ଉତ୍ତର ଦେଇଥିଲେ। ହେଲେ ବିଡ଼ିଓ ମଧ୍ୟ ଏହି ବିଦ୍ୟାଳୟର ସମସ୍ୟା ଓ ନବନିର୍ମିତ ବିଦ୍ୟାଳୟ କୋଠା ସମ୍ପର୍କରେ ଅବଗତ ନାହାନ୍ତି ବୋଲି ସୂଚନା ମିଳିଛି। ତେବେ ଏଭଳି ପ୍ରଶାସନିକ ଦୁର୍ବଳତା ଓ ଅବହେଳା ପାଇଁ କିଏ ଦାୟୀ ଏହାକୁ ଖୋଜି ବାହାର କରିବାର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## ବିଦ୍ୟୁତ ଆଘାତରେ ଅଙ୍ଗନୱାଡି କର୍ମୀ ଗୁରୁତର

ଜୁନାଗଡ଼ (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଅନ୍ତର୍ଗତ ବୋଦେଲ ଗ୍ରାମର ଅଙ୍ଗନୱାଡି କର୍ମୀ ନଦୀକୁ ଗାଧୋଇବାକୁ ଯାଉଥିବା ବେଳେ ଓହଳି ଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ବୋଦେଲ ଗ୍ରାମର ଅଙ୍ଗନୱାଡି କର୍ମୀ ପଦ୍ମାସିନି ଶବର ନିକଟସ୍ଥ ହାତୀ ନଦୀକୁ ଗାଧୋଇବାକୁ ଯାଉଥିଲେ। ଭୀଷଣ ବର୍ଷା ହେଉଥିବାରୁ ଛତା ଧରି ଯାଉଥିବା ବେଳେ ହାତୀନଦୀ କୂଳରେ ଓହଳି ଥିବା ବିଦ୍ୟୁତ ତାର ପଦ୍ମାସିନିଙ୍କ ଛତାରେ ଲାଗିଥିଲା। ଫଳରେ ଗୁରୁତର ଆହତ ହୋଇ ତଳେ ପଡି ଯାଇଥିଲେ। ପରେ ପରିବାର ଲୋକେ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ପଦ୍ମାସିନିଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଜୁନାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବିଦ୍ୟୁତ



ବିଭାଗର ଖାମଖିଆଲି ମନୋଭାବ ଯୋଗୁଁ ଜଣେ ମହିଳାଙ୍କ ଅକାଳରେ ମୃତ୍ୟୁ ହୋଇଥାନ୍ତା। ତେଣୁ ତୁରନ୍ତ ବିଦ୍ୟୁତ ବିଭାଗ ଓହଳି ଥିବା ତାରକୁ ଠିକ୍ ସେ ରଖିବା ଓ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ପଦ୍ମାସିନି ଶବରଙ୍କୁ ଆର୍ଥିକ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

## ମହିଳା ମୃତ: ହତ୍ୟା ସନ୍ଦେହରେ ପରିବାର ଲୋକଙ୍କ ଅଭିଯୋଗ

କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ଆମପାଣି ଥାନା ବଡ଼ପୋଡ଼ାଗୁଡ଼ା ଗ୍ରାମର ରିକିରାମ ପ୍ରଧାନୀଙ୍କ ସ୍ତ୍ରୀ ଉର୍ମିଳା ପ୍ରଧାନୀଙ୍କ ଶନିବାର ମୃତ୍ୟୁ ହୋଇଥିବାବେଳେ ଝିଅ ବାପା ଘର ଲୋକେ ହତ୍ୟା ସନ୍ଦେହ କରି ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଆମପାଣି ଥାନା ପୁଲିସ ଘଟଣା ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ଗତ ୫ବର୍ଷ ତଳେ ରିକିରାମ ସହିତ ତାରାପୁର ପଞ୍ଚାୟତ ଇଚ୍ଛାପୁର (ଗଞ୍ଜିଆଗୁଡା) ଗ୍ରାମର ରଥେ ପୂଝାରୀଙ୍କ ଝିଅ ଉର୍ମିଳାଙ୍କ ପ୍ରେମ ବିବାହ ହୋଇଥିଲା। ଏବଂ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଉତ୍ତମ ସମ୍ପର୍କରେ ସାଂସାରିକ ଜୀବନ ଚାଲିଆସୁଥିଲା। ପୁଅର ପରିବାର ଲୋକଙ୍କ କହିବା ଅନୁସାରେ ଆଜି ସକାଳୁ ଉର୍ମିଳା ଗାଧୋଇ ସାରି ଘରକୁ ଆସିବା ପରେ ଅଚାନକ ତଳେ ପଡ଼ିଯାଇଥିଲେ। ଶ୍ୱଶୁର ଘର ଲୋକଙ୍କୁ ଜ୍ୱାଇଁ ରିକି ଖବର ଦେବା ସହ ଉର୍ମିଳାଙ୍କୁ ଆମ୍ବୁଲାନ୍ସ ଯୋଗେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ



ନେଇଥିଲେ। ସେଠାରେ ଉର୍ମିଳାଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ଅନ୍ୟପଟେ ଝିଅର ବାପା ତାଙ୍କ ଝିଅର ସ୍ୱାସ୍ଥ୍ୟ ଠିକ୍ ଥିବା ଓ କୌଣସି ରୋଗରେ ମଧ୍ୟ ପିଡୀତା ନଥିବାବେଳେ ହଠାତ୍ ଝିଅ ମରିଯିବା କଥାକୁ ସହଜେ ଗ୍ରହଣ କରିପାରୁ ନାହାନ୍ତି। ଏବଂ ଜ୍ୱାଇଁ ଓ ତାଙ୍କ ଶ୍ୱଶୁର ଘର ଲୋକେ ହତ୍ୟା କରି ଭିନ୍ନରୂପ ଦେଉଥିବା ଝିଅର ବାପା ରଥେ ପୁଝାରୀ ସନ୍ଦେହ କରି ଆମପାଣି ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଆମପାଣି ଥାନା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ଜବତ କରି ବ୍ୟବଚ୍ଛେଦ କରାଇଥିଲେ। ମାଜିଷ୍ଟ୍ରେଟ ଦାୟିତ୍ୱରେ କୋକସରା ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନାଙ୍କ ଉପସ୍ଥିତରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

## ଡିଆର୍‌ଏମ୍‌ଙ୍କ କେସିଙ୍ଗା ରେଳଷ୍ଟେସନ ପରିଦର୍ଶନ

କେସିଙ୍ଗା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଅର୍ନ୍ତଗତ କେସିଙ୍ଗା ରେଳଷ୍ଟେସନ ବହୁ ପୁରାତନ। ଏହି ଷ୍ଟେସନକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଅମୃତ ଭାରତ ଷ୍ଟେସନ ନାମରେ ନାମିତ କରି ଷ୍ଟେସନକୁ ନୂତନ ଭାବେ ପୁନଃଉଦ୍ଧାର କରାଯାଇଛି। ଏହାକୁ ଡିଆର୍‌ଏମ ସୁବାସ ଚୌଧୁରୀ ଉପସ୍ଥିତ ରହି ତଦାରଖ କରିବା ପାଇଁ ଶୁକ୍ରବାର ରାତ୍ର ୭ ଘଣ୍ଟା ସମୟରେ କେସିଙ୍ଗା ରେଳଷ୍ଟେସନରେ ପହଞ୍ଚି ନୂତନ କାର୍ଯ୍ୟ ସବୁ ପରିଦର୍ଶନ କରିଥିଲେ। ପରିଦର୍ଶନ ବେଳେ ତାଙ୍କ ସଙ୍ଗେ ସିନିୟର୍ ଡିଏମ୍‌ସି, ଡିଓଏମ, ଡିସିଏମ୍ ଗରିମା ତ୍ରିପାଠୀ, ଡିଏସ୍‌ଟିଇ, ଡିଏସ୍, ଡିଇଓ ଏବଂ କେସିଙ୍ଗା ଷ୍ଟେସନ ମ୍ୟାନେଜର ପ୍ରଶାନ୍ତ ଭୋଇ ଉପସ୍ଥିତ ଥିଲେ। ଏହି ସମୟରେ କଳାହାଣ୍ଡି ଜିଲ୍ଲା ରେଳଯାତ୍ରୀ ସଂଘର ସଭାପତି ସୁଭାଷ ଜୈନ, ରାମକୁମାର ଜୈନ ଓ ଡମ୍ବରୁଧର ଭୋଇ ଉପସ୍ଥିତ ରହି ରେଳଷ୍ଟେସନର ବିଭିନ୍ନ ସମସ୍ୟା ବାବଦରେ ଉତ୍ଥାପନ କରିଥିଲେ। ବିଶେଷ କରି ମୁଖ୍ୟତଃ ବହୁସମୟରେ ବିଶାଖାପାଟଣାରୁ ଆସୁଥିବା ଯାତ୍ରୀ ବାହିଟ୍ରେନ ସବୁ ୪ ନମ୍ବରରେ ନ ଆସି ୩ରେ ଆସୁଥିବାରୁ ମୁଖ୍ୟତଃ ରୋଗୀ, ବୃଦ୍ଧ ବୃଦ୍ଧା ଓ ମହିଳା ମାନେ ଉଠିବା ଓ ଚଢିବା ଏବଂ ସିଡ଼ି ଚଢ଼ିବାରୁ ହଇରାଣ ହେଉଛନ୍ତି। ସେଥିପାଇଁ ଯଥାଶୀଘ୍ର ଉକ୍ତ ଯାତ୍ରୀ ବାହି ଡାଉନ୍ ଟ୍ରେନକୁ ୪ ନମ୍ବର ଲାଇନରେ ଦେବା ପାଇଁ ଅନୁରୋଧ କରିଥିଲେ। ପରେ ଷ୍ଟେସନ ମ୍ୟାନେଜର ପ୍ରଶାନ୍ତ କୁମାର ଭୋଇଙ୍କୁ ପଚାରି ବୁଝି ଆସନ୍ତା ଦିନରେ ଏହାର ଶୀଘ୍ର ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ବରିଷ୍ଠ ସମାଜସେବୀଙ୍କ ପରଲୋକ



ଧର୍ମଗଡ଼ (ଭାସ୍କର ନ୍ୟୁଜ୍): ଆଉ ନାହାନ୍ତି ବିଶିଷ୍ଟ ସମାଜ ସେବୀ। ଶନିବାର ଦିନ ତାଙ୍କର ବିୟୋଗ ଘଟିଛି। ଧର୍ମଗଡ଼ ବ୍ଲକ ବେହେରା ଗ୍ରାମର ବିଶିଷ୍ଟ ସମାଜ ସେବୀ, ପରୋପକାରୀ ତଥା ସମାଜ ସଂସ୍କାରକ ନିତ୍ୟାନନ୍ଦ ନାଏକଙ୍କ (୯୨)ବର୍ଷରେ ମୃତ୍ୟୁ ହୋଇଛି। ଦଣ୍ଡପାଟ ଅଞ୍ଚଳରେ ବିଶେଷ ଭାବେ ଡମ୍ବ ସମ୍ପ୍ରଦାୟର ଆର୍ଥିକ ଓ ଶିକ୍ଷା କ୍ଷେତ୍ରରେ ଉନ୍ନତ ଆଣିବା ଦିଗରେ ଜୀବନରେ ଅନେକ ପ୍ରଚେଷ୍ଟା କରିଛନ୍ତି। ଅନ୍ଧ ବିଶ୍ୱାସ ଗୁଣି ଗାରେଡ଼ି କବଳରୁ ଦୁରେଇ ରହିବାକୁ ସମାଜ ଭିତରେ ବେଶ ସଚେତନା କରିବାରେ ଶତଚେଷ୍ଟିତ କରି ଯୁବପିଢିଙ୍କ ପାଇଁ ଏକ ପ୍ରେରଣା ପାଲଟିଥିଲେ। ସେ ଦୀର୍ଘ ଦିନ କୃଷି ସମବାୟ ସମିତିରେ ସମ୍ପାଦକ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ତାଙ୍କ ମୃତ୍ୟୁ ବେଳକୁ ପୁଅ ଝିଅ ବୋହୁ ନାତି ନାତୁଣୀ ରହିଥିବା ବେଳେ ଶନିବାର ଦିନ ନିଜ ଗାଁ ମଶାଣିରେ ଶେଷ କୃତ ସଂପନ୍ନ ହୋଇ ଯାଇଛି। ପୁଅ ଲଖିରାମ ଅଗ୍ରୱାଲ କଲେଜ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାଏକ ମୁଖାଗ୍ନି ଦେଇଥିବା ବେଳେ ବନ୍ଧୁ ବାନ୍ଧବ ପରିଜନ ଉପସ୍ଥିତ ରହିଥିଲେ। ତାଙ୍କର ମୃତ୍ୟୁରେ ଦଣ୍ଡପାଟ ଅଞ୍ଚଳର ଅପୁରଣୀୟ କ୍ଷତି ହୋଇଥିବା ବେଳେ ସ୍ଥାନିୟ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ପୂର୍ବତନ ବିଧାୟକ ମୌସୁଧି ବାଗ, ପୁଷ୍ପେନ୍ଦ୍ର ସିଂ ଦେଓ, ଗ୍ରାମର ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଦୁଃଖ ବ୍ୟକ୍ତ କରିଛନ୍ତି।

## ଚାଲିଛି ହାଇସ୍କୁଲ ଅପଗ୍ରେଡେସନ୍ ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ ବ୍ଲକକୁ ଅଣଦେଖା ଅଭିଯୋଗ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ (ଓସେପା) ତଥା ସମଗ୍ର ଶିକ୍ଷା ଯୋଜନା ଦ୍ୱାରା ପ୍ରସ୍ତାବିତ ଓ କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅନ୍ତର୍ଗତ ପ୍ରକଳ୍ପ ଅନୁମୋଦନ ବୋର୍ଡ ଦ୍ୱାରା ଅନୁମୋଦିତ ହୋଇଛି ରାଜ୍ୟର ୩୦ଟି ଜିଲ୍ଲାର ୧୦୪ ଗୋଟି ହାଇସ୍କୁଲ। ଏହିସବୁ ହାଇସ୍କୁଲଗୁଡିକ ଏବେ ଅପଗ୍ରେଡେସନ୍ ହେବା ସହିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମାନ୍ୟତା ପାଇଛନ୍ତି। ଏହିସବୁ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭିତ୍ତିଭୂମି ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟୟ ଅଟକଳ ପାଇଁ ୨୮୩୫୯. ୫୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏହିକ୍ରମରେ କଳାହାଣ୍ଡି ଜିଲ୍ଲାର ୧୨ ଗୋଟି ହାଇସ୍କୁଲ ଏଥିରେ ସାମିଲ ହେବ ବୋଲି ଘୋଷଣା କରାଯାଇଛି। ସେଥିମଧ୍ୟରୁ ଜିଲ୍ଲାର ଜୟପାଟଣା ବ୍ଲକ ବଡ଼ କର୍ଲାକୋଟ, କେସିଙ୍ଗା ବ୍ଲକର ତୁଣ୍ଡଲା, ଉତ୍କେଲା, ଧର୍ମଗଡ଼ ବ୍ଲକର ପର୍ଲା ଓ ବୃନ୍ଦାବାହାଲ ହାଇସ୍କୁଲ ଉନ୍ନୀତ ହେବା ସହ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମାନ୍ୟତା ପାଇଛନ୍ତି। ଏହି ପାଞ୍ଚଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ବିଷୟରେ



ପାଠ ପଢ଼ାଯିବ। ସେହିପରି ଜିଲ୍ଲାର ଭବାନୀପାଟଣା ସଦର ବ୍ଲକର ଥୁଆପଦର, ଶଗଡା, ଜୟପାଟଣା ବ୍ଲକର ଅଁଳାଭଟା, ମ.ରାମପୁର ବ୍ଲକର ଅଲାତରା, ଥୁଆମୂଳ ରାମପୁର ବ୍ଲକର ସିରମସ୍କା, କେସିଙ୍ଗା ବ୍ଲକର କାଣ୍ଡେଲ ଓ ଲାଞ୍ଜିଗଡ ବ୍ଲକର ଏକମାତ୍ର ସ୍କୁଲ ଭାବେ ଭଟାଙ୍ଗପଦର ହାଇସ୍କୁଲ ଉନ୍ନୀତ ହେବା ସହିତ କଳା ବିଭାଗରେ ଏକାଦଶ ଶ୍ରେଣୀରେ ନାମଲେଖା ଯିବ। ରାଜ୍ୟ ସରକାରଙ୍କ ଏହି ଘୋଷଣାକୁ ନେଇ ଜିଲ୍ଲାରେ ମିଶ୍ରିତ ପ୍ରତିକ୍ରିୟା ଦେଖିବାକୁ ମିଳିଥିବାବେଳେ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଓ ଦୁର୍ଗମ ଅଞ୍ଚଳ ପରିବେଷ୍ଟିତ ଲାଞ୍ଜିଗଡ ବ୍ଲକକୁ ଲଗାତାର ଅଣଦେଖା କରାଯାଉଥିବା ନେଇ ଅଭିଯୋଗ ହେଉଛି। କାରଣ ପୂର୍ବରୁ ଜିଲ୍ଲାର ଅନ୍ୟ ୧୨ଗୋଟି ବ୍ଲକକୁ ପ୍ରାଧାନ୍ୟ ଦିଆଯାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଘୋଷଣା କରାଯାଇଥିଲା। କିନ୍ତୁ ଅନେକ ଦାବି ଓ ଅଭିଯୋଗ ସତ୍ତ୍ୱେ ଲାଞ୍ଜିଗଡ ବ୍ଲକ ସମ୍ପୂର୍ଣ୍ଣ ଭାବେ ବାଦ ପଡ଼ିଥିଲା। ଆଜି ସରକାର ବଦଳିଛି ସିନା ଲାଞ୍ଜିଗଡ଼ ବ୍ଲକକୁ ନେଇ ସରକାରଙ୍କ ଆଭିମୁଖ୍ୟ ବଦଳି ନଥିବା ଅଭିଯୋଗ ହେଉଛି। କାରଣ ଦୀର୍ଘ ବର୍ଷ ହେଲା ଲାଞ୍ଜିଗଡ଼ ବ୍ଲକର ବେନଗାଁ, ମୂଷାନାଳ, ମଧୁପୁର, କାଉଗୁଡ଼ା ହାଇସ୍କୁଲକୁ ଉନ୍ନୀତ କରାଯିବାକୁ ଦାବି ହୋଇ ଆସୁଥିବାବେଳେ ସରକାର ଓ ରାଜ୍ୟ ଶିକ୍ଷା ବିଭାଗ ଏଥିପ୍ରତି ଆଦୌ ଦୃଷ୍ଟି ଦେଇନାହାନ୍ତି। ଆଜି ବ୍ଲକର ଗୋଟିଏ ମାତ୍ର ସ୍କୁଲ ଉନ୍ନୀତ ହୋଇଥିବାବେଳେ ବ୍ଲକର ବେନଗାଁ, ମୂଷାନାଳ, ମଧୁପୁର ଓ କାଉଗୁଡା ହାଇସ୍କୁଲକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଯିବାକୁ ଦାବି ହେଉଛି। ଏପରିକି ବେନଗାଁ, ମଧୁପୁର ଓ କାଉଗୁଡା ସ୍କୁଲ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳନା କରାଯାଉ ଥିବାବେଳେ ମଧୁପୁରକୁ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କରାଯିବା ସହିତ ଅନ୍ୟ ସ୍କୁଲଗୁଡିକୁ ସହଧ୍ୟାୟୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଯିବାକୁ ଦାବି ହେଉଛି। ଏନେଇ ଯୁବ ସାମ୍ବାଦିକ ତଥା ସମାଜସେବୀ ସୁଶୀଲ କୁମାର ବାଗ, ରାଜ୍ୟ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ଓସେପା ଏବଂ ସମଗ୍ର ଶିକ୍ଷା କର୍ତ୍ତୃପକ୍ଷ ତଥା ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗକୁ ଚିଠି ଲେଖି ଦାବି ଜଣାଇଛନ୍ତି।

## ସ୍ୱାମୀ ସତ୍ୟାନନ୍ଦ ସରସ୍ୱତୀଙ୍କ ଜନ୍ମ ଉତ୍ସବରେ ରକ୍ତଦାନ ଶିବିର

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : କାଳୀ କୃଷ୍ଣ ସଂଘର ପ୍ରତିଷ୍ଠାତା ସଦଗୁରୁଦେ ଶ୍ରୀ ଶ୍ରୀ ସତ୍ୟାନନ୍ଦ ସରସ୍ୱତୀ ମହାରାଜଙ୍କ ପବିତ୍ର ଧରାବତରଣ ଦିବସ ୨୦ଜୁଲାଇ ଅବସରରେ ଓଡ଼ିଶା ରକ୍ତ କେନ୍ଦ୍ର ଧର୍ମଗଡ଼ ଠାରେ କାଳୀକୃଷ୍ଣ ସଂଘ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜନ ହୋଇଯାଇଛି। ସଂଘ ପରିଚାଳକ ପୂଜ୍ୟଶ୍ରୀ ଜଗଦାନନ୍ଦଜୀ କହନ୍ତି ସମସ୍ତେ ଜୀବନରେ ଅତିକମରେ ଥରେ ମଧ୍ୟ ରକ୍ତଦାନ କରନ୍ତୁ। ସମସ୍ତେ ରକ୍ତଦାତା ହେଲେ ରକ୍ତ ଅଭାବରୁ କାହାର ଜୀବନ ଯିବ ନାହିଁ। ପାଞ୍ଚଦିନ ବ୍ୟାପି ବିଭିନ୍ନ ସାମାଜିକ ସେବା ଓ ସଚେତନତା ମାଧ୍ୟମରେ ଜନ୍ମ ଉତ୍ସବ ପାଳନ ହେଉଥିବାବେଳେ ଆଜି ଶ୍ରୀ ଜଗଦାନନ୍ଦଜୀଙ୍କ ମାର୍ଗଦର୍ଶନରେ ଆୟୋଜିତ ରକ୍ତଦାନ ଶିବିରକୁ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧିର କୁମାର ପଟ୍ଟଯୋଶୀ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସମାଜସେବୀ ହୃଷୀକେଶ ମିଶ୍ର,ଡ. ଚତୁର୍ଭୁଜ୍ ପାଢି ଉପସ୍ଥିତ ରହିଥିଲେ।



କାଳୀକୃଷ୍ଣ ସଂଘର ସଭାପତି ସଂଜୟ କୁମାର ପଣ୍ଡା, କାର୍ଯ୍ୟକାରୀ ସଭାପତି ପ୍ରିୟାନନ୍ଦ, ସଂପାଦକ ମୋହନ ଚରଣ ବିଷି, କୋଷାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଖମାରୀ, ସହ ସଂପାଦକ ଜିତେନ୍ଦ୍ର ପଣ୍ଡା ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ନବୀନ ମେହେର, ସୁଜିତ ଠାକୁର, ପ୍ରଦ୍ୟୁମ୍ନ ପଣ୍ଡା, ନାରାୟଣ ସାହୁ, ପ୍ରମୋଦ ଆଚାର୍ଯ୍ୟ, କ୍ରିଷ୍ଣା ମେହେର, ବିବେକ ସାହୁ,ମନୋଜ ରଥ କାଳୀକୃଷ୍ଣ ବାହାନୀ, ପ୍ରଜ୍ଞା ବାହିନୀ, ମିଡିଆସେଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାଳୀକୃଷ୍ଣ ସଂଘର ୩୭ ଜଣ ଶିଷ୍ୟ ଶିଷ୍ୟା ଓ ଶୁଭେଚ୍ଛୁମାନେ ରକ୍ତଦାନ କରିଥିଲେ। ଧର୍ମଗଡ଼ ରକ୍ତକେନ୍ଦ୍ର ତରଫରୁ ଏଟି ଗଜାନନ ବେହେରା, ତିରୁପତି ମୁଣ୍ଡ, ନିଗମାନନ୍ଦ ଗୋପାଳ, ଭରତ ଚନ୍ଦ୍ର କାଣ୍ଡ, ଶଶି ବାଗ, ପଞ୍ଚାନନ ମାଳି, ଡମ୍ବରୁଧର ମେହେର ସହଯୋଗ କରିଥିଲେ।

## ରାଶିଫଳ


ସୋମବାର, ୨୧ ଜୁଲାଇ ୨୦୨୫



**ମେଷ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସମର୍ଥନ କରିବାକୁ ସମର୍ଥ ହେବେ। ଆପଣ ସାମାଜିକ ସ୍ତରରେ ସମ୍ମାନ ପାଇବ। ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ହେବ।




**ବୃଷ:** ବରିଷ୍ଠମାନଙ୍କ ପରାମର୍ଶକୁ ଅନୁସରଣ କରନ୍ତୁ, ସେଠାରେ ଲାଭ ହେବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଆଇନଗତ ପ୍ରତିବନ୍ଧକ ସାମ୍ନା କରି ପାରନ୍ତି, ବ୍ୟସ୍ତ ହୁଅନାହିଁ। ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ। ଚିନ୍ତା ରହିବ। ବ୍ୟବସାୟ ଭଲ କରିବ।



**ମିଥୁନ:** ଅଟକି ରହିଥିବା ଟଙ୍କା ଧରିବାକୁ ଚେଷ୍ଟା କରନ୍ତୁ। ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ। ଚାକିରିରେ ଅଧସ୍ତନମାନଙ୍କ ସହାୟତା ପାଇବେ। ଟଙ୍କା ପାଇବା ସହଜ ହେବ। ଉତ୍ସାହ ଏବଂ ଖୁସିରେ କାମ କରିବାକୁ ସମର୍ଥ ହେବେ। ଥକ୍କା ଏବଂ ଦୁର୍ବଳତା ହୋଇପାରେ।




**କର୍କଟ:** ଭୟ ହେତୁ ନିଷ୍ପତ୍ତି ନେବା କ୍ଷମତା ହ୍ରାସ ହୋଇପାରେ। ପତି-ପତ୍ନୀଙ୍କଠାରୁ ସମର୍ଥନ ପାଇବେ। ଯାତ୍ରା ଚିତ୍ତାକର୍ଷକ ହେବ। ଉପହାର ଗ୍ରହଣ କରିବାର ସମ୍ଭାବନା ଅଛି। ରୋଜଗାର ବୃଦ୍ଧି ପାଇବ। ଚାକିରିର ପଦୋନ୍ନତି ସମ୍ଭବ। ଟଙ୍କା ପାଇବା ସହଜ ହେବ। ଉତ୍ସାହର ସହିତ କାମ କରିବାକୁ ସମର୍ଥ ହେବେ। ଭଲ ଖବର ଗ୍ରହଣ କରାଯିବ।



**ସିଂହ:** ଅତିଥିମାନେ ଆଜି ଘରେ ପହଞ୍ଚିବେ। ଆପଣ ଉତ୍ସାହଜନକ ସୂଚନା ପାଇବେ। ରିସ୍କ ନେବାକୁ ସାହସ କରିବେ। ଅନାବଶ୍ୟକ ଖର୍ଚ୍ଚ ହେବ। ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ। ଚାକିରିରେ ଶାନ୍ତି ରହିବ। ନୂତନ ବନ୍ଧୁ ସୃଷ୍ଟି ହେବ।




**କନ୍ୟା:** ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ଆଶା। ଅଂଶୀଦାରମାନଙ୍କ ସହଯୋଗ ମିଳିବ। ବ୍ୟବସାୟ ପାଇଁ ଏକ ବଡ ଡିଲ୍ କରିପାରିବେ। ପ୍ରଗତିର ରାସ୍ତା ପକ୍କା ହେବ। ରୋଜଗାର ବୃଦ୍ଧି ପାଇବ। ବାଣିଜ୍ୟ-ବ୍ୟବସାୟରେ ଅନୁକୂଳ ଆଗ୍ରହ ରହିବ। ଚାକିରିରେ ଥିବା ସହକର୍ମୀମାନେ ଆପଣଙ୍କ ସହିତ ଆସିବେ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ।



**ତୁଳା:** ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ, ଯନ୍ତ୍ରଣା ଦେବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ। ବିବାଦକୁ ପ୍ରୋତ୍ସାହନ ଦିଅନ୍ତୁ ନାହିଁ, ଦୁଃଖ ଆସିପାରେ। ଅଂଶୀଦାରମାନଙ୍କ ସହିତ ମତ ପାର୍ଥକ୍ୟ ହୋଇପାରେ।



**ବିଛା:** ସୃଜନଶୀଳ କାର୍ଯ୍ୟ ସଫଳ ହେବ। ପାର୍ଟି ଏବଂ ପିକନିକ୍ ଆୟୋଜନ କରାଯାଇ ପାରିବ। ଆପଣ ସୁସ୍ୱାଦୁ ଖାଦ୍ୟର ଲାଭ ପାଇବେ। ଜୀବନ ଖୁସି ହେବ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ବକ୍ତବ୍ୟରେ ନିୟନ୍ତ୍ରଣ ଆବଶ୍ୟକ। ମନଧ୍ୟାନ ଦେଇ କାର୍ଯ୍ୟ କରନ୍ତୁ। ଚାକିରିରେ କୌଣସି ନୂତନ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ଲଜ୍ଜିତ ହୁଅନ୍ତୁ ନାହିଁ। ଶତ୍ରୁମାନେ ପରାସ୍ତ ହେବେ।




**ଧନୁ:** ଖରାପ ଖବର ଗ୍ରହଣ କରାଯାଇପାରେ। ଉତ୍ସାହର ଅଭାବ ରହିବ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ। ଦୌଡ଼ ଅଧିକ ହେବ। ଘର-ପାରିବାରିକ ଚିନ୍ତାଧାରା ରହିବ। ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ। ଆପଣଙ୍କ କାର୍ଯ୍ୟ ଉପରେ ଧ୍ୟାନ ଦିଅନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଆୟରେ ନିଶ୍ଚିତତା ରହିବ।



**ମକର:** ଲାଭ ସୁଯୋଗ ଆସିବ। ଅଫିସରେ ଚାକିରିର ସୁଖ ଦେଖାଇବ। ବ୍ୟବସାୟ ବୃଦ୍ଧି ପାଇବ। ବିନିଯୋଗ ଇତ୍ୟାଦି ଅନୁକୂଳ ଲାଭ ଦେବ। ପରିବାରର ସହାୟତା ପାଇବାରେ ସୁଖ, ଉତ୍ସାହ ଏବଂ ସନ୍ତୁଷ୍ଟତା ରହିବ। ଦୁଷ୍କର୍ମରୁ ଦୂରେଇ ରୁହନ୍ତୁ। ସ୍ୱାସ୍ଥ୍ୟ ଦୁର୍ବଳ ରହିପାରେ। ଆଇନଗତ ପ୍ରତିବନ୍ଧକ ହଟାଯିବ।



**କୁମ୍ଭ:** ବାଣିଜ୍ୟର ଲାଭ ଅଛି। ସାଙ୍ଗମାନଙ୍କୁ ସାହାଯ୍ୟ କରିବାକୁ ସମର୍ଥ ହେବେ। ଆପଣ କଠିନ ପରିଶ୍ରମର ଫଳ ପାଇବେ। ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ। ଉଚ୍ଚ ପଦାଧିକାରୀମାନେ ଖୁସି ହେବେ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଉତ୍ସାହ ବୃଦ୍ଧି ପାଇବ। ଆୟର ନୂତନ ମାଧ୍ୟମ ମିଳିବ। ରୋଜଗାର ସହଜ ହେବ। ଘର ବାହାରେ ସୁଖ ମିଳିବ।



**ମୀନ:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। ସତସଙ୍ଗର ଲାଭ ହେବ। ତୀର୍ଥଯାତ୍ରା ଯୋଜନା କରାଯିବ। ଅନାବଶ୍ୟକ ଖର୍ଚ୍ଚ ହେବ। ସରକାରୀ ସହାୟତା ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ବିରୋଧୀମାନେ ସକ୍ରିୟ ରହିବେ। ପୁଞ୍ଜି ବିନିଯୋଗ ଶୁଭ ହେବ। ଆପଣଙ୍କର ନିଜସ୍ୱ ବୁଦ୍ଧି ବ୍ୟବହାର କରନ୍ତୁ। ଚାକିରୀର କ୍ଷେତ୍ରରେ ପ୍ରଭାବ ବୃଦ୍ଧି ଘଟିବ।



ଶ୍ରୀ ଶ୍ରୀପତି


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯